
ତୀରନ୍ଦାଜ ପାୟଲଙ୍କୁ ଡବଲ୍ ପଦକ
▶ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-219 ◆WEDNESDAY ◆4 FEBRUARY 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୨୧୯ ◆ବୁଧବାର ◆୪ ଫେବୃଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ମେଟାକୁ 'ସୁପ୍ରିମ' ଛାଟ: ନିୟମ ନ ମାନିଲେ ଦେଶ ଛାଡ଼

■ ନୂଆଦିଲ୍ଲୀ, ୩।୨ (ଏଜେନ୍ସି): ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ମେଟାକୁ ଲାଗିଛି ସୁପ୍ରିମ ଛାଟ। ହ୍ୱାଟ୍ସଆପ୍ ପଲିସିକୁ ନେଇ ବର୍ଷିଛନ୍ତି ସୁପ୍ରିମକୋର୍ଟ। ଡାଟା ଗୋପନୀୟତା ଏବଂ ବ୍ୟବହାରକାରୀଙ୍କ ଅଧିକାର ଉପରେ ସୁପ୍ରିମକୋର୍ଟ ମେଟା ଏବଂ ହ୍ୱାଟ୍ସଆପ୍‌କୁ କଡ଼ା ଭର୍ତ୍ସନା କରିଛନ୍ତି। କୋର୍ଟ ସ୍ପଷ୍ଟ ଭାବରେ ନିର୍ଦ୍ଦେଶ ଦେଇଛନ୍ତି ଯେ ସେମାନେ ବ୍ୟବହାରକାରୀଙ୍କ ଡାଟା ସେୟାର କରିବେ ନାହିଁ ବୋଲି ଲିଖିତ ଶପଥପତ୍ର ଦାଖଲ କରନ୍ତୁ। ଡାଟା ସେୟାରିଂ ସମ୍ପର୍କରେ ସୁପ୍ରିମକୋର୍ଟ ହ୍ୱାଟ୍ସଆପ୍ ଏବଂ ମେଟାଠାରୁ ଏକ ସ୍ପଷ୍ଟ ସତ୍ୟପାଠ ମାଗିଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ ବ୍ୟବହାରକାରୀଙ୍କ ଗୋପନୀୟତା ସର୍ବୋପରି। ସେ ମେଟାର ନୀତିକୁ ଦ୍ୱନ୍ଦ୍ୱପୂର୍ଣ୍ଣ ଏବଂ ସାଧାରଣ ଲୋକଙ୍କ ପାଇଁ ବୁଝିବା କଷ୍ଟକର ବୋଲି ବର୍ଣ୍ଣନା କରିଛନ୍ତି। ଖଣ୍ଡପୀଠ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ଯଦି କମ୍ପାନୀଗୁଡ଼ିକ ଏହି ସମ୍ପର୍କରେ ସ୍ପଷ୍ଟ ଏବଂ ଲିଖିତ ପ୍ରତିଶ୍ରୁତି ପ୍ରଦାନ କରିବାରୁ ନିବୃତ୍ତ ରଖନ୍ତି, ତେବେ ସେମାନଙ୍କର ଆବେଦନ ଖାରଜ ହୋଇପାରେ। କୋର୍ଟଙ୍କ ମତ ଦର୍ଶାଉଛି ଯେ ଡାଟା ସୁରକ୍ଷା ଏବଂ ଡିଜିଟାଲ୍ ଗୋପନୀୟତାକୁ ଏବେ ମୌଳିକ ଅଧିକାର ଭାବରେ ଦେଖାଯାଉଛି। ଯଦି କମ୍ପାନୀ ଭାରତୀୟ ସମ୍ବିଧାନର ନିୟମ ଅନୁପାଳନ କରୁନାହିଁ, ତେବେ ଭାରତ ଛାଡିଦେଉ।


ଲୋକଙ୍କ ଗୋପନୀୟତା ସହ ଖେଳିପାରିବନି

## ସମସ୍ତଙ୍କ ପାଇଁ ଖୋଲିଲା ହିମାଳୟର ୮୩ ଶିଖର

■ ଡେରାଡୁନ, ୩।୨ (ଏଜେନ୍ସି): ପର୍ଯ୍ୟଟନକୁ ପ୍ରୋତ୍ସାହନ ଦେବା ପାଇଁ ଉତ୍ତରାଖଣ୍ଡ ସରକାର ବଡ଼ ପଦକ୍ଷେପ ନେଇଛନ୍ତି। ପ୍ରଥମ ଥର ପାଇଁ ହିମାଳୟର ୮୩ ଶିଖରକୁ ପର୍ଯ୍ୟଟକଙ୍କ ପାଇଁ ଖୋଲା ଯାଇଛି। ଏହି ସବୁ ଶିଖର ଗଢ଼ୱାଲ ଏବଂ କୁମାଓରେ ରହିଛି। ଖାଲି ସେତିକି ନୁହେଁ, ଏହି ଶିଖରରେ ଚଢ଼ିବାକୁ ଚାହୁଁଥିବା ସମସ୍ତ ପ୍ରକାରର ଦେୟକୁ ବି ଛାଡ଼ କରିଦେଇଛନ୍ତି। ଏବେ ପର୍ବତାରୋହଣ ପୂର୍ବାପେକ୍ଷା ଅଧିକ ସହଜ ଏବଂ ଶସ୍ତା ହେବ। ଉତ୍ତରାଖଣ୍ଡର ଆଡଭେଞ୍ଚର ଅଫିସର କହିଛନ୍ତି ଯେ ଶୁଳ୍କ ଛାଡ଼ ହେବାର ଅର୍ଥ ବିପଦ ନାହିଁ ବୋଲି କୁହାଯାଇପାରିବ ନାହିଁ। ପର୍ବତାରୋହଣ ପାଇଁ ଯାଉଥିବା ପ୍ରତ୍ୟେକ ଟିମ୍ ସହିତ ଜଣେ ମାର୍ଗଦର୍ଶକଙ୍କୁ ନେଇ ଯିବାକୁ ହେବ। ଏହା ସହିତ ବୀମା ମଧ୍ୟ ▶ପୃଷ୍ଠା-୭

**ପ୍ରଥମ ଘଟଣା**



# ଲୋକସଭାରେ ନର୍‌ବାଣେ ଝଡ଼

### ବାଚସ୍ପତିଙ୍କ ଚେୟାର୍‌କୁ କାଗଜ ଫିଙ୍ଗି ୮ ବିରୋଧୀ ସାଂସଦ ନିଲମ୍ବିତ

- ଦ୍ୱିତୀୟ ଦିନ ଧରି ଲୋକସଭା ଅଚଳ
- ରାହୁଲଙ୍କୁ କହିବାକୁ ଦିଆଗଲା ନାହିଁ
- ବାଚସ୍ପତିଙ୍କୁ ଚିଠି ଲେଖିଲେ ରାହୁଲ





■ ନୂଆଦିଲ୍ଲୀ, ୩।୨ (ଏଜେନ୍ସି): ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀଙ୍କୁ ନେଇ ଲୋକସଭା ଆଜି ଦ୍ୱିତୀୟ ଦିନ ଧରି ଅଚଳ ରହିଛି। ଭାରତ-ଚୀନ ସଂଘର୍ଷ ସଂପର୍କରେ ଜେନେରାଲ ନର୍‌ବାଣେଙ୍କ ଲେଖା ପଢ଼ିବା ଲାଗି ରାହୁଲଙ୍କୁ ବାଚସ୍ପତି ଅନୁମତି ନଦେବାରୁ କଂଗ୍ରେସ ସମେତ ବିରୋଧୀ ଦଳର ସଭ୍ୟମାନେ ଏହାର ଦୃଢ଼ ପ୍ରତିବାଦ କରିଥିଲେ। ସେମାନେ ହଟ୍ଟଗୋଳ କରିବା ସହିତ କାଗଜ ଚିରି ବାଚସ୍ପତିଙ୍କ ଚେୟାର ଆଡ଼କୁ ଫିଙ୍ଗିଥିଲେ। ଏଭଳି ଆଚରଣ ପାଇଁ ୮ ଜଣ ବିରୋଧୀ ସାଂସଦଙ୍କୁ ଚଳିତ ଅଧିବେଶନର ଅବଶିଷ୍ଟ ସମୟ ପାଇଁ ସସପେଣ୍ଡ କରାଯାଇଛି। ସେମାନଙ୍କ ମଧ୍ୟରେ ସାତ ଜଣ କଂଗ୍ରେସ ସାଂସଦ ଥିବା ବେଳେ ଜଣେ ହେଉଛନ୍ତି ସିପିଏମ୍ ସାଂସଦ। ସେମାନଙ୍କୁ ସସପେଣ୍ଡ କରିବା ଲାଗି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ପ୍ରସ୍ତାବ ଆଗତ କରିଥିଲେ ଏବଂ ଏହା ବାଚନିକ ଭୋଟରେ ଗୃହୀତ ହୋଇଯାଇଥିଲା। ଏଭଳି କାର୍ଯ୍ୟାନୁଷ୍ଠାନ ପ୍ରତିବାଦରେ ବିରୋଧୀ ଦଳ ସଂସଦ ବାହାରେ ପ୍ରତିବାଦ ଜଣାଇଛନ୍ତି। ▶ପୃଷ୍ଠା-୭

**ବାଣିଜ୍ୟ ଚୁକ୍ତି**

# ଆମେରିକା ୧୮, ଭାରତ ଶୂନ

### ଭାରତୀୟ ସାମଗ୍ରୀ ଉପରୁ ଆମେରିକା ନେବ ୧୮ ପ୍ରତିଶତ ଟାରିଫ୍

- ୧୩.୫%ରୁ ଶୂନକୁ ଖସିଲା ଆମେରିକା ସାମଗ୍ରୀରୁ ଆମଦାନୀ ଟିକସ
- ଦେଶରୁ ବଢ଼ିବ ରପ୍ତାନୀ, ଭାରତରେ ଶସ୍ତା ହେବ ଆମେରିକୀୟ ଉତ୍ପାଦ
- ସୁରକ୍ଷିତ ରହିବ କୃଷି, ଦୁଗ୍ଧ ଓ ସମ୍ବେଦନଶୀଳ କ୍ଷେତ୍ର: ବାଣିଜ୍ୟ ମନ୍ତ୍ରୀ



■ ନୂଆଦିଲ୍ଲୀ, ୩।୨ (ଏଜେନ୍ସି): ଶେଷରେ ସ୍ୱାକ୍ଷରିତ ହୋଇଛି ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି। ଏହାପରେ ଭାରତ ଉପରେ ଆମେରିକା ଦ୍ୱାରା ଲାଗୁ କରାଯାଇଥବା ଟାରିଫ୍ ହ୍ରାସ ପାଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏ ସଂକ୍ରାନ୍ତରେ ବିଧିବଦ୍ଧ ଘୋଷଣା କରିଛନ୍ତି। ନୂତନ ବ୍ୟବସ୍ଥାରେ ଆମେରିକା ପକ୍ଷରୁ ଭାରତ ଉପରେ ଲାଗୁ କରାଯାଇଥବା ବାଣିଜ୍ୟ ଶୁଳ୍କ ବା ଟାରିଫ୍ ୧୮%କୁ ହ୍ରାସ ହୋଇଛି। ରୁଷରୁ ତେଲ କିଣୁଥିବା ଯୋଗୁଁ ଭାରତ ଉପରେ ଲାଗୁ ହୋଇଥିବା ୨୫% ଶୁଳ୍କକୁ ମଧ୍ୟ ହଟାଇ ଦିଆଯାଇଛି। ତେଣୁ ଏବେ କେବଳ ୧୮% ଆମେରିକା ଟାରିଫ୍‌ର ସମ୍ମୁଖୀନ ହେବ ବୋଲି କୁହାଯାଉଛି। ହେଲେ ଟ୍ରମ୍ପ୍ ତାଙ୍କ ସୋସିଆଲ ମିଡିଆ ପୋଷ୍ଟରେ ଭାରତ ସହିତ ବାଣିଜ୍ୟ ଚୁକ୍ତି ସମ୍ପର୍କରେ ଦେଇଥିବା ସୂଚନାକୁ ନେଇ ଭାରତ ସରକାରଙ୍କ ପକ୍ଷରୁ ଏ ସମ୍ପର୍କରେଏ ଯାଏ କିଛି ସ୍ପଷ୍ଟତା ଆସିନାହିଁ। ତେଣୁ ବାଣିଜ୍ୟ ଚୁକ୍ତିରେ ଭାରତ ଆମେରିକାଠାରୁ ପଛରେ ପଡ଼ିଯାଇଥିବା ମନେହେଉଛି। ଭାରତୀୟ ସାମଗ୍ରୀ ଉପରେ ଆମେରିକା ୧୮% ଶୁଳ୍କ ଲାଗୁ କରିବ, ମାତ୍ର ଆମେରିକାରୁ ଆମଦାନୀ ହେଉଥିବା ସାମଗ୍ରୀକୁ ବିନା ଶୁଳ୍କରେ ଭାରତ ନିଜ ଦେଶରେ ବିକ୍ରି ପାଇଁ ଅନୁମତି ଦେବ। ସୂଚନା ଅନୁସାରେ ପ୍ରତିବର୍ଷ ▶ପୃଷ୍ଠା-୭

# ସାହିତ୍ୟ, ସଂଗ୍ରାମ ପାଇଁ ବାଲେଶ୍ୱର ଓ ଭଦ୍ରକ ମାଟି ପ୍ରସିଦ୍ଧ: ରାଷ୍ଟ୍ରପତି

### ଫକୀମୋହନ ବିଶ୍ୱବିଦ୍ୟାଳୟର ଦ୍ୱାଦଶ ସମାବର୍ତ୍ତନ ଉତ୍ସବ




■ ବାଲେଶ୍ୱର, ୩।୨ (ସମିସ): ସାହିତ୍ୟ ଓ ସଂଗ୍ରାମ ପାଇଁ ବାଲେଶ୍ୱର ଓ ଭଦ୍ରକ ମାଟି ସୁ-ପ୍ରସିଦ୍ଧ। ଏ ମାଟି ଅନେକ ବୀରପୁରୁଷ, କବି, ଲେଖକ, ନାୟକ, ମହାନାୟକ, ଜନନାୟକଙ୍କୁ ଜନ୍ମ ଦେଇ ଭାରତମାତାଙ୍କ ମୁଖ ଉଜ୍ଜ୍ୱଳ କରିଛି। ଏ ମାଟି ଲବଣ ସତ୍ୟାଗ୍ରହ ଓ ଭାରତଛାଡ଼ ଆନ୍ଦୋଳନ ତଥା ଦେଶୀୟ ରାଜ୍ୟ ମିଶ୍ରଣର ଜୀବନ୍ତ ସାକ୍ଷୀ। ସ୍ୱାଧୀନତା ସଂଗ୍ରାମରେ ବାଲେଶ୍ୱର ଓ ଭଦ୍ରକର ମହିଳାମାନଙ୍କ ଅଂଶଗ୍ରହଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ସରୋଜିନୀ ନାଇଡୁ, ଜାନକୀ ଦେବୀ, ଗୋଦାବରୀ ଜେନାଙ୍କ ଭଳି ମହିଳାମାନେ ସଂଗ୍ରାମର ଅଗ୍ରଭାଗରେ ରହି ନାରୀ ନେତୃତ୍ୱର ଗରିମା ବଢ଼ାଇଛନ୍ତି। ଫକୀର ମୋହନ ବିଶ୍ୱବିଦ୍ୟାଳୟର ଦ୍ୱାଦଶ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ▶ପୃଷ୍ଠା-୭

**ବେଆଇନ ଅନୁପ୍ରବେଶ**

## ୯ ବାଂଲାଦେଶୀଙ୍କୁ ୨ବର୍ଷ ସଜା

■ ଭୁବନେଶ୍ୱର, ୩।୨ (ସମିସ): ବୈଧ ପାସପୋର୍ଟ, ଭିସା ବା ଆନୁଷଙ୍ଗିକ କାଗଜପତ୍ର ନ ଥାଇ ଓଡ଼ିଶାରେ ଧରା ପଡ଼ିଥିବା ୯ ବାଂଲାଦେଶୀଙ୍କୁ ୨ ବର୍ଷ ଲେଖାଏଁ ସଜା ଓ ୧୦ ହଜାର ଟଙ୍କା ଲେଖାଏଁ ଜୋରିମାନାରେ ଦଣ୍ଡରେ ଦଣ୍ଡିତ କରିଛନ୍ତି ଭୁବନେଶ୍ୱର ସବ୍‌ଡ଼ିଭିଜନାଲ ଜୁଡ଼ିସିଆଲ ମାଜିଷ୍ଟ୍ରେଟ। ଜରିମାନା ଅନାଦେୟ ଅଧିକ ୩ମାସ ଜେଲ୍ ଦଣ୍ଡ ଭୋଗିବାକୁ ହେବ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି। ଫରେନର୍ସ ଆକ୍ଟ ୧୯୪୬ ଅନୁଯାୟୀ ଏମାନଙ୍କୁ ସଜା ଶୁଣାଯାଇଛି।

ଏସ୍‌ଟିଏଫ୍ ସୂଚନା ଅନୁସାରେ ମାର୍ଚ୍ଚର୍ ମାସ ୨୦୨୫ ମସିହାରେ ଏସଟିଏଫ୍ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବାଂଲାଦେଶୀ ନାଗରିକ ମହମ୍ମଦ ହସିମ୍, ସଜିମ୍ ଖାନ୍, ଆଲମ୍ ଶେଖ୍, ମହମ୍ମଦ ଅଜିମ୍, ଦିଲେର୍ ଶେଖ୍, ମହମ୍ମଦ ସୋହା ତାଲୁକ୍‌ଦାର, କରିମା ବେଗମ୍, ମୋନିରା ବେଗମ୍ ଓ ସାହାନା ବେଗମ୍‌ଙ୍କୁ ଭୁବନେଶ୍ୱର ରେଳ ଷ୍ଟେସନ ପରିସରରୁ ଗିରଫ କରିଥିଲା। ପଚରାଉଚରା ବେଳେ ଏମାନେ କୌଣସି ବୈଧ ପାସ୍‌ପୋର୍ଟ କିମ୍ବା ଭିସା କିମ୍ବା ତତ୍‌ସମ୍ବନ୍ଧୀୟ କାଗଜପତ୍ର ପ୍ରଦାନ କରିପାରି ନଥିଲେ। ଏସ୍‌ଟିଏଫ୍ ଇନ୍‌ସ୍ପେକ୍ଟର ମନୋଜ କୁମାର ସେଠୀ ମାମଲାର ତଦନ୍ତ କରୁଥିଲେ ଓ ସ୍ୱତନ୍ତ୍ର ପିପି ରଶ୍ମୀରଞ୍ଜନ ବ୍ରହ୍ମା କୋର୍ଟରେ ଏହି ମାମଲା ପରିଚାଳନା କରିଥିଲେ।

## ବିଜୁଳି ଶୁଳ୍କ ବୃଦ୍ଧି ପାଇଁ ଓପିଟିସିଏଲ୍‌ର ଯୁକ୍ତି

**ଶୁଣାଣିରେ ଦରବୃଦ୍ଧି ଆବେଦନକୁ ତୀବ୍ର ବିରୋଧ**

**ସରକାରୀ ପୁଞ୍ଜିନିବେଶର ହେବ ଆଉଟକମ ଅଡିଟ: ଓଇଆରସି**

■ ଭୁବନେଶ୍ୱର, ୩।୨ (ସମିସ): ମଙ୍ଗଳବାର ଦ୍ୱିତୀୟ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ(ଓଇଆରସି)ରେ ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଞ୍ଚରଣ ନିଗମ ଲିମିଟେଡ(ଓପିଟିସିଏଲ)ର ବାର୍ଷିକ ରାଜସ୍ୱ ଆବଶ୍ୟକତା ଏବଂ ଦରବୃଦ୍ଧି ସମ୍ପର୍କିତ ଶୁଣାଣି ହୋଇଛି। ଏହି ଅବସରରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବିଦ୍ୟୁତ୍ ସଞ୍ଚରଣ ବାବଦକୁ ଅଧିକ ୧୦ ପଇସା ଦାବି କରିଛି। ଓପିଟିସିଏଲର ଏହି ଦରବୃଦ୍ଧି ଆବେଦନକୁ ଦୃଢ଼ ବିରୋଧ କରିଛନ୍ତି ଶକ୍ତି ସମୀକ୍ଷକ। ସେମାନଙ୍କ ଯୁକ୍ତି ଅନୁଯାୟୀ ଚଳିତ ଶତାବ୍ଦୀରେ ଓଡ଼ିଶା ବିଦ୍ୟୁତ ସଞ୍ଚାରଣ ଓ ବିତରଣ ଭିତ୍ତିଭୂମିକୁ ମଜଭୁତ ଓ ବୃଦ୍ଧି କରିବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟସରକାର ପ୍ରାୟ ୩୦ ହଜାର କୋଟି ଟଙ୍କା ପୁଞ୍ଜିନିବେଶ କରିଥିଲେବି ଫଳାଫଳ ଆଶାନୁରୂପ ହୋଇନାହିଁ। ବିତରଣ ଓ ସଞ୍ଚରଣ କମ୍ପାନୀମାନଙ୍କ ଖାତାରେ ସମ ପରିମାଣର ସମ୍ପତ୍ତି ନାହି। ଓଡ଼ିଶାର ବିଦ୍ୟୁତ ସଞ୍ଚାରଣ ଯୋଜନା ଅନ୍ୟ ରାଜ୍ୟ ତୁଳନାରେ ଦୁର୍ବଳ ଅଛି। ଏପରି ଗୁରୁତର ଅସଙ୍ଗତିକୁ ଠିକ କରିବା ପାଇଁ ଆଜି ଦ୍ୱିତୀୟ ଦିନ ଜନଶୁଣାଣୀରେ ଓଇଆରସି ଅଧ୍ୟକ୍ଷ ପ୍ରଦୀପ କୁମାର ଜେନା ସରକାରୀ ପୁଞ୍ଜିନିବେଶର ଆଉଟକମ ଅଡିଟ କରିବା ସହ ଏନପିଟିଆଇ ଶୈଳୀରେ ଏକ ବିଦ୍ୟୁତ ପ୍ରଶିକ୍ଷଣ କେନ୍ଦ୍ର ସ୍ଥାପନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଥିବା ସୂଚନା ମିଳିଛି। ମଙ୍ଗଳବାର ଓପିଟିସିଏଲ ଅଧ୍ୟକ୍ଷ ତଥା ▶ପୃଷ୍ଠା-୭

## ନବମ ଶ୍ରେଣୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ

■ କଣ୍ଟାବାଞ୍ଜି, ୩।୨ (ସମିସ): ବଲାଙ୍ଗିର ଜିଲ୍ଲା ତୁରେକେଲା ଥାନା ଅଞ୍ଚଳରେ ଏକ ଲଜ୍ଜାଜନକ ଘଟଣା ଘଟିଛି। ନବମ ଶ୍ରେଣୀରେ ପଢୁଥିବା ଜଣେ ନାବାଳିକାକୁ କିଛି ନାବାଳକ ଗଣଦୁଷ୍କର୍ମ କରିଛନ୍ତି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ତୁରେକେଲା ପୁଲିସ୍ ଏହାକୁ ଗୁରୁତ୍ୱର ସହ ନେଇ ତଦନ୍ତ ଆରମ୍ଭ କରିଛି। ଘଟଣାରେ ଜଡ଼ିତ ଅଭିଯୁକ୍ତ ନାବାଳକମାନଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି।

ଅପରପକ୍ଷେ, ପାଠପଢ଼ା ବୟସରେ ନାବାଳକମାନେ ଏପରି ଜଘନ୍ୟ କାଣ୍ଡ ଘଟାଇବା ବୁଦ୍ଧିଜୀବୀମାନଙ୍କୁ ଚିନ୍ତାରେ ପକାଇଛି। ନାବାଳିକାଙ୍କ ପରିବାର ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରେ ଏ ସଂପର୍କରେ ଅଭିଯୋଗ ହେବା ପରେ ପୁଲିସ ଏକ ମାମଲା ରୁଜୁ କରିଛି।




# ମଣିପୁରର ନୂଆ ମୁଖ୍ୟମନ୍ତ୍ରୀ ହେବେ ଖେମଚନ୍ଦ ସିଂହ



ନୂଆଦିଲ୍ଲୀ, ୩।୨ (ଏଜେନ୍ସି): ହିଂସାଗ୍ରସ୍ତ ମଣିପୁରରେ ପୁଣି ସରକାର ଗଠନ କରିବା ପାଇଁ ବିଜେପି ଜୋରସୋରରେ ଉଦ୍ୟମ କରୁଛି। ଏହି କ୍ରମରେ ମଙ୍ଗଳବାର ବିଜେପି ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୟୁମାନ ଖେମଚନ୍ଦ ସିଂହଙ୍କୁ ବିଧାୟକ ଦଳ ନେତା ନିର୍ବାଚନ ହୋଇଛନ୍ତି। ସେ ମଣିପୁରର ୧୩ତମ ମୁଖ୍ୟମନ୍ତ୍ରୀ ହେବେ। ସେ ଏବେ ରାଜ୍ୟପାଳଙ୍କୁ ଭେଟି ସରକାର ଗଠନ ପାଇଁ ଦାବି ଉପସ୍ଥାପନ କରିବେ। ଏବେ ମଣିପୁରରେ ରାଷ୍ଟ୍ରପତି ଶାସନ ଜାରି ରହିଛି। ଏହାର ଅବଧି ଆସନ୍ତା ୧୨ ତାରିଖରେ ଶେଷ ହେଉଛି। ମିଳିଥିବା ସୂଚନା ଅନୁଯାୟୀ, କୁକି-ଜୋ ସମ୍ପ୍ରଦାୟକୁ ସନ୍ତୁଷ୍ଟ କରିବା ପାଇଁ ୧୦ ବିଧାୟକଙ୍କ ମଧ୍ୟରୁ ଜଣଙ୍କୁ ଉପ-ମୁଖ୍ୟମନ୍ତ୍ରୀ କରାଯିବ। ଏନ୍‌ଡିଏର ପ୍ରାୟ ୨୦ ବିଧାୟକ ରବିବାର ରାତିରେ ଦିଲ୍ଲୀରେ ପହଞ୍ଚିଥିଲେ। ସେହିପରି କେନ୍ଦ୍ରୀୟ ନେତୃତ୍ୱଙ୍କ ନିର୍ଦ୍ଦେଶରେ ଅନ୍ୟ ବିଧାୟକ ସୋମବାର ରାଜଧାନୀ ଆସିଥିଲେ। ଗତ ବର୍ଷ ଫେବୃଆରୀ ୯ ରେ ବୀରେନ ସିଂହ ଇସ୍ତଫା ଦେଇଥିଲେ। ଏହାପରେ ରାଷ୍ଟ୍ରପତି ଶାସନ ଲାଗୁ ହୋଇଥିଲା। ୬୦ ସଭ୍ୟ ବିଶିଷ୍ଟ ରାଜ୍ୟ ବିଧାନସଭାରେ ବିଜେପିର ମୋଟ ୩୭ ବିଧାୟକ ଅଛନ୍ତି।

# ଆମେରିକା ରାଜିନାମା ନେଇ ଆପତ୍ତି ଉଠାଇଲେ ରାହୁଲ

ନୂଆଦିଲ୍ଲୀ, ୩।୨: ଭାରତ-ଆମେରିକା ବାଣିଜ୍ୟ ରାଜିନାମା ନେଇ ଆପତ୍ତି ଉଠାଇଛନ୍ତି ଲୋକସଭାରେ ବିରୋଧୀ ଦଳର ନେତାର ରାହୁଲ ଗାନ୍ଧୀ। ସେ ଅଭିଯୋଗ କରିଛନ୍ତି ଯେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ଚାପରେ ପ୍ରଧାନମନ୍ତ୍ରୀ ମୋଦୀ ଦେଶର ସ୍ୱାର୍ଥକୁ ବଳି ପକାଇଛନ୍ତି। ସେ କହିଛନ୍ତି ଯେ ଏହି ରାଜିନାମା ଯୋଗୁଁ ଭାରତ ସର୍ବାଧିକ କ୍ଷତିଗ୍ରସ୍ତ ହେବ। ଆମେରିକାରୁ ଆସୁଥିବା ସାମଗ୍ରୀ ଉପରେ ଶୂନ ଶୁଳ୍କ ଯୋଗୁଁ ଭାରତୀୟ ଚାଷୀ ବରବାଦ ହୋଇଯିବେ। ଏହି କଥାକୁ ଭାରତ ପୂର୍ବରୁ ଦୃଢ଼ ବିରୋଧ କରିଆସୁଥିଲା। କିନ୍ତୁ ଟ୍ରମ୍ପଙ୍କ ଚାପରେ ମୋଦୀ ଭାରତୀୟ ଚାଷୀଙ୍କ ସ୍ୱାର୍ଥକୁ ବିପଦେରେ ପକାଇଛନ୍ତି। ସଂସଦ ବାହାରେ ଆଜି ସାମ୍ବାଦିକମାନଙ୍କ ସହ ଆଲୋଚନା ବେଳେ ରାହୁଲ ଅଭିଯୋଗ କରିଛନ୍ତି ଯେ ଆଦାନୀ ଏବଂ ଏପଷ୍ଟିନ ଫାଇଲକୁ ନେଇ ମୋଦୀ ଚାପରେ ଅଛନ୍ତି। ତେବେ ରାହୁଲ ଯେଉଁ ଏପଷ୍ଟିନ୍ ଫାଇଲ କଥା କହୁଛନ୍ତି, ତାହାକୁ ଭାରତ ସରକାର ଖଣ୍ଡନ କରିସାରିଛନ୍ତି। ଭାରତ ପକ୍ଷରୁ କୁହାଯାଇଛି ଯେ ୨୦୧୭ରେ ପ୍ରଧାନମନ୍ତ୍ରୀ ମୋଦୀ ଇସ୍ରାଏଲ ଯାଇଥିଲେ। କିନ୍ତୁ ଏପଷ୍ଟିନ ଫାଇଲରେ ଆଉସବୁ ଯାହା କୁହାଯାଇଛି, ତାହା ସଂପୂର୍ଣ୍ଣ ରୂପେ ମିଛ। ଜଣେ କୁଖ୍ୟାତ ଯୌନ ଅପରାଧୀ ଏବଂ ନାବାଳିକା ଚାଲାଣକାରୀ ଏପଷ୍ଟିନକୁ ବିଶ୍ୱାସ କରାଯିବା ଉଚିତ ନୁହେଁ ବୋଲି ବୈଦେଶିକ ବିଭାଗ ମୁଖପାତ୍ର କହିଥିଲେ।

# ବ୍ୟବସାୟୀଙ୍କୁ ହେଲ୍‌ମେଟ୍‌ରେ ପିଟି ହତ୍ୟା କଲେ ତିନି ଏଜେଣ୍ଟ

ନୂଆଦିଲ୍ଲୀ, ୩।୨ (ଏଜେନ୍ସି): ରାଜଧାନୀ ଦିଲ୍ଲୀରୁ ଚାଞ୍ଚଲ୍ୟକର ହତ୍ୟାକାଣ୍ଡ ଘଟିଛି। କେନ୍ଦ୍ରୀୟ ଦିଲ୍ଲୀର କନଟ୍ ପ୍ଲେସରେ ରାତିରେ ଏକ ପାର୍ଟିକୁ ଯାଇଥିବା ଜଣେ ୩୬ ବର୍ଷୀୟ ବ୍ୟବସାୟୀଙ୍କୁ ତିନି ଜଣ ଡେଲିଭରି ଏଜେଣ୍ଟ ହେଲ୍‌ମେଟରେ ପିଟି ପିଟି ହତ୍ୟା କରିଛନ୍ତି। ଜାନୁଆରୀ ତିନି ତାରିଖ ରାତିରେ ଏହି ଘଟଣା ଘଟିଥିବାବେଳେ ମଙ୍ଗଳବାର ତାହା ସାମ୍ନାକୁ ଆସିଛି। ଏହି ବ୍ୟବସାୟୀ ଶିବମ୍ ଗୁପ୍ତା ଦୁଇ ସପ୍ତାହରୁ ଅଧିକ ସମୟ ଧରି ଏକ ହସ୍ପିଟାଲରେ ଜୀବନ ମରଣ ସହ ଲଢ଼େଇ କରୁଥିଲେ। ଗତ ୧୯ ତାରିଖରେ ସେ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇ ଥିଲେ। ଏବେ ପୁଲିସ ମାମଲା ରୁଜୁ କରି ଅଞ୍ଚଳର ସିସିଟିଭି ଫୁଟେଜ୍ ଯାଞ୍ଚ କରୁଛି। ଫରେନସିକ୍ କାର୍ଯ୍ୟ ପାଇଁ ଗୁପ୍ତାଙ୍କ ରକ୍ତ ଲଗା ପୋଷାକ ନେଇଛି। ପୁଲିସ କହିଛି ଯେ ତିନି ଜଣ ଆକ୍ରମଣକାରୀ ଗୁପ୍ତାଙ୍କ ଉପରେ ଆକ୍ରମଣ ପାଇଁ ହେଲମେଟ୍ ବ୍ୟବହାର କରିଥିଲେ। ଯୁକ୍ତିତର୍କ ପରେ ତାଙ୍କୁ ଆଘାତ କରିଥିଲେ। ପରେ ଫୁଟପାଥ୍ ଉପରେ ତାଙ୍କୁ ରକ୍ତାକ୍ତ ଅବସ୍ଥାରେ ଛାଡି ପଳାଇ ଥିଲେ।

# ୨୦ ଶିଶୁଙ୍କୁ ବଞ୍ଚାଇ ନିଜ ଜୀବନ ହାରିଲେ ମହିଳା

ଭୋପାଳ, ୩।୨ (ଏଜେନ୍ସି): ମଧ୍ୟପ୍ରଦେଶ ନିମଚ ଜିଲ୍ଲା ରାନପୁର ଗ୍ରାମର ଅଙ୍ଗନବାଡି କେନ୍ଦ୍ରର ୨୦ ଶିଶୁଙ୍କୁ ବଞ୍ଚାଇବା ପାଇଁ ଜଣେ ମହିଳା ନିଜ ଜୀବନକୁ ବାଜି ଲଗାଇ ଦେଇଛନ୍ତି। ଏହି



ମହିଳାଙ୍କ ନାମ କଞ୍ଚନ ବାଇ ମେଘୱାଲ। ଏବେ ସାରା ଅଞ୍ଚଳରେ ତାଙ୍କର ଚର୍ଚ୍ଚା ହେଉଛି। ସେ ପ୍ରାଣ ହରାଇ ଥିଲେ ବି ଶିଶୁଙ୍କୁ ବଞ୍ଚାଇ ଅମର ହୋଇ ଯାଇଛନ୍ତି। ସୂଚନା ଅନୁଯାୟୀ, ଅଚନାକ ଅଙ୍ଗନବାଡ଼ି କେନ୍ଦ୍ର ଉପରେ ମହୁମାଛି ଆକ୍ରମଣ କରି ଦେଇଥିଲେ। ଏହା ଦେଖି ରୋଷେଇ କରୁଥିବା ଅଙ୍ଗନବାଡ଼ି ସହାୟିକା ମହୁମାଛିଙ୍କ ଆଗରେ ଛିଡ଼ା ହୋଇ ଯାଇଥିଲେ। ସେ ନିଜ ଜୀବନ କଥା ଚିନ୍ତା ନ କରି ପାଖରେ ଥିବା ଜରି ଆଣି ସବୁ ପିଲାଙ୍କୁ ଘୋଡ଼ାଇ ଦେଇଥିଲେ। ପରେ ରୁମ୍ ଭିତରକୁ ନେଇ ଯାଇଥିଲେ। ଏହି ସମୟ ମଧ୍ୟରେ କଞ୍ଚନ ବାଇଙ୍କୁ ମହୁମାଛି କାମୁଡ଼ି ଦେଇଥିଲେ। ଗ୍ରାମବାସୀ ସୁରକ୍ଷା ଦେବା ପାଇଁ ଆସିବା ପୂର୍ବରୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇ ଯାଇଥିଲା। କଞ୍ଚନଙ୍କୁ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ସୋମବାର ଦ୍ୱିପହରେ ଏହି ଘଟଣା ଘଟିଥିବାବେଳେ ଆଜି ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି।

# ୮୫ ଲକ୍ଷର ଗହଣା ଦେଇ ମୋମୋ ଖାଇଦେଲା ସପ୍ତମ ଶ୍ରେଣୀ ଛାତ୍ର

ଲକ୍ଷ୍ନୌ, ୩।୨ (ଏଜେନ୍ସି): ଉତ୍ତର ପ୍ରଦେଶ ଦେଓରିଆ ରାମାପୁର କାରଖାନା ଅଞ୍ଚଳରୁ ବିଚଳିତ କରିବା ଭଳି ମାମଲା ସାମ୍ନାକୁ ଆସିଯାଇଛି। ସପ୍ତମ ଶ୍ରେଣୀର ଜଣେ ଛାତ୍ର (୧୪) ୮୦ ଟଙ୍କାକି ୮୦୦ ନୁହେଁ, ୮୫ ଲକ୍ଷ ଟଙ୍କାର ମୋମୋ ଖାଇ ଦେଇଛି। ଏହି ୧୪ ବର୍ଷୀୟ ବାଳକର ମୋମୋ ନିଶା ପାଇଁ ଏକ ପରିବାର ସର୍ବସ୍ୱାନ୍ତ ହୋଇଯାଇଛି। ଘରେ କଳା କନା ବୁଲାଇ ପୁଅ ଦୋକାନୀକୁ ପୋଷିଛି। ପରିବାରର ଅର୍ଜିତ ସମ୍ପତ୍ତିକୁ ଦୋକାନୀ ହାତରେ ଟେକି ଦେଇଛି।

**ଘରୁ ସୁନା, ଗହଣା ଚୋରି କରି ଦୋକାନୀଙ୍କୁ ଦେଉଥିଲା**

ସୂଚନା ଅନୁଯାୟୀ, ସେ ମୋମୋ ଖାଇବା ପାଇଁ ତିନି ମାସ ହେଲା ଘରୁ ଚୋରି କରୁଥିଲା। ପ୍ରତ୍ୟେକ ଦିନ ଆଲମାରୀରୁ ଗୋଟିଏ ଲେଖାଏଁ ଅଳଙ୍କାର ବାହାର କରି ଦୋକାନୀକୁ ଦେଉଥିଲା। ଏହା ବଦଳରେ ଦୋକାନୀ ତାକୁ ମୋମୋ ଖୁଆଉ ଥିଲା। ଏହି ନିଶା ପାଇଁ ପୁଅ ସୁନା ହାର, ମୁଦି, ଅଣ୍ଟା ବିଛା, କାନ ଝୁମକା ଆଦି ତିନି



ଦୋକାନୀଙ୍କୁ ଦେଇଥିଲା। ଗତ ରବିବାର ପରିବାର ଲୋକେ ଘରର ଆଲମାରୀ ଖୋଲିବାରୁ ଅଳଙ୍କାର ନ ଥିବା ଦେଖି ଚକିତ ହୋଇ ଯାଇଥିଲେ। ପରେ ପୁଅକୁ ପଚାରିବାରୁ ସେ ସବୁ କଥା କହିଥିଲା। ଏହାକୁ ନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ।

ସୋମବାର ସନ୍ଧ୍ୟାରେ ପୁଲିସ ନାବାଳକ ଏବଂ ତିନି ଅଭିଯୁକ୍ତଙ୍କ ବିରୋଧରେ ଏତଲା ରୁଜୁ କରିଥିଲା। ଜଣେ ଅଭିଯୁକ୍ତକୁ ମଧ୍ୟ ଗିରଫ କରାଯାଇଛି। ଭଗବାନପୁର ତିୱାରୀ ଗ୍ରାମର ବିମଲେଶ ମିଶ୍ରଙ୍କ ପୁଅ ରାମାୟଣ ମିଶ୍ର ବାରାଣସୀର ଏକ ମନ୍ଦିରରେ ପୂଜାରୀ ଅଛନ୍ତି। ଗାଁରେ ଥିବା ତାଙ୍କ ପୁଅ ଏଭଳି କାଣ୍ଡ ଘଟାଇଛି। ମୋମୋ ପ୍ରତି ଥିବା ତାର ଦୁର୍ବଳତାର ଲାଭ ଉଠାଇ ତିନି ଦୋକାନୀ ତାକୁ ଠକି ନେଇଥିଲେ। ଏହି ଅଳଙ୍କାରରେ ଏକ ଯୋଡ଼ା ସୁନାର ହାର, ୯ଟି ସୁନା ମୁଦି, ଦୁଇଟି ସିନ୍ଥି, ଦୁଇ ଯୋଡ଼ା କଙ୍ଗଣ, ୧୩ଟି ରୁପା ପାଉଁଜି, ୨୨ଟି ନାକର ନୋଥ, ଚାରୋଟି ରୁପାର ଗୋଡ଼ ମୁଦି, ଆଉ ୫ଟି ସୁନା ମୁଦି, ୪ ଯୋଡ଼ା କାନ ଫୁଲ ସାମିଲ ଥିଲା। ସେହିପରି ଯାହା ଅଳଙ୍କାର ନେଇଥିଲୁ ତାହା ଫେରାଇ ଦେଇଛୁ ବୋଲି ଅଭିଯୁକ୍ତ କହିଛି। ମାତ୍ର ପରିବାର ଲୋକେ ଅଧିକ ଥିବା ଦାବି କରୁଛନ୍ତି। ତାଙ୍କ ପୁଅ ଏ ବିଷୟରେ ମୁହଁ ଖୋଲୁନାହିଁ।

# ଆମେରିକା-ଚୀନ୍ ମଧ୍ୟରେ ଫସିଲା ଭାରତ

ନୂଆଦିଲ୍ଲୀ, ୩।୨ (ଏଜେନ୍ସି): ବିଶ୍ୱରେ ଭୂରାଜନୈତିକ ସ୍ଥିତି ଦ୍ରୁତଗତିରେ ବଦଳିବାରେ ଲାଗିଛି। ଆମରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କ ପାଇଁ ଅନେକ ଦେଶ ନିଜ ନୀତି ବଦଳାଇ ଦେଇଛନ୍ତି। ବନ୍ଧୁ ରାଷ୍ଟ୍ର ଆମେରିକାଠାରୁ ଦୂରେଇ ଯାଇଛନ୍ତି। ଆଉ କିଛି ରାଷ୍ଟ୍ରଙ୍କୁ ଟ୍ରମ୍ପ ନିଜର ବିରୋଧୀ କରି ଦେଇଛନ୍ତି। ଭାରତ ଏହି ଦେଶ ମଧ୍ୟରେ ସାମିଲ ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଟ୍ରମ୍ପ ନିଜର ଉତ୍ତମ ବନ୍ଧୁ କହି ବଡ଼ ଝଟ୍‌କା ଦେଇଛନ୍ତି। ଶୁଳ୍କ ହେଉ ଅବା ଭାରତ-ପାକିସ୍ତାନ ଯୁଦ୍ଧ ବନ୍ଦ ନେଇ ଦାବି ସବୁଥିରେ ଟ୍ରମ୍ପ ଆଗରେ ଚାଲିଛନ୍ତି। ଆମେରିକା ଶୁଳ୍କ ପ୍ରହାରରୁ ତ୍ରାହି ପାଇଁ ଭାରତ ପୂର୍ବ ଶତ୍ରୁତାକୁ ଭୁଲି ଚୀନ୍ ସହ ବନ୍ଧୁତା ବଢ଼ାଇ ଥିଲା। ଏକଚାଟିଆ ନୀତି ଚାଲିବ ନାହିଁ ବୋଲି ବାର୍ତ୍ତା ଦେବାକୁ ପ୍ରୟାସ କରିଥିଲା। ବ୍ରିକ୍ସ ସମ୍ମିଳନୀ ପାଇଁ ମୋଦୀ ଚୀନ୍ ଗସ୍ତ କରି ଡ୍ରାଗନ ସହ ସହିତ ସମ୍ପର୍କ ବଢ଼ାଇବାକୁ ପ୍ରୟାସ କରିଥିଲେ। ମାତ୍ର ପରେ ସ୍ଥିତି ବଦଳି ଯାଇଥିଲା। ଚୀନ୍ ଆଡ଼କୁ ଭାରତ ଢଳୁ ଥିବା ଦେଖି ଟ୍ରମ୍ପ ନରମ ଆଭିମୁଖ୍ୟ ଗ୍ରହଣ କରିଥିଲେ। ଅନେକ ଥର ସାମାଜିକ ଗଣମାଧ୍ୟମରେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ମଧ୍ୟ ପ୍ରଶଂସା କରିଥିଲେ। ବିଭିନ୍ନ ରିପୋର୍ଟ ଜାରି କରି ଭାରତକୁ ଚୀନ୍ ଆକ୍ରାମକତାର ଧମକ ଦେଇଥିଲେ। ଆଉ ଏବେ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ମଧ୍ୟ ଘୋଷଣା ହୋଇଯାଇଛି। ଏପରି ସ୍ଥିତିରେ ଭାରତ ଏବେ ଆମେରିକା ଏବଂ ଚୀନ୍ ମଧ୍ୟରେ ଫସି ଯାଇଛି। ଭାରତ ଏବେ ଉଭୟ ପଟୁ ଚାପର ସମ୍ମୁଖୀନ ହେଉଛି। ଗୋଟିଏ ପଟେ ଆମେରିକାର ପରିବର୍ତ୍ତିତ ନୀତି ଥିବାବେଳେ ଅନ୍ୟପଟେ ଚୀନ୍‌ର ଆକ୍ରାମକ ଆଭିମୁଖ୍ୟ ରହିଛି। ତେଣୁ ଭାରତ ଏବେ ପାରମ୍ପରିକ ସହଯୋଗୀଙ୍କଠାରୁ ଆଗକୁ ବଢି ବିଶ୍ୱର ଅନ୍ୟ ଭାଗରେ ନୂଆ ବନ୍ଧୁଙ୍କ ସନ୍ଧାନ କରୁଛି।

ସପ୍ତାହେ ତଳେ ପ୍ରଧାନମନ୍ତ୍ରୀ ମୋଦୀ ନୂଆଦିଲ୍ଲୀରେ ୟୁରୋପୀୟ ସଂଘ (ଇୟୁ) ନେତା ଉର୍ସୁଲା ଭାନ୍ ଡେର୍ ଲେନଙ୍କ ସହ ୧୮ ବର୍ଷ ଧରି



ଅଟକି ରହିଥିବା ଏକ ପ୍ରମୁଖ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷର କରିଥିଲେ। ଏହାକୁ 'ସମସ୍ତ ଚୁକ୍ତିର ଜନନୀ' ତଥା 'ମଦର ଅଫ ଅଲ ଡିଲ୍ସ' କୁହାଯାଇଥିଲା।

ଏହି ଚୁକ୍ତି ପ୍ରାୟ ୨ ବିଲିୟନ ଲୋକଙ୍କ ଏକ ବଜାର ସୃଷ୍ଟି କରିବ। ଏହା କେବଳ ବାଣିଜ୍ୟ ନୁହେଁ, ବରଂ ଏକ ନୂତନ ଅନ୍ତର୍ଜାତୀୟ ବ୍ୟବସ୍ଥାର ଏକ ଅଂଶ। ଏଥିରେ ଆମେରିକାର ଭୂମିକା ଦୁର୍ବଳ ହେବା ପରେ ଅନ୍ୟ ଦେଶମାନେ ଏକ ନୂତନ ଢାଞ୍ଚା ପ୍ରସ୍ତୁତି ପାଇଁ ଏକାଠି କାମ କରୁଛନ୍ତି। ଏବେ ଭାରତ ବିଶ୍ୱ ରାଜନୀତିକୁ ପ୍ରଭାବିତ କରିବା ଆରମ୍ଭ କରିଛି। ବିଶ୍ୱରେ ଭାରତରେ ସର୍ବାଧିକ ଜନସଂଖ୍ୟା ରହିଛି। ଜାପାନ ଏବଂ ଜର୍ମାନୀ ସହିତ ଭାରତର ଅର୍ଥନୀତି ମଧ୍ୟ ବିଶ୍ୱର ଶ୍ରେଷ୍ଠ ୫ ଦେଶ ମଧ୍ୟରେ ସାମିଲ ରହିଛି। ମାତ୍ର ମୁଣ୍ଡପିଛା ଆୟ ଏହି ଦେଶଗୁଡ଼ିକ ତୁଳନାରେ ବହୁତ କମ୍ ରହିଛି।

ପ୍ରଧାନମନ୍ତ୍ରୀ ମୋଦୀଙ୍କ ଆତ୍ମନିର୍ଭରଶୀଳ ଭାରତର ଦୃଷ୍ଟିକୋଣ ଏବେ ମନ୍ଥର ହେଉଥିବା ପରି ମନେ ହେଉଛି। ନିଜକୁ ସୁରକ୍ଷା ଦେବା ପାଇଁ ଅନ୍ୟ ଦେଶ ସହିତ ଅତ୍ୟଧିକ ଆର୍ଥିକ ସମ୍ପର୍କ ଏଡାଇବା ଉଚିତ ବୋଲି ପୂର୍ବରୁ ଭାରତ ମତ ଦେଇଆସିଛି। ଏହା ସତ୍ତ୍ୱେ ୟୁରୋପ, କାନାଡ଼ା ଏବଂ ଅନ୍ୟାନ୍ୟ ଦେଶମାନେ ଯୁକ୍ତି ଦେଇଛନ୍ତି ଯେ ଏକାଠି ବାଣିଜ୍ୟ ଦ୍ୱାରା ରାଷ୍ଟ୍ର ମଜବୁତ ହୁଏ।

ଗତ ବର୍ଷଠାରୁ ଅନ୍ୟ ଦେଶ ସହ ଭାରତର ସମ୍ପର୍କ ଦ୍ରୁତ ଗତିରେ ବଦଳିବା ଆରମ୍ଭ ହୋଇଛି। ବ୍ରିଟେନ ସହ ମୁକ୍ତ ବାଣିଜ୍ୟ ଚୁକ୍ତି ଦ୍ୱାରା ଏହା ଆରମ୍ଭ ହୋଇଥିଲା। ଦୀର୍ଘ ବର୍ଷ ହେଲା ଏହା ଅଟକି ରହିଥିଲା। ଗତ ଡିସେମ୍ବରରେ ଓମାନ, ନ୍ୟୁଜିଲାଣ୍ଡ ସହ ମଧ୍ୟ ଏଭଳି ଚୁକ୍ତି ହୋଇଥିଲା। ଏହି ଦ୍ୱିପାକ୍ଷିକ ରାଜିନାମା ଭାରତର ନୀତିର ପରିବର୍ତ୍ତିତ ରୂପକୁ ଦର୍ଶାଉଛି। ଗତ କିଛି ସପ୍ତାହ ହେଲା ଜର୍ମାନୀ, ଜାପାନ, ୟୁଏଇ ଏବଂ ସାଉଦି ଆରବର ବଡ଼ ନେତା ଭାରତ ଗସ୍ତରେ ଆସିଥିଲେ। ସମସ୍ତେ ଭାରତ ସହ ସମ୍ପର୍କ ବଢ଼ାଇବାକୁ ଚାହିଁଥିଲେ ଏବଂ ଚୁକ୍ତି କରିଥିଲେ। ଫେବୃଆରୀରେ ବ୍ରାଜିଲ ରାଷ୍ଟ୍ରପତି ଲୁଲା ଡି ସିଲଭା ମଧ୍ୟ ଭାରତ ଆସିବାର କାର୍ଯ୍ୟକ୍ରମ ରହିଛି।

# ଅଷ୍ଟ୍ରେଲିଆରେ ଚୋରି କରିନେଲେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି

ମେଲବୋର୍ଣ୍ଣ, ୩।୨ (ଏଜେନ୍ସି): ଅଷ୍ଟ୍ରେଲିଆରେ ମହାତ୍ମା ଗାନ୍ଧୀଙ୍କ କାଂସ୍ୟ ପ୍ରତିମୂର୍ତ୍ତିକୁ ଚୋର ଚୋରି କରି ନେଇଛନ୍ତି। ଏହି ପ୍ରତିମୂର୍ତ୍ତି ମେଲବୋର୍ଣ୍ଣ ସହର ସ୍ଥିତ 'ଅଷ୍ଟ୍ରେଲିଆନ ଇଣ୍ଡିଆନ କମ୍ୟୁନିଟି ସେଣ୍ଟର' ବାହାରେ ଲାଗିଥିଲା। ଭାରତ ସରକାରଙ୍କ ପକ୍ଷରୁ ଏହାକୁ ଉପହାର ଭାବେ ଦିଆଯାଇଥିଲା। ୨୦୨୧ ନଭେମ୍ବର ୧୨ରେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍କଟ ମୋରିସନ ଏହାର ଉଦ୍‌ଘାଟନ କରିଥିଲେ। ନକ୍ସ କ୍ରାଇମ

## କାର୍ଯ୍ୟାନୁଷ୍ଠାନ ଦାବି କଲା ଭାରତ

ଇନଭେଷ୍ଟିଗେସନ ୟୁନିଟ ଚୋରି ମାମଲାର ତଦନ୍ତ ଆରମ୍ଭ କରିଛି। ଗତ ୧୨ ତାରିଖ ରାତି ୧୨ଟା୫୦ରେ ଏହି ଚୋରି ହୋଇଥିଲା ବୋଲି କୁହାଯାଇଛି। ଭାରତୀୟ-ଅଷ୍ଟ୍ରେଲିଆ ସମୁଦାୟ ଏହି ଘଟଣାକୁ ନେଇ ଗଭୀର ଚିନ୍ତା ପ୍ରକଟ କରିଛନ୍ତି। ପୁଲିସ ପକ୍ଷରୁ କୁହାଯାଇଛି ଯେ ତିନି ଅଜ୍ଞାତ ଲୋକ କିଙ୍ଗସିଲ କ୍ଲୋଜର ରୋୱିଲ ସ୍ଥିତ ଚ୍ୟାରିଟି ପରିସରରୁ ପ୍ରତିମା ଚୋରି କରିଥିଲେ। ଏହା ପୂର୍ବରୁ ସେମାନେ ଏକ କଟର୍‌ରେ ମୂର୍ତ୍ତିକୁ କାଟି ଦେଇଥିଲେ। ଏହି ମେସିନ ଚାଲିଲା ବେଳେ କେମିତି କେହି ଶୁଣି ପାରିଲେନି ବୋଲି ପ୍ରଶ୍ନ ଉଠୁଛି। ଏବେ ପୁଲିସ ସ୍କ୍ରାପ ମେଟାଲ ଡିଲରଙ୍କୁ ସତର୍କ କରାଇ ଦେଇଛି। ଯଦି କୌଣସି ବ୍ୟକ୍ତି ଏହି କାଂସ୍ୟ ପ୍ରତିମା ବିକ୍ରି କରିବାକୁ ଚେଷ୍ଟା କରନ୍ତି ତେବେ ତାହାର ସୂଚନା ଦେବାକୁ କୁହାଯାଇଛି। ଭାରତର ବୈଦେଶିକ ମନ୍ତ୍ରାଳୟ ଏହି ଘଟଣାକୁ ତୀବ୍ର ନିନ୍ଦା କରିଛି। ଅଷ୍ଟ୍ରେଲିଆ କର୍ତ୍ତୃପକ୍ଷଙ୍କ ନିକଟରେ ଏହି ପ୍ରସଙ୍ଗ ଉଠାଯାଇଛି। ଏହି ମାମଲାରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ କୁହାଯାଇଛି।

# ପୁଣି ନିର୍ବାଚନ କମିସନଙ୍କୁ ଟାର୍ଗେଟ୍ କଲେ ମମତା

ନୂଆଦିଲ୍ଲୀ, ୩।୨ (ଏଜେନ୍ସି): ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏସ୍‌ଆଇଆରକୁ ନେଇ ନିର୍ବାଚନ କମିଶନ (ଇସି)ଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ସେ ଦିଲ୍ଲୀରେ ସାମ୍ବାଦିକ ସମ୍ମିଳନୀ କରି ନିର୍ବାଚନର ଠିକ୍ ପୂର୍ବରୁ ଏସଆଇଆର କାହିଁକି କରାଯାଉଛି, ବାରମ୍ବାର ଚିଠି ଲେଖିବା ସତ୍ତ୍ୱେ ଇସି ଉତ୍ତର କାହିଁକି ଦେଉନାହାନ୍ତି ବୋଲି ପଚାରିଛନ୍ତି। ମମତା କହିଛନ୍ତି ଯେ ପଶ୍ଚିମବଙ୍ଗ, ତାମିଲନାଡୁ, କେରଳ ଏବଂ ଆସାମରେ ନିର୍ବାଚନ ହେବାକୁ ଯାଉଛି। ଏସଆଇଆର ତିନି ରାଜ୍ୟରେ ହେଉଛି। ମାତ୍ର ବିଜେପି ଶାସିତ ଆସାମରେ ହେଉ ନାହିଁ। ଡବଲ-ଇଞ୍ଜିନ ରାଜ୍ୟ ହୋଇଥିବାରୁ ଆସାମକୁ ଛାଡ଼ କରାଯାଇଛି। ଫେବୃଆରୀରେ ନିର୍ବାଚନ ନେଇ ବିଜ୍ଞପ୍ତି ପ୍ରକାଶ ପାଇପାରେ। ଦିଦି କହିଛନ୍ତି ଯେ ପ୍ରଥମ ପର୍ଯ୍ୟାୟରେ ୫୮ ଲକ୍ଷ ନାମ ହଟାଇ ଦିଆଗଲା। ପୀଡ଼ିତଙ୍କୁ ନିଜ ପକ୍ଷ ରଖିବାକୁ କୌଣସି ସୁଯୋଗ ଦିଆଗଲା ନାହିଁ। ଯାଞ୍ଚ ନ କରି ଏଆଇର ଅପବ୍ୟବହାର କରାଯାଉଛି। ଇସିଙ୍କୁ ୬ ଥର ଚିଠି ଲେଖିବା ସତ୍ତ୍ୱେ ଉତ୍ତର ଦେଉ ନାହାନ୍ତି। ଟିଏମସି ଲୋକ ଇସିଙ୍କ ପ୍ରତିନିଧିମଣ୍ଡଳ ସହ ସାକ୍ଷାତ କରିଥିଲେ। ଏହା ସତ୍ତ୍ୱେ ବି କୌଣସି ପ୍ରତିକ୍ରିୟା ଆସିଲାନି। ପଶ୍ଚିମବଙ୍ଗରେ କ'ଣ ହେଉଛି ତାହା ଦିଲ୍ଲୀ ଗଣମାଧ୍ୟମ ଜାଣିପାରୁ



- ୬ ଚିଠିର ଜବାବ ଦେଇନାହାନ୍ତି
- ନିର୍ବାଚନର ଠିକ୍ ପୂର୍ବରୁ ଏସ୍‌ଆଇଆର୍ କାହିଁକି
- ବିରୋଧୀ ସଂସଦରେ ନିଜ ପ୍ରସଙ୍ଗ ଠିକ୍‌ରେ ଉତ୍ଥାପନ କରିପାରୁନାହାନ୍ତି
- କଲିକତାରୁ ଫୋର୍ସ ମଗାଇଲେ ମମତା

ନାହାନ୍ତି। ପ୍ରକୃତ ପ୍ରସଙ୍ଗକୁ ସଠିକ ଭାବେ ଉପସ୍ଥାପନ କରାଯାଉନି। ସଂସଦର ସଦସ୍ୟ ହୋଇ ନ ଥିବାରୁ ସେଠାକୁ ଯାଇପାରୁ ନାହିଁ। ମାତ୍ର ଟିଭିରୁ ଦେଖଇ ଲାଗୁଛି ଯେ ବିରୋଧୀ ନିଜ କଥା ଠିକରେ ରଖିପାରୁ ନାହାନ୍ତି।

ସାମ୍ବାଦିକ ସମ୍ମିଳନୀ ସମୟରେ ମମତାଙ୍କ ପଛରେ ଅନେକ ଲୋକ ବସିଥିବା ଦେଖା ଯାଇଥିଲା। ମମତା କହିଥିଲେ ଯେ ସେମାନେ ସମସ୍ତେ ଏସଆଇଆରର ଶିକାର ହୋଇଛନ୍ତି। ଅନ୍ୟପଟେ ମମତା ଦିଲ୍ଲୀରେ ରାଜ୍ୟର ପୁଲିସ ବାହିନୀକୁ ମୁତୟନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏମାନେ ଏସଆଇଆରରେ ପୀଡ଼ିତ ପରିବାରଙ୍କୁ ସୁରକ୍ଷା ଦେବେ। ସୋମବାର ସନ୍ଧ୍ୟାରେ ପଶ୍ଚିମବଙ୍ଗ ପୁଲିସର ୨୫ ଜଣିଆ ଟିମ୍ ଏକ ସ୍ୱତନ୍ତ୍ର ବିମାନରେ ଦିଲ୍ଲୀ ଅଭିମୁଖେ ଯାତ୍ରା କରିଥିଲା। ଏଥିରେ ଜଣେ ଇନ୍ସପେକ୍ଟରଙ୍କ ସହିତ ର୍‍ୟାପିଡ ଆକ୍ସନ ଫୋର୍ସ (ଆରଏଏଫ) ର ଗୋଟିଏ ଟିମ୍ ସାମିଲ ରହିଛି। ଜଣେ ଡେପୁଟି ଏସପି ଏହାର ନେତୃତ୍ୱ ନେଉଛନ୍ତି। ଏହାକୁ ନେଇ ଦିଲ୍ଲୀ ପୁଲିସ କମିଶନର ଦେବେଶ ଚନ୍ଦ୍ର ଶ୍ରୀବାସ୍ତବ କହିଛନ୍ତି ଯେ ମମତାଙ୍କୁ ଦିଲ୍ଲୀରେ ଜେଡ୍ ପ୍ଲସ ସୁରକ୍ଷା ଦିଆଯାଉଛି। ପ୍ରୋଟୋକଲ ଅନୁସାରେ ତାଙ୍କ ସୁରକ୍ଷା ଦାୟିତ୍ୱ ଦିଲ୍ଲୀ ପୁଲିସର। ସେହିପରି ବଙ୍ଗ ଭବନର ସୁରକ୍ଷା ପାଇଁ ଅତିରିକ୍ତ ପୁଲିସ ବାହିନୀ ମୁତୟନ କରାଯାଇଛି।

# ସେନାକୁ ପୁଣି ହେଲିକପ୍ଟର ବିକିବ ଅଗଷ୍ଟା ୱେଷ୍ଟଲାଣ୍ଡ

ନୂଆଦିଲ୍ଲୀ, ୩।୨ (ଏଜେନ୍ସି): ଇଟାଲୀ କମ୍ପାନୀ ଅଗଷ୍ଟା ୱେଷ୍ଟଲାଣ୍ଡ ପୁଣି ଭାରତର ପ୍ରତିରକ୍ଷା କ୍ଷେତ୍ରକୁ ପ୍ରବେଶ କରିଛି। କ୍ଲିନ୍ ଚିଟ୍ ପାଇବାର ପାଞ୍ଚ ବର୍ଷ ପରେ ଏହି କମ୍ପାନୀ ଭାରତୀୟ ସେନାକୁ ହେଲିକପ୍ଟର ଯୋଗାଣ କରିବାକୁ ଯାଉଛି। ଏହି କମ୍ପାନୀ ପ୍ରାୟ ଏକ ଦଶନ୍ଧି ତଳେ ଭାରତୀୟ ରାଜନୀତିକୁ ଦୋହଲାଇ ଦେଇଥିଲା। ବହୁ ଚର୍ଚ୍ଚିତ ଭିଭିଆଇପି ହେଲିକପ୍ଟର ଦୁର୍ନୀତିରେ ଅଗଷ୍ଟା ୱେଷ୍ଟଲାଣ୍ଡ ଜଡ଼ିତ ଥିଲା। ଏବେ ଅଗଷ୍ଟାର ମୂଳ କମ୍ପାନୀ ଲିଓନାର୍ଡୋ ସହିତ ଆଦାନୀ ଡିଫେନ୍ସ ଏବଂ ଏରୋସ୍ପେସର ଚୁକ୍ତି ଚୂଡ଼ାନ୍ତ ହୋଇଛି। ଆଦାନୀ ଗ୍ରୁପ୍ ଅନୁଯାୟୀ, ମଙ୍ଗଳବାର ଏନେଇ ଆନୁଷ୍ଠାନିକ ଘୋଷଣା ହୋଇପାରେ। ଲିଓନାର୍ଡୋ ପୂର୍ବରୁ ଫିନମେକାନିକା ନାମରେ ଜଣାଶୁଣା ଥିଲା। ୩,୬୦୦ କୋଟିର ଭିଭିଆଇପି ହେଲିକପ୍ଟର କ୍ରୟ ଦୁର୍ନୀତିରେ ଅଗଷ୍ଟା ୱେଷ୍ଟଲାଣ୍ଡର ନାମ ଆସିଥିଲା। ଏଥିରେ ୧୨ ଏଡବ୍ଲ୍ୟୁ-୧୦୧ ହେଲିକପ୍ଟର କ୍ରୟରେ ଭାରତୀୟ ବାୟୁସେନା ଅଧିକାରୀ ଏବଂ ମଧ୍ୟସ୍ଥିମାନଙ୍କୁ କମ୍ପାନୀ ପ୍ରାୟ ୩୬୦ କୋଟି ଲାଞ୍ଚ ଦେଇଥିବା ଅଭିଯୋଗ ହୋଇଛି। ୨୦୧୪ରେ ଭାରତ ଆନୁଷ୍ଠାନିକ ଭାବେ ଏହି ଚୁକ୍ତିକୁ ବାତିଲ କରି କମ୍ପାନୀକୁ କଳାତାଲିକାଭୁକ୍ତ କରି ଦେଇଥିଲା। ପ୍ରମାଣ ଅଭାବରୁ ପ୍ରଥମେ ଇଟାଲୀର ଏକ କୋର୍ଟ ଏବଂ ପରେ ପ୍ରତିରକ୍ଷା ମନ୍ତ୍ରଣାଳୟ ୨୦୨୧ ନଭେମ୍ବରରେ ଅଗଷ୍ଟା ୱେଷ୍ଟଲାଣ୍ଡକୁ କ୍ଲିନ୍ ଚିଟ୍ ଦେଇଥିଲା। କଂଗ୍ରେସ ନେତୃତ୍ୱାଧୀନ ୟୁପିଏ ସରକାର ସମୟରେ ଇଟାଲୀୟ କମ୍ପାନୀ ଫିନମେକାନିକାର ଏକ ସହାୟକ କମ୍ପାନୀ ଅଗଷ୍ଟାୱେଷ୍ଟଲ୍ୟାଣ୍ଡ ସହିତ ୨୦୧୦ରେ ଏହି ଚୁକ୍ତି ହୋଇଥିଲା। ୨୦୧୩ରେ ଇଟାଲୀୟ ତଦନ୍ତକାରୀ ସଂସ୍ଥା ଲାଞ୍ଚ ଅଭିଯୋଗର ତଦନ୍ତ ଆରମ୍ଭ କରିଥିଲେ। ଚୁକ୍ତିରେ ମଧ୍ୟସ୍ଥିଙ୍କ ଭୂମିକା ସାମ୍ନାକୁ ଆସିଥିଲା। ମାମଲାକୁ ସିବିଆଇକୁ ହସ୍ତାନ୍ତର କରାଯାଇଥିଲା। ଏହା ଚୁକ୍ତି ସମୟରେ ବାୟୁସେନା ମୁଖ୍ୟ ଥିବା ଏୟାର ଚିଫ୍ ମାର୍ଶାଲ୍ ଏସ୍ ପି ତ୍ୟାଗୀ ଏବଂ ଅନ୍ୟ କେତେକଙ୍କୁ ଜେଲ ଯିବାକୁ ପଡ଼ିଥିଲା।

# ଏପ୍‌ଷ୍ଟିନ ଫାଇଲ: ହଜାରେ ଥର ଆସିଛି ନରୱେ ରାଜକୁମାରୀଙ୍କ ନାମ

ୱାଶିଂଟନ, ୩।୨ (ଏଜେନ୍ସି): ନରୱେ ରାଜକୁମାରୀ ମେଟେ-ମାରିଟ ଏବଂ ଯୌନ ଅପରାଧୀ ଜେଫ୍ରି ଏପଷ୍ଟିନ ମଧ୍ୟରେ ଥିବା ସମ୍ପର୍କକୁ ନେଇ ବିବାଦ ଆରମ୍ଭ ହୋଇଛି। ଗତ ୩୦ ତାରିଖରେ ଆମେରିକା ଜାରି କରଥିବା ଏପଷ୍ଟିନ ଫାଇଲରେ ମେଟେଙ୍କ ନାମ ହଜାରେରୁ ଅଧିକ ଥର ରହିଛି। ରିପୋର୍ଟ ଅନୁଯାୟୀ, ଏହି ଫାଇଲରେ ୨୦୧୧ରୁ ୨୦୧୪ ମଧ୍ୟରେ ଏପଷ୍ଟିନ ଏବଂ ମେଟେଙ୍କ ମଧ୍ୟରେ କରାଯାଇଥିବା ଅନେକ ଇମେଲ ରହିଛି। ଏକ ମେଲ୍‌ରେ ଏପଷ୍ଟିନ କହୁଛି ଯେ ସେ ମେଟେଙ୍କୁ ବିବାହ କରିବାକୁ ଚାହୁଁଛି ଏବଂ ପତ୍ନୀ ସନ୍ଧାନରେ ପ୍ୟାରିସ ଆସିଛି। ସେ ଅବୈଧ ସମ୍ପର୍କ ରଖିବାକୁ ମଧ୍ୟ ଇଚ୍ଛା ପ୍ରକଟ କରିଥିଲା। ସ୍କାଣ୍ଡିନେଭିଆଇ ମହିଳା ବହୁତ ଭଲ ହୋଇଥାନ୍ତି ବୋଲି କହିଥିଲା। ଜବାବରେ ମେଟେ କହିଥିଲେ ଯେ ପତ୍ନୀ ସନ୍ଧାନ କରୁଥିବା ବିଶ୍ୱାସ ହେଉ ନାହିଁ। ରାଜକୁମାରୀ ତିନି ଥର ଏପଷ୍ଟିନକୁ ଭେଟିଥିଲେ। ଏହି ସମ୍ପର୍କକୁ ନେଇ ସେ ଲଜ୍ଜିତ ବୋଲି କହିଛନ୍ତି।



# ଇରାନରେ ଲଜ୍ଜା: ମହିଳା ବିକ୍ଷୋଭକାରୀଙ୍କୁ ଦୁଷ୍କର୍ମ କରି ମାରିଦେଲେ

ତେହରାନ, ୩।୨ (ଏଜେନ୍ସି): ଇରାନରେ ଚାଲିଥିବା ସରକାର ବିରୋଧୀ ବିକ୍ଷୋଭ ପ୍ରଦର୍ଶନ ଚପାଇବା ପାଇଁ ସର୍ବୋଚ୍ଚ ଶାସକ ଅୟତୁଲ୍ଲା ଅଲ ଖାମନେଇ ବର୍ବରତାର ସମସ୍ତ ସୀମା ଟପି ଯାଇଛନ୍ତି। ସେ ଭଡ଼ାଟିଆ ସେନା ଲଗାଇ ନିଜ ଦେଶର ଲୋକଙ୍କୁ ମାରିଛନ୍ତି। ମହିଳା ବିକ୍ଷୋଭକାରୀଙ୍କ ସହ ଅମାନବିକ କାର୍ଯ୍ୟ କରିଛନ୍ତି। ବିକ୍ଷୋଭ ପ୍ରଦର୍ଶନରେ ସାମିଲ ମହିଳାଙ୍କୁ ଦୁଷ୍କର୍ମ କରାଯାଇଛି। ଅନେକଙ୍କୁ ବିକଳାଙ୍ଗ କରିଦିଆଯାଉଛି। ହଜାର ହଜାର ମହିଳାଙ୍କ ଗର୍ଭାଶୟ ଏବଂ ଚର୍ମ ଟାଣି ବାହାର କରାଯାଇଛି। ଏହାର ପ୍ରମାଣ ଲୁଚାଇବା ପାଇଁ ହତ୍ୟା ପରେ ମହିଳାଙ୍କ ମୃତଦେହକୁ ପୋଡ଼ି ଦିଆଯାଉଛି। ଆନ୍ଦୋଳନକାରୀଙ୍କ ମନରେ ଭୟ ସୃଷ୍ଟି କରିବାକୁ ଏଭଳି କାଣ୍ଡ ଘଟାଯାଇଛି। ଇରାନୀ-ଜର୍ମାନୀ ସାମ୍ବାଦିକ ମିସେଲ ଅବ୍‌ଦୋଲାହି ଏହି ଦାବି କରିଛନ୍ତି। ସେ ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ପୋଷ୍ଟ କରିଛନ୍ତି। ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ସେ ଏହି ସୂଚନା ପାଇଥିବା କହିଛନ୍ତି।

ମିସେଲ କହିଛନ୍ତି ଯେ ଗିରଫ ହୋଇଥିବା ମହିଳାଙ୍କୁ ବଳାତ୍କାର କରାଯାଇଛି। ସେମାନଙ୍କ ଗର୍ଭାଶୟ କାଢ଼ି ମୁଣ୍ଡର କେଶ ସହିତ ଶରୀର ଚର୍ମକୁ କାଢ଼ି ଦିଆଯାଇଛି।




ସିଗାରେଟ୍ ଚେଙ୍କ ଲଗାଇ ଛାଡ଼ି ଦିଆଯାଇଥାଏ। ବହୁତ କମ୍ ମହିଳାଙ୍କ ମୃତଦେହ ଫେରା ଯାଉଥିଲା। ନିର୍ଯାତନାର ଚିହ୍ନ ଲୁଚାଇବା ଅଧିକାଂଶ ମୃତଦେହ ପୋଡ଼ା ଯାଉଥିଲା। ଅବଦୋଲ୍ଲାହି ଅଭିଯୋଗ କରିଛନ୍ତି ଯେ ଖାମନେଇଙ୍କ ନେତୃତ୍ୱରେ ଇରାନ ନିଜ ଲୋକଙ୍କ ବିରୁଦ୍ଧରେ ଦୁଷ୍କର୍ମକୁ ଅସ୍ତ୍ର ଭାବରେ ବ୍ୟବହାର କରୁଛି। ଏପରିକି ଶିଶୁ ମଧ୍ୟ ହିଂସାର ଶିକାର ହେଉଛନ୍ତି। ଜର୍ମାନ ଖବରକାଗଜ ଡାଏ ୱେଲ୍ଟ ମଧ୍ୟ ପ୍ରତ୍ୟକ୍ଷଦର୍ଶୀଙ୍କ ଆଧାରରେ ସମାନ ଦାବି କରିଛି। ଜଣେ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି ଯେ ଆହତ ମହିଳାଙ୍କୁ ଅଳିଆ ଗାଡ଼ିରେ ଭର୍ତ୍ତି କରାଯାଇଥିଲା। ଏବେ ମାରିବୁ ନାହିଁ, ପ୍ରଥମେ ଦୁଷ୍କର୍ମ କରିବୁ ବୋଲି କୁହାଯାଇଥିଲା। ଏହା ବ୍ୟତୀତ ଇରାନରେ ଅଟକ ବିକ୍ଷୋଭକାରୀଙ୍କୁ ଜୋର ଜବରଦସ୍ତି ଉଲଗ୍ନ କରାଯାଇଥିଲା। ସେମାନଙ୍କୁ ଅଜଣା ଇଞ୍ଜେକ୍ସନ ଦିଆଯାଇଥିଲା। ଗାର୍ଡିଆନ୍ ଖବରକାଗଜ ରିପୋର୍ଟରେ କୁହାଯାଇଛି ଯେ କେରମାନଶାହ ସହରରେ ଜଣେ ୧୬ ବର୍ଷୀୟା ଝିଅ ସମେତ ଅନେକ ମହିଳାଙ୍କୁ ଯୌନ ଉତ୍ପୀଡ଼ନ ଦିଆଯାଇଛି। ଏଠାରେ ସୁରକ୍ଷା ବାହିନୀ ମହିଳାଙ୍କ ଶରୀରକୁ ସ୍ପର୍ଶ କରିଥିଲା ଏବଂ ମାଡ଼ ମାରିଥିଲା। ସୂଚନାଯୋଗ୍ୟ ଯେ ଡିସେମ୍ବର ୨୮ ରୁ ଇରାନରେ ଆରମ୍ଭ ହୋଇଥିବା ହିଂସା ଜାନୁଆରୀ ୧୫ ପର୍ଯ୍ୟନ୍ତ ଚାଲିଥିଲା। ଏଥିରେ ୫ ହଜାରରୁ ଅଧିକ ବିକ୍ଷୋଭକାରୀଙ୍କ ଜୀବନ ଯାଇଛି। ଦେଶରେ ଦରଦାମ ବୃଦ୍ଧିକୁ ବିରୋଧ କରି ଏହି ହିଂସା ସୃଷ୍ଟି ହୋଇଥିଲା। ଇରାନୀ ମୁଦ୍ରା ରିଆଲ ସର୍ବନିମ୍ନ ସ୍ତରରେ ପହଞ୍ଚିଥିଲା। ଚା ଏବଂ ରୁଟି ଭଳି ନିତ୍ୟ ବ୍ୟବହାର୍ଯ୍ୟ ଜିନିଷଗୁଡ଼ିକ ମଧ୍ୟ ବହୁତ ମହଙ୍ଗା ହୋଇଗଲା।

# ମା’ ବିରଜାଙ୍କ ଶରଣରେ ରାଷ୍ଟ୍ରପତି

ଯାଜପୁର, ୩।୨(ସମିସ): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା’ ବିରଜାଙ୍କ ଦର୍ଶନ କରିଛନ୍ତି। ଏହାସହ ନାଭିଗୟାରେ ପିତୃପୁରୁଷଙ୍କୁ ପିଣ୍ଡଦାନ କରିଛନ୍ତି। ଦେଶର କୌଣସି ରାଷ୍ଟ୍ରପତିଙ୍କ ଏହା ଥିଲା ପ୍ରଥମ ଯାଜପୁର ଗସ୍ତ। ଏଥିପାଇଁ ଯାଜପୁରବାସୀ ଏହି ଐତିହାସିକ ମୁହୂର୍ତ୍ତର ସାକ୍ଷୀ ହୋଇଥିଲେ। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ରାଷ୍ଟ୍ରପତି ବାୟୁସେନାର ସ୍ୱତନ୍ତ୍ର ବିମାନ ଯୋଗେ ସକାଳ ସାଢ଼େ ୯ଟାରେ ଯାଜପୁରର ପ୍ରଶାସନିକ ଭବନ ପଡ଼ିଆରେ ହେଲିପ୍ୟାଡ୍‌ରେ ଅବତରଣ କରିଥିଲେ। ସେଠାରେ



## ନାଭିଗୟାରେ କଲେ ପିତୃପୁରୁଷଙ୍କୁ ପିଣ୍ଡଦାନ

ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ମନ୍ତ୍ରୀ ରବିନାରାୟଣ ନାଏକ, ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ଯାଜପୁର ସାଂସଦ ଡା. ରବୀନ୍ଦ୍ର ନାରାୟଣ ବେହେରା, ଯାଜପୁର ଜିଲ୍ଲାର ସମସ୍ତ ନିର୍ବାଚନମଣ୍ଡଳୀର ବିଧାୟକ ଓ ବିଧାୟିକା, ଜିଲ୍ଲା ପରିଷଦ ସଭାପତି, ଅତିରିକ୍ତ ଡିଜିପି ଅରୁଣ ବୋଥ୍ରା, ଡିଆଇଜି ଚରଣ ସିଂ ମୀନା, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଗୁହା ପୁନମ ତାପସ କୁମାର, ଜିଲ୍ଲାପାଳ ଅମ୍ବର କୁମାର କର, ଆରକ୍ଷୀ ଅଧୀକ୍ଷକ ଯଶ୍ ପ୍ରତାପ ଶ୍ରୀମାଲଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିଥିଲେ।

ରାଷ୍ଟ୍ରପତି ପ୍ରଥମେ ନାଭିଗୟାରେ ପିତୃପୁରୁଷଙ୍କୁ ପିଣ୍ଡଦାନ କରିଥିଲେ। ପ୍ରାୟ ୧ ଘଣ୍ଟା ଧରି ପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଚାରି ଜଣ ସେବାୟତ ବ୍ରାହ୍ମଣ ନିୟୋଜିତ ଥିଲେ। ପିଣ୍ଡଦାନ ସରିବା ପରେ ରାଷ୍ଟ୍ରପତି ମା’ ବିରଜାଙ୍କ ଦର୍ଶନ କରିଥିଲେ। ପରେ ବେଢ଼ା ପରିକ୍ରମା କରି ଗଙ୍ଗେଶ୍ୱର, ମୁକ୍ତେଶ୍ୱର, ସଂହାର ଭୈରବ, ୧୦୮ ଶିବଲିଙ୍ଗ ପାର୍ଶ୍ୱ ଦେବଦେବୀଙ୍କ ଦର୍ଶନ କରିଥିଲେ। ମୁକ୍ତିମଣ୍ଡପ ସଭାରେ ଆଶୀର୍ବାଦ ଗ୍ରହଣ କରିଥିଲେ। ରାଷ୍ଟ୍ରପତିଙ୍କ ମନ୍ଦିର ପରିଦର୍ଶନ ସମୟରେ ଚତୁର୍ଦ୍ଦିଗ ବେଦ ମନ୍ତ୍ର ଉଚ୍ଚାରଣ ଓ ହୁଳୁହୁଳି ନାଦରେ ଗୁଞ୍ଜରିତ ହୋଇଥିଲା। ଏହି ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ରାଷ୍ଟ୍ରପତିଙ୍କୁ ବୌଦ୍ଧ ମୂର୍ତ୍ତି ଏବଂ ଟସର ଶାଢ଼ି ଉପହାରସ୍ୱରୂପ ପ୍ରଦାନ କରାଯାଇଥିଲା। ପରେ ନିମନ୍ତ୍ରିତ ବ୍ରହ୍ମକୁମାରୀମାନେ ରାଷ୍ଟ୍ରପତିଙ୍କୁ ସାକ୍ଷାତ କରିଥିଲେ। ରାଷ୍ଟ୍ରପତି ୧୧ଟା ୪୦ରେ ବାଲେଶ୍ୱର ଅଭିମୁଖେ ପ୍ରସ୍ଥାନ କରିଥିଲେ।

ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶିବାନନ୍ଦ ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ କଳିଙ୍ଗନଗର ସପନ କୁମାର ନନ୍ଦ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଦେବୀ ପ୍ରସାଦ ମହାନ୍ତି, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଉପ ଆରକ୍ଷୀ ଅଧିକ୍ଷକ, ଉପଖଣ୍ଡ ପୁଲିସ ଅଧିକାରୀଙ୍କ ସହ ବିଭିନ୍ନ ବିଭାଗୀୟ ଅଧିକାରୀ ପରିଚାଳନା କରିଥିଲେ।

## ବନ ବିଭାଗକୁ ବଦହଜମ ପୁଲିସ ନାଲିଆଖି

# ଖାକି-ଖାକି ମୁହାଁମୁହିଁ

ରାଜନଗର/ଭୁବନେଶ୍ୱର,୩।୨(ସମିସ): ବନ ବିଭାଗ କାର୍ଯ୍ୟାଳୟରେ ପଶି ଜଣେ ମହିଳା ପୁଲିସ ଅଧିକାରୀ ଧମକ ଚମକ ଦେବା ଘଟଣା ଏବେ ତାଙ୍କ ପାଇଁ ବୁମେରାଂ ହେବାକୁ ଯାଉଛି। ଜଙ୍ଗଲ ବିଭାଗର ଗେଜେଟେଡ୍ ଅଧିକାରୀଙ୍କୁ ଏସ୍‌ଆଇ ପାହ୍ୟାର ପୁଲିସ କର୍ମଚାରୀଙ୍କ ନାଲି ଆଖି ବନ ବିଭାଗ ଅଧିକାରୀମାନେ ବରଦାସ୍ତ କରିପାରୁ ନାହାନ୍ତି। ଓଡ଼ିଶା ବନ ସେବା ସଂଘ ଏହି ଘଟଣାକୁ ନେଇ ଖଡ଼୍‌ଗହସ୍ତ। କାହିଁକି ଜଣେ କର୍ତ୍ତବ୍ୟରତ ବନ ବିଭାଗ ଅଧିକାରୀଙ୍କୁ କାର୍ଯ୍ୟରେ ବାଧା ଦିଆଗଲା ଓ ତାଙ୍କୁ ଦୁର୍ବ୍ୟବହାର କରାଗଲା ତାହାର ଉତ୍ତର ଦେବାକୁ ବନ ଅଧିକାରୀ ସଂଘ ପକ୍ଷରୁ ପୁଲିସ ଅଧିକାରୀଙ୍କ ନିକଟରେ ଅଡ଼ି ବସିଛି। ଏପରିକି ୩ ଦିନ ମଧ୍ୟରେ ସମ୍ପୃକ୍ତ ମହିଳା ପୁଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ବନ ସେବା ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି।

ଅଭିଯୋଗ ଅନୁସାରେ ବଜ୍ରକାପ୍ତା କାତି ଚୋରାଚାଲାଣ ମାମଲାରେ ବନ ବିଭାଗ ୩ ଜଣ ଅଭିଯୁକ୍ତମାନଙ୍କୁ ପଟାମୁଣ୍ଡାଇ ଅଞ୍ଚଳରୁ ଉଠାଇ ଆଣିଥିଲା। ଏହାପରେ ଗତ ୨୧ ତାରିଖରେ କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ଥାନା ଆଇଆଇସି ବନ୍ଦନା ପାତ୍ର ବନବିଭାଗର ରେଞ୍ଜ କାର୍ଯ୍ୟାଳୟରେ ପଶି ଏସିଏଫ ଗଗନ ବିହାରୀ ମଲ୍ଲିକଙ୍କୁ ଅଶାଳୀନ ଭାଷାରେ ଗାଳିଗୁଲଜ କରିଥିଲେ। ତାଙ୍କ ଅଞ୍ଚଳରୁ କାହିଁକି ବଜ୍ରକାପ୍ତା କାରବାର କରୁଥିବା ଲୋକଙ୍କୁ ଉଠାଇ ଅଣାଗଲା ବୋଲି ପ୍ରଶ୍ନ କରିଥିଲେ। ବନ ବିଭାଗ ଅଧିକାରୀଙ୍କ ପାହ୍ୟା ଠାରୁ ତୁଳନାତ୍ମକ ନିମ୍ନ ପାହ୍ୟାରେ ଥିବା ପୁଲିସ ଆଇଆଇସିଙ୍କ ଏପରି ବ୍ୟବହାର ବନ ଅଧିକାରୀମାନଙ୍କୁ ହଜମ ହୋଇ ନାହିଁ। ଓଡ଼ିଶା ବନ ସେବା ସଂଘ ପକ୍ଷରୁ ଜଙ୍ଗଲ ବିଭାଗ ପ୍ରମୁଖ ଶାସନ ସଚିବ ଓ ପିସିସିଏଫ ଡକ୍ଟର କେ ମୁରୁଗେସନଙ୍କୁ ଭେଟ ପଟାମୁଣ୍ଡାଇ ଆଇଆଇସି ଅଭିଯୁକ୍ତମାନଙ୍କ ଆଗରେ ଏସିଏଫ୍‌ଙ୍କୁ ଦୁର୍ବ୍ୟବହାର କରିବା ଓ ମିଛ ମାମଲା କରିବାକୁ ଧମକ ଦେଇଥିବା ସଂକ୍ରାନ୍ତରେ ଅଭିଯୋଗ କରିଛନ୍ତି।

- କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ସରକାରଙ୍କୁ ସଂଘର ଫେରାଦ
- ଆଇଜିଙ୍କୁ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ବନ ବିଭାଗର ଚିଠି
- ରେଞ୍ଜ କାର୍ଯ୍ୟାଳୟରେ ତଦନ୍ତ ଆରମ୍ଭ କଲେ ଅତିରିକ୍ତ ଏସପି

ଓଡିଶା ବନସେବା ସଂଘର ଦାବି ପରେ ମଙ୍ଗଳବାର ରାଜ୍ୟ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ବିଭାଗର ସ୍ୱତନ୍ତ୍ର ସଚିବ ସେଣ୍ଟ୍ରାଲ ରେଞ୍ଜ ପୁଲିସ ଆଇଜିଙ୍କୁ ଚିଠି ଲେଖି ଘଟଣାର ତଦନ୍ତ କରିବା ସହ ଆବଶ୍ୟକୀୟ କାର୍ଯ୍ୟନୁଷ୍ଠାନ ଗ୍ରହଣ ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି। ଆଇଜିଙ୍କ ନିର୍ଦ୍ଦେଶ ପରେ କେନ୍ଦ୍ରାପଡା ଅତିରିକ୍ତ ଏସପି ସୁଧାକର ସାହୁ ରାଜନଗର ରେଞ୍ଜ କାର୍ଯ୍ୟାଳୟରେ ଜାନୁୟାରୀ ୨୧ ତାରିଖ ଦିନ କଣ କଣ ଘଟଣା ଘଟିଥିଲା, ପଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ଏଠାରେ କଣ କଣ କହିଥିଲେ, କଣ ଧମକ ଦେଇଥିଲେ ସେ ନେଇ ତଥ୍ୟ ସଂଗ୍ରହ କରିଛନ୍ତି। ରାଜନଗର ରେଞ୍ଜ ଅଫିସର ଚିତ୍ତ ରଞ୍ଜନ ବେହୁରା, ଫରେଷ୍ଟର ବିଜୟ କୁମାର ପାତ୍ର ଓ ଅନ୍ୟ ବନ କର୍ମଚାରୀଙ୍କୁ ଘଟଣା ସମ୍ପର୍କରେ ପଚରା ଉଚରା କରିଥିବା ଜଣାପଡିଛି।

ବନ ସଂଘ ପକ୍ଷରୁ କୁହାଯାଇଛି ଯେ ଅବୈଧ ଭାବରେ ଗୋଟିଏ ବଜ୍ରକାପ୍ତାକୁ ରଖିବା ଓ ଏହାର କାରବାର ସଂକ୍ରାନ୍ତରେ ବନ ବିଭାଗ କିଛି ଲୋକଙ୍କୁ ଉଠାଇ ନେଇଥିଲା। ରାଜନଗର ଏସିଏଫ୍‌ଙ୍କ କାର୍ଯ୍ୟାଳୟରେ ଏ ସଂକ୍ରାନ୍ତ ତଦନ୍ତ ଓ ଅଭିଯୁକ୍ତଙ୍କୁ ପଚରାଉଚରା ଚାଲିଥିଲା। ଏହି ସମୟରେ ପଟାମୁଣ୍ଡାଇ ଥାନା ଆଇଆଇସି ବନ୍ଦନା ପାତ୍ର କୌଣସି ପୂର୍ବ ସୂଚନା ବିନା ବନ କାର୍ଯ୍ୟାଳୟରେ ପ୍ରବେଶ କରି ଆକ୍ରମଣାତ୍ମକ ଏବଂ ଅଣପେଶାଦାର ଆଚରଣ କରିଥିଲେ। ସେ ସାଧାରଣରେ ବନ ଅଧିକାରୀମାନଙ୍କୁ ଗାଳିଗୁଲଜ କରିଥିଲେ। ଏହି ଘଟଣା ବନ୍ୟପ୍ରାଣୀ (ସୁରକ୍ଷା) ଆଇନ, ୧୯୭୨ ଅନୁଯାୟୀ ସେମାନଙ୍କର ସାମ୍ବିଧାନିକ କର୍ତ୍ତବ୍ୟ ପାଳନ କରିବାରେ ବାଧା ସୃଷ୍ଟି କରିଥିଲା। ଯଦି ଏପରି ଆଚରଣର ସମାଧାନ ନ କରାଯାଏ, ତେବେ ଏହା ଏକ ବିପଦପୂର୍ଣ୍ଣ ଉଦାହରଣ ସୃଷ୍ଟି କରିବ ଏବଂ ବନ୍ୟପ୍ରାଣୀ (ସୁରକ୍ଷା) ଆଇନ, ୧୯୭୨ କାର୍ଯ୍ୟକାରୀ କରିବାରେ ନିୟୋଜିତ କ୍ଷେତ୍ର ଅଧିକାରୀଙ୍କ ବିଶ୍ୱାସକୁ ଗୁରୁତର ଭାବରେ ପ୍ରଭାବିତ କରିବ ବୋଲି ସଂଘ କହିଛି।

# ନିବେଶ ଆଳରେ ୫ କୋଟିର ସାଇବର୍ ଠକେଇ

## ଗୁଜରାଟରୁ ୨ ଠକଙ୍କୁ ବାନ୍ଧିଲା କ୍ରାଇମବ୍ରାଞ୍ଚ

କଟକ, ୩।୨ (ସମିସ): ଅନଲାଇନ୍ ନିବେଶ ଆଳରେ ଓଡ଼ିଶାରୁ ୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକିଥିବା ୨ ସାଇବର୍ ଠକଙ୍କୁ କ୍ରାଇମବ୍ରାଞ୍ଚ ଗୁଜରାଟ ଭାବନଗରରୁ ଗିରଫ କରିଛି। ଗିରଫ ଠକଦ୍ୱୟ ହେଲେ, ଗୋୟାନୀ ମିଳନଭାଇ ଭୁପତଭାଇ (୩୧) ଓ କୋଶିୟା ବୈଭବ ଜିତେନ୍ଦ୍ରଭାଇ (୩୦)। ସେମାନଙ୍କ ପାଖରୁ





କ୍ରାଇମ୍‌ବ୍ରାଞ୍ଚ ମୋବାଇଲ ଫୋନ୍ ଏବଂ ସିମ୍‌କାର୍ଡ ସମେତ ଅନେକ ଆପତ୍ତିଜନକ ସାମଗ୍ରୀ ଜବତ କରିଛି। ପୂର୍ବରୁ ଏହି ମାମଲାରେ ଆସାମରୁ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା।

ସୂଚନାନୁଯାୟୀ, ଗତ ୨୦୨୫ ମାର୍ଚ୍ଚ ୧୭ରେ ଠକମାନେ ଅଭିଯୋଗକାରୀଙ୍କୁ ହ୍ୱାଟସ୍‌ଆପ୍ ମାଧ୍ୟମରେ ଯୋଗାଯୋଗ କରିଥିଲେ। ତାଙ୍କୁ ଇକ୍ୟୁଟି-ହବ୍ ନାମକ ଏକ ହ୍ୱାଟସ୍-ଆପ୍ ଗ୍ରୁପ୍‌ରେ ସାମିଲ କରାଯାଇଥିଲା। ଠକଜଣଙ୍କ ନିଜକୁ ହ୍ୱାର୍ଟନ୍ ସ୍କୁଲ୍ ଗ୍ରାଜୁଏଟ୍ ଏବଂ ଜେପି ମୋର୍ଗାନର ପୂର୍ବତନ ପାଣ୍ଠି ପରିଚାଳକ ଭାବେ ପରିଚୟ ଦେଇଥିଲେ। ଏହି ଗ୍ରୁପ୍‌ରେ ସେୟାର୍ ବଜାର ଏବଂ ନିଫ୍ଟି-୫୦ର ବୈଷୟିକ ବିଶ୍ଳେଷଣ ସଂପର୍କରେ ମାଗଣା ପରାମର୍ଶ ଦିଆଯାଉଥିଲା। ଅଭିଯୋଗକାରୀ ଠକମାନଙ୍କ କଥାରେ ପଡ଼ି ଗତ ୨୦୨୫ ମାର୍ଚ୍ଚ ୧୭ରୁ ୨୦୨୫ ଏପ୍ରିଲ ୯ ମଧ୍ୟରେ ମୋଟ ୫କୋଟି ୧୪ଲକ୍ଷ ଟଙ୍କା ୫୪ ଥରରେ ୮ଟି ଭିନ୍ନଭିନ୍ନ ଆକାଉଣ୍ଟକୁ ପଠାଇଥିଲେ। ତାଙ୍କ ଟ୍ରେଡିଂ ଆକାଉଣ୍ଟରେ ଏହି ଅର୍ଥରାଶି ୩ ଗୁଣ ବଢ଼ି ୧୨କୋଟି ଟଙ୍କା ହୋଇଥିବା ଦେଖାଯାଉଥିଲା। ମାତ୍ର ଯେତେବେଳେ ସେ ଟଙ୍କା ଉଠାଇବାକୁ ଚାହିଁଲେ, ବିଭିନ୍ନ ବାହାନା ଦେଖାଇ ତାଙ୍କୁ ମନା କରି ଦିଆଯାଇଥିଲା। ଠକେଇର ଶିକାର ହୋଇଥିବା ଜାଣିବା ପରେ ସେ ଏ ସଂପର୍କରେ ସାଇବର୍ ଥାନାରେ ଏତଲା ଦେଇଥିଲେ। ଇନ୍ସପେକ୍ଟର୍ ରାଜକିଶୋର ବେହେରାଙ୍କ ନେତୃତ୍ୱରେ ଏକ ତଦନ୍ତକାରୀ ଦଳ ଡିଜିଟାଲ ପ୍ରମାଣ ଏବଂ ବ୍ୟାଙ୍କ କାରବାରକୁ ଯାଞ୍ଚ କରି ଗୁଜରାଟରୁ ଦୁଇ ଜଣଙ୍କୁ ଚିହ୍ନଟ ସହ ଗିରଫ କରିଥିଲେ।

# ଡିଆରଡିଓ ପକ୍ଷରୁ ଏସଏଫ୍‌ଡିଆର୍‌ର ସଫଳ

ବାଲେଶ୍ୱର,୩।୨ (ସମିସ): ପ୍ରତିରକ୍ଷା ଗବେଷଣା ଉନ୍ନୟନ ସଂସ୍ଥାନ(ଡିଆର୍‌ଡିଓ) ପକ୍ଷରୁ କଠିନ ଇନ୍ଧନଯୁକ୍ତ ରାମଜେଟ୍ ଜ୍ଞାନକୌଶଳ (ସଲିଡ୍ ଫୁଏଲ ଡକ୍ଟେଡ୍ ରାମଜେଟ୍, ଏସଏଫଡିଆର) ଇଞ୍ଜିନର କାର୍ଯ୍ୟଦକ୍ଷତା ପ୍ରଦର୍ଶିତ ହୋଇଛି। ଚାନ୍ଦିପୁରସ୍ଥିତ ଏକୀକୃତ ପରୀକ୍ଷଣ କେନ୍ଦ୍ର (ଆଇଟିଆର)ଠାରେ ଆଜି ସକାଳ ୧୦ଟା ୪୫ରେ ସଫଳତାର ସହ ଏହା ପ୍ରଦର୍ଶିତ ହୋଇଥିଲା। ଏହି ସଫଳ ପ୍ରଦର୍ଶନ ପରେ, ଶତ୍ରୁପକ୍ଷଠାରୁ ଅଧିକ ଦକ୍ଷତାସମ୍ପନ୍ନ ଲମ୍ବ ଦୂରଗାମୀ ଆକାଶରୁ ଆକାଶକୁ ନିକ୍ଷେପ ହେଉଥିବା କ୍ଷେପଣାସ୍ତ୍ର ବିକାଶ ନିମିତ୍ତ ଜ୍ଞାନକୌଶଳ ହାସଲକାରୀ ପ୍ରମୁଖ ଦେଶମାନଙ୍କ ମଧ୍ୟରେ ଭାରତ ସାମିଲ ହୋଇଯିବ ବୋଲି ଡିଆରଡିଓ ପକ୍ଷରୁ ଜାରି ପ୍ରେସ୍ ବିବୃତିରେ କୁହାଯାଇଛି। ପ୍ରତିରକ୍ଷା ଅନୁସନ୍ଧାନ ଓ ଉନ୍ନୟନ ଗବେଷଣାଗର (ଡିଆରଡିଏଲ), ଉଚ୍ଚ ଶକ୍ତି ସାମଗ୍ରୀ ଅନୁସନ୍ଧାନ ଗବେଷଣାଗାର (ଏଚଇଏମଆରଏଲ), ହାଇଦ୍ରାବାଦର ଅନୁସନ୍ଧାନ କେନ୍ଦ୍ର



ଭବନ (ଆରସିଆଇ) ଏବଂ ଆଇଟିଆର ପ୍ରଭୃତି ଡିଆରଡିଓର ବିଭିନ୍ନ ଗବେଷଣାଗାରର ବରିଷ୍ଠ ବୈଜ୍ଞାନିକମାନେ ଏହି ପ୍ରଦର୍ଶନକୁ ଅନୁଧ୍ୟାନ କରିଥିଲେ। ଏସଏଫ୍‌ଡିଆର ଜ୍ଞାନକୌଶଳର ସଫଳ ପ୍ରଦର୍ଶନ ପାଇଁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଡିଆରଡିଓ ସହ ଅନ୍ୟାନ୍ୟ ସଂସ୍ଥାଙ୍କୁ ଉଚ୍ଚ ପ୍ରଶଂସା କରିଛନ୍ତି। ସେହିପରି ପ୍ରତିରକ୍ଷା ଗବେଷଣା ଓ ଉନ୍ନୟନ ବିଭାଗ ସଚିବ ତଥା ଡିଆର୍‌ଡିଓର ଚେୟାର୍‌ମ୍ୟାନ୍ ଡ. ସମୀର ଭି କାମତ ଏହି ପ୍ରଦର୍ଶନରେ ଜଡ଼ିତ ସମସ୍ତ ସଂସ୍ଥାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

## ସରକାର ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାକୁ ବିଜେଡିର କଟାକ୍ଷ

# ପ୍ରଥମେ କନ୍ୟାଙ୍କୁ ସୁରକ୍ଷାର ଗ୍ୟାରେଣ୍ଟି ଦିଅନ୍ତୁ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୩।୨(ସମିସ): ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଗଞ୍ଜାମ ଜିଲ୍ଲାରେ ‘ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା’ ଶୁଭାରମ୍ଭ କରୁଥିବାବେଳେ ପଡ଼ୋଶୀ କନ୍ଧମାଳ ଜିଲ୍ଲାରେ ନାବାଳିକାଙ୍କୁ ଜଙ୍ଗଲ ଭିତରକୁ ଟେକି ନେଇ ଦୁଷ୍କର୍ମ ଉଦ୍ୟମ କରିଛନ୍ତି, ବଲାଙ୍ଗୀରରେ ଜଣେ ନାବାଳିକା ଛାତ୍ରୀକୁ ଗଣ ଦୁଷ୍କର୍ମ କରାଯାଇଛି। ଓଡ଼ିଶାରେ ଅସୁରକ୍ଷିତ କନ୍ୟାଙ୍କୁ ପ୍ରଥମେ ସରକାର ସୁରକ୍ଷାର ଗ୍ୟାରେଣ୍ଟି ଦିଅନ୍ତୁ, ଏହାପରେ କନ୍ୟା ବିବାହ ଯୋଜନା ଆରମ୍ଭ କରନ୍ତୁ ବୋଲି ସରକାରଙ୍କୁ କଟାକ୍ଷ କରିଛି ବିଜେଡି।

ବିଜେଡି ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି ଯେ ଡବଲ ଇଞ୍ଜିନ ସରକାରରେ ଗତ ୧୮ ମାସରେ ରାଜ୍ୟରେ ନାରୀ ନିର୍ଯାତନା ଶୀର୍ଷରେ ରହିଛି। ୧୫ ମାସରେ ଓଡ଼ିଶାରେ ୩୭,୬୧୧ ମହିଳା ବିରୋଧୀ ଅପରାଧ ମାମଲା ମାମଲା ରୁଜ ହୋଇଥିବା ନିଜେ ମୁଖ୍ୟମନ୍ତ୍ରୀ ବିଧାନସଭାରେ ସ୍ୱୀକାର କରିଛନ୍ତି। ଡବଲ ଇଞ୍ଜିନ ସରକାରରେ ୪୦୦୦ରୁ ଅଧିକ ଦୁଷ୍କର୍ମ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରୁ ଆରମ୍ଭ କରି ଆଦିବାସୀ ଅଧ୍ୟୁଷିତ ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀରେ ଆବାସ ସ୍କୁଲରେ ନାବାଳିକା ଗର୍ଭବତୀ ହେଉଛନ୍ତି। କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଅଞ୍ଚଳରେ ଶୌଚ ହେବାକୁ ଯାଇଥିବା ବେଳେ ନାବାଳିକାଙ୍କୁ ଜଙ୍ଗଲ ଭିତରକୁ ଟେକି ନେଇ ଦୁର୍ବୃତ୍ତମାନେ ଦୁଷ୍କର୍ମ ଉଦ୍ୟମ କରିଛନ୍ତି। ଦୁର୍ବୃତ୍ତମାନଙ୍କ କବଳରୁ ନିଜକୁ ବଞ୍ଚାଇବାକୁ

- ୧୫ ମାସରେ ୩୭,୬୧୧ ମହିଳା ବିରୋଧୀ ଅପରାଧ
- ନାରୀ ନିର୍ଯାତନାରେ ଓଡ଼ିଶା ଶୀର୍ଷରେ, ୪୦୦୦ ଦୁଷ୍କର୍ମ

ନାବାଳିକା ଚେଷ୍ଟା କଲା ବେଳେ ତାଙ୍କ ପୋଷାକ ଚିରି ଭିଡିଓ ଭାଇରାଲ କରିବାକୁ ଧମକ ଦେବା ସହ ହାତଗୋଡ଼ ବାନ୍ଧି ଜଙ୍ଗଲରେ ଛାଡ଼ି ଚାଲିଯାଇଥିଲେ ୨ ଜଣ ଦୁର୍ବୃତ୍ତ। ସେହିପରି ବଲାଙ୍ଗୀରରେ ଜଣେ ନାବାଳିକା ଛାତ୍ରୀକୁ ୫ ଜଣ ଗଣ ଦୁଷ୍କର୍ମ କରିଛନ୍ତି। ଛାତ୍ରୀ ଓ ନାରୀମାନଙ୍କୁ ପର୍ଯ୍ୟାପ୍ତ ସୁରକ୍ଷା ଯୋଗାଇ ଦେବା ସହ ଓଡ଼ିଶାରେ ଅହେତୁକ ବୃଦ୍ଧି ପାଉଥିବା ଛାତ୍ରୀ ଓ ନାରୀ ନିର୍ଯାତନା ଓ ଅପରାଧୀମାନଙ୍କ ବିରୋଧରେ ପୁଲିସ ତ୍ୱରିତ କାର୍ଯ୍ୟାନୁଷ୍ଠାନର ଆବଶ୍ୟକ ଅଛି। ନାରୀଙ୍କୁ ସୁରକ୍ଷା ଓ ନ୍ୟାୟ ଦାବିରେ ବିଜେଡି ସବୁବେଳେ ରାଜରାସ୍ତାକୁ ଓହ୍ଲାଇଛି। ବିଜେଡି ସବୁବେଳେ ଘଟଣାର ନିରପେକ୍ଷ ଓ ତ୍ୱରିତ ତଦନ୍ତ କରାଯାଇ ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ ଓ ଶିକ୍ଷାନୁଷ୍ଠାନ ମାନଙ୍କରେ ଛାତ୍ରୀମାନଙ୍କ ପାଇଁ ସୁରକ୍ଷା ବୃଦ୍ଧି କରିବାକୁ ଦୃଢ଼ ପଦକ୍ଷେପ ପାଇଁ ଦାବି କରିଛି। ମିଶନଶକ୍ତିରେ ୭୦ ଲକ୍ଷ ମହିଳାଙ୍କୁ ସାମିଲ କରି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହିଳାମାନଙ୍କୁ ସଶକ୍ତ କରିଥିଲେ। ହେଲେ ଆଜି ଓଡ଼ିଶାରେ ମହିଳା ମାନେ ଅସୁରକ୍ଷିତ। ନ୍ୟାୟ ନପାଇ ମହିଳାମାନେ ଆତ୍ମାହୁତି କରିବାକୁ ପଛାଉ ନାହାନ୍ତି। ମହିଳାମାନେ ଏ ରାଜ୍ୟରେ ଆଜି ଭୟରେ ଅଛନ୍ତି। ସରକାର ପ୍ରଥମେ ଲୋକଙ୍କ ମନରେ ବିଶ୍ୱାସ ଫେରାନ୍ତୁ, ସେମାନଙ୍କୁ ସୁରକ୍ଷିତ ରଖନ୍ତୁ; ଏହାପରେ ଯୋଜନା କରିବେ ବୋଲି ବିଜେଡି କହିଛି।

## ରାଜ୍ୟସଭାରେ ଦେବାଶିଷଙ୍କ ଦାବି

# କଟକ ଜିଲ୍ଲାପାଳଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ନୋଟିସ୍ ହେଉ

କଟକ, ୩।୨ (ସମିସ): ଗତ ନେତାଜୀ ଜୟନ୍ତୀ ଅବସରରେ କଟକସ୍ଥିତ ନେତାଜୀଙ୍କ ଜନ୍ମସ୍ଥାନ ସଂଗ୍ରହାଳୟକୁ ଉପ-ରାଷ୍ଟ୍ରପତି ସି.ପି ରାଧାକ୍ରିଷ୍ଣନଙ୍କ ଗସ୍ତ କାର୍ଯ୍ୟକ୍ରମରେ ଉପେକ୍ଷା କରାଯାଇଥିବା ପ୍ରସଙ୍ଗକୁ ରାଜ୍ୟସଭାରେ ଉତ୍‌ଥାପନ କରିଛନ୍ତି ସାଂସଦ ଦେବାଶିଷ ସାମନ୍ତରାୟ। ରାଜ୍ୟସଭା ସାଂସଦ ଭାବେ ତାଙ୍କର ନୋଡାଲ ଜିଲ୍ଲା କଟକ। ଅଥଚ କଟକ ସହରରେ ଉପ-ରାଷ୍ଟ୍ରପତି ତଥା ରାଜ୍ୟସଭାର ଅଧ୍ୟକ୍ଷଙ୍କ କାର୍ଯ୍ୟକ୍ରମରେ ଏହି କାର୍ଯ୍ୟକ୍ରମକୁ କଟକ ଜିଲ୍ଲାପାଳ ତାଙ୍କୁ ନିମନ୍ତ୍ରଣ ନ କରିବା ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି ଶ୍ରୀ ସାମନ୍ତରାୟ। ଏପରିକି, ଉପ-ରାଷ୍ଟ୍ରପତିଙ୍କ ଦ୍ୱାରା ଯେଉଁ କୋଠାର ଉଦଘାଟନୀ କରାଯାଇଥିଲା, ତାହାର ଉଦ୍‌ଘାଟନୀ ଫଳକରେ ମଧ୍ୟ ତାଙ୍କର ନାମ ରଖି ନଥିଲେ ଜିଲ୍ଲାପାଳ। ଏହା କେବଳ ତାଙ୍କ ପ୍ରତି ନୁହେଁ, ବରଂ ରାଜ୍ୟସଭା ଗୃହକୁ ଅସମ୍ମାନ ବୋଲି ସେ କହିଥିଲେ। ଏଠାରେ ଆୟୋଜିତ ସମସ୍ତ କାର୍ଯ୍ୟକ୍ରମର ପୁରୋଧା କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ହୋଇଥିବା ବେଳେ ତାଙ୍କ ବିରୋଧରେ ଗୃହର ସ୍ୱାଧିକାରକୁ ଅସମ୍ମାନ ପାଇଁ ନୋଟିସ୍ ଜାରି କରାଯାଉ ବୋଲି ରାଜ୍ୟସଭା ଅଧ୍ୟକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ଶ୍ରୀ ସାମନ୍ତରାୟ।

**ନେତାଜୀ ଜୟନ୍ତୀ କାର୍ଯ୍ୟକ୍ରମରେ ଉପେକ୍ଷା ପ୍ରସଙ୍ଗ**

## ଚାନ୍ଦବାଲିରେ ପୁଣି କଙ୍ଗାରୁକୋର୍ଟ

# ବାଂଲାଦେଶୀ ସନ୍ଦେହରେ ନାବାଳକକୁ ନିସ୍ତୁକ ମାଡ଼

ଭଦ୍ରକ, ୩।୨ (ସମିସ):ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ୍ ବାଂଶଡ଼ା ଥାନା ଅଞ୍ଚଳରେ ପୁଣି କଙ୍ଗାରୁକୋର୍ଟ ଭଳି ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ବାଂଲାଦେଶୀ ସନ୍ଦେହରେ ଜଣେ ମାନସିକ ବିକାରଗ୍ରସ୍ତ ନାବାଳକକୁ ଗାଁ ଦାଣ୍ଡରେ ନିସ୍ତୁକ ମାଡ଼ ମରାଯାଇଛି। ଏହାର ଏକ ଭିଡିଓ ଭାଇରାଲ ହେବା ପରେ ଜିଲ୍ଲାବ୍ୟାପୀ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି।

ସୂଚନା ମୁତାବକ, ଚାନ୍ଦବାଲି ବ୍ଲକ୍ ଅନ୍ତର୍ଗତ ଭୂଇଁବୃତ୍ତି ପଞ୍ଚାୟତର ଅମୂଲ୍ୟ ସେଠୀଙ୍କ ନାବାଳକ ପୁଅ ସାର୍ଥକ ଜଣେ ମାନସିକ ବିକାରଗ୍ରସ୍ତ। ୨ ଦିନ ତଳେ ସେ କୁଆଡ଼େ ନିଖୋଜ ହୋଇଯାଇଥିଲେ। ବାଟ ଭୁଲି ମଉସୁଧା ପଞ୍ଚାୟତ ହରିପୁର ଗାଁକୁ ଚାଲିଯାଇଥିଲା। ରାତିରେ ସେ ଗାଁ ଦାଣ୍ଡରେ ବୁଲୁଥିବା ଦେଖି କିଛି ଗ୍ରାମବାସୀଙ୍କ ସନ୍ଦେହ ହୋଇଥିଲା। ସେମାନେ ତାକୁ ବାଂଲାଦେଶୀ ସନ୍ଦେହରେ ଗାଁ ଦାଣ୍ଡରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ନିସ୍ତୁକ ମାଡ଼ ମାରିବା ସହ ପୁଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୁଲିସ ପହଞ୍ଚି ନାବାଳକକୁ ଉଦ୍ଧାର କରି ଅନ୍ୟତ୍ର



ଛାଡ଼ି ଦେଇଥିଲା। ଗୁରୁତର ନାବାଳକକୁ ଚିକିତ୍ସା କରାଇବା ପରିବର୍ତ୍ତେ ଅନ୍ୟତ୍ର ଛାଡ଼ିଦେବା ଏବଂ ଆକ୍ରମଣକାରୀଙ୍କ ନାମରେ

- ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ନିସ୍ତୁକ ପିଟିଲେ
- ପୁଲିସର ଭୂମିକା ଉପରେ ପ୍ରଶ୍ନବାଚୀ

ମାମଲା ରୁଜୁ ନ କରିବା ଘଟଣାକୁ ଅଞ୍ଚଳବାସୀ ହଜମ କରିପାରୁନାହାନ୍ତି। ପୁଲିସର କାର୍ଯ୍ୟଦକ୍ଷତା ଓ ଭୂମିକା ଉପରେ ସେମାନେ ସନ୍ଦେହ ପ୍ରକଟ କରିଛନ୍ତି। ତେବେ ଚାପ ପଡ଼ିବାରୁ ବାଂଶଡ଼ା ପୁଲିସ କୁଣି ଉକ୍ତ ନାବାଳକକୁ ଖୋଜିଥିଲା। ତିହିଡ଼ି ବ୍ଲକ୍ ପୀରହାଟ ଅଞ୍ଚଳରୁ ଉକ୍ତ ନାବାଳକକୁ ଉଦ୍ଧାର କରି ପ୍ରଥମେ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଇଥିଲା। ଅବସ୍ଥା ଗୁରୁତର ହେବାରୁ ତାକୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାରେ ଚାନ୍ଦବାଲି ଏସ୍‌ଡିପିଓ ପ୍ରଭାସ ସାହୁଙ୍କ ହସ୍ତକ୍ଷେପ କରିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ମାତ୍ର ରିପୋର୍ଟ ଲେଖା ହେବା ବେଳକୁ ଏହି ଘଟଣାରେ କାହାରିକୁ ଗିରଫ କରାଯାଇନାହିଁ।

# ବିପଦରେ ଏସିଆର ସବୁଠାରୁ ବଡ଼ ଶାଳ ଜଙ୍ଗଲ

ବାରିପଦା, ୩।୨ (ସମିସ): ମୟୂରଭଞ୍ଜ ଜିଲ୍ଲା, ଶିମିଳିପାଳ ବ୍ୟାଘ୍ରସଂରକ୍ଷଣ ପ୍ରକଳ୍ପ ଓ ତତ୍‌ସଂଲଗ୍ନ ଅଞ୍ଚଳରେ ଥିବା ଏସିଆର ସବୁଠାରୁ ବଡ଼ ଶାଳ ଜଙ୍ଗଲ ଏବେ ଭୟଙ୍କର ବିପଦର ସମ୍ମୁଖୀନ ହେଉଛି। ମାନବୀୟ ହସ୍ତକ୍ଷେପ ଯୋଗୁଁ ଏହି ଅମୂଲ୍ୟ ଜୈବ-ବିବିଧତା କ୍ଷେତ୍ର ଧ୍ୱଂସ ଆଡ଼କୁ ଗତି କରୁଛି। ବାରିପଦାରେ ସ୍ୱେଚ୍ଛାସେବୀ ହେମନ୍ତ ଦାଶଙ୍କ ଆୟୋଜିତ ଏକ ଆଞ୍ଚଳିକ ବନ କର୍ମଶାଳାରେ ଏହି ଚିନ୍ତାଜନକ ଚିତ୍ର ଉପସ୍ଥାପିତ ହୋଇଛି।

ଜିଲ୍ଲାର ଚନ୍ଦୁଆ, ବୁଢ଼ିଖମାରୀ, ଟୋଙ୍ଗାଶୋଳ, ସୁନାପୋଷି, ରଙ୍ଗିବେଡ଼ା, ଗୋଦରଗଡ଼ି, ସରଗଛିଆ, କଖିରୁଶୋଳ, ଦୁଧିଆଶୋଳ ଓ ବୈଦପୁର ଆଦି ଅଞ୍ଚଳରେ ଶାଳ ଜଙ୍ଗଲ ପ୍ରାୟ ଉଜୁଡ଼ି ଗଲାଣି। ବୈଜ୍ଞାନିକମାନେ ଅନ୍ୟ କୌଣସି ସ୍ଥାନରେ ପୁଣିଥରେ ଉତ୍ପାଦନ କରିପାରି ନଥିବା ପ୍ରାକୃତିକ ଶାଳ ଚାରା ଏଠାରେ ମିଳୁଥିଲା। ଅସନ ଗଛ ନିକଟରେ ଶାଳ ଗଛ ଅଧିକ



ଘନ ହୋଇ ବଢୁଥିବା ବେଳେ ଅସନର ଅଭାବ ଶାଳ ଜଙ୍ଗଲର ଅବକ୍ଷୟକୁ ତ୍ୱରାନ୍ୱିତ କରୁଛି।

ବ୍ରିଟିଶ ଯୁଗରେ ଶୋଷଣ ଆରମ୍ଭ ହୋଇଥିବା ବେଳେ ୧୯୨୬ରେ ମୟୂରଭଞ୍ଜ ମହାରାଜା ବଙ୍ଗ-ନାଗପୁର ରେଳପଥ (ବିଏନଆର)କୁ ତାଳବନ୍ଧରୁ ବାଙ୍ଗିରିପୋଷି ପର୍ଯ୍ୟନ୍ତ ରେଳଲାଇନ୍ ନିର୍ମାଣକୁ ଅନୁମତି ଦେଇଥିଲେ। ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା, ଶାଳକାଠକୁ ରେଳ ସ୍ଲିପର୍ ପାଇଁ ବାହାର କରିବା। ଅବସରପ୍ରାପ୍ତ ବନକର୍ମୀ ପ୍ରବୀର ଦାଶଙ୍କ ମତରେ, ସେତେବେଳେ ଜଙ୍ଗଲ ଘନ ଓ ପ୍ରଚୁର ଥିଲା। ସ୍ୱାଧୀନତା ପରେ ଓଡ଼ିଶା ଫରେଷ୍ଟ ଡେଭଲପମେଣ୍ଟ କର୍ପୋରେସନ୍ (ଓଏଫଡିସି) ଓ କାଠ ମାଫିଆଙ୍କ ଅବାଧ ଚଳପ୍ରଚଳ ଏହାକୁ ଆହୁରି ଖରାପ କରିଛି। ଏଥିଯୋଗୁଁ ଆର୍ଥିକ କ୍ଷତି ହେବା ସହ ଜୈବ-ବିବିଧତା ଉପରେ ପ୍ରଭାବ ପକାଇଛି।

ଶାଳ ଆଦିବାସୀ ସମ୍ପ୍ରଦାୟର ଜୀବିକାର ମୁଖ୍ୟ ଆଧାର। ସବାଇ ଘାସ ପରେ ଶାଳପତ୍ରରୁ ତିଆରି ପ୍ଲେଟ୍ ରାଷ୍ଟ୍ରୀୟ ବଜାରରେ ବହୁ ଚାହିଦା ରହିଛି। ୧୯୮୦ ଦଶକରେ ଓଏଫ୍‌ଡିସିର ଶାଳ ଉତ୍ପାଦନରୁ ବାର୍ଷିକ ୫ କୋଟି ଟଙ୍କା ଆୟ ହେଉଥିବାବେଳେ ବର୍ତ୍ତମାନ ତାହା ମାତ୍ର ୪୫ ଲକ୍ଷ ଟଙ୍କାକୁ ଖସିଛି। ସେହିପରି ଜଙ୍ଗଲ କ୍ଷୟ ଯୋଗୁଁ ବାଘ, ହାତୀ ଓ ଅନ୍ୟ ବନ୍ୟଜନ୍ତୁମାନେ ଆବାସ ହରାଇବାରେ ଲାଗିଛନ୍ତି। ଏହି କର୍ମଶାଳାରେ ଶାଳ ସଂରକ୍ଷଣ ପାଇଁ କଡ଼ା ନିୟମ, ଅସନ-ଶାଳ ମିଶ୍ର ବୃକ୍ଷରୋପଣ ଓ ସ୍ଥାନୀୟ ସମ୍ପ୍ରଦାୟର ଭାଗୀଦାରି ଉପରେ ଗୁରୁତ୍ୱ ଦିଆଯାଇଛି। ଏହି ଅଞ୍ଚଳର ଜୈବିକ ଐତିହ୍ୟକୁ ବଞ୍ଚାଇବା ପାଇଁ ସରକାର ଓ ସମାଜ ମିଳିତ ପଦକ୍ଷେପ ନେବା ଜରୁରି ବୋଲି ମତ ପ୍ରକାଶ ପାଇଛି।

## ୨୪ ବର୍ଷର ନ୍ୟାୟିକ ଲଢ଼େଇ ପରେ ହାଇକୋର୍ଟରୁ ମିଳିଲା ନ୍ୟାୟ

# ନିଯୁକ୍ତି ଆଶାୟୀଙ୍କୁ ୫ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ନିର୍ଦ୍ଦେଶ

କଟକ, ୩।୨ (ସମିସ): ଦୀର୍ଘ ୨୪ବର୍ଷର ନ୍ୟାୟିକ ଲଢ଼େଇ ପରେ ଶେଷରେ ଜଣେ ନିଯୁକ୍ତି ଆଶାୟୀଙ୍କୁ ହାଇକୋର୍ଟରୁ ନ୍ୟାୟ ମିଳିଛି। ଆବେଦନକାରୀଙ୍କୁ ନିଯୁକ୍ତି ଦେବାରେ ବିଫଳ ହୋଇଥିବା ସମ୍ବଲପୁର ଜିଲ୍ଲା ପ୍ରଶାସନକୁ କଡ଼ା ସମାଲୋଚନା କରିବା ସହ ୫ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସୁଧାଂଶୁ ନନ୍ଦଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ୍ ଦୀକ୍ଷିତକ୍ରିଷ୍ଣା ଶ୍ରୀପଦ ଏବଂ ଜଷ୍ଟିସ୍ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆବେଦନକାରୀଙ୍କୁ ୬ସପ୍ତାହ ମଧ୍ୟରେ ଜିଲ୍ଲାପାଳ ୫ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ପ୍ରଦାନ କରିବେ। ଯଦି ଧାର୍ଯ୍ୟ ସମୟ ମଧ୍ୟରେ ଅର୍ଥ ପ୍ରଦାନ କରାନଯାଏ, ତେବେ ପ୍ରତିଦିନ ପାଇଁ ୫୦୦ ଟଙ୍କା ଅତିରିକ୍ତ ଜରିମାନା ଦେବାକୁ ପଡ଼ିବ। ଏହି ଅତିରିକ୍ତ ଜରିମାନା ଅର୍ଥ ଦୋଷୀ କର୍ମଚାରୀଙ୍କ ଦରମାରୁ ବ୍ୟକ୍ତିଗତ ଭାବେ ଆଦାୟ କରାଯାଇପାରିବ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି।

ମାମଲାରୁ ପ୍ରକାଶ ଯେ ୧୯୯୯ମସିହାରେ ସୁଧାଂଶୁ ନନ୍ଦ ଡ୍ରାଇଭର୍ ପଦବୀ ପାଇଁ ସାକ୍ଷାତକାର ଦେଇ ଚୟନ ତାଲିକାର ୩ୟ ସ୍ଥାନରେ ଥିଲେ। ତାଙ୍କୁ ନିଯୁକ୍ତିପତ୍ର ମଧ୍ୟ ଜାରି କରାଯାଇଥିଲା। କିନ୍ତୁ କୌଣସି ପୋଷ୍ଟିଂ ଦିଆଯାଇନଥିଲା। ଏହା ବିରୋଧରେ ସେ ୨୦୦୨ରେ ରାଜ୍ୟ ପ୍ରଶାସନିକ ଟ୍ରିବ୍ୟୁନାଲର ଦ୍ୱାରସ୍ଥ ହୋଇଥିଲେ। ସେଠାରେ ତାଙ୍କ ସପକ୍ଷରେ ରାୟ ଆସିଥିଲା। ଏହି ନିର୍ଦ୍ଦେଶ ପାଳନ ନହେବାରୁ ସେ ୨୦୦୩ରେ ଅଦାଲତ ଅବମାନନା ମାମଲା ଦାୟର କରିଥିଲେ। ହେଲେ ଟ୍ରିବ୍ୟୁନାଲ ଏହି ମାମଲାକୁ ୧୫ ବର୍ଷ ଧରି ଚଳାଇବା ପରେ ୨୦୧୭ରେ ଏହାକୁ ଖାରଜ କରିଦେଇଥିଲେ। ପରେ ସେ ଏହା ବିରୋଧରେ ହାଇକୋର୍ଟରେ ମାମଲା ରୁଜୁ କରିଥିଲେ। ଏକ ଅଦାଲତ ଅବମାନନା ମାମଲାକୁ ସମାଧାନ କରିବା ପାଇଁ ୧୫ ବର୍ଷ ସମୟ ଲାଗିବା ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ବିଷୟ। ଏହି ସମୟ ମଧ୍ୟରେ ଆବେଦନକାରୀ ନୂତନ ନିଯୁକ୍ତି ପାଇଁ ବୟସସୀମା ଅତିକ୍ରମ କରିସାରିଛନ୍ତି। ଯେହେତୁ ୨୦୧୫ରୁ ଗାଡ଼ିଗୁଡ଼ିକ ଆଉଟ୍‌ସୋର୍ସିଂରେ ଚାଲୁଛି ଏବଂ ନିଯୁକ୍ତି ଦେବା ସମ୍ଭବ ହେଉ ନଥିବାରୁ ହାଇକୋର୍ଟ କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେଇ ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି।

# ବ୍ରାହ୍ମଣଦା ଅଙ୍ଗନବାଡ଼ି କେନ୍ଦ୍ରରେ ଅବ୍ୟବସ୍ଥା

ଆନନ୍ଦପୁର, ୩।୨ (ସମିସ): ଘସିପୁରା ବ୍ଲକ ଶାଳଦେଇ ପଞ୍ଚାୟତ ବ୍ରାହ୍ମଣଦା ଅଙ୍ଗନବାଡ଼ି କେନ୍ଦ୍ରରେ ଦୀର୍ଘ ୬ ମାସ ହେବ ବ୍ୟାପକ ଅନିୟମିତତା ଦେଖାଦେଇଛି। ଏହି କେନ୍ଦ୍ରରେ ଗର୍ଭବତୀ ଓ ପ୍ରସୂତି ମହିଳାମାନଙ୍କୁ ଅଣ୍ଡା ଦିଆଯାଉନାହିଁ। ସେହିପରି କିଶୋରୀ



ବାଳିକାମାନଙ୍କୁ ମୁଢ଼ି ଓ ସୋଲା ବଣ୍ଟନ କରାଯାଉନାହିଁ। ଏହି ସମସ୍ୟା ବାବଦରେ ଆଇସିଡିଏସ କାର୍ଯ୍ୟାଳୟରେ ବାରମ୍ବାର ଅଭିଯୋଗ କରାଯିବା ସହ ସୁପରଭାଇଜରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କକରାଯାଉ ନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ସୁପରଭାଇଜର ଅଙ୍ଗନବାଡ଼ି କର୍ମୀଙ୍କୁ ବାରମ୍ବାର ତାଗିଦ କରିବା ସତ୍ତ୍ୱେ କର୍ମୀ କୌଣସି କଥା ମାନୁ ନଥିବା ପ୍ରକାଶ କରିଛନ୍ତି। ସମ୍ପୃକ୍ତ ଅଙ୍ଗନବାଡ଼ି କର୍ମୀ ଗ୍ରାମବାସୀଙ୍କ କଥା ଶୁଣୁନାହାନ୍ତି କିମ୍ବା କୌଣସି ଅଧିକାରୀଙ୍କ ନିର୍ଦ୍ଦେଶକୁ ମଧ୍ୟ ଖାତିର କରୁ ନଥିବା ଚିନ୍ତାର କାରଣ ହୋଇଛି। ଅଙ୍ଗନବାଡ଼ି କେନ୍ଦ୍ରରେ ବିଦ୍ୟୁତ ସଂଯୋଗର ସୁବିଧା ଥିଲେ ମଧ୍ୟ ସେ ଆଇସିଡିଏସ ସହ ଯୋଗାଯୋଗ କରି ଏହାର କାର୍ଯ୍ୟକାରୀ କରୁ ନଥିବାରୁ କୁନି କୁନି ଶିଶୁମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

# ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାନୁଷ୍ଠାନର ବାର୍ଷିକ ଉତ୍ସବ

ତେଲକୋଇ, ୩।୨(ସମିସ): ତେଲକୋଇ ବ୍ଲକ ମୁଖ୍ୟାଳୟସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାନୁଷ୍ଠାନ ବାର୍ଷିକ ସାଂସ୍କୃତିକ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ରୂପେ ପୂର୍ବତନ



ଶିକ୍ଷମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ, ସମ୍ମାନିତ ଅତିଥି ରୂପେ ଚମ୍ପୁଆର ପୂର୍ବତନ ବିଧାୟକ ଧନୁର୍ଜୟ ସିଦ୍ଧୁ, ସ୍ୱତନ୍ତ୍ର ଅତିଥି ଶିକ୍ଷାବିତ ଗୌରଚନ୍ଦ୍ର ପ୍ରଧାନ, ଶିକ୍ଷାବିତ୍ ନିରୋଜ ମହାନ୍ତି, ଶିକ୍ଷାବିତ୍ ନୀଳମଣି ସାମଲ, ଶତାବୀର ସଭାପତି ସଂଗ୍ରାମ ଦାସ, ବିଶିଷ୍ଟ ଆଇନଜୀବୀ ଦିବ୍ୟସୁନ୍ଦର ପ୍ରଧାନ ଯୋଗ ଦେଇଥିଲା ବେଳେ ସଭାପତିତ୍ୱ କରିଥିଲେ ଅନୁଷ୍ଠାନର ସଭାପତି ନାରାୟଣ ପ୍ରଧାନ। ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ ସମ୍ପାଦକ ଦୁର୍ଗାପ୍ରସାଦ ପଟ୍ଟନାୟକ ଓ ବିବରଣୀ ଉପସ୍ଥାପନ କରିଥିଲେ ଅନୁଷ୍ଠାନର ଅଧକ୍ଷ ବନ୍ଦିତା ମହାନ୍ତି। ପିଲାମାନଙ୍କ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ବିଭିନ୍ନ ଡ୍ରିଲ୍ ଓ ଯୁଡୋ କରାଟେ ପ୍ରଦର୍ଶନ କରାଯାଇଥିଲା।

# ଯୋଡ଼ା ପୁଲିସର ବ୍ୟାଙ୍କ ସୁରକ୍ଷା ଯାଞ୍ଚ



ଯୋଡ଼ା, ୩।୨(ସମିସ): ବଡ଼ବିଲ ବ୍ୟାଙ୍କ ଡକାୟତି ଘଟଣା ସହ ଜିଲ୍ଲାରେ ବିଭିନ୍ନ ସହରଗୁଡ଼ିକରେ ଡକାୟତି ଘଟଣା ନେଇ ଯୋଡ଼ା ପୁଲିସ ଆଗୁଆ ପଦକ୍ଷେପ ନେଉଛି। ବ୍ୟବସାୟିକ ଅନୁଷ୍ଠାନ ଓ ସହରରେ ଥିବା ବିଭିନ୍ନ ସରକାରୀ ବେସରକାରୀ ବ୍ୟାଙ୍କଗୁଡ଼ିକରେ କଡ଼ା ସୁରକ୍ଷା ପାଇଁ ଯୋଡ଼ା ପୁଲିସ ପକ୍ଷରୁ ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଛି। ଯୋଡା ଥାନାଧିକାରୀ ପ୍ରଶାନ୍ତ କୁମାର ସାମଲ ସୂଚନା ଦେଇଛନ୍ତି ଯେ ବ୍ୟାଙ୍କଗୁଡିକରେ ଘରୋଇ ସୁରକ୍ଷା କର୍ମୀ ନିୟୋଜନ, ସି ସି କ୍ୟାମେରା, ବ୍ୟାଙ୍କ୍ ସାଇରନ, ଶୃଙ୍ଖଳିତ ଭାବେ ବ୍ୟାଙ୍କ୍ ଦେଣନେଣ କାର୍ଯ୍ୟ, ବ୍ୟାଙ୍କରେ ପ୍ରବେଶ, ମଧ୍ୟାହ୍ନ ଭୋଜନ ଓ ଛୁଟି ସମୟରେ ସାବଧାନ ଅବଲମ୍ବନ ଉପରେ ପୁଲିସ ନିର୍ଦ୍ଦେଶାବାଳୀ ଜାରି କରିବ। ବ୍ୟବସାୟିକ ସଂସ୍ଥା ଅଧିକ ଟଙ୍କା ଉଠାଇବା ସମୟରେ ପୁଲିସକୁ ସୂଚନା ପ୍ରଦାନ କରିବା ସହ ଅନ୍ୟାନ୍ୟ ସୁରକ୍ଷା ବ୍ୟବସ୍ଥା ବ୍ୟାଙ୍କ୍ ପରିସରରେ କରାଯାଉଛି କି ନାହିଁ, ପୁଲିସ ପକ୍ଷରୁ ସେନେଇ ଯାଞ୍ଚ କରାଯାଇଛି। ଏହି ପ୍ରକ୍ରିୟାରେ ଯୋଡ଼ା ପୁଲିସ ସହରରେ ଥିବା ପ୍ରାୟ ୧୨ରୁ ଅଧିକ ସରକାରୀ ବେସରକାରୀ ବ୍ୟାଙ୍କର ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଥିବା ଜଣାପଡ଼ିଛି।

# ଜାତୀୟ ସ୍ତରର ତୀରନ୍ଦାଜ ସୃଷ୍ଟି କରୁଛି ଟାଟା ଆର୍ଚେରୀ ସେଣ୍ଟର



**➤ ୨୨ ମାସରେ ୧୪ ଜଣ ଜାତୀୟ ସ୍ତରର ଖେଳାଳି ସୃଷ୍ଟି ହୋଇଛନ୍ତି**
**➤ ସୁନୀତା ନାୟକ, ସାବିତ୍ରୀ ପାତ୍ର ଜାତୀୟସ୍ତରରେ ପଦକ ଜିତିଛନ୍ତି**

କେନ୍ଦୁଝର, ୩।୨(ସମିସ): କେନ୍ଦୁଝର ଜିଲ୍ଲା ଶଙ୍କରପୁରସ୍ଥିତ ଓଡ଼ିଶା ଟାଟା ଆର୍ଚେରୀ ହାଇ ପରଫରମାନ୍ସ ସେଣ୍ଟର (ଓଟିଏପିଏଚସି) ଏବେ ଦେଶର ଭବିଷ୍ୟତର ଧନୁର୍ଦ୍ଧରମାନଙ୍କ କ୍ରୀଡ଼ାଭୂମି ସାଜିଛି। ଓଡ଼ିଶା ସରକାର ଏବଂ ଟାଟା ଷ୍ଟିଲର ମିଳିତ ପ୍ରଚେଷ୍ଟାରେ ଏହି ସେଣ୍ଟରରୁ ମାତ୍ର ୨୨ ମାସରେ ୧୪ ଜଣ ଜାତୀୟସ୍ତରର ଖେଳାଳି ସୃଷ୍ଟି ହୋଇପାରିଛନ୍ତି। ବିଶ୍ୱସ୍ତରୀୟ ଭିତ୍ତିଭୂମି ଓ ଆଧୁନିକ ପ୍ରଶିକ୍ଷଣ ମାଧ୍ୟମରେ ଏହି କେନ୍ଦ୍ର ବିଶେଷ କରି ରାଜ୍ୟର ଜନଜାତି ଓ ଗ୍ରାମାଞ୍ଚଳର ପ୍ରତିଭାମାନଙ୍କୁ ଆନ୍ତର୍ଜାତୀୟ ସ୍ତରର ପ୍ରତିଯୋଗୀତା ପାଇଁ ପ୍ରସ୍ତୁତ କରୁଛି। ୨୦୨୪ରେ ଆରମ୍ଭ ହୋଇଥିବା ଏହି କେନ୍ଦ୍ରରେ ପ୍ରାରମ୍ଭିକ ପର୍ଯ୍ୟାୟରେ ୨୪ ଜଣ କ୍ୟାଡେଟ (୧୨ ଜଣ ବାଳକ ଓ ୧୨ ଜଣ ବାଳିକା) ପ୍ରଶିକ୍ଷଣ ଆରମ୍ଭ କରିଥିଲେ। ଜାତୀୟସ୍ତରରେ ପରିଚୟ ସୃଷ୍ଟି କରିପାରିଥିବା ମାଲକାନଗିରି ଜିଲ୍ଲାର ନକ୍ସଲ ପ୍ରଭାବିତ ଦୁର୍ଗମ ଗ୍ରାମରେ ଜନ୍ମିତ ଚାଷୀଙ୍କ ପୁଅ ଅର୍ଜୁନ ଖରାଙ୍କ ପାଇଁ ଏହି ଯାତ୍ରା ଆଦୌ ସହଜ ନଥିଲା। ଆଜି ସେ ସିନିୟର ନ୍ୟାସନାଲ ଆର୍ଚେରୀ ଚାମ୍ପିଅନସିପ୍, ନ୍ୟାସନାଲ ଗେମ୍ସ ଏବଂ ଏନ୍‌ଟିପିସି ନ୍ୟାସନାଲ ର୍‌ୟାଙ୍କିଙ୍ଗ୍ ଟୁର୍ଣ୍ଣାମେଣ୍ଟ ଭଳି ବଡ଼ ପ୍ରତିଯୋଗିତାରେ ଓଡ଼ିଶାର ପ୍ରତିନିଧିତ୍ୱ କରୁଛନ୍ତି। ତାଙ୍କର ଏକମାତ୍ର ଲକ୍ଷ୍ୟ ହେଉଛି ଆନ୍ତର୍ଜାତୀୟସ୍ତରରେ ଭାରତ ପାଇଁ ପ୍ରତିନିଧିତ୍ୱ କରିବା।

ଅର୍ଜୁନ କହନ୍ତି, “ଜନଜାତି ପରିବାରରୁ ହୋଇଥିବାରୁ ଧନୁର୍ବିଦ୍ୟା ପ୍ରତି ମୋର ପିଲାଦିନୁ ଆଗ୍ରହ ଥିଲା। ଓଡିଶା ଟାଟା ଆର୍‌ଚେରୀ ହାଇ ପରଫରମାନ୍ସ ସେଣ୍ଟରରେ ମିଳୁଥିବା ସୁବିଧା ମୋତେ ଧନୁର୍ବିଦ୍ୟା କ୍ଷେତ୍ରରେ ଆଗକୁ ବଢ଼ିବାରେ ସାହାଯ୍ୟ କରିଛି। ଅଲିମ୍ପିକ୍ସରେ ଭାରତ ପାଇଁ ପଦକ ଜିତିବା ମୋର ସ୍ୱପ୍ନ’। ଟାଟା ଷ୍ଟିଲର ସ୍ପୋର୍ଟସ ଚିଫ୍ ମୁକୁଲ ବିନାୟକଙ୍କ କହିବାନୁସାରେ, ଓଡିଶା ଟାଟା ଆର୍ଚେରୀ ହାଇ ପରଫରମାନ୍ସ ସେଣ୍ଟର ତୃଣମୂଳସ୍ତରରୁ କ୍ରୀଡ଼ା ପ୍ରତିଭାଙ୍କୁ ଖୋଜି ବାହାର କରି ସେମାନଙ୍କୁ ଜାତୀୟସ୍ତରର ଶ୍ରେଷ୍ଠ ଖେଳାଳି ଭାବେ ଗଢ଼ିତୋଳିବା ପାଇଁ ପ୍ରତିବଦ୍ଧ। ସେହିପରି ଯାଜପୁର ଜିଲ୍ଲାର ସୀତା ହେମ୍ବ୍ରମଙ୍କ କାହାଣୀ ମଧ୍ୟ ଅତ୍ୟନ୍ତ ପ୍ରେରଣାଦାୟୀ। ପିଲାଦିନରୁ ବାପା, ମାଆ ଏବଂ ଭାଇଙ୍କୁ ହରାଇଥିବା ସୀତା ଅଳ୍ପ ବୟସରୁ ବହୁ ପାରିବାରିକ ଦାୟିତ୍ୱ ମୁଣ୍ଡାଇଥିଲେ। ସାନ ଭଉଣୀର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ସେ କେନ୍ଦୁଝର ସେଣ୍ଟରରେ ଟ୍ରାଏଲ୍ ଦେଇଥିଲେ ଏବଂ ମନୋନୀତ ହୋଇଥିଲେ। ୨୦୨୪ରୁ ଓଏଟିଏଚ୍‌ପିସି ସହିତ ଯୋଡି ହେବା ପରେ ଧନୁର୍ବିଦ୍ୟା ତାଙ୍କୁ ଏକ ନୂଆ ପରିଚୟ ଦେଇଛି। ସେ ଓଡିଶା ଷ୍ଟେଟ୍ ଇଣ୍ଟରସ୍କୁଲ ଆର୍ଚେରୀ ଚାମ୍ପିଅନସିପ୍ ୨୦୨୫ରେ ପଦକ ଜିତି ରାଜ୍ୟସ୍ତରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ସୀତା କୁହନ୍ତି, “ଏହି ଏକାଡେମୀରେ ଯୋଗଦେବା ପୂର୍ବରୁ ମୋର ଧନୁର୍ବିଦ୍ୟା ବିଷୟରେ କୌଣସି ଜ୍ଞାନ ନଥିଲା। ବିଗତ ଏକ ବର୍ଷ ମଧ୍ୟରେ ମୁଁ ଏଠାରେ ଯେଉଁ ବୈଷୟିକ କୌଶଳ ଶିଖିଲି, ତାହା ମୋତେ ସଫଳତା ଦେଇଛି। ଏହି ସୁବିଧା ଯୋଗାଇ ଦେଇଥିବାରୁ ମୁଁ ଟାଟା ଷ୍ଟିଲକୁ ଧନ୍ୟବାଦ ଜଣାଉଛି’। ଏକାଡେମୀର ପ୍ରଶିକ୍ଷକ ବିକାଶ ଉପାଧ୍ୟାୟଙ୍କ କହିବାନୁଯାୟୀ, ଏଠାରେ ଦିଆଯାଉଥିବା ଉଚ୍ଚମାନର ପ୍ରଶିକ୍ଷଣ ରାଜ୍ୟର ବିଭିନ୍ନ ଅଞ୍ଚଳର ପିଲାମାନଙ୍କ ପାଇଁ ଗେମ୍-ଚେଞ୍ଜର ସାବ୍ୟସ୍ତ ହୋଇଛି। କ୍ୟାଡେଟମାନଙ୍କ ପରିଶ୍ରମ ଓ ନିଷ୍ଠା ଯୋଗୁଁ ଆମେ ଅନେକ ପଦକ ଜିତିବାରେ ସଫଳ ହୋଇଛୁ’।

ଗତ ଡିସେମ୍ବର ୨୭-୨୮ରେ କଟକଠାରେ ଅନୁଷ୍ଠିତ ଓଡିଶା ରାଜ୍ୟ ଆର୍ଚେରୀ ଟୁର୍ଣ୍ଣାମେଣ୍ଟ-୨୦୨୫ରେ ଭଗବତ ବଲିଆରସିଂହ ଏବଂ ମୋନାଲିସା ନାୟକ ୧୫ ବର୍ଷରୁ କମ୍ ବାଳକ ଓ ବାଳିକା ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏହି ଏକାଡେମୀର ସୁନିତା ନାୟକ ଏବଂ ସାବିତ୍ରୀ ପାତ୍ର, ଛତିଶଗଡ଼ ରାଜ୍ୟର ରାୟପୁରଠାରେ ଗତ ଡିସେମ୍ବରରେ ଅନୁଷ୍ଠିତ ୪୫ତମ ଏନ୍‌ଟିପିସି ଜୁନିଅର ନ୍ୟାସନାଲ ଚାମ୍ପିଅନସିପ୍‌ରେ ବ୍ରୋଞ୍ଜ ପଦକ ଜିତି ଓଡିଶା ପାଇଁ ଗୌରବ ଆଣିଛନ୍ତି। ସେହିପରି ଝାଡଖଣ୍ଡର ରାଞ୍ଚିରେ ଅନୁଷ୍ଠିତ ୬୯ତମ ଜାତୀୟ ସ୍କୁଲ ଗେମ୍ସ-୨୦୨୫-୨୬ରେ ଇଣ୍ଡିଭିଜୁଆଲ ଅଲିମ୍ପିକ ରାଉଣ୍ଡର ସୁନୀତା ନାୟକ ବ୍‌ରୋଞ୍ଜ ପଦକ ଜିତିଥିବା ବେଳେ ଟିମ୍ ଇଭେଣ୍ଟରେ ରୌପ୍ୟ ପଦକ ଜିତିଛନ୍ତି। ସାବିତ୍ରୀ ପାତ୍ର ଟିମ୍ ଇଭେଣ୍ଟର ରୌପ୍ୟ ପଦକ ଜିତିଛନ୍ତି। ବର୍ତ୍ତମାନ ଏହି କେନ୍ଦ୍ରରେ ୧୭ ଜଣ କ୍ୟାଡେଟ୍ ଅଛନ୍ତି, ଯେଉଁଥିରେ ଓଡିଶା ବାହାରୁ ୪ ଜଣ (ରାଜସ୍ଥାନରୁ ୩ ଜଣ ଓ ଉତ୍ତରପ୍ରଦେଶରୁ ଜଣେ) ସାମିଲ ଅଛନ୍ତି। ମାତ୍ର ୨୨ ମାସରେ ୧୪ ଜଣ ଜାତୀୟସ୍ତରର ଖେଳାଳି ସୃଷ୍ଟି ହେବା ସହ ୨୦ଟି ଜାତୀୟ ଏବଂ ରାଜ୍ୟ ସ୍ତରୀୟ ପଦକ ହାସଲ ଏହାର ସଫଳତାକୁ ଦର୍ଶାଉଛି। ଏଠାର କ୍ୟାଡେଟମାନେ ଏବେ ସିନିୟର, ଜୁନିୟର, ସବ୍‌ଜୁନିୟର ଏବଂ ସ୍କୁଲ ନ୍ୟାସନାଲ ଚାମ୍ପିଅନସିପ୍ ସହ ଅନ୍ତର୍ଜାତୀୟ ପ୍ରତିଯୋଗିତା ପାଇଁ ହେଉଥିବା ଟ୍ରାଏଲରେ ମଧ୍ୟ ଭାଗ ନେଉଛନ୍ତି।

# ଶାସଙ୍ଗରେ ବିଶ୍ୱଶାନ୍ତି ମହାଯଜ୍ଞ



ହାଟଡ଼ିହୀ,୩।୨(ସମିସ): ଐତିହ୍ୟ ଓ ସଂସ୍କୃତି ସମ୍ପନ୍ନ ଶାସଙ୍ଗ ଗ୍ରାମରେ ଗତ ୩ଦିନ ଧରି ଚାଲିଥିବା ଏକବିଂଶତମ ବିଶ୍ୱଶାନ୍ତି ମହାଯଜ୍ଞ ଉଦଯାପିତ ହୋଇଛି। ପଣ୍ଡିତ ପଦ୍ମନାଭ ପଣ୍ଡା, ଶଶିକାନ୍ତ ମିଶ୍ର, କୃପାସିନ୍ଧୁ ପାଢୀ, ଓ ଧରଣୀଧର ଦ୍ୱିବେଦୀଙ୍କ ଦ୍ୱାରା ଗ୍ରାମର ଆରାଧ୍ୟ ଦେବତା ଶିଖରେଶ୍ୱରଙ୍କ ମନ୍ଦିରରେ ରୁଦ୍ରାଭିଷେକ କରାଯିବା ପରେ ସୂର୍ଯ୍ୟପୂଜା, ଧେନୁପୂଜା, ସହ ଗୀତାଯଜ୍ଞ ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ପୂର୍ଣ୍ଣାହୁତି ପ୍ରଦାନ କରଯାଇଥିଲା। ସନ୍ଧ୍ୟାରେ ଏକ ଆଧ୍ୟାତ୍ମିକ ପରିବେଶରେ କଳସ ଶୋଭାଯାତ୍ରା ମାଧ୍ୟମରେ କଳସ ବିସର୍ଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ କର୍ମଚାରୀ ଓ ଅଧିକାରୀଙ୍କ ସହିତ ବିଭିନ୍ନ ରାଜନୈତିକ ଦଳର ନେତା ଓ କର୍ମୀ ଯୋଗ ଦେଇଥିଲେ। ସୁଧାଂଶୁ ବିଶ୍ୱାଳ, ମଧୁମିତା ସ୍ୱାଇଁ, ଦୁର୍ଯ?ଧନ ବିଶ୍ୱାଳ, ଖଗେଶ୍ୱର ବାରିକ, ସୁବୋଧ ଆୟଚ, ପର୍ଶୁରାମ ନାୟକ, ବୀରଭଦ୍ର ବିଶ୍ୱାଳ, ଦର୍ପଦଳନ ଆଚାର୍ଯ୍ୟ, ସୁଧାଂଶୁ ଆୟଚ, ମାନସ ପାଢ଼ୀ, ରବିନାରାୟଣ ବେହେରା, ସନ୍ତୋଷ କୁଅଁର, କାର୍ତ୍ତିକେଶ୍ୱର ପ୍ରଧାନ, ତପନ ବିଶ୍ୱାଳ, ବିଜୟ ବିଶ୍ୱାଳ, ସୁଶାନ୍ତ ଧଳ, ସତ୍ୟବ୍ରତ ଦେବତା ପ୍ରମୁଖ କର୍ତ୍ତା ଥିବା ବେଳେ ପ୍ରତିଦିନ ସନ୍ଧ୍ୟାରେ ଭଜନ କୀର୍ତ୍ତନ ଓ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। ତିନିଦିନ ବ୍ୟାପି ଅନ୍ନ ପ୍ରସାଦ ବଣ୍ଟନ କରାଯାଇଥିଲା। ତପୋଧନ ସ୍ୱାଇଁ, କୁମୁଦ୍ଦୁନୀ ସାମଲ, କାହ୍ନୁ ଚରଣ ପାଢ଼ୀ, ମୋହନ ଚରଣ ପାଢ଼ୀ, ବିମ୍ବାଧର ବିଶ୍ୱାଳ, ବନବିହାରୀ ବେହେରା, ପ୍ରାଣବଲ୍ଲଭ ବିଶ୍ୱାଳ, ରମାକାନ୍ତ ବିଶ୍ୱାଳ, ଅନାଦି ଚରଣ ବିଶ୍ୱାଳ, କୈଳାସ ସୁବୁଦ୍ଧି, ଜଗବନ୍ଧୁ ରାଉତ, ଶାନ୍ତନୁ ରାଉତ, ଚକ୍ରଧର ସାହୁ, ଅନାଦି ଚରଣ ରାଉତ, ଶିଶିର ବିଶାଳ, କିଶୋର ଆଚାର୍ଯ୍ୟ, ସୁଧାଂଶୁ ବିଶ୍ୱାଳ, ବସନ୍ତ ବେହେରା, ଦୁର୍ଗାପ୍ରସାଦ ସ୍ୱାଇଁ, ନରହରି କୁଅଁର, ପ୍ରଦୀପ ସ୍ୱାଇଁ, ରାଜକିଶୋର ମହାନ୍ତି, ସୁଶାନ୍ତ ବେହେରା, ରବୀନ୍ଦ୍ର ସ୍ୱାଇଁ ପରିଚାଳନା କରିଥିଲେ।

# ପ୍ରଧାନଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା



ଆନନ୍ଦପୁର,୩।୨ (ସମିସ): ଆନନ୍ଦପୁର ବ୍ଲକ କୋଲିମାଟି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅମୂଲ୍ୟଧନ ବାରିକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ରୂପେ ଚଳଚିତ୍ର ଅଭିନେତା ତଥା ବିଧାୟକ ସିଦ୍ଧାନ୍ତ ମହାପାତ୍ର, ବିଶେଷ ଅତିଥି ଭାବେ ଶିକ୍ଷାବିତ ଅଭିମନ୍ୟୁ ସାହୁ ଯୋଗ ଦେଇଥିଲେ। ପରେ ବିଦାୟୀ ଶିକ୍ଷକ ଶ୍ରୀ ବାରିକଙ୍କୁ ଛାତ୍ରଛାତ୍ରୀ ଶିକ୍ଷକଶିକ୍ଷୟତ୍ରୀ ପରିଚାଳନା କମିଟି ସଦସ୍ୟ ଓ ଗ୍ରାମବାସୀଙ୍କ ପକ୍ଷରୁ ପ୍ରୀତି ଉପହାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ଘସିପୁରା ପାଲାକାର ପରିଷଦର କାର୍ଯ୍ୟକାରିଣୀ



ଆନନ୍ଦପୁର, ୩।୨(ସମିସ): ସଂସ୍କୃତି ଭବନରେ ଘଷିପୁରା ବ୍ଲକ ପାଲାକାର ପରିଷଦର କାର୍ଯ୍ୟକାରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ପରିଷଦର ଉପଦେଷ୍ଟା ପଣ୍ଡିତ ଜିତୁ ଦାଶ ସୂଚନା ପ୍ରଦାନ କରିବା ପରେ ଗାୟକ ସନାତନ ମହାରଣା, ନବଘନ ସାହୁ, ଚିନ୍ତାମଣି ପାଣିଗ୍ରାହୀ ବାର୍ଷିକ ଉତ୍ସବ ସମ୍ପର୍କରେ ପ୍ରସ୍ତାବ ଆଗତ କରିଥିଲେ। ସଦସ୍ୟ ସୁଶାନ୍ତ କୁମାର ନାଥ ଚଳିତ ମାସ ୨୪ ତାରିଖରେ ଉତ୍ସବ କରିବାକୁ ମତାମତ ଦେଇଥିଲେ। ଗାୟକ ବୈକୁଣ୍ଠନାଥ ଦାଶ, ଦୁଷ୍ମନ୍ତ କୁମାର ମହାନ୍ତି, ରଙ୍ଗାଧର ବେହେରା, ନବଘନ ପତି, ଗୋପାଳଚନ୍ଦ୍ର ଝୁନୁଲତା ଜେନା, ଶୁକଦେବ ରଣା ନବଘନ ସାହୁ, ସୁବାସଚନ୍ଦ୍ର ପଲେଇ, କମଳିନୀ ନାୟକ, ଜୟଦେବ ନାୟକ ଗଣେଶ ମହାକୁଡ, ସୁବାଶିଷ ଶତପଥୀ, ଜ୍ୟୋତିପ୍ରକାଶ ସାହୁ ସୁଶାନ୍ତ ଜେନା, ବାୟକ ପାଳିଆ ଯୋଗ ଦେଇଥିଲେ।

# ବାଟସାହିରେ ଦଶମ ବାର୍ଷିକ ଫୁଟ୍‌ବଲ ଉଦ୍‌ଯାପିତ



ଆନନ୍ଦପୁର,୩।୨(ସମିସ): ଘସିପୁରା ବ୍ଲକ୍ ସାମୁକାନେଣ୍ଡି ପଞ୍ଚାୟତ ବାଟସାହିଠାରେ ବାବା ବେତାଳ କ୍ଲବ ପକ୍ଷରୁ ୧୦ତମ ବାର୍ଷିକ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଛି। ଏଥିରେ ମୋଟ ୩୨ଟି ଟିମ୍ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ ଆରକେ ଷ୍ଟାର ଶୁଆପୁର ଦଳ ୧-୦ ଗୋଲରେ ହପନବାବୁ ଏଫସି କାଦଗୋଠ ଦଳକୁ ହରାଇ ଚାମ୍ପିଅନ ହୋଇଛି। ମୁଖ୍ୟଅତିଥି ଭାବେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ସମ୍ମାନିତ ଅତିଥି ଭାବେ ସମାଜସେବୀ ଗୋବିନ୍ଦ ପାତ୍ର, ସମାଜସେବୀ ଗଗନ ଭୂୟାଁ, ପୂର୍ବତନ ସରପଞ୍ଚ କାହ୍ନୁଚରଣ ସୋରେନ, ସମାଜସେବୀ ଜିତେନ୍ଦ୍ର ହେମ୍ବ୍ରମ, ରାଜୀବ ପଲେଇ, ନରେଶଚନ୍ଦ୍ର ବିନ୍ଧାଣୀ, କାହ୍ନୁ ମାରାଣ୍ଡି, ରବି ମୁର୍ମୁ, ମହେଶ୍ୱର ନାୟକ, ମଙ୍ଗଳ ଚରଣ ହେମ୍ବ୍ରମ ଯୋଗ ଦେଇଥିଲେ। କ୍ଲବର ସଭାପତି ପିରୁ ବାସ୍କେ, ଉପସଭାପତି ତେଲିଙ୍ଗା ବାସ୍କେ, ସମ୍ପାଦକ ମୋହନ ସୋରୋନ, ଉପସମ୍ପାଦକ ମାଧବ ମାରାଣ୍ଡି ଓ ସମସ୍ତ ସଦସ୍ୟ ପରିଚାଳନା କରିଥିଲେ। ଭାଷ୍ୟକାର ମାସାଙ୍ଗ ହାସଦା ଓ ଜିତୁ ସୋରେନ ସହଯୋଗ କରିଥିଲା ବେଳେ ବହୁ ସଂଖ୍ୟାରେ ଦର୍ଶକ ଉପସ୍ଥିତ ଥିଲେ।

# ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ହାଟଡ଼ିହୀ,୩।୨(ସମିସ): ହାଟଡ଼ିହୀ ବ୍ଲକ୍ କେ.ବାଲିପାଳ ପଞ୍ଚାୟତର ନୂଆବାଲିପାଳ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ସନ୍ତୋଷ କୁମାର ଦାଶଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପ୍ରଧାନଶିକ୍ଷକ ବିଜୟ ଧଳଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ବିଇଓ ସୁରଥ ସାହୁ, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଏବିଇଓ ଚତୁର୍ଭୁଜ ପହି, ସମ୍ମାନିତ ଅତିଥି ଭାବେ ମୋହନ ମହାନ୍ତି, ମିହିର୍ ପଣ୍ଡା, ଅଲେଖଚନ୍ଦ୍ର ବେହେରା, ସିଆରସିସି ପଙ୍କଜ ରାଉତ, ଗୟାଧର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଦୁର୍ଗମ ଅଞ୍ଚଳରେ ଶିକ୍ଷକଙ୍କ ଏଭଳି ଭବ୍ୟ ସମ୍ବର୍ଦ୍ଧନା ଅତ୍ୟନ୍ତ ମନୋରମ ହୋଇଥିଲା ବେଳେ କାର୍ଯ୍ୟକ୍ରମରେ ସ୍କୁଲ କମିଟି ସଦସ୍ୟଙ୍କ ସମେତ ଗ୍ରାମବାସୀ ମାନେ ସାମିଲ ହୋଇଥିଲେ। ଶିକ୍ଷକ ରଞ୍ଜନ ନାଇକ, ଜୟରାମ ମାଝୀ, ଲୋକନାଥ ଶଙ୍ଖୁଆ, ପ୍ରଦୀପ ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ଡୁମୁରିଆ ହାଟପଡ଼ିଆରେ ଟୁସୁ ମହାମିଳନ ଉଦ୍‌ଯାପିତ

କେନ୍ଦୁଝର, ୩।୨(ସମିସ):



କେନ୍ଦୁଝର ସଦର ବ୍ଲକ ରଘୁନାଥପୁର ପଞ୍ଚାୟତ ଡୁମୁରିଆ ହାଟପଡ଼ିଆଠାରେ ତିନି ଦିନ ଧରି ବିରାଟ ଟୁସୁ ମହା ମିଳନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନ ସୁନ୍ଦର ଟୁସୁ ମୂର୍ତ୍ତି ଓ ଚିତ୍ତାକର୍ଷକ ମେଢ଼ ସାଜସଜ୍ଜା ଆଲୋକମାଳା ସହିତ କାଳିଞ୍ଜର ନଦୀ କୂଳରେ ଟୁସୁ ଦଳ ଗୁଡିକ ଏକାଠି ହୋଇ ଟୁସୁ ମେଲଣ କଲା ପରେ ଟୁସୁଗୀତ ଓ ପାରମ୍ପାରିକ ଝୁମର ଗୀତର ତାଳେ ତାଳେ ଟୁସୁ ଦଳ ଗୁଡିକସୁସଜ୍ଜିତ ମଞ୍ଚରେ ଚମତ୍କାର ନୃତ୍ୟ ପରିବେଷଣ କରିଥିଲେ। ୧୧ଟି ଟୁସୁ ଦଳ ଏଠାରେ ଅଂଶଗ୍ରହଣ କରିଥିବା ବେଳେ ଝାଲିଆପଡା ଟୁସୁ ଦଳ ୧ମ, ଖଡ଼ିବେଡା ୨ୟ, ମୂଷାନାଳି ୩ୟ, କୁଆପଶି ୪ର୍ଥ ପୁରସ୍କାର ପାଇଥିଲେ। ଗାୟକ ଯୋଗେନ୍ଦ୍ର ମହାନ୍ତ ପାଲା ପରିବେଷଣ କରିଥିଲେ। ଦ୍ୱିତୀୟ ସନ୍ଧ୍ୟାରେ ମଧ୍ୟ ଝୁମର ଦଳଗୁଡିକ ଚିତ୍ତାକର୍ଷକ ଝୁମର ନୃତ୍ୟ ପରିବେଷଣ କରିଥିଲେ। ମୁଖ୍ୟଅତିଥି ଭାବେ କୁଡୁମୀ ସମାଜର ରାଜ୍ୟ ସଭାପତି କ୍ଷୀରୋଦ ମହାନ୍ତ, ମୁଖ୍ୟବକ୍ତା ଭାବେ କୁଡୁମୀ ସମାଜର ସାଧାରଣ ସମ୍ପାଦକ ଶରତଚନ୍ଦ୍ର ମହାନ୍ତ, ସମ୍ମାନିତ ଅତିଥିଭାବେ ବିଜେପି କୃଷକ ମୋର୍ଚ୍ଚା ଜିଲ୍ଲା ସଭାପତି ଭାଗୀରଥି ସିଂହ, ରଘୁନାଥପୁର ପଞ୍ଚାୟତ ପୂର୍ବତନ ସରପଞ୍ଚ ଦ୍ୱାରିକାନାଥ ନାଏକ, ଭାରତୀୟ କିଷାନ ପରିଷଦ ରାଜ୍ୟ ଉପସଭାପତି ପ୍ରଦୀପ ମହାନ୍ତ, ବିଜେପି ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଚିନ୍ତାମଣି ମହାନ୍ତ, ରଘୁନାଥପୁର ସରପଞ୍ଚ ଗୌରୀ ନାଏକ, ନାଏବ ସରପଞ୍ଚ କବିତା ମହାକୁଡ଼, ସମାଜସେବୀ ପ୍ରହଲ୍ଲାଦ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ତୃତୀୟ ସନ୍ଧ୍ୟାରେ ମହିଳାଙ୍କ ମଧ୍ୟରେ ଶଙ୍ଖ ଫୁଙ୍କା ପ୍ରତିଯୋଗିତାରେ ଡୁମୁରିଆର ପୂଜାରାଣୀ ମହାନ୍ତ ୧ମ, ଝାଲିଆପଡାର ସୁକାନ୍ତି ମହାନ୍ତ ଦ୍ୱିତୀୟ, ଡୁମୁରିଆର ହୀରାମଣି ମହାନ୍ତ ୩ୟ ପୁରସ୍କାର ପାଇଥିଲେ। ପରେ ମହିଳା ଟୁସୁ ଦଳ ଦ୍ୱାରା ଝୁମର ଓ ରେକର୍ଡ ଡାନ୍ସ ପରିବେଷିତ ହୋଇଥିଲା। ଉଭୟ ବିଭାଗରେ ଭୋଦବାହାଲୀ ସୋନାଲି ଦଳ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। କନିଷ୍ଠ ବର୍ଗରେ ଉଖୁଣ୍ଡା ବଡ଼ପଶିର ଟ୍ୱିଙ୍କିଲ ମହାକୁଡ଼ ଓ ଡୁମୁରିଆର ବର୍ଷାରାଣୀ ମଣ୍ଡଳଙ୍କୁ ପୁରସ୍କୃତ କରାଯାଇଥିଲା। ସମାଜସେବୀ ଦ୍ୱାରିକାନାଥ ନାୟକ ମୁଖ୍ୟଅତିଥି ଭାବେ ଶ୍ରେଷ୍ଠ ଟୁସୁଦଳ ଓ ନୃତ୍ୟ ଦଳଙ୍କୁ ପୁରସ୍କୃତ କରିଥିଲେ। ଅଭିମନ୍ୟୁ ମହାନ୍ତ, ଟଙ୍କଧର ମହାନ୍ତ, ହରେକୃଷ୍ଣ ମହାନ୍ତ ମଞ୍ଚ ପରିଚାଳନା କରିଥିଲେ। ମହୋତ୍ସବ କମିଟିର ସଭାପତି ଛବିରଞ୍ଜନ ମହାନ୍ତ, ସମ୍ପାଦକ ଗୋପବନ୍ଧୁ ମହାନ୍ତ, ସଦସ୍ୟ ନରହରି ମହାନ୍ତ, ମିତ୍ରଭାନୁ ମହାନ୍ତ, ଚନ୍ଦ୍ରଭାନୁ ମହାନ୍ତ, ଗିରିଧାରୀ ମହାନ୍ତ, ନିରଞ୍ଜନ ମହାନ୍ତ, କୃଷ୍ଣଚନ୍ଦ୍ର ମହାକୁଡ଼, ଭୁବନେଶ୍ୱର ମହାନ୍ତ, ଅନାଦି ଚରଣ ମହାନ୍ତ, ଗଙ୍ଗାଧର ମହାନ୍ତ ପରିଚାଳନା କରିଥିଲେ।

# ଗ୍ଲୋବାଲ କ୍ରିକେଟ କପ୍ ଉଦ୍‌ଯାପିତ: ତେଲକୋଇ ଚାମ୍ପିଅନ



ତେଲକୋଇ, ୩।୨(ସମିସ): ତେଲକୋଇସ୍ଥିତ ଚାରିଗଡ଼ ମହାବିଦ୍ୟାଳୟ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ୍‌ରେ ଗ୍ଲୋବାଲ କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଷଷ୍ଠ ବାର୍ଷିକ ଗ୍ଲୋବାଲ କ୍ରିକେଟ କପ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। ଗତ ୨୭ ତାରିଖରୁ ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଜିଲ୍ଲା ଓ ଜିଲ୍ଲା ବାହାରୁ ସମୁଦାୟ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଶରଧାପୁର ଅନୁଗୁଳ କ୍ରିକେଟ କ୍ଲବ୍‌କୁ ଫାଇନାଲରେ ଆୟୋଜକ ଗ୍ଲୋବାଲ କ୍ରକେଟ କ୍ଲବ୍ ୯ ୱିକେଟରେ ହରାଇ ଚାମ୍ପିଅନ ହୋଇଛି। ମୁଖ୍ୟଅତିଥି ଭାବେ ତେଲକୋଇ ବିଧାୟକଙ୍କ ପ୍ରତିନିଧି ପଦ୍ମଲୋଚନ ସାହୁ, ସମ୍ମାନିତ ଅତିଥି ଭାବେ ସାଂସଦଙ୍କ ପ୍ରତିନିଧି ହରିହର ପ୍ରଧାନ, ବରିଷ୍ଠ ସାମ୍ବାଦିକ ଅନୁକୂଳ ବିଶ୍ୱାଳ, ଯୁବ ସାମ୍ବାଦିକ ଅମରେଶ ପ୍ରଧାନ, ବରିଷ୍ଠ ବିଜେପି ନେତା ପ୍ରମୋଦ ସାହୁ, ତେଲକୋଇ ବିଜେପି ମଣ୍ଡଳ ସମ୍ପାଦକ ବିକ୍ରମ କେଶରୀ ଚୌହାନ, ବିଜେପି ଯୁବ ମୋର୍ଚ୍ଚା ସଦସ୍ୟ ମିଳନ ସାହୁ, ପ୍ରୀୟଜ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ମ୍ୟାନ ଅଫ ଦି ଟୁର୍ଣ୍ଣାମେଣ୍ଟ ଭାବେ ଗ୍ଲୋବାଲ କ୍ରିକେଟ କ୍ଲବ୍ ତାରକା ଖେଳାଳି ସତ୍ୟାନନ୍ଦ ସାହୁ ଓରଫ ଲିଟିଲ୍ ମାଷ୍ଟର ସତ୍ୟାଙ୍କୁ ପ୍ରଦାନ କରାଯାଇଥିଲା। ସ୍ୱନ୍ସର ଭାବେ ତେଲକୋଇ ପ୍ରଧାନ ମୋବାଇଲ ଷ୍ଟୋରର ସତ୍ତ୍ୱାଧିକାରୀ ଅମରେଶ ପ୍ରଧାନ ଏହି ପୁରସ୍କାର ଦେଇଥିଲେ। ବିଭିନ୍ନ ସଫଳତା ପାଇଁ ଖେଳାଳିଙ୍କୁ ଟ୍ରଫି ଓ ଗୋଟିଏ ବିଦ୍ୟୁତ୍ ଆଇରନ ପ୍ରଦାନ କରାଯାଇଥିଲା। ଅମ୍ପାୟାର ଜିତେନ୍ଦ୍ର ସାହୁ ଓ ଡ୍ୟାମ୍ପି ଅମ୍ପାୟାର ସୁରେନ୍ଦ୍ର ପାତ୍ର ପରିଚାଳନା କରିଥିଲେ। ବହୁ ଚର୍ଚ୍ଚିତ କଥାକାର ସଞ୍ଜୀବ ସାହୁ, ଗୁପ୍ତେଶ୍ୱର ନାୟକ ଓ ମୁନା ସାହୁ ଯୋଗ ଦେଇଥିଲେ। ଗ୍ଲୋବାଲ କ୍ରିକେଟ କ୍ଲବର୍ ଉପଦେଷ୍ଟା ମନୋଜ ବଳ, ସଭାପତି ଶୁଭେନ୍ଦୁ ଶେଖର ସାହୁ ଓ ସମ୍ପାଦକ ସୁଶୀଲ ବେହେରାଙ୍କ ପ୍ରଚେଷ୍ଟାରେ ଆୟୋଜିତ ଟୁର୍ଣ୍ଣାମେଣ୍ଟରେ କ୍ଲବର୍ ସଦସ୍ୟ ତଥା ଅଧିନାୟକ ବାବୁ ଖାନ, ସଦସ୍ୟ ଅନିଲ ନାୟକ, ଚିନ୍ମୟ ସାହୁ, ରଞ୍ଜିତ ଧୀବର, ଜିତେନ୍ଦ୍ର ନାୟକ, ମାନସ ନାୟକ, ଆକାଶ ସାହୁ, ଟିପଟନ ସାହୁ, ଅମନ୍ ଦେହୁରୀ, ଅଭିନାସ ଖଟୁଆ, ସିପୁନ ବେହେରା, ଜଗ ଦେହୁରୀ, ସଞ୍ଜୀବ ଝରା, ଦିବ୍ୟରଞ୍ଜନ ବିଶ୍ୱାଳ ସହଯୋଗ କରିଥିଲେ।

## ରାଷ୍ଟ୍ରପତିଙ୍କୁ ସ୍ୱାଗତ ପାଇଁ ପାହାଡ଼ପୁର ଗାଁ ଚଳଚଞ୍ଚଳ

# ଦିଦିଙ୍କ ଅପେକ୍ଷାରେ ଛାତ୍ରଛାତ୍ରୀ ଓ ଗ୍ରାମବାସୀ






**ରାଇରଙ୍ଗପୁର, ୩।୨(ସମିସ)**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲିଠୁ ୬ ତାରିଖ ପର୍ଯ୍ୟନ୍ତ ତିନିଦିନିଆ ଗସ୍ତରେ ଆସୁଛନ୍ତି। ବୁଧବାର ରାଇରଙ୍ଗପୁରରେ ପହଞ୍ଚିବାକୁ ଥିବାବେଳେ ଗୁରୁବାର ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ପାହାଡପୁର ଗ୍ରାମ ପରିଦର୍ଶନ କରିବେ। ରାଇରଙ୍ଗପୁର ତାଙ୍କ ଜନ୍ମଭୂମି ଓ କର୍ମଭୂମି ହୋଇଥିଲେ ସୁଦ୍ଧା କୁସୁମୀ ବ୍ଲକ ଅନ୍ତର୍ଗତ ଉପରବେଡ଼ା ଗ୍ରାମ ହେଉଛି ତାଙ୍କ ପୈତୃକ ଗ୍ରାମ ଓ ପାହାଡପୁର ତାଙ୍କ ଶାଶୂ ଘର ଗାଁ ଅଟେ। ରାଷ୍ଟ୍ରପତି ପଦ ଅଳଙ୍କୃତ କରିବା ପରେ ଚତୁର୍ଥ ଥର ପାଇଁ ଜିଲ୍ଲା ଗସ୍ତରେ ଆସୁଥିବାବେଳେ ଗ୍ରାମକୁ ଏହା ତୃତୀୟ ଥର ଗସ୍ତ ହେବ। ଏ ନେଇ ପାହାଡ଼ପୁର ଗ୍ରାମର ଚଳଚଞ୍ଚଳ ହୋଇ ଉଠିଛି। ପ୍ରସ୍ତୁତି କାର୍ଯ୍ୟ ଜୋରଦାର ଚାଲିଥିବାବେଳେ ତାହା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଯୁଦ୍ଧକାଳୀନ ଭିତ୍ତିରେ ସମସ୍ତ ପ୍ରସ୍ତୁତିକୁ ଆଗେଇ ନିଆଯାଇଛି। ସମୟ ଯେତିକି ପାଖେଇ ପାଖେଇ ଆସୁଛି ଗ୍ରାମବାସୀ, ଏସଏଲଏସ ବିଦ୍ୟାଳୟର ଛାତ୍ରଛାତ୍ରୀ ଶିକ୍ଷକ ଶିକ୍ଷୟିତ୍ରୀ ଓ ବିଦ୍ୟାଳୟ ଟ୍ରଷ୍ଟ ବୋର୍ଡ ସଦସ୍ୟଙ୍କ ମଧ୍ୟରେ ଉତ୍ସାହ ପ୍ରବଳ ହେବାରେ ଲାଗିଛି।

ଫେବୃଆରୀ ୫ ତାରିଖ ଗୁରୁବାର ଦିନ ସକାଳୁ ନିଜ ବାସଭବନରେ ଜଳଖିଆ ପରେ ସକାଳ ୯.୦୦ ଘଟିକା ସମୟରେ ଶାଶୂ ଘର ଗ୍ରାମ ପାହାଡପୁରକୁ ଗସ୍ତ କରିବେ। ସେଠାରେ ତାଙ୍କ ସ୍ୱାମୀ ଓ ଦୁଇ ପୁଅଙ୍କ ସ୍ମୃତିରେ ଏସଏଲଏସ ସ୍ମାରକୀ ଆବାସିକ ବିଦ୍ୟାଳୟର ନିର୍ମାଣ କରାଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଝିଅ ଇତିଶ୍ରୀ ମୁର୍ମୁ ଏସଏଲଏସ ଟ୍ରଷ୍ଟ ବୋର୍ଡ ଅଧ୍ୟକ୍ଷ ଅଛନ୍ତି। ଇତିଶ୍ରୀଙ୍କ ତତ୍ତ୍ୱାବଧାନରେ ଏସଏଲଏସ ଟ୍ରଷ୍ଟ ବୋର୍ଡ ଦ୍ୱାରା ଉକ୍ତ ବିଦ୍ୟାଳୟ ପରିଚାଳିତ ହେଉଛି। ତେବେ ଗୁରୁବାର ଦିନ ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ପାହାଡପୁର ଗ୍ରାମକୁ ସୁନ୍ଦର ଭାବେ ସାଜସଜ୍ଜା କରାଯାଉଛି। ପାହାଡ଼ପୁର ଗ୍ରାମସ୍ଥ ଏସଏଲଏସ ସ୍ମାରକୀ ଆବାସିକ ବିଦ୍ୟାଳୟରେ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବିଦ୍ୟାଳୟ ପରିସରରେ ଥିବା ରାଷ୍ଟ୍ରପତିଙ୍କ ସ୍ୱାମୀ ଓ ଦୁଇପୁଅଙ୍କ ପ୍ରତିମୂର୍ତ୍ତି ସଫାସୁତୁରା କରାଯାଇଛି। ଗ୍ରାମରେ ଆଦିବାସୀ ସମ୍ପ୍ରଦାୟର ଗୋଷାଣୀ ପୂଜା କରିବା ସହ ଜାହିରା ସ୍ଥଳରେ ପୂଜାର୍ଚ୍ଚନା କରିବେ। ଯାହାକୁ ନେଇ ପାହାଡପୁର ଗ୍ରାମ ରାସ୍ତା ସହିତ ଜାହିରା ପୀଠକୁ ମଧ୍ୟ ସାଜସଜ୍ଜା କରାଯାଉଛି। କେଉଁଠି ରଙ୍ଗ ମାରିବା କାର୍ଯ୍ୟ ଚାଲିଛି ତ କେଉଁଠି ବିଦ୍ୟୁତ ଯୋଗାଣ କାର୍ଯ୍ୟ ଚାଲିଛି। ଏଥିସହ ରାସ୍ତାଘାଟ ପରିଷ୍କାର ପରିଚ୍ଛନ୍ନ କରାଯାଉଛି। ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ରାସ୍ତା କଡ଼ରେ ବ୍ୟାରିକେଡ଼ ଦିଆଯାଇଛି। ଏସଏଲଏସ ସ୍ମାରକୀ ଆବାସିକ ବିଦ୍ୟାଳୟରେ ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମ ରହିଛି। ସେଠାରେ ରାଷ୍ଟ୍ରପତିଙ୍କ ସମ୍ପର୍କୀୟ, ପାହାଡପୁର ବାସିନ୍ଦା, ବିଦ୍ୟାଳୟ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ରାଷ୍ଟ୍ରପତିଙ୍କୁ ଭେଟିବା କାର୍ଯ୍ୟକ୍ରମ ରହିଛି। ଏଥିସହିତ ସେଠାରେ ଡକ୍ୟୁମେଣ୍ଟାରି ଚଳଚ୍ଚିତ୍ର ସୁଟିଂ କରିବାର କାର୍ଯ୍ୟକ୍ରମ ମଧ୍ୟ ରହିଛି।

ତେବେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଶେଷ ଉତ୍ସାହ ଦେଖିବାକୁ ମିଳିଛି। ପୁଣି ଥରେ ଭାରତର ରାଷ୍ଟ୍ରପତି ତଥା ତାଙ୍କର ଦିଦିଙ୍କୁ ଅତି ନିକଟରୁ ଦେଖିବାର ସୁଯୋଗ ପାଇବାକୁ ଯାଉଛନ୍ତି। ତାଙ୍କ ସହ ଭାବବିନିମୟ କରିବେ। ଯାହାକୁ ନେଇ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ମଧ୍ୟ ବେଶ ଖୁସି ଅଛନ୍ତି। ଏସଏଲଏସ ଟ୍ରଷ୍ଟ ବୋର୍ଡର ଉପାଧ୍ୟକ୍ଷ ମୁନା ପ୍ରତିହାରୀଙ୍କ ତତ୍ତ୍ୱାବଧାନରେରେ ବିଦ୍ୟାଳୟର ସାଜସଜ୍ଜା ସହିତ ସମସ୍ତ ପ୍ରସ୍ତୁତି କାର୍ଯ୍ୟ ଚାଲିଛି। ପାହାଡପୁର ଗ୍ରାମ ଏଲଆଣ୍ଡଟି ପକ୍ଷରୁ ହୋଇଥିବା ଦକ୍ଷତା ବିକାଶ କେନ୍ଦ୍ରକୁ ରାଷ୍ଟ୍ରପତି ଯିବେ ବୋଲି ସୂଚନା ମିଳିଛି। ସେପଟେ ପ୍ରଶାସନିକ ଅଧିକାରୀ ଘନଘନ ପାହାଡପୁର ଗସ୍ତ କରୁଛନ୍ତି। ତେବେ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ରାଷ୍ଟ୍ରପତିଙ୍କୁ ପାଖରୁ ଦେଖିବା ପାଇଁ ଅତି ଉତ୍ସାହ ଓ ଉତ୍କଣ୍ଠା ସହିତ ଛାତ୍ରଛାତ୍ରୀ ଓ ଗ୍ରାମବାସୀ ଅପେକ୍ଷା କରିଛନ୍ତି।

## ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମ ପାଇଁ ସଭାସ୍ଥଳ ପ୍ରସ୍ତୁତ



**ରାଇରଙ୍ଗପୁର:** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଗସ୍ତ କାର୍ଯ୍ୟକ୍ରମକୁ ନେଇ ରାଇରଙ୍ଗପୁର ଚଳଚଞ୍ଚଳ ହୋଇଉଠିଛି। ବୁଧବାର ପ୍ରଥମ ଦିନ ଗସ୍ତ ଅବସରରେ ରାଇରଙ୍ଗପୁରସ୍ଥ କଚେରୀ ପଡ଼ିଆରେ ଆୟୋଜିତ ସାଧାରଣ ସଭାରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ସହ ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଯାହାକୁ ନେଇ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଆୟୋଜିତ କାର୍ଯ୍ୟକ୍ରମରେ ସରକାରୀ ଆୟୁର୍ବେଦିକ କଲେଜ ଓ ହସ୍ପିଟାଲ, ଓୟୁଏଟି, ଆର୍ଚ୍ଚେରୀ କେନ୍ଦ୍ର, ରାଇରଙ୍ଗପୁର ସହର ଉନ୍ନତି ଓ ସୌନ୍ଦର୍ଯ୍ୟକରଣ, ପୌରପାଳିକା ସମ୍ମିଳନୀ କକ୍ଷ ଓ ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟର ୩୬୦ ଶଯ୍ୟା ବିଶିଷ୍ଟ ହଷ୍ଟେଲ ଓ ନିଶା ନିବାରଣ କେନ୍ଦ୍ର ଆଦିର ଶିଳାନ୍ୟାସ ସହ ଆଇଟି କେନ୍ଦ୍ରର ଉଦଘାଟନ ଭର୍ଚୁଆଲ ମୋଡ଼ରେ କରିବେ। ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ, ସାଂସଦ ଓ ବିଧାୟକ ଉପସ୍ଥିତ ରହିବାର କାର୍ଯ୍ୟକ୍ରମ ରହିଛି। ଯାହାକୁ ନେଇ କଚେରୀ ପଡ଼ିଆ ବିରାଟ ଟେଣ୍ଟର ସ୍ୱତନ୍ତ୍ର ସଭା ପ୍ୟାଣ୍ଡେଲ ପ୍ରସ୍ତୁତି କରାଯାଇଛି। ଉକ୍ତ ସ୍ଥାନର ଶେଷ ପର୍ଯ୍ୟାୟର ପ୍ରସ୍ତୁତି ଜିଲ୍ଲାପାଳ ହେମକାନ୍ତ ସୟ ତଦାରଖ କରି ଆବଶ୍ୟକ କାର୍ଯ୍ୟକୁ ସମ୍ପାଦନା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲା ପ୍ରଶାସନ ମଧ୍ୟରେ ଚଳଚଞ୍ଚଳତା ରହିଛି। କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନ, ଜିଲ୍ଲାପାଳ, ଏଡିଜି, ଡିଆଇଜି, ଏସପି, ଅତିରିକ୍ତ ଜିଲ୍ଲାପାଳ, ଉପ ଜିଲ୍ଲାପାଳ, ତହସିଲଦାର, ବିଡ଼ିଓ ସମେତ ଅନ୍ୟ ଅଧିକାରୀ ମାନେ ଉପସ୍ଥିତ ରହି ସ୍ଥିତି ଅନୁଧ୍ୟାନ କରୁଛନ୍ତି।

## ଦୁଇଟି ମନ୍ଦିରରେ କରିବେ ପୂଜା

**ରାଇରଙ୍ଗପୁର:** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୩ଦିନିଆ ଗସ୍ତରେ ଆସୁଥିବାବେଳେ ରାଇରଙ୍ଗପୁରସ୍ଥ ଦୁଇଟି ମନ୍ଦିରରେ ପୂଜା କରିବାର କାର୍ଯ୍ୟକ୍ରମ ରହିଛି। ଯାହାକୁ ନେଇ ଶ୍ରୀପୂର୍ଣ୍ଣେଶ୍ୱର ମହାଦେବ ମନ୍ଦିର ଓ ଶ୍ରୀଜଗନ୍ନାଥ ମନ୍ଦିରକୁ ସାଜସଜ୍ଜା କରାଯାଇଛି। ଗସ୍ତର ପ୍ରଥମ ଦିନ ଅର୍ଥାତ ଫେବୃଆରୀ ୪ ତାରିଖରେ ରାଇରଙ୍ଗପୁରର ମୁର୍ମୁ ଛକ ନିକଟସ୍ଥ ଶ୍ରୀପୂର୍ଣ୍ଣେଶ୍ୱର ମହାଦେବ ମନ୍ଦିରରେ ପୂଜାର୍ଚ୍ଚନା କରିବେ। ଠାକୁରଙ୍କ ଦର୍ଶନ କରି ଆଶିଷ କାମନା କରିବେ। ପରେ ସେଠାରେ ଏକ ଡକ୍ୟୁମେଣ୍ଟାରୀ ଚଳଚ୍ଚିତ୍ର ସୁଟିଂ କରିବାର କାର୍ଯ୍ୟକ୍ରମ ରହିଛି। ଯାହାକୁ ନେଇ ମନ୍ଦିର ପରିସରକୁ ସଜାଯାଇଛି। ଏହାସହିତ ମନ୍ଦିର ସଫାସୁତୁରା କରିବା ସହ ପୂଜା ପାଇଁ ପ୍ରସ୍ତୁତ କରାଯାଇଛି। ରାଇରଙ୍ଗପୁର ତହସିଲଦାର ବିଶ୍ୱନାଥ ବିଶ୍ୱାଳ ନିଜେ ସଫେଇ କାର୍ଯ୍ୟ କରିଥିବା ଦେଖିବାକୁ ମିଳିଛି। ତହସିଲଦାର ଓ ତହସିଲ କର୍ମଚାରୀ ମିଶି ମନ୍ଦିର ମଧ୍ୟରେ ସଫେଇ କରିବା ସହ ପୂଜା ବାସନ ଆଦି ସଫା କରିଛନ୍ତି। ରାଷ୍ଟ୍ରପତିଙ୍କ ବାଧାଶୂନ୍ୟ ପୂଜାର୍ଚ୍ଚନା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି।

ସେହିପରି ଗସ୍ତର ଦ୍ୱିତୀୟ ଦିନ ଫେବୃଆରୀ ୫ରେ ରାଇରଙ୍ଗପୁରସ୍ଥ ଶ୍ରୀଜଗନ୍ନାଥ ମନ୍ଦିରକୁ ଯିବେ। ସେଠାରେ ପୂଜାର୍ଚ୍ଚନା କରିବା ସହ ପ୍ରସାଦସେବନ କରିବାର କାର୍ଯ୍ୟକ୍ରମ ରହିଛି। ଉକ୍ତ ଦୁଇଟି ମନ୍ଦିରରେ ରାଷ୍ଟ୍ରପତି ପୂଜା କରିବାକୁ ଥିବାବେଳେ ତ୍ରୁଟି ଶୂନ୍ୟ ବ୍ୟବସ୍ଥା ପାଇଁ ପୂର୍ବ ପ୍ରସ୍ତୁତି ଶେଷ ହୋଇଯାଇଛି। ସୁରୁଖୁରୁରେ ସମସ୍ତ ବ୍ୟବସ୍ଥା ପରିଚାଳନା ନେଇ ଦାୟିତ୍ୱରେ ଥିବା ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି।



## ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କଲେ ଏଡିଜି ଓ ଏସ୍‌ପି

**ରାଇରଙ୍ଗପୁର:** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବୁଧବାରରୁ ୩ ଦିନିଆ ଜିଲ୍ଲା ଗସ୍ତରେ ଆସୁଛନ୍ତି। ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଏ ନେଇ ପୁଲିସ ପ୍ରଶାସନ ପକ୍ଷରୁ ସମୀକ୍ଷା କରାଯାଇଛି। ମଙ୍ଗଳବାର ରାଇରଙ୍ଗପୁରସ୍ଥ କଚେରୀ ପଡ଼ିଆରେ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ସମୀକ୍ଷା ହୋଇଛି। ଅତିରିକ୍ତ ଡିଜି ଦୟାଲ ଗାଙ୍ଗୱାର ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲି ପୁଲିସ ସୁରକ୍ଷା ବ୍ୟବସ୍ଥା ନେଇ ବ୍ରିଫିଂ ସହ ମକଡ୍ରିଲ କରିଛନ୍ତି। ରାଷ୍ଟ୍ରପତିଙ୍କ ଗସ୍ତ ଅବସରରେ ବ୍ଲୁ-ବୁକ୍ ସିକ୍ୟୁରିଟି ଅନୁଯାୟୀ ସମସ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସୁରକ୍ଷା ଦାୟିତ୍ୱରେ ନିୟୋଜିତ ରିଜର୍ଭ ପୁଲିସ ଫୋର୍ସ ଓ ପୋଲିସ କର୍ମଚାରୀଙ୍କ ଦାୟିତ୍ୱ ବାବଦରେ ଜଣାଯାଇଛି। ବରିଷ୍ଠ ପୁଲିସ ଓ ପ୍ରଶାସନିକ ଅଧିକାରୀ ସୁରକ୍ଷା ବ୍ୟବସ୍ଥା ତଦାରଖ ସହ ସମୀକ୍ଷା କରୁଛନ୍ତି। ପ୍ରତି କାର୍ଯ୍ୟକ୍ରମ ସ୍ଥଳରେ ଜଣେ ଲେଖାଏଁ ଅଭିଜ୍ଞ ବରିଷ୍ଠ ପୁଲିସ ଅଧିକାରୀଙ୍କୁ ସୁରକ୍ଷା ବ୍ୟବସ୍ଥା ନେଇ ନିୟୋଜିତ କରାଯାଇଛି। କୌଣସି ପ୍ରକାର ତ୍ରୁଟିମୁକ୍ତ ଭାବେ ପ୍ରୋଟୋକଲ ଅନୁଯାୟୀ ସୁରକ୍ଷା ବ୍ୟବସ୍ଥା କିପରି ହେବ ସେନେଇ ପୁଲିସ ବିଭାଗ ସଚେତନ ରହିଛି। ରାଷ୍ଟ୍ରପତିଙ୍କ ପ୍ରତିଟି ଗସ୍ତ ସ୍ଥାନ, ସଭା ସ୍ଥଳ, ଶିମିଳିପାଳ ଅଭୟାରଣ୍ୟ ଆଦିରେ ସୁରକ୍ଷା ବ୍ୟବସ୍ଥା ଚୂଡ଼ାନ୍ତ ହୋଇଛି। ସୁରକ୍ଷା ପାଇଁ ୪୮ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ହୋଇଛନ୍ତି। ୬ ଜଣ ଏସପି ଓ କମାଣ୍ଡାଣ୍ଟ ପାହ୍ୟା ଅଫିସର, ୧୨ ଜଣ ଏଏସପି ଓ ଡେପୁଟି କମାଣ୍ଡାଣ୍ଟ ପାହ୍ୟା ଅଫିସର, ୨୭ ଡିଏସପି ଓ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ପାହ୍ୟା ଅଫିସର, ୬୦ ଇନ୍ସପେକ୍ଟର, ୧୬୦ ଏସଆଇ, ୩୪୦ ହୋମଗାର୍ଡ, ୩ଟି ଏସ୍‌ଓଜି ଟିମ୍, ୨ଟି ଡିବିଏଫ ଟିମ, ଗୋଟିଏ ଓଡ୍ରାଫ ଟିମ୍ ସମେତ ଅନ୍ୟାନ୍ୟ ଫୋର୍ସ କର୍ମଚାରୀ ମୁତୟନ ହେବେ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି। ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମକୁ ନେଇ ପୁଲିସ ବିଭାଗ ସମସ୍ତ ପ୍ରସ୍ତୁତ ଶେଷ ହୋଇ କାର୍ଯ୍ୟକ୍ରମ ସ୍ଥଳରେ ପୁଲିସ ନିୟୋଜିତ ହୋଇଛନ୍ତି। କଡାକଡି ଭାବେ ପୁଲିସର ଛାଉଣୀ ହୋଇଛି। ଏଡିଜି ଦୟାଲ ଗାଙ୍ଗୱାର, ପୂର୍ବାଞ୍ଚଳ ଡିଆଇଜି ପିନାକ ମିଶ୍ର, ଏସପି ବରୁଣ ଗୁଣ୍ଟୁପାଲି ସମେତ ଅନ୍ୟ ଅଧିକାରୀ ସୁରକ୍ଷା ବ୍ୟବସ୍ଥାର ଯାଞ୍ଚ କଡାକଡି ଭାବରେ କରୁଛନ୍ତି। ରାଷ୍ଟ୍ରପତିଙ୍କ ୩ ଦିନିଆ ଗସ୍ତ କାର୍ଯ୍ୟକ୍ରମକୁ ସୁରୁଖୁରୁରେ ସମ୍ପାଦନା ନେଇ ପ୍ରତିଦିନ ସୁରକ୍ଷା ବ୍ୟବସ୍ଥାର ବରିଷ୍ଠ ପୁଲିସ ଅଧିକାରୀ ତଦାରଖ ସହ ସମୀକ୍ଷା କରୁଛନ୍ତି।






## ରାଷ୍ଟ୍ରପତିଙ୍କ ଦ୍ୱାରା ଉଦ୍‌ଘାଟିତ ହେବ ହଲିଡେ ହୋମ୍

**ରାଇରଙ୍ଗପୁର:** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବୁଧବାର ରାଇରଙ୍ଗପୁରକୁ ଗସ୍ତରେ ଆସି ପହଞ୍ଚିବା ପରେ ପ୍ରଥମେ ହଲିଡେ ହୋମ୍ ଉଦଘାଟନ କରିବେ। ଏଥିସହିତ ଉକ୍ତ ସ୍ଥାନରେ ତାଙ୍କର ରହଣି ରହିଛି। ଯାହାକୁ ନେଇ ହଲିଡେ ହୋମକୁ ସୁନ୍ଦର ଭାବେ ସାଜସଜ୍ଜା କରାଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସ୍ୱାଗତ ନିମନ୍ତେ ମହୁଲଡିହାସ୍ଥ ସେଣ୍ଟ୍ରାଲ ଗଭର୍ମେଣ୍ଟ ହଲିଡେ ହୋମ୍ ଅପେକ୍ଷାରେ ରହିଛି। ଉପାନ୍ତ ଅଞ୍ଚଳରେ ପ୍ରଥମ କରି ଉକ୍ତ ହଲିଡେ ହୋମ ହୋଇଛି। ଯାହାକି ବେଶ ସୁନ୍ଦର ଭାବେ ନିର୍ମିତ ହୋଇଛି। ରାଇରଙ୍ଗପୁରରେ ଏହା ନିର୍ମାଣ ଦ୍ୱାରା ବିକାଶ କ୍ଷେତ୍ରରେ ସହାୟକ ହେବ। ତେବେ ରାଇରଙ୍ଗପୁରର ବଇଦାପୋଷିସ୍ଥ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଉଦ୍‌ଘାଟନ କାର୍ଯ୍ୟକ୍ରମ ସ୍ଥଗିତ ହୋଇଛି। ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାର କ୍ରୀଡ଼ାବିତ୍‌ଙ୍କ ପ୍ରତିଭାକୁ ଆନ୍ତର୍ଜାତିକ ଓ ଜାତୀୟ ସ୍ତରରେ ପରିସ୍ଫୁଟନ କରିବା ପାଇଁ ନିର୍ମିତ ଉକ୍ତ ଜାତୀୟ ସ୍ତରୀୟ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ଏହା ରାଷ୍ଟ୍ରପତି ଉଦ୍‌ଘାଟନ କରିବା ନେଇ ପୂର୍ବରୁ ଚୂଡାନ୍ତ ହୋଇଥିଲା। କିନ୍ତୁ କୌଣସି କାରଣ ନିମନ୍ତେ ତାହାକୁ ସ୍ଥଗିତ କରାଯାଇଛି। ଆଗକୁ ଏହାର ଉଦ୍‌ଘାଟନ କାର୍ଯ୍ୟକ୍ରମ ହେବ ବୋଲି ସୂଚନା ମିଳିଛି। ରାଷ୍ଟ୍ରପତି ବୁଧବାର ବାୟୁସେନାର ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ରାଇରଙ୍ଗପୁରସ୍ଥ ଦାଣ୍ଡବୋଷ ଏୟାରଷ୍ଟ୍ରିପରେ ପହଞ୍ଚିବା ପରେ ପ୍ରଥମେ ହଲିଡେ ହୋମକୁ ଯାଇ ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଅନ୍ୟ କାର୍ଯ୍ୟକ୍ରମ ସାରି ପୁଣି ସନ୍ଧ୍ୟା ସମୟରେ ହଲିଡେ ହୋମ ଯାଇ ସେଠାରେ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷଙ୍କ ସହ ଭାବ ବିନିମୟ କରିବାର କାର୍ଯ୍ୟକ୍ରମ ରହିଛି।

## ଐତିହାସିକ ସରସ୍ୱତୀ ମେଳା ଉଦ୍‌ଘାଟିତ



**ଉଦଳା, ୩।୨(ସମିସ):** ଐତିହାସିକ ସରସ୍ୱତୀ ମେଳା ଉଦ୍‌ଘାଟିତ ହୋଇଛି। ବିଭିନ୍ନ ପ୍ରକାର ୧୦୦୦ରୁ ଅଧିକ ଦୋକାନ ସହିତ ରାମଦୋଳି, ମିନାବଜାର ମେଳାର ଆକର୍ଷଣ ବୃଦ୍ଧି କରିଛି। ଏନ୍‌ଏସି ଅଧ୍ୟକ୍ଷା ପ୍ରମିଳା ପଣ୍ଡି, ଉପନଗରପାଳ ଲିଲି ଭୋଳ ମେଳାକୁ ଉଦ୍‌ଘଟନ କରିଛନ୍ତି। କାଉନସିଲ ଧୀରେନ୍ଦ୍ର ଖଣ୍ଡେଲୱାଲ, ସୌଭାଗ୍ୟ ସାହୁ, ଉର୍ମିଳା ପାତ୍ର, ଭଗବତୀ ପାତ୍ର, ଶୁଭଦୀପ ମହାନ୍ତି, ପଦ୍ମାବତୀ ଦେହୁରୀ, ମମତା ଟୁଡୁ, ସଭାପତି ବସନ୍ତ ପରିଡ଼ା, ସମ୍ପାଦକ ରବୀନ୍ଦ୍ର ପରିଡ଼ା, ଉପସଭାପତି କ୍ଷୀରୋଦ ମହାନ୍ତି, ଉପଦେଷ୍ଟା ପ୍ରଭାତ ପରିଡ଼ା, ହାଡ଼ିବନ୍ଧୁ ପୋଥାଳ, କୋଷାଧ୍ୟକ୍ଷ ଡିକେନ୍ସ ବେହେରା, ସହସମ୍ପାଦକ ଦାତାକର୍ଣ୍ଣ ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଜ୍ୟୋତି ଦାସ, ଶେଷଦେବ ସାହୁ, ମାନସ ରଞ୍ଜନ ମହାନ୍ତି, ସୁଶୀଲ ମହାନ୍ତି, ମହେଶ୍ୱର ଦାସ, ବିଜୟ ବେହେରା, ଶାନ୍ତିଲତା ଦାସ, ଗୌରୀଶଙ୍କର ବେହେରା, କୃଷ୍ଣ ଚୈତନ୍ୟ ସଦୁଆଳ, ରଜତ ବେହେରା, ହେମନ୍ତ ବେହେରା, କାମଦେବ ସାହୁ, ନିରଞ୍ଜନ ବେହେରା, ଜୟଶ୍ରୀ ବେହେରା, ନାରାୟଣ ପୃଷ୍ଟି ପ୍ରମୁଖ ସହଯୋଗ କରିଥିଲେ। ଆଗାମୀ ଫେବୃଆରୀ ୧୩ ତାରିଖ ପର୍ଯ୍ୟନ୍ତ ମେଳା ଚାଲିବ। ଓଡ଼ିଶାର ଏକମାତ୍ର ସରସ୍ୱତୀ ମନ୍ଦିରରେ ୧୫୦ ବର୍ଷ ଧରି ଏହି ମେଳା ଅନୁଷ୍ଠିତ ହୋଇଆସୁଛି।

## ପଦ୍ମଶ୍ରୀ ଚରଣ ହେମ୍ବ୍ରମଙ୍କୁ ସମ୍ବର୍ଦ୍ଧନା



**ରାଇରଙ୍ଗପୁର, ୩।୨(ସମିସ):** ପଦ୍ମଶ୍ରୀ ଚରଣ ହେମ୍ବ୍ରମଙ୍କୁ ଆସେକା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। କାର୍ଯ୍ୟକାରୀ ସଦସ୍ୟ ନୂଆଗାଁଠାରେ ତାଙ୍କୁ ଭେଟି ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ଏଥିରେ ମୋଚିରାମ ହେମ୍ବ୍ରମ, ସୁପାଇ ମାର୍ଣ୍ଡି, ନାନାକ ମୁର୍ମୁ, ପୂର୍ବତନ ବିଧାୟକ ପ୍ରହ୍ଲାଦ ପୂର୍ତ୍ତି ଓ ସୁଦାମ ମହାଳି ପ୍ରମୁଖ ଉପସ୍ଥିତ ରହି ଶୁଭେଚ୍ଛା ଜଣାଇଥିଲେ।

# ନୂତନ ଏନ୍‌ଏସି ଗୃହ ନିର୍ମାଣ ପାଇଁ ସ୍ଥାନ ପରିଦର୍ଶନ କଲେ ମନ୍ତ୍ରୀ

**ରାସଗୋବିନ୍ଦପୁର, ୩।୨(ସମିସ):** ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ରାସଗୋବିନ୍ଦପୁରକୁ ଏନଏସି ଭାବେ ଘୋଷଣା କରାଯିବା ପରେ ଆଜି ପ୍ରସ୍ତାବିତ ଏନଏସି ଗୃହ ନିର୍ମାଣ ପାଇଁ ନିର୍ଦ୍ଧାରିତ ଜାଗା ପରିଦର୍ଶନ କରିଛନ୍ତି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ କୃଷ୍ଣଚନ୍ଦ୍ର ମହାପାତ୍ର। ମନ୍ତ୍ରୀ ଜାଗା ପରିଦର୍ଶନ ସମୟରେ ଭବନ ନିର୍ମାଣ ଯୋଜନା, ଯାତାୟାତ ସୁବିଧା, ପାନୀୟ ଜଳ, ବିଦ୍ୟୁତ, ନିଷ୍କାସନ ବ୍ୟବସ୍ଥା ସହ ଅନ୍ୟାନ୍ୟ ମୌଳିକ ସୁବିଧା ବିଷୟରେ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଲୋକଙ୍କ ସୁବିଧାକୁ ଧ୍ୟାନରେ ରଖି ସ୍ଥାୟୀ ଓ ଆଧୁନିକ ଏନଏସି ଗୃହ ନିର୍ମାଣ କରାଯିବ। ନୂତନ ଏନଏସି ଗଠନ ସହିତ ରାସଗୋବିନ୍ଦପୁର ଅଞ୍ଚଳର ସମଗ୍ର ଉନ୍ନତି ହେବ ଓ ସହରୀ ସୁବିଧା ବଢ଼ିବ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି। ଏ ଅବସରରେ ସ୍ଥାନୀୟ ପ୍ରଶାସନିକ ଅଧିକାରୀ ତହସିଲଦାର ଉପେନ୍ଦ୍ର ଦାସ, ବିଡିଓ ଅନନ୍ତ ହାଁସଦା, ରାଜସ୍ୱ ନିରୀକ୍ଷକ ଚକ୍ରଧର ସେଠୀ, ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଦୀପ ମହାନ୍ତି, ସମ୍ପାଦକ ପୁରୁଷୋତ୍ତମ ଦେ, ବରିଷ୍ଠ କର୍ମକର୍ତ୍ତା ନରୋତ୍ତମ ମହାନ୍ତି, ଅଞ୍ଜନ ମୁର୍ମୁ, ଦିଲ୍ଲୀପ ମଜୁମଦାର, ଚିତ୍ତରଞ୍ଜନ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଗସ୍ତ ଅବସରରେ ମନ୍ତ୍ରୀ ରାଇଶୋଳଠାରେ ନୂତନ ସପ୍ତେଶ୍ୱର ଶିବ ମନ୍ଦିର, ରାସଗୋବିନ୍ଦପୁର ଉପ୍ରା ବିଦ୍ୟାଳୟରେ ଦୁଇଟି ଓ ରାଇଶୋଳ ଉପ୍ରା ବିଦ୍ୟାଳୟର ଗୋଟିଏ ଅତିରିକ୍ତ ଶ୍ରେଣୀ ଗୃହ, ରାଘବପୁରର ନୂତନ ଜିପିଏଲଏଫ ଗୃହ ଓ ମାର୍କେଟ କମ୍ପ୍ଲେକ୍ସର ଉଦ୍‌ଘାଟନ କରିବା ସହ ତୁଟାପଡ଼ା ସଂସ୍କୃତ ସ୍କୁଲର ବାର୍ଷିକ ଉତ୍ସବ ଯୋଗଦେଇଥିଲେ।



# ପୁରୁଷୋତ୍ତମ ଇଲେକ୍ଟ୍ରୋ ହୋମିଓପାଥି ମେଡିକାଲରେ ଜାତୀୟ ସମ୍ମିଳନୀ

**ସାରସକଣା, ୩।୨(ସମିସ)**

ସାରସକଣା ବ୍ଲକ ଝାରପୋଖରିଆସ୍ଥ ପିଇଏଚ୍ ପ୍ରତିଷ୍ଠାନ ପରିସରରେ ଇଲେକ୍ଟ୍ରୋ ହେମିଓପାଥି ଡାକ୍ତର ସଂଘ ପକ୍ଷରୁ ଇଲେକ୍ଟ୍ରୋ ହୋମିଓପାଥି ଉଦ୍ଭାବକ ଡଃ କାଉଣ୍ଟ ଶିସର ମେଟିଙ୍କ ୩୭ତମ ଜନ୍ମ ମାସ ଉପଲକ୍ଷେ ୩୭ତମ ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଡଃ ଚୂଡ଼ାମଣି ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ସାରସକଣା ବିଧାୟକ ଭବବା ହାଁସଦା ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ଡଃ ସରୋଜ ସାହୁ, ସମ୍ମାନିତ ଅତିଥି ଭାବେ ଡଃ ଭି. କେ. ମିଶ୍ର, ସମ୍ମାନିତ ଅତିଥି ଭାବେ ଡଃ ଅବନ୍ତୀ ଦାଶମହାପାତ୍ର, ଧାଙ୍ଗୁଡିସୋଳ ସରପଞ୍ଚ ଲୋକେଶ୍ୱର ନାଏକ, ରମାଦେଇପୁର ସରପଞ୍ଚ ଦ୍ରୌପଦୀ ନାଏକ, ଡାକ୍ତର ସଂଘର ସଭାପତି ଡଃ ସରୋଜ ନାୟକ, ସଂଘ ସମ୍ପାଦକ ଡଃ କୁଳବହୁତ ପାତ୍ର, ଅଧ୍ୟକ୍ଷ ଡଃ ଫକୀର ଚନ୍ଦ୍ର ଦାସ, ଅଧ୍ୟାପକ ଡଃ ଗୋପାଳ ଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ରାଜ୍ୟ ଓ ଜିଲ୍ଲାରୁ ୧୫୦ରୁ ଅଧିକ ଡାକ୍ତର ଉପସ୍ଥିତ ଥିଲେ। ମୁଖ୍ୟଅତିଥି ଇଲେକ୍ଟ୍ରୋ ହୋମିଓପାଥି ଉଦ୍ଭାବକ ଡଃ ମେଟ୍ଟିଙ୍କ ଗାରିମା ଓ ତାଙ୍କ ଜନ୍ମ ମାସ ଉଦ୍ଦେଶ୍ୟରେ ବକ୍ତବ୍ୟ ଦେବା ସହିତ ଇଲେକ୍ଟ୍ରୋ ହୋମିଓ ଔଷଧର ଉପକାରିତା ଓ ରୋଗର ନିରାକରଣ ବିଷୟରେ ବକ୍ତବ୍ୟ ରଖିଥିଲେ। ଏ ଅବସରରେ ସାମ୍ବାଦିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡଃ ଅଜୟ ସେନାପତି ମଞ୍ଚ ପରିଚାଳନା କରିଥିବାବେଳେ ଡଃ ଗୋପାଳ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।




## ଛୋଟରାୟପୁରରେ ମହିଳା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

**ମୋରଡ଼ା, ୩।୨(ସମିସ):** ମୋରଡା ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତର ଛୋଟରାୟପୁର ଗ୍ରାମରେ ବାବା ଜଟେଶ୍ୱର ଯୁବକ ସଂଘ ପକ୍ଷରୁ ଅଞ୍ଚଳରେ ପ୍ରଥମଥର ମହିଳା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଛି। ଏଥିରେ ମୋରଡା ନିର୍ବାଚନମଣ୍ଡଳୀର ଯୁବ କଂଗ୍ରେସ ସଭାପତି ତାପସ ରଞ୍ଜନ ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳକୁ ଉଦଘାଟନ କରିଥିଲେ। ଅବସରପ୍ରାପ୍ତ ଖେଳ ଶିକ୍ଷକ ଗୌରହରି ମହାନ୍ତ, ମୋରଡା ସରକାରୀ ଉଚ୍ଚବିଦ୍ୟାଳୟର ଶିକ୍ଷକ ହୃଷିକେଶ ମହାନ୍ତ, ଗ୍ରାମ ସେକ୍ରେଟାରୀ ବୀରେନ୍ଦ୍ର ମହାନ୍ତ, ଶିକ୍ଷକ ଶ୍ୟାମସୁନ୍ଦର ବେହେରା ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ୪ଟି ଦଳ ଅଂଶଗ୍ରହଣ କରିଥିଲେ। ସେଥିରୁ କାଦୁଆଣି ଓ ବଣକାଟି ଫାଇନାଲକୁ ଉନ୍ନୀତ ହୋଇଥିଲେ। କ୍ଲବ୍‌ର ସଭାପତି ଗଗନ କୁମାର ମହାନ୍ତ ଓ ସମ୍ପାଦକ ଗୌତମ ମହାନ୍ତ ବିଜେତା ଓ ଉପବିଜେତା ଦଳକୁ ପୁରସ୍କାର ପ୍ରଦାନ କରିଥିଲେ।

# ସମ୍ପାଦକୀୟ



ନାଗରିକମାନେ କେବଳ ଭୋଟର ହେବା ଯଥେଷ୍ଟ ନୁହେଁ, ନୀତି ନିର୍ଦ୍ଧାରକ ମଧ୍ୟ ହେବା ଆବଶ୍ୟକ। ନଚେତ୍ କତିପୟ ନୀତି ନିର୍ଦ୍ଧାରକ ଭୋଟରମାନଙ୍କ ଉପରେ ପ୍ରଭୁତ୍ୱ ଜାହିର କରିଚାଲିଥିବେ।

-ଡ. ବି ଆର ଆମ୍ବେଦକର

THE SAKALA

## ଅର୍ଥ ଆୟୋଗ ମଧ୍ୟ ଦାଉ ସାଧିଲେ

ସ୍ୱତନ୍ତ୍ର ରାଜ୍ୟ ପାହ୍ୟା, କୋଇଲା ରାଜଭାଗ, ପ୍ରଦୂଷଣ ଉପକରରେ ରାଜ୍ୟ ଭାଗ, ରେଳବାଇ ଆଦି କ୍ଷେତ୍ରରେ କ୍ରମାଗତ କେନ୍ଦ୍ରୀୟ ଅବହେଳାର ଶିକାର ହୋଇଆସୁଥିବା ଓଡ଼ିଶା ଉପରେ ଏଥର ଷୋଡ଼ଶ କେନ୍ଦ୍ର ଅର୍ଥ ଆୟୋଗ ମଧ୍ୟ ଦାଉ ସାଧିଛନ୍ତି। ପଞ୍ଚଦଶ ଅର୍ଥ ଆୟୋଗ ଓଡ଼ିଶା ପାଇଁ କେନ୍ଦ୍ରୀୟ ଟିକସ ଭାଗର ୪.୫୨ ପ୍ରତିଶତ ସୁପାରିସ କରିଥିବା ବେଳେ ୨୦୨୬ ରୁ ୨୦୩୧ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବାକୁ ଥିବା ଷୋଡ଼ଶ ଅର୍ଥଆୟୋଗଙ୍କ ସୁପାରିସରେ ତାହା ୪.୪୨କୁ ହ୍ରାସ ପାଇଛି। ଆହୁରି ଉଦ୍‌ବେଗଜନକ ହେଉଛି ବିପର୍ଯ୍ୟୟ ପ୍ରବଣ ଓଡ଼ିଶା ବିପର୍ଯ୍ୟୟ ପ୍ରଶମନ କ୍ଷେତ୍ରରେ ଅନ୍ୟ ରାଜ୍ୟ ତୁଳନାରେ କମ୍ ଅର୍ଥ ପାଇବାକୁ ଯାଉଛି।

ସଂସଦର ଚଳିତ ଅଧିବେଶନରେ ଉପସ୍ଥାପିତ ଷୋଡ଼ଶ ଅର୍ଥ ଆୟୋଗ ସୁପାରିସକୁ କେନ୍ଦ୍ର ସରକାର ଗ୍ରହଣ କରିନେଇଛନ୍ତି। ଏଥିରେ କେନ୍ଦ୍ରୀୟ ଟିକସ ରାଜସ୍ୱ ପାଣ୍ଠିରୁ ରାଜ୍ୟଭାଗ ପୂର୍ବଥର ଭଳି ୪୧%ରେ ଅପରିବର୍ତ୍ତିତ ରହିଛି। କିନ୍ତୁ ପାଣ୍ଠିର ସମାନ୍ତରାଳ ଆବଣ୍ଟନରେ ଯେଉଁ ମାନଦଣ୍ଡ ଆଧାରିତ ପରିବର୍ତ୍ତନ ହୋଇଛି ସେଥିରେ ଓଡ଼ିଶା ବିପୁଳ କ୍ଷତି ସହିବାକୁ ଯାଉଛି। ପ୍ରଥମ ଥର ପାଇଁ ଦେଶର ମୋଟ ଘରୋଇ ଉତ୍ପାଦ(ଜିଡିପି)କୁ ରାଜ୍ୟର ଅବଦାନ ଆଧାରରେ ୧୦% ଆବଣ୍ଟନର ବ୍ୟବସ୍ଥା ରହିଛି। କିନ୍ତୁ ଆୟଗତ ତାରତମ୍ୟ ଆଧାରିତ ଆବଣ୍ଟନ ଗତଥରର ୪୫% ତୁଳନାରେ ଚଳିତ ଥର ୪୨.୫%କୁ ହ୍ରାସ ପାଇଛି। ସେହିପରି ଜନସଂଖ୍ୟା ମାନଦଣ୍ଡ ପାଇଁ ପାଣ୍ଠି ଆବଣ୍ଟନ ପୂର୍ବର ୧୫%ରୁ ୧୭.୫%କୁ ବୃଦ୍ଧି ପାଇଥିବା ବେଳେ ଭୌଗୋଳିକ ପରିସୀମା ଆଧାରିତ ଆବଣ୍ଟନ ୧୫%ରୁ ୧୦%କୁ ହ୍ରାସ ପାଇଛି। ସାମଗ୍ରିକ ଜନସାଂଖ୍ୟିକ ଆଧାର ୧୨.୫%ରୁ ୧୦%କୁ ହ୍ରାସ ପାଇଛି। ଜଙ୍ଗଲାଞ୍ଚଳ ଆଧାରିତ ଆବଣ୍ଟନ ପୂର୍ବପରି ୧୦%ରେ ଅପରିବର୍ତ୍ତିତ ରହିଛି। ସମ୍ବିଧାନର ଧାରା ୨୭୫(୧)ର ବିରୁଦ୍ଧାଚରଣ କରୁଥିଲେ ମଧ୍ୟ ଷୋଡ଼ଶ ଅର୍ଥ ଆୟୋଗ ରାଜ୍ୟମାନଙ୍କ ରାଜସ୍ୱ ନିଅଣ୍ଟ ଭରଣା ବାବଦ ଅନୁଦାନ ଓ ରାଜ୍ୟ ଭିତ୍ତିକ ନିର୍ଦ୍ଦିଷ୍ଟ ଅନୁଦାନକୁ ଉଚ୍ଛେଦ କରିଛନ୍ତି। ଏହାଦ୍ୱାରା ଗରିବ ରାଜ୍ୟଗୁଡ଼ିକର ଅର୍ଥନୀତି ଆହୁରି ଦୟନୀୟ ହେବାର ଆଶଙ୍କା ପ୍ରକାଶ ପାଇଛି।

ଉପରୋକ୍ତ ମାନଦଣ୍ଡ ଆଧାରରେ ଓଡ଼ିଶା ସମାନ୍ତରାଳ ଆବଣ୍ଟନରେ ପୂର୍ବାପେକ୍ଷା ଅଧିକ କ୍ଷତି ସହିବ। ଓଡ଼ିଶାର ଡବଲ୍ ଇଞ୍ଜିନ୍ ସରକାର କେନ୍ଦ୍ରୀୟ ଟିକସ ଭାଗରୁ ୧୨.୫୯ ଲକ୍ଷ କୋଟି ଟଙ୍କା(୪.୯୬୪%) ମାଗିଥିବା ବେଳେ ଆୟୋଗଙ୍କ ପରିବର୍ତ୍ତିତ ମାନଦଣ୍ଡରେ ଓଡ଼ିଶାର ସ୍ୱାର୍ଥ ପୁଣି ଥରେ ବଳି ପଡ଼ିଛି। ପଞ୍ଚାୟତ ଅନୁଷ୍ଠାନ ପୌରପାଳିକା, ମହାନଗର ନିଗମ ଆଦିଗୁଡ଼ିକ ପାଇଁ ଓଡ଼ିଶା ଶତପ୍ରତିଶତ ଅନୁଦାନ ଦାବି କରିଥିବା ବେଳେ ପୂର୍ବାପେକ୍ଷା କମ୍ ମିଳିବ। ସେହିପରି ବିପର୍ଯ୍ୟୟ ତାଲିକାରେ ଓଡ଼ିଶାର ଅଙ୍କ ଦେଶର ସବୁଠାରୁ ଉଚ୍ଚରେ ଥିବା ବେଳେ ଉତ୍ତରପ୍ରଦେଶ, ମହାରାଷ୍ଟ୍ର ଆଦି କମ୍ ବିପର୍ଯ୍ୟୟ ପ୍ରବଣ ରାଜ୍ୟ ଓଡ଼ିଶାଠାରୁ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ଅନୁଦାନ ବାବଦରେ ଅଧିକ ଅର୍ଥ ପାଇବେ। ଅଧିକନ୍ତୁ ଷୋଡ଼ଶ ଆୟୋଗ ସୁପାରିସ ଅନୁଯାୟୀ ଚଳିତ ଆର୍ଥିକ ବର୍ଷରେ ହିଁ ଓଡ଼ିଶା ପ୍ରାୟ ୨ ହଜାର କୋଟି ଟଙ୍କା ହରାଇବ।

ସ୍ୱତନ୍ତ୍ର ପାହ୍ୟା ମାନ୍ୟତା ପାଇଁ କେବଳ ଆନ୍ତର୍ଜାତିକ ସୀମାରେଖା ମାନଦଣ୍ଡକୁ ଛାଡ଼ି ଅନ୍ୟ ସବୁ ମାନଦଣ୍ଡ ଓଡ଼ିଶା ପୂରଣ କରୁଛି। ରଘୁରାମ୍ ରାଜନ୍ ରିପୋର୍ଟ ମଧ୍ୟ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ସପକ୍ଷରେ ଯାଉଛି। ଓଡ଼ିଶାର ଏହି ନ୍ୟାଯ୍ୟ ଦାବି ବିଗତ ଶତାବ୍ଦୀରୁ ନିରନ୍ତର ଉପସ୍ଥାପିତ ହୋଇଆସୁଛି। ଅଥଚ ଚତୁର୍ଦ୍ଦଶ ଅର୍ଥ ଆୟୋଗଙ୍କ ସୁପାରିସକୁ ଆଳ କରି ଏନ୍‌ଡିଏ ସରକାର ଓଡ଼ିଶାର ଏହି ଦାବିରେ ପୂର୍ଣ୍ଣଚ୍ଛେଦ ପକାଇ ଦେଇଛନ୍ତି, ଅଥଚ ତେଲଙ୍ଗାନକୁ ଏହି ମାନ୍ୟତା ୨୦୧୪ରେ ମିଳିଛି। ଅଧିକନ୍ତୁ କେନ୍ଦ୍ର ସରକାରଙ୍କ ସହିତ ଅର୍ଥ ଆୟୋଗ ମଧ୍ୟ ଓଡ଼ିଶା ପ୍ରତି ନିରନ୍ତର ଅବହେଳା କରି ଆସୁଛନ୍ତି।

ଚତୁର୍ଦ୍ଦଶ ଅର୍ଥ ଆୟୋଗ ସୁପାରିସ ଅନୁଯାୟୀ କେନ୍ଦ୍ରୀୟ ଟିକସର ସମାନ୍ତରାଳ ଆବଣ୍ଟନରେ ଓଡ଼ିଶାର ଭାଗ ୪.୬୪% ଥିବା ବେଳେ ପଞ୍ଚଦଶ ଆୟୋଗ ଏହାକୁ ୪.୫୨କୁ ହ୍ରାସ କରିଥିଲେ। ଏବେ ଷୋଡ଼ଶ ଅର୍ଥ ଆୟୋଗ ୪.୪୨କୁ ଖସାଇ ଦେଇଛନ୍ତି। ଅଥଚ ଖଣିଜ ରାଜଭାଗ, ରେଳବାଇ ରାଜସ୍ୱ, ପରିବେଶ ଉପକର ଆକାରରେ ଓଡ଼ିଶା ମାଟି, ପାଣି ଓ ପବନରୁ କେନ୍ଦ୍ର ସରକାର ଅଧିକରୁ ଅଧିକ ଅର୍ଥ ଶୋଷି ଚାଲିଛନ୍ତି। ସଂସଦରେ ସଦ୍ୟ ଉପସ୍ଥାପିତ ରେଳବଜେଟ୍ କଥା ମଧ୍ୟ ଦେଖାଯାଉ। କେନ୍ଦ୍ର ରେଳମନ୍ତ୍ରୀଙ୍କ କହିବା ଅନୁଯାୟୀ ୨୦୨୪ରେ ଓଡ଼ିଶାରେ ଡବଲ୍ ଇଞ୍ଜିନ୍ ସରକାର କ୍ଷମତାକୁ ଆସିବା ପରେ ପାଞ୍ଚବର୍ଷ ମଧ୍ୟରେ ଓଡ଼ିଶାରେ ରେଳବାଇ ୧ ଲକ୍ଷ କୋଟି ଟଙ୍କାର ପ୍ରକଳ୍ପ କାମ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଆଉ ମାସ କେଇଟା ପରେ ଡବଲ୍ ଇଞ୍ଜିନ ସରକାରକୁ ଦୁଇବର୍ଷ ପୂରିଯିବ। ଗତ ବର୍ଷ ତୁଳନାରେ ଚଳିତ ବର୍ଷ ଓଡ଼ିଶା ପାଇଁ ରେଳବଜେଟ୍‌ରେ ମାତ୍ର ୩୨୯ କୋଟି ଟଙ୍କା ବଢ଼ିଛି। ଏହି ଧାରାରେ ବାକି ଥିବା ତିନିବର୍ଷରେ ୧ ଲକ୍ଷ କୋଟିରୁ ବାକି ଥିବା ପାଣ୍ଠି ବିନିଯୋଗ ହୋଇପାରିଲେ ତାହା ନିଶ୍ଚୟ ଏକ ଆଶ୍ଚର୍ଯ୍ୟଜନକ ଓ ଚମତ୍କାରିତା ହେବ। ରାଜ୍ୟରେ ଏବେ ଚାଲୁ ରହିଥିବା ୯୦, ୬୫୯ କୋଟି ଟଙ୍କାର ପୂର୍ବ ପ୍ରକଳ୍ପ କାମକୁ ଯଦି ଏହି ୧ ଲକ୍ଷ କୋଟି ଟଙ୍କାର ଧାର୍ଯ୍ୟ ଲକ୍ଷ୍ୟରେ ସାମିଲ୍ କରାଯାଇଥାଏ ତେବେ ଘୋଷଣା ଫଳବତୀ ହେବାରେ କିଛି ଅସୁବିଧା ହେବ ନାହିଁ। ଏ କଥା ରେଳମନ୍ତ୍ରୀ ସ୍ପଷ୍ଟ କରିଥିଲେ ଓଡ଼ିଶାବାସୀଙ୍କୁ ବୁଝିବାକୁ ସହଜ ହୋଇଥା'ନ୍ତା। ତେବେ ଓଡ଼ିଶାରେ ନୂଆ ରେଳ ନିର୍ମାଣ କାରଖାନା ସମେତ ଖୋର୍ଦ୍ଧା-ବଲାଙ୍ଗୀର, ତାଳଚେର-ସମ୍ବଲପୁର, ତାଳଚେର-ବିମଳାଗଡ଼, ଜଖପୁରା-ବାଂଶପାଣି, ପାରାଦ୍ୱୀପ-ହରିଦାସପୁର, ସମ୍ବଲପୁର-ଟିଟିଲାଗଡ଼ ଆଦି ଅନେକ ଗୁରୁତ୍ୱପୂର୍ଣ୍ଣ ରେଳ ଲାଇନ ପ୍ରକଳ୍ପ ଯଦି ବାକି ତିନିବର୍ଷ ଭିତରେ ସରିପାରନ୍ତା ଏବଂ ଦ୍ୱୈତ ନଗରୀରେ ବନ୍ଦ କରାଯାଇଥିବା ମେଟ୍ରୋ ଟ୍ରେନ୍ ପ୍ରକଳ୍ପର ପୁନଃ ଆରମ୍ଭ ହୋଇପାରନ୍ତା ଡବଲ୍ ଇଞ୍ଜିନ୍‌କୁ ଓଡ଼ିଶାବାସୀ କ୍ଷମତାକୁ ଆଣି କିଛି ଭୁଲ୍ କରିନାହାନ୍ତି ବୋଲି ଆଶ୍ୱସ୍ତ ହୁଅନ୍ତେ।

# ସ୍ମରଣର ବହୁବିଧ ଝରକା

ପ୍ରଫେସର୍ ଫକୀର ମୋହନ ସାହୁ



ଆଧୁନିକ ଜୀବନରେ ସ୍ମରଣଜନିତ ସମସ୍ୟା ଏକ ବହୁଚର୍ଚ୍ଚିତ ପ୍ରସଙ୍ଗର ରୂପ ନେଇଛି। 'ବନ୍ଧୁଙ୍କର ନାମ ମନେପଡୁ ନାହିଁ', 'ପରିବାରର ଦୂରସଂପର୍କୀୟ ଭାଇଙ୍କ ନାମ ମନେପଡୁନାହିଁ'- ଏପରି ସବୁ ବକ୍ତବ୍ୟ କାନଘଷା ହୋଇଗଲାଣି। ବିଶେଷତଃ ଏବେ ଆମ ଦେଶରେ ବାର୍ଦ୍ଧକ୍ୟଜନିତ ରୋଗ ଆଲଜେମର୍ ଓ ସ୍ମୃତିଭ୍ରଂଶର ପ୍ରାଦୁର୍ଭାବ ଏକ ଭୟାବହ ପରିବେଶ ସୃଷ୍ଟି କରିଛି। ପୁଣି ଯେଉଁସବୁ ପରିବାରରେ ବର୍ଷୀୟାନ୍ ବ୍ୟକ୍ତିମାନେ ଅଛନ୍ତି କିମ୍ବା ବୟସ୍କହେବାକୁ ଯାଉଛନ୍ତି, ସେପରି ପରିବାରରେ ଅନାଗତ ଆତଙ୍କର ମାନସିକତା ରାଜତ୍ୱ କରୁଛି।

ସ୍ମରଣର ସଫଳତା ବିଫଳତାର କାରଣ ଏଠାରେ ବିଚାର୍ଯ୍ୟ ନୁହେଁ। ବାସ୍ତବରେ ସ୍ମରଣ ସଂପର୍କିତ ମନସ୍ତାତ୍ତ୍ୱିକ ତଥ୍ୟ ଖୁବ୍ ଜଟିଳ ଓ ବ୍ୟାପକ। ଏକ ସୀମିତ ଲେଖାର କଳେବର ମଧ୍ୟରେ ଏହାର ଆଲୋଚନା ସମ୍ଭବ ନୁହେଁ। କିନ୍ତୁ ଏ କଥା ସତ ଯେ ସ୍ମରଣର ବିବିଧ ରୂପ ରହୁଛି ଏବଂ ଏଗୁଡ଼ିକର ବିକାଶ ଓ ବିଲୟର ଧାରା ସମାନ ନୁହେଁ। ଏହାର ତାତ୍ପର୍ଯ୍ୟ ହେଉଛି ଯେ ଗୋଟିଏ ପ୍ରକାର ସ୍ମରଣ ସାମଗ୍ରୀର ବିଲୟ ଘଟିଥିଲେ ମଧ୍ୟ ଅନ୍ୟପ୍ରକାର ସ୍ମରଣ ଅବ୍ୟାହତ ରହିଥାଏ। ସୁତରାଂ ଗୋଟିଏ ଧରଣର ବିସ୍ମରଣ ଘଟିଥିଲେ ମଧ୍ୟ ମଣିଷ ଅଯଥା ଆତଙ୍କିତ ହେବାର ବିଶେଷ କାରଣ ନାହିଁ।

ସ୍ମରଣର ବ୍ୟାପକ ପ୍ରକାରଭେଦ ରହିଛି। କିନ୍ତୁ ମୋଟାମୋଟି ଭାବରେ ଏହାକୁ ତିନୋଟି ଶ୍ରେଣୀରେ ବିଭକ୍ତ କରାଯାଇପାରେ। ସେଗୁଡ଼ିକ ହେଉଛି- ନିତିଦିନିଆ ସ୍ମୃତି, ଜ୍ଞାନଭିତ୍ତିକ ସ୍ମୃତି ଓ କୌଶଳଜ୍ଞାନଭିତ୍ତିକ ସ୍ମୃତି। ସ୍ମରଣ ପ୍ରକ୍ରିୟାର ଏ ତିନୋଟି ଝରକା ଖୋଲିବା ଓ ବନ୍ଦ ହେବା ନିୟମ ଭିନ୍ନ ଧରଣର।

ଆପଣ ଗତକାଲି ସକାଳେ ପ୍ରାତଃଭୋଜନ ସମୟରେ କ'ଣ ଖାଇଥିଲେ? ଗତ ରବିବାର ଦିନ କେଉଁ ସ୍ଥାନକୁ ବୁଲିଯାଇଥିଲେ? ସେଦିନ କେଉଁ ବନ୍ଧୁଙ୍କ ସହିତ ସାକ୍ଷାତ ହୋଇଥିଲା? ତାଙ୍କ ସହ କ'ଣ ସବୁ କଥାବାର୍ତ୍ତା ହୋଇଥିଲା? ଏପରି ସବୁ ଗତାନୁଗତିକ ଜୀବନର ଘଟଣା-କୈନ୍ଦ୍ରିକ ଅନୁଭବର କିଛି ଅଂଶ ମନେପଡ଼ିବ। ହୁଏତ ବହୁଅଂଶ ଆପଣ ମନେପକାଇ ପାରିବେ ନାହିଁ। ଏହାହେଉଛି ଦୈନନ୍ଦିନ ଜୀବନର ଘଟଣାକୈନ୍ଦ୍ରିକ ସ୍ମୃତି। ମୋଟମୋଟି ଭାବରେ ଘଟଣା ଘଟିବାର ୨୪ ଘଣ୍ଟା ମଧ୍ୟରେ ଏହାର ଅଧାଅଧି ବିସ୍ମୃତ ହୁଏ। ଅବଶିଷ୍ଟ ଅଂଶ ଧୀରେ ଧୀରେ ବିସ୍ମୃତ ହୁଏ। ସ୍ଥୂଳତଃ ଏପରି ନିତିଦିନିଆ ସ୍ମୃତିର ବିଲୟ ଖୁବ୍ ଦ୍ରୁତ। ଏଥିରେ ଆତଙ୍କିତ ହେବାର କିଛି ନାହିଁ।

ଅବଶ୍ୟ ଏହାର ଏକ ବ୍ୟତିକ୍ରମ ଅଛି। ଏହାକୁ ଫ୍ଲାସବଲ୍‌ବ ସ୍ମୃତି କୁହନ୍ତି। ମନେକରାଯାଉ ଆପଣଙ୍କୁ ପଚରାଗଲା- ଓଡ଼ିଶାରେ ମହାବାତ୍ୟା ଘଟିବା ଦିନ ଆପଣ କେଉଁଠି ଥିଲେ ଏବଂ କ'ଣ ଖାଇଥିଲେ? କିମ୍ବା ଜଣେ ତରୁଣ କିମ୍ବା ତରୁଣୀକୁ ପଚରାଗଲା; ତୁମର ବିବାହ ଉତ୍ସବରେ କେଉଁ କେଉଁ ବନ୍ଧୁ ବା ବାନ୍ଧବୀ ତୁମକୁ ଅଭିନନ୍ଦନ ଜଣାଇଥିଲେ? ଏହା ହୁଏତ ସ୍ପଷ୍ଟଭାବରେ ସ୍ମୃତିଭଣ୍ଡାରରେ ରହିଥିବ। ସୁତରାଂ ଗୋଟିଏ ସାମାନ୍ୟ ଘଟଣାକୁ ଅସାମାନ୍ୟ ପରିସ୍ଥିତି ସହ ଯୋଡ଼ିପାରିଲେ ସେପରି ମାମୁଲି ସ୍ମୃତି ମଧ୍ୟ ଅବିସ୍ମୃତ ରହିବ।

ଦ୍ୱିତୀୟ ଧରଣର ସ୍ମରଣ ସାମଗ୍ରୀ ହେଉଛି ଜ୍ଞାନଭିତ୍ତିକ ସ୍ମୃତି। ଗୋଟିଏ 'କଲମ'କୁ କଲମ କହିବା ବା ସ୍ମରଣ କରିବା ଏବଂ 'କମଳା'କୁ କମଳା କହିବା ଏ ଧରଣର ସ୍ମରଣପ୍ରକ୍ରିୟା। ଏହାର ବିଲୟ (ସ୍ମରଣ ବିଫଳତା) ମଧ୍ୟମ ମାତ୍ରାର ହୋଇଥାଏ। କ୍ରମାଗତ ଶିକ୍ଷଣ ଓ ଅଭ୍ୟାସ ମାଧ୍ୟମରେ ଏପରି ସ୍ମୃତି ବଳବତ୍ତର ରହେ।

ତୃତୀୟ ଧରଣର ସ୍ମରଣ ସାମଗ୍ରୀ ହେଉଛି କୌଶଳଜ୍ଞାନ। ସାଇକେଲ୍ କିପରି ବ୍ୟବହାର କରାଯିବ, କାର୍ ଚାଳନା ଏବଂ କମ୍ପ୍ୟୁଟର୍‌ର ବ୍ୟବହାର ସଂପର୍କିତ ସ୍ମୃତି ଏ ଧରଣର। ଏହାର ବିଲୟର ଗତି ଖୁବ୍ ମନ୍ଥର। ଦୀର୍ଘଦିନ ଧରି ସାଇକେଲ କିମ୍ବା କାର୍ ଚାଳନା ନ କରିବାରୁ ଲୋକଟି ମନେକରେ ଯେ ସେ ଭୁଲିଯାଇଛି। ମାତ୍ର ଏହା ଠିକ୍ ନୁହେଁ। ଆରମ୍ଭରେ କାର୍‌ଚାଳନା ଶିଖିବା ପାଇଁ ହୁଏତ ସମୁଦାୟ ୧୦୦ ଘଣ୍ଟା ଲାଗିଥିଲା। ମାତ୍ର ବର୍ତ୍ତମାନ ବିସ୍ମରଣ ଅନୁଭବ କରୁଥିବା ଲୋକଟି ମାତ୍ର ୧୫ଘଣ୍ଟାର ଅଭ୍ୟାସ ପରେ ପୂର୍ବ ସ୍ଥିତିକୁ ଫେରିଆସିବା ସମ୍ଭବ ହେବ। ସୁତରାଂ କାର୍‌ଚାଳନାର ସ୍ମୃତି ପ୍ରକୃତରେ ବିସ୍ମୃତ ହୋଇ ନ ଥିଲା; ସ୍ମରଣର ଏକପ୍ରକାର ବିଫଳତା ପରିଦୃଷ୍ଟ ହେଉଥିଲା। ଏ ପର୍ଯ୍ୟବେକ୍ଷଣର ଏକ ପ୍ରୟୋଗାତ୍ମକ ଦିଗ ହେଉଛି ଯେ କୌଶଳଜ୍ଞାନ ସଂପର୍କିତ ସ୍ମୃତିକୁ ଅତୁଟ ରଖିବା ପାଇଁ ମଝିରେ ମଝିରେ ଅଭ୍ୟାସର ଉପଯୋଗ କରିବା ଆବଶ୍ୟକ।

ସ୍ଥୂଳତଃ ନିତିଦିନିଆ ସ୍ମୃତି, ଜ୍ଞାନଭିତ୍ତିକ ସ୍ମୃତି ଓ କୌଶଳଭିତ୍ତିକ ସ୍ମୃତିର ବିଲୟର ମାତ୍ରାର ଭିନ୍ନ ଭିନ୍ନ ହୋଇଥିବାରୁ ଗୋଟିଏ ପ୍ରକାର ବିସ୍ମରଣକୁ ଅକ୍ଷମତା ବା ଅସାମର୍ଥ୍ୟର ଚିହ୍ନ ରୂପେ ବିଚାର କରିବା ଠିକ୍ ହେବ ନାହିଁ। ବୟସ ଅଧିକ ହେଲେ (ସାଧାରଣତଃ ୫୦ ବର୍ଷ ପରେ) ବ୍ୟକ୍ତିର ନାମ ଓ ସ୍ଥାନର ନାମ ପରି ନାମବାଚକ ବିଶେଷ୍ୟ ଭୁଲିଯିବାର ସମସ୍ୟାଟିକୁ ମାମୁଲି ବିଚାର କରି ସ୍ଥିର ରହିବା ପ୍ରୟୋଜନ।

ସ୍ମରଣର ବହୁବିଧ ଝରକା ପ୍ରସଙ୍ଗରେ ମସ୍ତିଷ୍କ ସଂପର୍କରେ ଗୋଟିଏ ଦୁଇଟି କଥା ଆମର ଜାଣିବା ଉଚିତ୍। ପ୍ରଥମତଃ, ପଚାଶବର୍ଷ ବୟସ ପରେ ମସ୍ତିଷ୍କର ଓଜନ ଧୀରେ ଧୀରେ କମିବାକୁ ଆରମ୍ଭ କରେ। ଏପରି ପ୍ରକ୍ରିୟା ପ୍ରାୟ ସମସ୍ତଙ୍କର ସ୍ମରଣ ସାଫଲ୍ୟକୁ କିଛି କିଛି ପ୍ରଭାବିତ କରିଥାଏ। ଦ୍ୱିତୀୟତଃ, ମସ୍ତିଷ୍କ ଆମର ସମସ୍ତପ୍ରକାର ବ୍ୟବହାରକୁ ନିୟନ୍ତ୍ରଣ କରେ। ସ୍ମରଣକୁ ମଧ୍ୟ ନିୟନ୍ତ୍ରଣ କରେ। କିନ୍ତୁ ବିଭିନ୍ନ ଧରଣର ସ୍ମରଣ ସାମର୍ଥ୍ୟ ପାଇଁ ମସ୍ତିଷ୍କର ସ୍ନାୟୁକେନ୍ଦ୍ରମାନ ପୃଥକ୍ ପୃଥକ୍ ରହିଛି। ଗୋଟିଏ ଉଦାହରଣ ଦ୍ୱାରା ଏହାକୁ ସ୍ପଷ୍ଟ କରାଯାଇପାରେ। ଥରେ ଜଣେ ତରୁଣ ତାଙ୍କର ମୋଟର ସାଇକେଲ୍‌ରେ ଦ୍ରୁତଗତିରେ କାର୍ଯ୍ୟସ୍ଥଳରୁ ଘରକୁ ଫେରୁଥିଲେ। ତାଙ୍କର ଏକ ବିରାଟ ଦୁର୍ଘଟଣା ଘଟିଲା। ତୁରନ୍ତ ତାଙ୍କୁ ଚିକିତ୍ସାଳୟକୁ ନିଆଗଲା ଏବଂ ସେ କିଛିଦିନ ପରେ ଠିକ୍ ହୋଇଗଲେ। ମାତ୍ର ଦେଖାଗଲା ଯେ ସେ ନିଜର କାର୍‌ଟି ଠିକ୍‌ରୂପେ ଚଳାଇପାରୁଥିଲେ ମଧ୍ୟ ଅତୀତରେ ତାଙ୍କ କାର୍‌ରେ କେଉଁମାନେ ଯାଇଥିଲେ, ତାହା ସ୍ମରଣ କରିପାରୁ ନାହାନ୍ତି। ସେହିପରି ସେ ବର୍ତ୍ତମାନ ଭଲ ରୂପେ ଚେସ୍ ଖେଳୁପାରୁଥିଲେ ମଧ୍ୟ ଅତୀତରେ କାହା ସହିତ ଖେଳିଛନ୍ତି, ତାହା ମନେପକାଇ ପାରୁନାହାନ୍ତି। ଏହାର ତାତ୍ପର୍ଯ୍ୟ ହେଉଛି ଯେ ମସ୍ତିଷ୍କର ନିତିଦିନିଆ ସ୍ମରଣ କେନ୍ଦ୍ର କ୍ଷତିଗ୍ରସ୍ତ ହେଲେ ମଧ୍ୟ କୌଶଳଜ୍ଞାନର ମସ୍ତିଷ୍କ କେନ୍ଦ୍ର ଠିକ୍‌ଠାକ୍ ରହିଛି। ସୁତରାଂ ଗୋଟିକର ବିପର୍ଯ୍ୟୟ ସବୁଦିଗର ବିପର୍ଯ୍ୟୟ ନୁହେଁ।

ପରିଶେଷରେ କୁହାଯିବ ଯେ ବୟସ୍କମାନଙ୍କ କ୍ଷେତ୍ରରେ ପରିଦୃଷ୍ଟ ହେଉଥିବା ପ୍ରକାଣ୍ଡ ସ୍ମୃତିଭ୍ରଂଶ ଅଧିକାଂଶ ସମୟରେ ବାର୍ଦ୍ଧକ୍ୟଜନିତ ରୋଗ ଆଲ୍‌ଜେମର୍ କାରଣରୁ ଘଟିଥାଏ। ତେବେ ସବୁବେଳେ ଆଲ୍‌ଜେମର୍ କାରଣ ନୁହେଁ। ଆମ ଶରୀରରେ ଯେପରି ରକ୍ତସଞ୍ଚାଳନ ସଂସ୍ଥା ରହିଛି, ଆମ ମସ୍ତିଷ୍କରେ ମଧ୍ୟ ଏକ ରକ୍ତସଞ୍ଚାଳନ ସଂସ୍ଥା ରହିଛି। ଏହି ସଂସ୍ଥା ମସ୍ତିଷ୍କକୁ ଅମ୍ଳଜାନ ଦେଇଥାଏ ଏବଂ ମସ୍ତିଷ୍କର ସକ୍ରିୟତା ପାଇଁ ଅମ୍ଳଜାନ ଜରୁରୀ। ଏହି ରକ୍ତସଞ୍ଚାଳନରେ କୌଣସି କାରଣରୁ ବାଧା ଉପୁଜିଲେ ସ୍ମରଣ କ୍ରିୟା ବ୍ୟାହତ ହୁଏ। ଏହାକୁ ଭାସ୍କୁଲାର୍ ସ୍ମୃତିଭ୍ରଂଶ କୁହନ୍ତି।

ଆମକୁ ମନେରଖିବାକୁ ଦେବ ଯେ ସ୍ମରଣର ଝରକା ବହୁବିଧ; ରୂପରେଖରେ ଭିନ୍ନତା ଅଛି। ସୁତରାଂ ଗୋଟିଏ ଧରଣର ସ୍ମୃତି ସମସ୍ୟାବିଜଡିତ ହେଲେ ଆତଙ୍କିତ ନ ହୋଇ ପ୍ରତିବିଧାନ କରିବା ଉଚିତ୍। ଗୋଟିଏ ଝରକାର ସମସ୍ୟା ସାମଗ୍ରିକ ସମସ୍ୟା ନୁହେଁ।

ଭୁବନେଶ୍ୱର, ମୋ: ୯୪୩୭୧୨୧୨୭୯

# ଶୈଶବର ନିର୍ବିକଳ୍ପ ପରିବାର

ଜଗନ୍ନାଥ ବେହେରା



ନିଷ୍ପାପ ଶିଶୁ, ହସ ହସ ମୁହଁ, ଖନି ଖନି କଥା, ପଡ଼ି ଉଠି ଚାଲି। ବୁଝେ ନାହିଁ ଖରାପ-ଭଲ ଭିତରେ ଅନ୍ତର। ଶତ୍ରୁ-ମିତ୍ର ଭେଦଭାବ। ଶିଶୁ ପାଇଁ ପିତାମାତା ଆଦି ଗୁରୁ, ଯିଏ ଶିଶୁକୁ ଚିହ୍ନାଇ ଦେଇଥାଏ କାଉ, କୋଇଲି, ଜହ୍ନ, ମାଛ, ଦାଦା, ଭାଇ ଇତ୍ୟାଦି। ପରିବାର ହେଉଛି ଦୀକ୍ଷା ଗୁରୁ, ଯିଏ ସଂସ୍କାର ଶିକ୍ଷା ଦିଏ। ସାଙ୍ଗସାଥୀ ହେଉଛନ୍ତି କର୍ଣ୍ଣଗୁରୁ, ଯେଉଁମାନେ ଭଲ, ମନ୍ଦ, ପାପ ପୁଣ୍ୟ ଓ ଅନେକ ଗୁପ୍ତ କଥା ଶିଖାଇ ଥା'ନ୍ତି, ଯାହା ପରିବାର ଶିକ୍ଷା ଦେଇ ପାରେ ନାହିଁ। ଗାଁ ପ୍ରକୃତି ଓ ପରିବେଶ ଶିଶୁର ଶାରୀରିକ ଓ ମାନସିକ ବୃଦ୍ଧିର ଗୁରୁ, ଯିଏ ଫଳନ୍ତି ଗଛର ସହିବା ଶକ୍ତି ଶିଖାଇ ଦିଏ, ଆକାଶରେ ଉଡ଼ିବାର ସ୍ୱପ୍ନ ଭରିଦିଏ। ପରେ ଆସନ୍ତି ବିଦ୍ୟା ଗୁରୁ, ଯିଏ କେବଳ କିଛି ଶବ୍ଦ ଚିହ୍ନିବାକୁ ଶିକ୍ଷା ଦିଅନ୍ତି।

ବର୍ତ୍ତମାନ କିନ୍ତୁ ଏ କ୍ରୂର ସମାଜ ଶିଶୁଙ୍କୁ ପାଠ ନାଁ ରେ ପରିବାର ଓ ପ୍ରକୃତିଠାରୁ ଛଡ଼ାଇ ନେଉଛି। ମଣିଷ ପାଠକୁ ହିଁ ମୁଖ୍ୟ ବାଟ ବୋଲି ଧରି ନେଇଛନ୍ତି। ବହି ବସ୍ତାନି ବିନା ସତେଯେମିତି ମଣିଷ ଅନ୍ଧାର ଭିତରକୁ ଚାଲିଯିବ। ଜନ୍ମ ନେଉ ନେଉ ହାତରେ ଖଡ଼ି ପଟା ଧରି ମୁଣ୍ଡୁଳା ବୁଲାଇ ଦେଇ ମଥାରେ ଚନ୍ଦନ ପରି ପୁଳାଏ ଲେସି ଦେଲେ ପିଲା ମହାଜ୍ଞାନୀ ସାଜି ବଡ଼ ଚାକିରି କରିବ। ଭବିଷ୍ୟତ ଉଜ୍ଜ୍ୱଳ ହେବ। ତିନି ବର୍ଷର ଶିଶୁ ବର୍ତ୍ତମାନ ବାଟିକାରେ ଅଙ୍ଗନୱାଡି କେନ୍ଦ୍ରରେ ଶିକ୍ଷକଙ୍କ ବେତ ଭୟରେ ଚୁପ ଚାପ୍ ବସି ରହି ନିଜ ଶରୀରର ଗଠନ ପ୍ରକ୍ରିୟାକୁ ନଷ୍ଟ କରିଦିଏ। ହସିବା, ବସିବା, ସାଙ୍ଗ ସାଥୀ ସଙ୍ଗରେ ବୁଲିବା, ଶବ୍ଦ ଶିଖିବା, ପ୍ରଜାପତି ଦେଖି କିଛି କଳ୍ପନା କରିବା, ପଶୁ ପକ୍ଷୀ ବୃକ୍ଷଲତାଠାରୁ କିଛି ଶିଖିବା ସମୟକୁ ବନ୍ଦୀଶାଳାରେ ବିତେଇ ଦେବାକୁ ଆମେ ବାଧ୍ୟ କରୁ। ଜେଜେ ମା', ଜେଜେ ବାପା, ଅଜା, ଆଈ ମୁହଁରୁ ଗପଟିଏ ଶୁଣାଇ ଶିଖିବାର ପ୍ରଥାକୁ ଛଡ଼ାଇ ନେଉ। ଅନେକ ଅବୁଝା ଶବ୍ଦ ଜବରଦସ୍ତ ଭରି କରି ଦେଉ। ହସ ଖୁସି ସମୟରେ ଆମେ ନିର୍ଯାତନା ଆରମ୍ଭ କରି ଦେଉ। ପଡ଼ିଶା ଘର ପିଲା ସହିତ ତୁଳନା କରି ଆମ ପିଲା ନିକଟରେ ଥିବା ସୃଜନଶୀଳ କ୍ଷମତାକୁ ଚାପି ଦେଉ।

ଆଜିର ସମୟହୀନ ଶିକ୍ଷିତ ପିତାମାତାଙ୍କ ପାଇଁ ଲକ୍ଷ ଲକ୍ଷ ପ୍ଲେ ସ୍କୁଲ ଗଢ଼ି ଉଠିଛି। କୋଚିଂ ସେଣ୍ଟର୍‌ଗୁଡ଼ିକ ଠିଆ ହୋଇ ଯାଇଛି। ନୈତିକ ଶିକ୍ଷାର ମୂଲ୍ୟବୋଧ ବଦଳରେ ସାର୍ଟିଫିକେଟର ମାନରେ ବାନ୍ଧି ଦିଆଯାଉଛି ଲୋକଙ୍କୁ। ଉଡ଼ାଜାହାଜ ତିଆରି କରିଥିବା ରାଇଟ୍ ଭାତୃଦ୍ୱୟ, ମାଧ୍ୟାକର୍ଷଣ ଶକ୍ତି ଆବିଷ୍କାର କରିଥିବା ନିଉଟନ୍, ଦୂରବୀକ୍ଷଣ ଯନ୍ତ୍ର ଉଦ୍‌ଭାବନ କରିଥିବା ଗାଲିଲିଓ କେଉଁ କଲେଜରେ ଇଞ୍ଜିନିୟର ପଢ଼ିଥିଲେ? ଭାସ୍କୋଡାଗାମାଙ୍କୁ କେଉଁ ପ୍ରାଧ୍ୟାପକ କଳାପଟାରେ ନକ୍ସା ଦେଖାଇ ପଢ଼ାଇ ଥିଲେ ଯେ ଭାରତ ବଙ୍ଗୋପସାଗର କୂଳରେ ଅବସ୍ଥିତ? ରେଡିଓ, ଟିଭି, ଘଣ୍ଟା ଆଦି ସୃଷ୍ଟି କରିଥିବା ବୈଜ୍ଞାନିକମାନେ କେଉଁ ବୟସରେ ବିଦ୍ୟାଳୟ ବାରଣ୍ଡା ଚଢ଼ିଥିଲେ? ଆଜିର ବାପା ମା' ପରିବାରଠାରୁ ପିଲାଙ୍କୁ ଅଲଗା କରି ଟଙ୍କା ଦେଇ ବିଭିନ୍ନ ହଷ୍ଟେଲରେ ଛାଡ଼ୁଛନ୍ତି। ସେତେବେଳେ କେଉଁଠି ହଷ୍ଟେଲ ଥିଲା? ପିଲାଙ୍କ ସ୍ୱାଧୀନତାକୁ ନିଜେ ବିକ୍ରି କରି ଦେଉଛନ୍ତି। ପାଠପଢ଼ାର ଚାପରେ ପିଲା ମାନସିକ ସ୍ତରରେ ଦୁର୍ବଳ ହେଇ ଯାଉଛି। ବର୍ତ୍ତମାନ ସମୟରେ ୩୫ ବର୍ଷ ବର୍ଗର ୬୦% ଲୋକ ମାନସିକ ସ୍ତରରେ ଦୁର୍ବଳ ହୋଇ ଯାଉଛନ୍ତି ବୋଲି ସର୍ଭେ କହୁଛି।

ପରିବାର ମଧ୍ୟରେ ରହୁଥିବା ବୈଦ୍ୟ ବିନା ପାଠରେ ନାଡ଼ି ଦେଖି ଡାକ୍ତର ପରି ରୋଗ ନିରୂପଣ କରି ପାରୁଥିଲେ। ଆଜି ବି ଅନେକ ଚାଷୀ ପରିବାରରେ ରହି ଦେଶକୁ ଅନ୍ନ ଦେବାରେ ସକ୍ଷମ। ଆଜି ମଧ୍ୟ ଅନେକ ଗାଁ ଗହଳିର ପିଲା ପରିବାର ମଧ୍ୟରେ ରହି ପାଠ ପଢ଼ି ବଡ଼ ଚାକିରି ଓ ଉଚ୍ଚ ପଦପଦବୀରେ ରହିଛନ୍ତି। ହଷ୍ଟେଲ ରହି ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରି ଯେଉଁ ପିଲା ଇଞ୍ଜିନିୟର ଡାକ୍ତର ହୋଇଛନ୍ତି, ତାଙ୍କୁ ଜଣେ ଶ୍ରେଣୀରେ ସେକେଣ୍ଡ ଡିଭିଜନ ରଖି ପାସ ହୋଇଥିବା ପିଲା ଆଇଏଏସ ପାଇ ଶାସନ କରୁଛନ୍ତି। ପରିବାର ମଧ୍ୟରେ ରହି ତୃତୀୟ ଡିଭିଜନରେ ପାସ କରିଥିବା ପିଲାଟି ମନ୍ତ୍ରୀ, ବିଧାୟକ ହୋଇ ଡାକ୍ତର, ଇଞ୍ଜିନିୟର, କଲେକ୍ଟର, ଫରେଷ୍ଟର, ଆରକ୍ଷୀ ଅଧିକ୍ଷକଙ୍କ ପରି ଲୋକଙ୍କୁ ଶାସନ କରୁଛି। ଏଥିରୁ ହଷ୍ଟେଲ ଓ ପରିବାର ମଧ୍ୟରେ ରହି ଶିକ୍ଷା ଲାଭ କରିଥିବା ବଡ଼ ଉଦାହରଣ କ'ଣ ମିଳିପାରିବ?

ଶିଶୁଙ୍କୁ ପରିବାରଠାରୁ ଅଲଗା କରିବା ପୂର୍ବରୁ ପିତାମାତା ହଜାରେ ଥର ଚିନ୍ତା କରନ୍ତୁ। ଜରାଶ୍ରମ ପରି ଶିଶୁଙ୍କୁ ଏକ ଅଲୋଡ଼ା ଶିଶୁ ଆଶ୍ରମକୁ ପଠାଇ ଦେଉ ନାହାନ୍ତି ତ? ବାହାରେ ରଖି ସାମାଜିକ ସଂସ୍କାର, ସାମାଜିକ ରୀତିନୀତି, ଚାଲିଚଳଣ, ବେଶପୋଷାକ, ମାନମର୍ଯ୍ୟାଦା, ସହନଶୀଳତା ଆଦି ଶିଶୁଠାରୁ କିପରି ଆଶା କରିବା? ଅନ୍ୟର ଦୁଃଖ, ସୁଖରେ ଛିଡ଼ା ହେବା, ପର୍ବପର୍ବାଣୀରେ ମିଳିମିଶି କାର୍ଯ୍ୟ କରିବା, ପରସ୍ପରକୁ ସାହାଯ୍ୟ ସହଯୋଗ କରିବା ଗୁଣ ଶିଶୁଠାରୁ କେମିତି ପାଇବା? ଆଜି ମଧ୍ୟ ସମୟ ଅଛି, ଶିଶୁଙ୍କୁ ପରିବାର ସହିତ ରହିବାକୁ ଦିଅନ୍ତୁ। ଆମକୁ ମନେ ରଖିବାକୁ ହେବ ଯେ ଶିଶୁ ପାଇଁ ପରିବାରର ବିକଳ୍ପ ନାହିଁ।

ନବରଙ୍ଗପୁର, ମୋ: ୯୪୩୭୭୮୫୧୫୮

# ବାଇଶି ପାହାଚର ଗଙ୍ଗାରୁଦ୍ଧ ଶିଳା

ଲୋକକଥାରେ ଲୋକଦେବତା

ସ୍ୱପ୍ନେଶ୍ୱର

ମହାପ୍ରଭୁ ଜଗନ୍ନାଥଙ୍କର ଅନନ୍ୟ ଭକ୍ତ ଗଙ୍ଗବଂଶୀ ମହାରାଜା ଭାନୁଦେବ ଥିଲେ ଜଣେ ଅଦ୍ଭୁତ ଖିଆଲର ମଣିଷ। ସେ ଖାଉଥିବା ଫଳମୂଳ ଓ ପରିବାକୁ ନ କାଟି ଏକ କନାରେ ପୂରେଇ ପଥର ବା କାଠରେ ପିଟି ଖଣ୍ଡ ଖଣ୍ଡ କରାଯାଉଥିଲା। ତାଙ୍କ ରୋଷେଇ ଘରେ ଶିଳ ନ ଥିଲା। ମସଲାକୁ ମଧ୍ୟ ପଥରରେ ଛେଚି ବ୍ୟବହାର କରା ଯାଉଥିଲା। ତେଣୁ ପ୍ରଜାମାନେ ତାଙ୍କୁ 'ଅକଟା ଅବଟା ଭାନୁଦେବ' ବୋଲି କୁହାକୁହି ହେଉଥିଲେ। ତାଙ୍କ ରାଜତ୍ୱ କାଳରେ ଶ୍ରୀମନ୍ଦିରରେ ଏକ ଅଦ୍ଭୁତ ଘଟଣା ଘଟିଲା। ବାଇଶିପାହାଚର ତଳପାହାଚରୁ ଗଣି ଆସିଲେ ସପ୍ତମପାହାଚରେ ହଠାତ୍ ପାଣିର ଏକ ଝରଣା ସୃଷ୍ଟି ହେଲା। ବଉଳ ମାଳ ପଥରରେ ନିର୍ମିତ ପାହାଚ ଫଟେଇ ସୃଷ୍ଟି ହୋଇଥିବା ପାଣିର ଝରଣା ଦେଖି ଯାତ୍ରୀ, ସେବକ ଓ କ୍ଷେତ୍ରବାସୀ ଆଶ୍ଚର୍ଯ୍ୟଚକିତ ହେଲେ। ମାଟି ଓ ପଥର ଦେଇ ଝରଣାକୁ ବନ୍ଦ କରିବା ପାଇଁ ଯେତେ ଚେଷ୍ଟା କଲେ ମଧ୍ୟ କୌଣସି ସୁଫଳ ମିଳିଲା ନାହିଁ। ବରଂ ଝରଣାରୁ ବେଳକୁ ବେଳ ଅଧିକରୁ ଅଧିକ ପାଣି ବାହାରି ବଡ଼ଦାଣ୍ଡକୁ ଜଳମଗ୍ନ କଲା। ସେବକ ଓ ଯାତ୍ରୀମାନେ ମନ୍ଦିରକୁ ଯିବାରେ ଅସୁବିଧା ସୃଷ୍ଟି ହେଲା। ମନ୍ଦିର ଅପରିଷ୍କାର ହେଲା। ଠାକୁରଙ୍କ ସେବାରେ ବିଭ୍ରାଟ ସୃଷ୍ଟି ହେଲା। କ୍ଷେତ୍ରବାସୀ କୁହାକୁହି ହେଲେ ଯେ 'ସେବକମାନେ ମହାପ୍ରଭୁଙ୍କ ସେବାପୂଜାରେ ଅନ୍ୟାଚାର କରୁଛନ୍ତି। ଯାତ୍ରୀଙ୍କୁ ଶୋଷଣ କରୁଛନ୍ତି। ମହାପ୍ରଭୁ ଭୋକରେ ରହୁଛନ୍ତି। ପ୍ରଥମ ସେବକ ରାଜା ମଧ୍ୟ ଅନୀତି କରୁଛନ୍ତି। କେତେ ସହନ୍ତା କାଳିଆ? ମନ୍ଦିର ନିର୍ମାଣ ପୂର୍ବରୁ ନୀଳାଚଳ ପର୍ବତରେ ଅନେକ ଝରଣା ଥିଲା। ସେହି ଚିରସ୍ରୋତା ଝରଣାରୁ ଗୋଟେ ଖୋଲିଦେଲେ ସାଆନ୍ତେ।' ପୁଣି ଆଉ କିଏ କହିଲା, 'ପ୍ରଭୁଙ୍କ ନଖକୋଣରେ ଗଙ୍ଗା। ମନ୍ଦିରର ଅନୀତି ଅନ୍ୟାଚାର ଦେଖି ସାଆନ୍ତେ ରାଗିକି ଗଙ୍ଗାକୁ ଆଦେଶ ଦେଇଛନ୍ତି। ତାଙ୍କ ଆଜ୍ଞା ବିନା ଧାର ବନ୍ଦ କରିବ କିଏ?'

ଶେଷରେ ସମସ୍ୟା ସମାଧାନ ପାଇଁ ରାଜା ଅଖିଆ ଅପିଆ ଗର୍ଭଗୃହରେ ଗୁହାରିଆ ପଡ଼ିଲେ। ଦେବୀ ବିମଳାଙ୍କୁ ପ୍ରାର୍ଥନା କରିବା ପାଇଁ ମହାପ୍ରଭୁ ରାଜାଙ୍କୁ ସ୍ୱପ୍ନରେ ଆଦେଶ ଦେଲେ। ରାଜା ମାତା ବିମଳାଙ୍କ ମନ୍ଦିରରେ ଅଧିଆ ପଡ଼ିଲେ। ରାଜାଙ୍କ ପ୍ରାର୍ଥନାରେ ସନ୍ତୁଷ୍ଟ ହୋଇ ମାଆ ବିମଳା ଶୂନ୍ୟବାଣୀରେ କହିଲେ, 'ଆଜି ରାତି ଓ କାଲି ଦିନର ସନ୍ଧିକ୍ଷଣରେ ମନ୍ଦିରରୁ ବାହାରି ଦକ୍ଷିଣପୂର୍ବ ଦିଗରେ ଏକମୁହାଁ ହୋଇ ଚାଲି ଚାଲି ଛଦ୍ମବେଶରେ ଯିବୁ। ରାତି ପାହି ନ ଥିବ, ସକାଳ ହୋଇ ନ ଥିବ। ପ୍ରଭୁଙ୍କର ବିଷ୍ଣୁଗାୟତ୍ରୀ ପାଠ କରି କରି କୌଣସି ସ୍ଥାନରେ ନ ଅଟକି ବାଙ୍କି ମୁହାଣରେ ପହଞ୍ଚିବୁ। ସତ୍ୟଯୁଗରେ ରାଜା ଇନ୍ଦ୍ରଦ୍ୟୁମ୍ନ ଏକସହସ୍ର ଅଶ୍ୱମେଧ ଯଜ୍ଞ କଲା ପରେ ମହାପ୍ରଭୁଙ୍କ ଦିବ୍ୟଦାରୁ ସେଠାରେ ପ୍ରକଟ ହୋଇଥିଲେ। ସେଠାରେ ତୁ ଏକ ଦିବ୍ୟ ପଦାର୍ଥ ଦେଖିବାକୁ ପାଇବୁ। ତାକୁ ଆଣି ଝରଣା ମୁହଁରେ ରଖିଦେଲେ ସ୍ରୋତ ବନ୍ଦ ହୋଇଯିବ।'

ମାଆ ବିମଳାଙ୍କ ଆଦେଶମତେ ରାଜା ବାଙ୍କି ମୁହାଣରେ ପହଞ୍ଚିଲେ। ସେଠାରେ ଜଣେ ଲୋମଶ ସାଧୁମହୋଦଧି ପାଣିରେ ଭାସୁଥିବା ଏକ ପଥର ଚାରିପଟେ ନାଚି ନାଚି ଗାଉଥିଲେ - 'ହରି ବୋଲ ଭାଇ ଗୋବିନ୍ଦ ବୋଲ, ଭାସିଲା ପଥର ବୁଡ଼ିଲା ସୋଲ।' ରାଜା ଲୋମଶ ସାଧୁଙ୍କ ଆଡ଼କୁ ଯିବା ବେଳକୁ ସାଧୁ ଅନ୍ତର୍ଦ୍ଧାନ ହୋଇଗଲେ। ରାଜା ଦେଖିଲେ ଯେ ଏକ ମାଙ୍କଡ଼ା ପଥର ପାଣିରେ ଭାସୁଥିଲା। ରାଜା ଭାବିଲେ ଯେ ମାଆଙ୍କ ନିର୍ଦ୍ଦେଶିତ ପଦାର୍ଥ ସେହି ପଥର। ସେ ପଥରକୁ ପାଟକନାରେ ଗୁଡ଼େଇ ମୁଣ୍ଡରେ ମୁଣ୍ଡେଇ ଶ୍ରୀମନ୍ଦିର ଅଭିମୁଖେ ଚାଲିଲେ। ରାସ୍ତାରେ ଗଲା ବେଳେ ଅନେକ ଚିନ୍ତା ତାଙ୍କ ମୁଣ୍ଡକୁ ଆସୁଥିଲା - 'ପାଣିରେ ଭାସୁଥିବା ଏ ପଥର ତ୍ରେତୟା ଯୁଗରେ ସେତୁବନ୍ଧ ନିର୍ମାଣରେ ବ୍ୟବହୃତ ହୋଇଥିବା ପଥରରୁ ଗୋଟେ ନୁହେଁ ତ? ସେ ଲୋମଶ ସାଧୁ ହନୁମାନ ମହାରାଜ ନୁହନ୍ତି ତ?' କୌଣସି ନିଷ୍କର୍ଷରେ ପହଞ୍ଚିବା ପୂର୍ବରୁ ସେ ମନ୍ଦିରରେ ପହଞ୍ଚି ସାରିଥିଲେ। ପଥରଟାକୁ ନେଇ ଝରଣା ମୁହଁରେ ରଖିଦେବା ପରେ ଝରଣା ବନ୍ଦ ହୋଇଗଲା। ସେବକମାନେ ରାଜାଙ୍କୁ ଚିହ୍ନି ପାରିଲେ। 'ଜୟଜଗନ୍ନାଥ' ଓ ରାଜାଙ୍କର ଜୟଘୋଷରେ ବଡ଼ଦାଣ୍ଡ କମ୍ପି ଉଠିଲା। ପଥର ଦ୍ୱାରା ଗଙ୍ଗାଙ୍କ ପ୍ରବାହ ବନ୍ଦ ହୋଇଥିବାରୁ ସେ ପଥରକୁ 'ଗଙ୍ଗାରୁଦ୍ଧ ଶିଳା' କୁହାଗଲା।

ମୋ: ୯୯୦୦୦୮୩୪୩୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଧନ୍ୟବାଦ ପ୍ରସ୍ତାବ ଆଲୋଚନାବେଳେ ସଂସଦରେ ବର୍ଷିଲା ବିଜେଡି

# ରାଷ୍ଟ୍ରପତିଙ୍କ ଅଭିଭାଷଣରେ ଓଡ଼ିଶା କାହିଁ?

ଭୁବନେଶ୍ୱର,୩।୨(ସମିସ): ସଂସଦରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଆଗତ ଧନ୍ୟବାଦ ପ୍ରସ୍ତାବ ଆଲୋଚନାରେ ଭାଗ ନେଇ କେନ୍ଦ୍ର ଅବହେଳା ବିରୋଧରେ ରାଜ୍ୟସଭାରେ ବର୍ଷିଛନ୍ତି ବିଜେଡି ସାଂସଦ ସସ୍ମିତ୍ ପାତ୍ର । ସେ କହିଛନ୍ତି ଯେ ମହାନଦୀ, ପୋଲାଭରମ କ୍ଷେତ୍ରରେ ଟ୍ରିପଲ ଇଞ୍ଜିନ ସରକାରଙ୍କ ଉଦାସୀନତା, ରାଜ୍ୟରେ ଚାଷୀ ହନ୍ତସନ୍ତ, ଯୋଗାଯୋଗ କ୍ଷେତ୍ରରେ ଅଣଦେଖାକୁ ନେଇ ସାଂସଦମାନେ କ୍ଷୋଭ ପ୍ରକାଶ କରି ରାଷ୍ଟ୍ରପତିଙ୍କ ଅଭିଭାଷଣରେ ଓଡ଼ିଶା କାହିଁ ବୋଲି ପ୍ରଶ୍ନ କରିଛନ୍ତି । ସଦ୍ୟ ଉପସ୍ଥାପିତ ବଜେଟରେ ସବୁ କ୍ଷେତ୍ରରେ ଓଡ଼ିଶାକୁ ଅଣଦେଖା କରାଯାଇଥିବା ବେଳେ ଦୀର୍ଘବର୍ଷ ଧରି ଓଡ଼ିଶାର ଦାବି ଯଥା କୋଇଲା ରାଜଭାଗ ବୃଦ୍ଧି, ସ୍ୱତନ୍ତ୍ର ରାଜ୍ୟପାହ୍ୟା ଦାବିକୁ କେନ୍ଦ୍ର ଶୁଣୁନାହିଁ । ରାଜ୍ୟର ଏସସି, ଏସଟି ବର୍ଗ ଅବହେଳିତ ଅଛନ୍ତି । ମାତ୍ର ରାଷ୍ଟ୍ରପତିଙ୍କ ଅଭିଭାଷଣରେ ଓଡ଼ିଶାର ସ୍ୱର ଶୁଣିବାକୁ ମିଳିଲା ନାହିଁ ବୋଲି ସାଂସଦମାନେ କହିଛନ୍ତି ।

ଆଲୋଚନାରେ ଭାଗ ନେଇ ସସ୍ମିତ କହିଛନ୍ତି ଯେ ସଂଘୀୟ ବ୍ୟବସ୍ଥା ସମ୍ପର୍କରେ ଅଭିଭାଷଣରେ କେଉଁଠାରେ ଉଲ୍ଲେଖ ମିଳିଲା ନାହିଁ । ଓଡ଼ିଶା, ଛତିଶଗଡ଼ ଓ ଦିଲ୍ଲୀରେ ଟ୍ରିପଲ ଇଞ୍ଜିନ ସରକାର ଚାଲୁଥିବା ବେଳେ ମହାନଦୀ ପ୍ରସଙ୍ଗ କିନ୍ତୁ ଗୌଣ ହୋଇଗଲା । ପୋଲାଭରମ କ୍ଷେତ୍ରରେ ଟ୍ରିପଲ ଇଞ୍ଜିନ ସରକାର କାହିଁକି ଓଡ଼ିଶା ପାଇଁ ନ୍ୟାୟ କରିପାରୁନାହାନ୍ତି, ସେ ପ୍ରଶ୍ନ ଉଠିଥାଆନ୍ତା ଗତ ୧୧ ବର୍ଷ ହେଲାଣି ବିଜେଡି ସଭାପତି ତଥା ଆମର ନେତା ନବୀନ ପଟ୍ଟନାୟକ ଓଡ଼ିଶା ପାଇଁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦାବି କରି ଆସୁଛନ୍ତି । ମାତ୍ର ଏହି ଅଭିଭାଷଣରେ ସଂଘୀୟ ବ୍ୟବସ୍ଥା ବାବଦରେ ପଦେ ହେଲେ ଶୁଣିବାକୁ ମିଳିଲା ନାହିଁ । ଆମ ସରକାର ଆଦିବାସୀ, ଅନୁସୂଚିତ ଜାତି ଭାଇଭଉଣୀଙ୍କ ପାଇଁ ବହୁତ କାମ କରୁଛନ୍ତି ବୋଲି ରାଷ୍ଟ୍ରପତି କହିଲେ । ମାତ୍ର ଓଡ଼ିଶାରେ ଏସସି, ଏସଟି, ସଂଖ୍ୟାଲଘୁ ଭାଇ ଭଉଣୀଙ୍କ ଉପରେ ଅତ୍ୟାଚାର ବଢ଼ି ବଢ଼ି ଚାଲିଛି । ରାଷ୍ଟ୍ରୀୟ ଗଣମାଧ୍ୟମରେ ଏନେଇ ଖବର ପ୍ରକାଶ ପାଉଛି । ଓଡ଼ିଶାରେ ହତାଶ, ଚାଷୀଙ୍କ ଧାନ ମଣ୍ଡିରୁ ଉଠୁନାହିଁ । ଗତ

**■ ୧୦ ବର୍ଷ ହେଲା ଉପକୂଳ ରାଜପଥ ପାଇଁ ପଡ଼ିନି ଖଣ୍ଡିଏ ଇଟା**
**■ ରାଜ୍ୟରେ ଧାନ ଉଠୁନାହିଁ, ମଣ୍ଡିରେ ହନ୍ତସନ୍ତ ହେଉଛି ଚାଷୀ**
**■ ଟ୍ରିପଲ୍ ଇଞ୍ଜିନରୁ ମିଳୁନି ମହାନଦୀ, ପୋଲାଭରମ ନ୍ୟାୟ**

୧୦ ବର୍ଷରେ ଓଡ଼ିଶାରେ କାହିଁକି ଉପକୂଳ ରାଜପଥରେ ଖଣ୍ଡିଏ ଇଟା ପଡ଼ିପାରିଲା ନାହିଁ । ଜାତୀୟ ରାଜପଥ, ରେଳ, ଡିଜିଟାଲ ସଂଯୋଗୀକରଣ ସବୁ କ୍ଷେତ୍ରରେ ଓଡ଼ିଶା ପଛୁଆ ରହିଛି । ମୋବାଇଲ ନେଟୱାର୍କ ପାଇଁ ଓଡ଼ିଶାରେ ଲୋକଙ୍କୁ ପାହାଡ଼ ଉପରେ ଚଢ଼ିବାକୁ ପଡୁଛି । ହାଇସ୍ପିଡ ରେଳ କରିଡର ମୁମ୍ବାଇ, ପୁନେ, ହାଇଦ୍ରାବାଦ, ବେଙ୍ଗାଲୁରୁ, ଦିଲ୍ଲୀ , ଚେନ୍ନାଇ, ବାରଣାସୀ, ସିଲିଗୁଡ଼ିକୁ ଦିଆଗଲା । ଶିଳ୍ପ କରିଡର ଦୁର୍ଗାପୁରକୁ ଦିଆଗଲା । ଜାହଜ ମରାମତି କରିଡର ପାଇଁ ବାରଣାସୀ, ପାଟନାକୁ ଦିଆଗଲା । ମାତ୍ର ଓଡ଼ିଶାରେ ଧାମରା, ପାରାଦୀପ ଥିବାସତ୍ତ୍ୱେ ଏହାକୁ ଉପେକ୍ଷା କରାଗଲା । ପୂର୍ବୋଦୟ ବିକାଶ କେଉଁଠି ବୋଲି ସେ ପ୍ରଶ୍ନ କରିଛନ୍ତି ।

ଧରତୀ ଆବା ଜନଜାତୀୟ ଯୋଜନା ଅଧିନରେ ଆଦିବାସୀଙ୍କ ପାଇଁ ଭଲ କାମ ହୋଇଛି । ମାତ୍ର ଓଡ଼ିଶାରେ ଏଯାବତ୍ କାହିଁକି ଆଦିବାସୀ ଭାଇ ଭଉଣୀଙ୍କ ପାଇଁ ପେସା ଆଇନ କାହିଁକି କାର୍ଯ୍ୟକାରୀ ହୋଇପାରୁ ନାହିଁ । ଯେଉଁଠି ଶିଳ୍ପାୟନ ହେଉଛି, ସେଠାରେ କାହିଁକି ପଲ୍ଲୀସଭା ହୋଇ ପାରୁନାହିଁ । ହୋ, ମୁଣ୍ଡାରୀ, ଭୂମିଜ, କୁଇ ଭାଷାକୁ ଅଷ୍ଟମ ଅନୁଚ୍ଛେଦରେ ସାମିଲ ପାଇଁ ବାରମ୍ବାର ଦାବି କରାଯାଉଛି । କେନ୍ଦୁପତ୍ର ଉପରୁ ଜିଏସଟି ସମ୍ପୂର୍ଣ୍ଣ ଛାଡ଼ ପାଇଁ ବାରମ୍ବାର ଦାବି ହେଉଛି । ମାତ୍ର କେନ୍ଦ୍ର ସରକାର ଚୁପ୍ ରହିଛନ୍ତି । ପିଏମ୍ କିଷାମ ସମ୍ମାନ ନିଧିରେ ଚାଷୀଙ୍କୁ ୪ ଲକ୍ଷ କୋଟି ଟଙ୍କା ଦିଆଯାଉଛି । ତାହେଲେ ଓଡ଼ିଶାରେ ମଣ୍ଡିରୁ କାହିଁକି ଧାନ ଉଠୁନାହିଁ, ୧୦ କେଜି କାହିଁକି କଟନୀ ଛଟନୀ ହେଉଛି । ୬୦ ଲକ୍ଷ ମହିଳାଙ୍କୁ ଲକ୍ଷପତି ଦିଦି କରାଯିବା କଥା ଅଭିଭାଷଣରେ କୁହାଯାଇଛି । ମାତ୍ର ଓଡ଼ିଶାରେ ଆଜି ମା, ଭଉଣୀମାନେ ଅସୁରକ୍ଷିତ । ବାଲେଶ୍ୱରରେ ଜଣେ ଛାତ୍ରୀ ନିଜକୁ ପେଟ୍ରୋଲ ଢାଳି ଜାଳିଦେଲା, ଗୋପାଳପୁରରେ ଜଣେ ଝିଅ ଗଣଦୁଷ୍କର୍ମର ଶିକାର ହେଲା । ଓଡ଼ିଶାର ପୁରପଲ୍ଲୀରେ ଦୁଷ୍କର୍ମ ଏବଂ ଗଣଦୁଷ୍କର୍ମ ବଢ଼ି ବଢ଼ି ଚାଲିଛି । ଗତବର୍ଷ ମଧ୍ୟରେ ୫୦ ଲକ୍ଷ କୋଟି ଟଙ୍କାର ନିବେଶ କଥା କୁହାଯାଉଛି, ମାତ୍ର ଓଡ଼ିଶାର କୋଇଲା ରାଜଭାଗ ୧୦ ବର୍ଷ ହେଲାଣି ବୃଦ୍ଧି କରାଗଲା ନାହିଁ । ଓଡ଼ିଶା ୧୦ ହଜାର କୋଟି ଟଙ୍କାର କ୍ଷତି ସହିଛି । ରାଷ୍ଟ୍ରପତି ଓଡ଼ିଶାର ଝିଅ; ଆମର ଗର୍ବ । ଆମେ ତାଙ୍କୁ ଭୋଟ ଦେଇ ଆମେ ଜୟଯୁକ୍ତ କରାଇଛୁ । ମାତ୍ର ତାଙ୍କ ଅଭିଭାଷଣରେ ଓଡ଼ିଶାର ସ୍ୱର ନାହିଁ ବୋଲି ସେ କ୍ଷୋଭ ପ୍ରକାଶ କରିଛନ୍ତି ।

## ରାଉରକେଲା ପୁଲିସ ନିକଟରେ ମାଓବାଦୀଙ୍କ ଆତ୍ମସମର୍ପଣ

ରାଉରକେଲା, ୩।୨(ସମିସ): ମାଓ ଦମନ ଅଭିଯାନରେ ରାଉରକେଲା ପୁଲିସକୁ ସଫଳତା ମିଳିଛି । କୁଖ୍ୟାତ ମାଓବାଦୀ ଅମ୍ବଲେନ୍ ହୋନହଗା ଓରଫ୍ ପ୍ରଭୁ(୧୮) ରାଉରକେଲା ପୁଲିସ ନକଟରେ ଆତ୍ମସମର୍ପଣ କରିଛି । ପୁଲିସ ମୁଖ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପଶ୍ଚିମାଞ୍ଚଳ



ଡିଆଇଜି ବ୍ରିଜେଶ ରାଏ ଓ ଏସ୍‌ପି ନୀତେଶ ୱାଧୱାନୀ ଏ ସଂପର୍କରେ ବିସ୍ତୃତ ସୂଚନା ଦେଇଛନ୍ତି । ଅମଲେନ୍‌ର ଘର ଝାଡ଼ଖଣ୍ଡ ରାଜ୍ୟର ପଶ୍ଚିମ ସିଂହଭୂମ ଜିଲ୍ଲା ଛୋଟନାଗରା ଥାନା ହଲମୁଲି ଗ୍ରାମରେ । ସେ ୨୦୨୪ ମସିହାରେ ମାଓ ସଂଗଠନ ସଦସ୍ୟ ବିର୍ସାଙ୍କ ଜରିଆରେ ମାଓ ସଂଗଠନରେ ସାମିଲ ହୋଇଥିଲେ । ପରେ ତାଙ୍କୁ ଲୋକାଲ ଗରିଲା ସ୍କ୍ୱାଡ୍ ସଦସ୍ୟ ଭାବେ ସଂଗଠନର ପଶ୍ଚିମ ଛୋଟନାଗରା ଡିଭିଜନ୍ ଦାୟିତ୍ୱ ଦିଆଯାଇଥିଲା । ଅମ୍ବଲେନ୍ ସରଣ୍ଡା ଅଞ୍ଚଳରେ ବିଭିନ୍ନ ମାଓ କାର୍ଯ୍ୟରେ ସଂଶ୍ଳିଷ୍ଟ ହେବା ସହ ମାଓ କ୍ୟାମ୍ପରେ ରାସନ ସମେତ ଅନ୍ୟ ସାମଗ୍ରୀ ଯୋଗାଇବା ଦାୟିତ୍ୱ ଏବଂ ସଂଗଠନର ଅନ୍ୟାନ୍ୟ ବିଭିନ୍ନ କାର୍ଯ୍ୟ ଉପରେ ନଜର ରଖିଥିଲା । ମାଓ କ୍ୟାମ୍ପରେ ଦୀର୍ଘ ୧ବର୍ଷ ରହିବା ପରେ ବି ତାଙ୍କୁ କୌଣସି ବ୍ୟକ୍ତିଗତ ଲାଭ ହୋଇନଥିଲା । ଓଲଟି ତାକୁ ନାନାଦି ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଇଥିଲା । ତେଣୁ ସେ ସଂଗଠନରୁ ଦୂରେଇ ଯାଇ ସମାଜର ମୁଖ୍ୟସ୍ରୋତରେ ସାମିଲ ହେବାକୁ ନିଷ୍ପତ୍ତି ନେଇଥିଲେ ।

**AFFIDAVIT**
By virtue of an affidavit sworn before **Executive Magistrate / Notary Public Udala , Mayurbhanj dated 27.12.2025,** I NANDALAL SING At/Po-Labanyadeipur , P.S - SARAT, Dist - Mayurbhanj, PIN - 757079 declare that I have changed my name from **NANDALAL BADRA to NANDALAL SING.** Henceforth, I shall be known as **NANDALAL SING** for all purposes.

**AFFIDAVIT**
By virtue of an affidavit No.1489 sworn before the Executive Magistrate, Jajpur on dtd- 31/01/2026. I, **Elija Malik,** aged-33 years, W/o-Amar Kumar Malik, permanent resident of Vill/Po-Tina, Ps-Binjharpur, Dist- Jajpur, Odisha, Pin- 755012. I have changed my minor daughter's name from **Ayushi Malik** (old name) to **Isha Mallick** (new Name). Henceforth, she shall be known as **Isha Mallick** for all future purposes.
**Sd/- ELIJA MALIK**

**AFFIDAVIT**
By virtue of an affidavit sworn before the Executuve Magistrate, Nabarangpur, no. 1193, dated. 03.12.2025 I, NANDA BISSOYI, S/o - Rama Bissoyi permanent resident of Village - Mentry, PO - Mentry, PS - Tentulikhunti, Dist-Nabarangpur, Odisha, Pin - 764070, declare that I have changed my name from BASOODEV BISAI to NANDA BISSOYI. Henceforth, I shall be known as NANDA BISSOYI for all purposes.
**Sd/- Nanda Bissoyi**

**AFFIDAVIT**
By virtue of an affidavit No. 128 before the **Executive Magistrate, Rairakhol, dtd. 29.01.2026,** I, Harischandra Pradhan, S/o Siba Pradhan, resident of Gobindpur, Tribanpur, Rairakhol, Sambalpur do hereby declare that I have changed my minor daughter's name from **Sanam Pradhan to Saman Pradhan.** Henceforth, she shall be known as **Saman Pradhan** for all purposes.
**Sd/-Harischandra Pradhan**

**Notice (for minor)**
By virtue of an affidavit sworn before the **Executive Magistrate, Champua, dtd - 20. 01..2026.** I, Manoj Kumar Lohar, of Village-Jhumpura, P. O-Jhumpura , P.s. Jhumpura , Dist-Kendujhar, State - Odisha, PIN Code -758031 declare that I have changed the name of my son from **R. M. Debasish Lohar to Debasish Lohar.** Henceforth, he shall be known as (new name) **Debasish Lohar** for all purposes.
**Manoj Kumar Lohar**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସମସ୍ତଙ୍କ ପାଇଁ...

କରାଇବା ଉଚିତ । ଏହା ଦ୍ୱାରା ଜରୁରୀ ସ୍ଥିତିରେ ସହାୟତା ମିଳିପାରିବ । ଏ ପର୍ଯ୍ୟନ୍ତ ପର୍ବତାରୋହଣକୁ ଧନୀ ତଥା ପ୍ରାୟୋଜକଙ୍କ ଖେଳ କୁହାଯାଉଥିଲା । କାରଣ ଶୁଳ୍କକୁ ବଡ଼ ବୋଝ ଧରା ଯାଉଥିଲା । ନୂଆ ମାର୍ଗଦର୍ଶିକାରେ ଗିରିଶୃଙ୍ଗ ଦେୟ, କ୍ୟାମ୍ପ ଶୁଳ୍କ, ଟ୍ରେଲ ମ୍ୟାନେଜମେଣ୍ଟ ଫିସ ଏବଂ ପରିବେଶ ଶୁଳ୍କ ଆଦିକୁ ଶୂନ କରି ଦିଆଯାଇଛି । ଏହା ଦ୍ୱାରା ୧୫ରୁ ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ସଞ୍ଚୟ ହେବ । ବିଦେଶୀ ପର୍ବତାରୋହୀଙ୍କୁ ମଧ୍ୟ ବଡ଼ ଆଶ୍ୱସ୍ତି ମିଳିଛି । ସେମାନଙ୍କ ପାଇଁ ଅଭିଯାନ ଶୁଳ୍କକୁ ଉଚ୍ଛେଦ କରିଦିଆଯାଇଛି ।

### ଲୋକସଭାରେ ନର୍‌ବାଣେ...

୨୦୨୦ରେ ଲଦାଖରେ ଭାରତ ଓ ଚୀନ ସେନା ମୁହାଁମୁହିଁ ସଂପର୍କରେ ତତ୍କାଳୀନ ସେନା ଅଧ୍ୟକ୍ଷ ଜେନେରାଲ ଏମଏନ୍ ନର୍‌ବାଣେ ତାଙ୍କର ଆତ୍ମଜୀବନୀରେ କିଛି ତଥ୍ୟ ଦେଇଛନ୍ତି । ରାହୁଲ ଏହି ତଥ୍ୟକୁ ଲୋକସଭାରେ ରଖିବାକୁ ଜିଦ୍ ଧରିଛନ୍ତି । ଯେହେତୁ ଏହି ପୁସ୍ତକ ପ୍ରକାଶ ପାଇନାହିଁ, ଏହାର ତଥ୍ୟ ଗୃହରେ ଉପସ୍ଥାପିତ କରାଯାଇ ପାରିବ ନାହିଁ ବୋଲି ସରକାର ଯୁକ୍ତି କରି ରାହୁଲଙ୍କୁ ବିରୋଧ କରୁଛନ୍ତି । ବାଚସ୍ପତି ମଧ୍ୟ ରୁଲିଂ ଦେଇଛନ୍ତି ଯେ ଅପ୍ରକାଶିତ ପୁସ୍ତକକୁ ଗୃହରେ କୌଣସି ସଭ୍ୟ ଉଦ୍ଧାର କରିପାରିବେ ନାହିଁ । କିନ୍ତୁ ରାହୁଲ ତାଙ୍କ ଜିଦରେ ଅଟଳ ରହିଛନ୍ତି ଏବଂ ବିରୋଧୀ ସଭ୍ୟମାନେ ମଧ୍ୟ ତାଙ୍କୁ ସମର୍ଥନ କରୁଛନ୍ତି । ଏହି କାରଣରୁ ଗତକାଲି ଲୋକସଭା ଚାଲିପାରିନଥିଲା । ଆଜି ଗୃହ ଆରମ୍ଭ ପରେ ସମାନ ପରିସ୍ଥିତି ସୃଷ୍ଟି ହୋଇଥିଲା । ରାହୁଲ ଜେନେରାଲ ନର୍ବାଣେଙ୍କ ପୁସ୍ତକର କିଛି ଅଂଶ ଉଦ୍ଧାର କରିବା ଲାଗି ଜିଦ୍ ଧରିଥିଲେ । ସରକାର କାହିଁକି ଡରୁଛନ୍ତି ବୋଲି ପ୍ରଶ୍ନ କରିଥିଲେ । କିନ୍ତୁ ତାଙ୍କୁ କହିବା ଲାଗି ବାଚସ୍ପତି ଅନୁମତି ଦେଇନଥିଲେ । ରାହୁଲ କହିଥିଲେ, ଭାରତର ବୈଦେଶିକ ନୀତି ସଂପର୍କରେ ଆଲୋଚନା କରାଯାଇପାରିବ, କାରଣ ଏହା ହେଉଛନ୍ତି ରାଷ୍ଟ୍ରପତିଙ୍କ ଅଭିଭାଷଣର ଏକ ଅଂଶ । ୨୦୨୦ରେ ଲଦାଖ ସୀମାରେ ଭାରତ ଓ ଚୀନ ମଧ୍ୟରେ କଣ ହେଲା ଏବଂ ପ୍ରଧାନମନ୍ତ୍ରୀଙ୍କ ପ୍ରତିକ୍ରିୟା କଣ ଥିଲା, ତାହା ଉପରେ ଆଲୋଚନା ହେବା ଉଚିତ । ଜେନେରାଲ ନର୍ବାଣେ ଏସଂପର୍କରେ ଅନେକ ବିସ୍ଫୋରକ ତଥ୍ୟ ଦେଇଛନ୍ତି । ଏହା ଉପରେ ମୁଁ କିଛି କହିବାକୁ ଚାହୁଁଛି, କିନ୍ତୁ କାହିଁକି କହିବାକୁ ଦିଆଯାଉ ନାହିଁ ବୋଲି ରାହୁଲ ବିସ୍ମୟ ପ୍ରକାଶ କରିଥିଲେ । ଏହି ସମୟରେ ଗୃହର ଅଧ୍ୟକ୍ଷତା କରୁଥିବା କୃଷ୍ଣ ପ୍ରସାଦ ଟେନ୍ନେଟି କହିଥିଲେ ଯେ ରାହୁଲ ପ୍ରଥମେ ତଥ୍ୟ ବାଚସ୍ପତିଙ୍କୁ ଦିଅନ୍ତୁ । ଏହା ଉପରେ ଆଲୋଚନା ହୋଇପାରିବ କି ନାହିଁ ତାହା ପରବର୍ତ୍ତୀ ସମୟରେ ଜଣାଇ ଦିଆଯିବ । ଏହା ଉପରେ ରାହୁଲଙ୍କୁ ଆଉ କିଛି କହିବାକୁ ସେ ବାରଣ କରିଥିଲେ ।

ଏହାକୁ ନେଇ ଗୃହରେ ବିରୋଧୀ ଦଳମାନେ ପ୍ରବଳ ହଙ୍ଗାମା କରିଥିଲେ । ଏହି ପ୍ରସଙ୍ଗ ଉପରେ ରାହୁଲଙ୍କୁ କହିବାକୁ ଅନୁମତି ଦିଆଯାଉ ବୋଲି ସେମାନେ ଦାବି କରିଥିଲେ । କିନ୍ତୁ ଅଧ୍ୟକ୍ଷ କିଛି ନଶୁଣିବାରୁ ସେମାନେ କାଗଜ ଚିରି ବାଚସ୍ପତିଙ୍କ ଚୌକି ଆଡ଼କୁ ଫୋପାଡ଼ିଥିଲେ । ଏଭଳି ଆଚରଣ ପାଇଁ ବିରୋଧୀ ଦଳର ୮ ଜଣ ସାଂସଦଙ୍କୁ ସସପେଣ୍ଡ କରାଯାଇଥିଲା । ଏହାପରେ ଗୃହକୁ ଆଜି ଦିନକ ପାଇଁ ମୁଲତବୀ କରିଦିଆଯାଇଥିଲା ।

ଇତିମଧ୍ୟରେ ରାହୁଲ ଗାନ୍ଧୀ ଆଜି ବାଚସ୍ପତି ଓମ୍ ବିର୍ଲାଙ୍କୁ ଏକ ପତ୍ର ଲେଖି ଗୃହରେ ତାଙ୍କୁ କହିବାକୁ ଦିଆଯାଉ ନଥିବାରୁ ଏହାର ପ୍ରତିବାଦ ଜଣାଇଛନ୍ତି । ବାଚସ୍ପିଙ୍କ ଏଭଳି ଆଚରଣକୁ ଗଣତନ୍ତ୍ର ଉପରେ କଳଙ୍କ ବୋଲି ବର୍ଣ୍ଣନା କରିଛନ୍ତି । ସେ ଲେଖିଛନ୍ତି ଯେ ରାଷ୍ଟ୍ରପତିଙ୍କ ଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନା ବେଳେ ଭାରତ-ଚୀନ ସଂପର୍କ ନେଇ ଆଲୋଚନା କରାଯାଇ ପାରିବ । କିନ୍ତୁ ଏହା କରାଇ ଦିଆଯାଉ ନାହିଁ । ପ୍ରତ୍ୟେକ ସାଂସଦଙ୍କୁ ଅଧିକାରର ସୁରକ୍ଷା ଦେବାର ଦାୟିତ୍ୱ ହେଉଛି ବାଚସ୍ପତିଙ୍କର । କିନ୍ତୁ ବିରୋଧୀ ଦଳର ନେତା ଓ ଅନ୍ୟମାନଙ୍କ ଏଭଳି ଅଧିକାରକୁ ଦମନ କରାଯାଉଛି ବୋଲି ସେ ଉଦବେଗ ପ୍ରକାଶ କରିଛନ୍ତି ।

### ଆମେରିକା ୧୮ ...

ଭାରତକୁ ପ୍ରାୟ ୪୫ ଲକ୍ଷ କୋଟି ଟଙ୍କାର ଆମେରିକୀୟ ସାମଗ୍ରୀ ଆମଦାନୀ ହୋଇଥାଏ । ପୂର୍ବରୁ ଏହି ସାମଗ୍ରୀରୁ ଭାରତ ବେଶ୍ ମୋଟା ଆକାରରେ ଶୁଳ୍କ ଆଦାୟ କରୁଥିଲା, ଏବେ ଏହି ଶୁଳ୍କ ପରିମାଣ ଶୂନ ରହିବ ।

ସାମାଜିକ ଗଣମାଧ୍ୟମରେ ଆମେରିକା ରାଷ୍ଟ୍ରପତି ଡ଼ୋନାଲ୍ଡ ଟ୍ରମ୍ପ କରିଥିବା ଦାବି ଅନୁସାରେ ଆମେରିକା ପାଇଁ ଭାରତ ଏହାର ଶୁଳ୍କ ଏବଂ ଅଣ-ଶୁଳ୍କ ବାଧାକୁ ଶୂନ୍ୟକୁ ହ୍ରାସ କରିବ ବୋଲି ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି । ସେହିପରି ପ୍ରଧାନମନ୍ତ୍ରୀ ମୋଦି ମଧ୍ୟ 'ବାଏ ଆମେରିକାନ୍' ପଦକ୍ଷେପ ଅଧୀନରେ ଆମେରିକାରୁ ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ କ୍ରୟ ପ୍ରତିଶ୍ରୁତି ଦେଇଛନ୍ତି । ଭାରତ ଆମେରିକାରୁ ୫୦୦ ବିଲିୟନ ଡଲାରରୁ ଅଧିକ ମୂଲ୍ୟର ଶକ୍ତି, ପ୍ରଯୁକ୍ତିବିଦ୍ୟା, କୃଷି ଉତ୍ପାଦ, କୋଇଲା ଏବଂ ଅନ୍ୟାନ୍ୟ ସାମଗ୍ରୀ କ୍ରୟ କରିବ ବୋଲି କହିଛନ୍ତି । ମାତ୍ର ଟ୍ରମ୍ପଙ୍କ ଏହି ଦାବି ସତ୍ତ୍ୱେ ପ୍ରଧାନମନ୍ତ୍ରୀ ମୋଦି ଏ ସମ୍ପର୍କରେ ନିର୍ଦ୍ଦିଷ୍ଟ ଭାବରେ କୌଣସି ସ୍ପଷ୍ଟ ଉତ୍ତର ଦେଇ ନାହାନ୍ତି କିମ୍ବା ଭାରତ ସରକାର ମଧ୍ୟ ଏହାକୁ ସ୍ୱୀକାର କରିନାହାନ୍ତି । ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ଭାରତ ୫୦୦ ବିଲିୟନ ଡଲାର ମୂଲ୍ୟର ଆମେରିକୀୟ ସାମଗ୍ରୀ କ୍ରୟ ଓ ଶୂନ ଶୁଳ୍କ ବ୍ୟବସ୍ଥା ସମ୍ପର୍କରେ କୌଣସି ଟିପ୍ପଣୀ ଦେଇ ନାହାନ୍ତି ।

ଟ୍ରମ୍ପ୍ କହିଛନ୍ତି ଯେ ଭାରତ ରୁଷରୁ ତେଲ କିଣିବା ବନ୍ଦ କରିବାକୁ ନିଷ୍ପତ୍ତି ନେଇଛି । ଏଣିକି ଭାରତ ଭେନେଜୁଏଲାରୁ ତେଲ କିଣିବାର ସମ୍ଭାବନା ଅଛି । ପରୋକ୍ଷରେ ଏହା ୟୁକ୍ରେନ୍ ଯୁଦ୍ଧକୁ ଶେଷ କରିବାରେ ସହାୟତା କରିବ । ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ ବନ୍ଧୁତା ଏବଂ ସମ୍ମାନ ଯୋଗୁଁ ଆମେରିକା ଏବଂ ଭାରତ ମଧ୍ୟରେ ଏକ ବାଣିଜ୍ୟ ଚୁକ୍ତି ଉପରେ ସହମତ ହୋଇଛୁ ବୋଲଇ ଟ୍ରମ୍ପ୍ କହିଛନ୍ତି । ଅନ୍ୟପକ୍ଷରେ ଆମେରିକାର ୫୦୦ ବିଲିୟନ ଡଲାରର ବାଣିଜ୍ୟ ଚୁକ୍ତି ଦାବି ପରେ ମଙ୍ଗଳବାର ଏହାକୁ ନେଇ ସଂସଦରେ ଯଥେଷ୍ଟ ବିତର୍କ ହୋଇଛି । ପ୍ରଧାନମନ୍ତ୍ରୀ ବାଣିଜ୍ୟ ଚୁକ୍ତିରେ ଦେଶର କୃଷକଙ୍କ କଠିନ ପରିଶ୍ରମକୁ ବିକ୍ରି କରିଦେଇଛନ୍ତି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି ।

ଭାରତ ଓ ଆମେରିକା ମଧ୍ୟରେ ହୋଇଥିବା ବାଣିଜ୍ୟିକ ଚୁକ୍ତି ଉପରେ କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ ମଙ୍ଗଳବାର ସରକାରଙ୍କ ପକ୍ଷ ରଖିଛନ୍ତି । ସେ କହିଛନ୍ତି ଯେ ଆମେରିକା ସହିତ ବହୁ ପ୍ରତୀକ୍ଷିତ ବାଣିଜ୍ୟ ଚୁକ୍ତି ସଫଳତାର ସହ ଶେଷ ହୋଇଛି । ଏଥରେ କୃଷକଙ୍କୁ ପ୍ରାଥମିକତା ଦିଆଯାଇଛି । ଏହା କୃଷି, ଦୁଗ୍ଧ ଓ ସମ୍ବେଦନଶୀଳ କ୍ଷେତ୍ରକୁ ସୁରକ୍ଷା ଦେବ । ଏହି ଚୁକ୍ତିନାମା ଭାରତୀୟ ଏବଂ ଆମେରିକୀୟ ଦଳ ମଧ୍ୟରେ ନିରନ୍ତର ଆଲୋଚନାର ଫଳାଫଳ ।

### ସାହିତ୍ୟ, ସଂଗ୍ରାମ ପାଇଁ...

ଯୋଗଦେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଏହା କହିଛନ୍ତି । ରାଜ୍ୟପାଳ ତଥା ବିଶ୍ୱବିଦ୍ୟାଳୟ କୁଳାଧିପତି ହରିବାବୁ କମ୍ଭମପାଟିଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଥିଲେ ଯେ ବ୍ୟାସକବି ଫକୀର ମୋହନ ସେନାପତିଙ୍କ କାଳଜୟୀ ଗଳ୍ପ 'ରେବତୀ' ତାଙ୍କୁ ବେଶ୍ ପ୍ରେରଣା ଯୋଗାଇଛି । ଫକୀର ମୋହନ ତାଙ୍କ ପାଇଁ ପ୍ରେରଣାର ଉତ୍ସ । ଝିଅମାନଙ୍କୁ ଶିକ୍ଷିତ କରିବା ପାଇଁ ସେ ସେତେବେଳ ସମୟରେ ବାଲେଶ୍ୱରରେ ବାଳିକା ବିଦ୍ୟାଳୟ ସ୍ଥାପନ କରିଥିଲେ । ଆଜିକା ଯୁଗରେ ଝିଅମାନେ ସବୁ ଅସମ୍ଭବକୁ ସମ୍ଭବ କରି ବିଶ୍ୱକୁ ଚକିତ କଲେଣି ।

ରାଜ୍ୟପାଳ ଶ୍ରୀ କମ୍ଭମପାଟି ନିଜ ଅଭିଭାଷଣରେ କହିଥିଲେ ଯେ ଶିକ୍ଷା ସମାଜର ଉନ୍ନତି ଏବଂ ସାମଗ୍ରିକ ମାନବ ବିକାଶ ସୁନିଶ୍ଚିତ କରିବା ପାଇଁ ଏକ ଶକ୍ତିଶାଳୀ ଉପକରଣ । ଜୀବନବ୍ୟାପୀ ଶିକ୍ଷାର୍ଥୀ ହୋଇ ରହିବା ଏବଂ ଜ୍ଞାନ ସହ ନିରନ୍ତର ଅନୁକୂଳନ ଏବଂ ବୃଦ୍ଧି ପାଇବାକୁ ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ଅନ୍ୟତମ ଅତିଥି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ରାଜ୍ୟରେ ଉଚ୍ଚଶିକ୍ଷା ଇକୋ-ସିଷ୍ଟମ୍‌କୁ ସୁଦୃଢ଼ କରିବା ପାଇଁ ଗ୍ରହଣ କରାଯାଇଥିବା ନୂତନ ପଦକ୍ଷେପ ଏବଂ ନୀତିଗତ ସଂସ୍କାର ଉପରେ ଆଲୋକପାତ କରିଥିଲେ ।

ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର୍ ସନ୍ତୋଷ କୁମାର ତ୍ରିପାଠୀ ପ୍ରାରମ୍ଭିକ ଭାଷଣରେ କହିଲେ, ଫକୀରମୋହନ ବିଶ୍ୱବିଦ୍ୟାଳୟ ହେଉଛି ପ୍ରଥମ ବିଶ୍ୱବିଦ୍ୟାଳୟ ଯେଉଁଠାରେ ୭ଟି ମ୍ୟୁଜିୟମ୍ ଖୋଲାଯାଇଛି । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ସମେତ ବହୁ ବିଧାୟକ, ବରିଷ୍ଠ ସରକାରୀ ଅଧିକାରୀ, ଶିକ୍ଷାବିତ୍ ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ପ୍ରଫେସର୍ ନୀହାର ରଞ୍ଜନ ରାଉତ ମଞ୍ଚ ସଂଚାଳନା କରିଥିଲେ ।

ଏହି ଅବସରରେ ବିଶ୍ୱବିଦ୍ୟାଳୟର ୧୮୩୧ ଜଣ ସ୍ନାତକ ଓ ସ୍ନାତକୋତ୍ତର ଶ୍ରେଷ୍ଠ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ଓ ପଦକ ପ୍ରଦାନ କରାଯାଇଥିଲା । ଗତ ତିନି ବର୍ଷରେ ବିଶ୍ୱବିଦ୍ୟାଳୟ ୧୦୧ଟି ସ୍ୱର୍ଣ୍ଣପଦକ ପ୍ରଦାନ କରିଥିବା ବେଳେ ୮୯ଜଣ ଗବେଷଣା ପଣ୍ଡିତ ପିଏଚ୍‌ଡି ଡିଗ୍ରୀ ପାଇଛନ୍ତି । ଏହାସହ କ୍ରୀଡ଼ା କ୍ଷେତ୍ରରେ ଉତ୍କର୍ଷ ପାଇଁ ଅନୁରାଧା ବିଶ୍ୱାଳ, ସାହିତ୍ୟ କ୍ଷେତ୍ରରେ ଅବଦାନ ପାଇଁ ଶାନ୍ତନୁ ଆଚାର୍ଯ୍ୟ, ଶାସ୍ତ୍ରୀୟ ଓଡ଼ିଶୀ ସଂଗୀତ କ୍ଷେତ୍ରରେ ଅବଦାନ ପାଇଁ ଗୁରୁ ଗୋପାଳ ଚନ୍ଦ୍ର ପଣ୍ଡାଙ୍କୁ ସମ୍ମାନ ସୂଚକ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯାଇଥିଲା ।

### ବିଜୁଳି ଶୁଳ୍କ ବୃଦ୍ଧି...

ପରିଚାଳନା ନିର୍ଦ୍ଦେଶକଙ୍କ ପକ୍ଷରୁ ଓଇଆରସିଙ୍କ ନିକଟରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବାର୍ଷିକ ରାଜସ୍ୱ ଆବଶ୍ୟକତା ଏବଂ ଟାରିଫ୍(ଶୁଳ୍କସୂଚୀ) ସମ୍ପର୍କରେ ଆବେଦନ କରାଯାଇଥିଲା । ଓପିଟିସିଏଲ ସିଏମ୍‌ଡି ୍ର ଓଇଆରସିଙ୍କ ନିକଟରେ ଆବେଦନ ରଖିଥିବା ବେଳେ ଆବେଦନର ଅନୁଯାୟୀ ୨୦୨୬-୨୭ ଆର୍ଥିକ ବର୍ଷରେ ଓପିଟିସିଏଲ ନିଜ ନେଟୱାର୍କ ମାଧ୍ୟମରେ ୪୧୮୪୯.୨୮ ନିୟୁତ ୟୁନିଟ ବିଦ୍ୟୁତ୍ ଶକ୍ତି ସଞ୍ଚାରଣ କରିବା ପାଇଁ ୧୪୯୦.୦୫ କୋଟି ଟଙ୍କାର ଆବଶ୍ୟକତା ରହିଛି ବୋଲି ଦର୍ଶାଇଛି । ଓପିଟିସିଏଲ ବିଦ୍ୟୁତ୍ ସଞ୍ଚରଣ ବାବଦକୁ ୟୁନିଟ ପିଛା ୩୫.୬୧ ପଇସା ଦାବି କରିଛି ।

ଗତ ଆର୍ଥିକ ବର୍ଷ ଓଇଆରସି ଓପିଟିସିଏଲକୁ ୪୦୨୨୮.୮୯ ନିୟୁତ ୟୁନିଟ୍ ବିଦ୍ୟୁତ୍ ସଞ୍ଚରଣ ପାଇଁ ୧୦୨୪.୬୦ କୋଟି ଟଙ୍କା ମଞ୍ଜୁର କରିଥିଲେ । ଯେତେବେଳେକି ୟୁନିଟ ପିଛା ସଞ୍ଚରଣ ମୂଲ୍ୟ ୨୫.୫୦ ପଇସା ପ୍ରତି ୟୁନିଟ ଥିଲା । ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ରଙ୍କ ଓପିଟିସିଏଲର ସଞ୍ଚାରଣ କ୍ଷତି ଗତ ୫-୬ ବର୍ଷ ଧରି ୩ ପ୍ରତିଶତ ହିସାବରେ ଟାରିଫ ନିର୍ଣ୍ଣୟ କରାଯାଉଛି । ବହୁତ ଗୁଡିଏ ରାଜ୍ୟରେ ସଞ୍ଚାରଣ କ୍ଷତି ଅତିବେଶିରେ ୨.୫ ପ୍ରତିଶତ ରହିଛି । ତେଣୁ ଏହାକୁ ୨.୬୦ ପ୍ରତିଶତରେ ଅନୁମୋଦନ କରିବା ପାଇଁ ସେ ଆୟୋଗଙ୍କୁ ନିବେଦନ କରିଥିଲେ । କଲେ । ଟାରିଫ ବୃଦ୍ଧି ପ୍ରସ୍ତାବକୁ ବିରୋଧକରି ଶ୍ରୀ ମହାପାତ୍ର କହିଥିଲେ ଯେ ଓପିଟିସିଏଲ ଆକଳନ କରିଥିବା ସମୁଦାୟ ବିଦ୍ୟୁତ ସଞ୍ଚାରଣ ପରିମାଣ ଠାରୁ ଗ୍ରୀଡକୋଠାରୁ ଅଧିକ ଆକଳନ କରିଛି । ତେଣୁ ଗ୍ରୀଡକୋ ଆକଳନକୁ ଅନୁମୋଦନ କଲେ ଟାରିଫ ବୃଦ୍ଧିର ଆବଶ୍ୟକ ପଡିବ ନାହି । ବିଦ୍ୟୁତ୍ ଉପଭୋକ୍ତା ମହାସଂଘ ସଭାପତି ରମେଶ ଶତପଥୀ ସରକାରୀ ପୁଞ୍ଜିନିବେଶ ଅପବ୍ୟବହାର ଉପରେ କ୍ଷୋଭ ପ୍ରକାଶ କରି ବିଦ୍ୟୁତ ସଞ୍ଚାରଣ ବ୍ୟବସ୍ଥା ଦୁର୍ବଳ ହେଲାଣି ବୋଲି ମତବ୍ୟକ୍ତ କରିଥିଲେ । ବହୁତ ଗୁଡିଏ ଟାୱାର ଲାଇନ ବହୁ ପୁରୁଣା ହେଲାଣି । ତାହାର ପୁନଃନିର୍ମାଣ ଆବଶ୍ୟକ ହୋଇପଡିଛି ବୋଲି ସେ ପରାମର୍ଶ ଦେଇଥିଲେ । ମୋଟ ୧୮ ଜଣ ଆପତ୍ତିକର୍ତ୍ତା ଏହି ଶୁଣାଣିରେ ଭାଗ ନେଇଥିଲେ ।

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, DEOGARH.
E-mail:- serw_deogarh@yahoo.co.in
25001/8/2526

**1st Corrigendum to TCN No.SERWDGH-Online- 12 of 2025-26**

In partial modification to this office Tender Call Notice No.12/2025-26 issued vide this office letter no.49 dtd.05.01.2026, it is hereby notified the date & time of availability of tender documents online for bidding as well as the date & time of opening of the tender have been re-scheduled as detailed below.

1. Period and time of availability of the bid documents from **31.01.01.2026 10.00 A.M to 06.02.2026 up to 5.00 PM** instead of the earlier scheduled period from 03.01.2026 A.M to 09.01.2026 up to 5.00.
2. Date and time of Opening of tender on **07.02.2026 at 11.00 A.M** instead of the earlier fixed date 10.01.2026 at 11.00 AM

N.B- All other terms & conditions of the TCN shall remain unchanged.

Superintending Engineer
R.W. Division, Deogarh
OIPR-25001/25087/1/25-26/0008

**PANCHAYAT SAMITI OFFICE, PALLAHARA**
E-Mail ID: ori-pallahara@nic.in
Letter No. 211 Dt. 21.01.2026
19001/3/2526

**TENDER CALL NOTICE NO PLR-03/2025-26**

Sealed tenders are invited from the interested bidders for the civil work under BDO, Pallahara of Angul District. The details has been uploaded in the District web site www.angul.odisha.gov.in. They have to submit bid documents to the undersigned in the address of **"Office of the BDO, Pallahara, At/Po-Pallahara, Dist-Angul, Pin-759119"** through Regd./Speed Post or drop in the tender box kept in the office chamber of the undersigned on or before **06.02.2026 (up to 12.00 Noon).** DTCN & other details can be downloaded from the District Web site www.angul.odisha.gov.in or can be obtained from the office of the undersigned from **28.01.2026 to 05.02.2026 (up to 5.00 P.M.).**

Sd/- Block Development Officer,
Pallahara
OIPR-19001/19276/1/25-26/0003

32001/8/2526
**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, SUNDARGARH**
Email: eemisundargarh@yahoo.co.in
No.: 378 Dt.: 27/01/2026

**QUOTATION CALL NOTICE No. 01/2025-26**

Sealed quotations are invited from interested reputed Travel agencies / Tour operators / Private individuals having valid GST, PAN Card etc. for providing one number AC Petrol/Diesel driven vehicle of BS-VI compliant diesel vehicle (TUV 300 / Bolero / Scorpio / Ertiga) having seating capacity not more than 8 (Eight) including Driver (which shall conform to the terms & conditions of the quotation call notice) for official use by Asst. Executive Engineer, Minor Irrigation Sub-Division, Sundargarh for inspection of the project work & official work on monthly rent basis for the period of one year from the date of engagement of the vehicle. Please visit website **https://dowrodisha.gov.in or https://sundargarh.nic.in** for details, date & time of availability of Quotation Document from **27.01.2026 at 10.00 AM to 06.02.2026 at 3.00 PM.** The last date & time of sale and receipt of Quotation is **06.02.2026 at 3.00 PM** respectively and to be opened on **06.02.2026 at 3.30 PM.**

Superintending Engineer
Minor Irrigation Division, Sundargarh
OIPR-32001/32124/1/25-26/0008

**OFFICE OF THE DIVISIONAL FOREST OFFICER:**
**SAMBALPUR FOREST DIVISION**
8001/5/2526
NEAR JAIL CHOWK, SAMBALPUR – 768001
E-mail: dfo.sambalpur@odisha.gov.in

**SHORT TENDER NOTICE**

Tender No.: 24 Dated: 22/01/2026

Divisional Forest Officer, Sambalpur Forest Division on behalf of Governor of Odisha invites sealed tenders from reputed intending Manufacturing Firms/ Dealers/ Suppliers having valid GSTIN and PAN Registration No. for procurement and installation of High-visibility warning signage for Elephant Crossing for Sambalpur Forest Division. The tender papers with detailed terms and conditions documents can be downloaded from website **https://sambalpur.odisha.gov.in from 11:00 Hours of 28.01.2026 to 17:00 Hours of 07.02.2026.** The cost of tender paper of Rs. 2,000/- (Two thousand) only to be deposit through Demand Draft in favour of Divisional Forest Officer, Sambalpur Forest Division, payable at Sambalpur. The Tender Papers can be submitted at the below mentioned address on or before **07.02.2026 till 05:00 PM** by Speed Post / Registered Post / By Hand only. The tender will be opened in the office of the undersigned on **09.02.2026 at 11:00 AM.** The undersigned reserves the right to accept or reject any or all the tenders without assigning any reason thereof.

Divisional Forest Officer
Sambalpur Forest Division
OIPR-8001/8046/1/25-26/0005

8001/4/2526
OFFICE OF THE DIVISIONAL FOREST OFFICER: BARGARH FOREST DIVISION
AT / PO / DIST: - Bargarh – ODISHA
Phone & Fax – 06646-234135 (O), Email – dfo.bargarh@odisha.gov.in

NOTICE

The TVS STAR motorcycle bearing Regd. No. OR-17D-1552 has been seized on 25.05.2024 at 12.30 AM by the forest staff of Ghess Range while it was involved in forest offence case vide OR No.23 of 2024-25 of Ghess Range. Basing on report of the RTO, Bargarh, Sri Dinesh Sahu, S/o-Judhistir Sahu, At/Po/PS/Dist.-Bargarh is the legal owner of the said vehicle. During initiation of confiscation proceeding the above-named owner has been issued show cause notice but the said notice was returned back by the Postal Department due to insufficient address.

Therefore, it is informed through Public Notice that if any body is the rightful owner may claim of the above seized vehicle in the office of the undersigned within seven days from the date publication.

Divisional Forest Officer,
Bargarh Forest Division
OIPR-8001/8057/1/25-26/0004

**AFFIDAVIT**
By virtue of an affidavit sworn before the Executive Magistrate, Nabarangpur no. 141, dated 02.02.2026, I, RATNAMANI HARIJAN, W/o - Tankadhar Ganda, residences of Village - Mahulpadar, PO - Sanamasigam, PS - Nabarangpur, Dist - Nabarangpur, Odisha, Pin - 764063, declare that I have changed the name of my son from KRISHNA KUMAR GANDA to RITEEK GANDA. Henceforth, he shall be known as RITEEK GANDA for all purposes.
**Sd/- Ratnamani Harijan**

**AFFIDAVIT**
By virtue of an affidavit sworn before Executive Magistrate, Bhubaneswar vide Serial No.63, dt-12/12/2025. I, **Sanghamitra Priyadarshini,** aged about 37 years, W/o- Suresh Kumar Tripathy, permanent resident of At/PO-Madanpur, PS- Pattamundai, Dist-Kendrapara, Odisha, PIN- 754246 & currently residing of At/PO- Alauti, PS/Dist- Bhadrak, PIN- 756113, Odisha declare that I have changed my minor daughter's name from **Ritika Patra** to **Ritika Tripathy.** Henceforth she shall be known as **Ritika Tripathy** (new name) for all purposes.
**Sanghamitra Priyadarshini**

**AFFIDAVIT**
BY VIRTUE OF AN AFFIDAVIT BEFORE EXECUTIVE MAGISTRATE BHUBANESWAR VIDE CF NO-85/31.01.2026 .I KORESA BIBI ,51 YEARS ,W/O-KASAR ALLI KHAN ,D/O-SAHADAT HOSSEN ,R/O- SAHEB NAGAR ,PO-MAHUKHANDA ,PS - BALIPATANA, DIST-KHORDHA,ODISHA -752102 HERE BY AFFIRM THAT MY FATHER'S NAME IS WRONGLY MENTIONED AS "SABAJ KHAN", "SAHABAJ KHAN" INSTEAD OF SAHADAT HOSSEN IN MY AADHAAR CARD ,VIDE NO-2312 3338 5497 & PAN CARD VIDE NO-IGUPB76704 ,RATION CARD VIDE NO-19010711411 & OTHER RECORDINGS .THAT I SHALL BE KNOWN & IDENTIFIED AS KORESA BIBI ,W/O- KASAR ALLI KHAN ,D/O - SAHADAT HOSSEN IN ALL PURPOSES & FURTHER DECLARE THAT SABAJ KHAN ,SAHABAJ KHAN & SAHADAT HOSSEN ARE ONE & SAME PERSON I.E MY FATHER'S NAME.

**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ. : 61-SBP-TRD-OT-2025-26, ତା.27.01.2026ରିଖ
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳରେ 105sq mm କଣ୍ଡକ୍ଟର ପରିବର୍ତ୍ତେ ଆଇସୋଲେଟର ସ୍ଥାନଗୁଡ଼ିକରେ 160sq mm G-କଣ୍ଡକ୍ଟର ବ୍ୟବସ୍ଥା ।
**ଆନୁମାନିକ ମୂଲ୍ୟ (₹):** 42,00,386.32, EMD (₹): 84,000.00, ଶେଷ ହେବା ଅବଧି : 12 ମାସ ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.18.02.2026 ରିଖ 1530 ଘଣ୍ଟାରେ ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିଅର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ(Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥାଏ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଇ-ଟେଣ୍ଡରର ନଥିପତ୍ର ସହିତ ସମ୍ପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଛେ ।
ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ୍‌ରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ନିର୍ଦ୍ଦେଶକୀ ଅନୁଯାୟୀ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ ।
ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର
PR-1079/Q/25-26

# ମା’ ହିଙ୍ଗୁଳାଙ୍କ ବାର୍ଷିକ ଉତ୍ସବ ଓ ବଡ଼ପୂଜା

■ ୮ ଲକ୍ଷରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ
■ କଉଡ଼ଖଣି ଓ ଛେଳିଆ ପୀଠ ଚଳଚଞ୍ଚଳ





ବଡ଼ସାହି, ୩।୨(ସମିସ): ଉତ୍ତର ଓଡ଼ିଶାର ପ୍ରସିଦ୍ଧ ତଥା ମୟୂରଭଞ୍ଜ ଜିଲ୍ଲା ବଡସାହି ବ୍ଲକ କଉଡଖଣି ଶାଳ ଜଙ୍ଗଲ ଓ ଛେଳିଆ ପୀଠରେ ପୂଜା ପାଉଥିବା ପ୍ରତ୍ୟକ୍ଷ ଦେବୀ ମା’ ହିଙ୍ଗୁଳାଙ୍କ ବାର୍ଷିକ ବଡ଼ପୂଜା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କସମାଗମ ହୋଇଥିବାର ଦେଖାଯାଇଛି। ବଡ଼ସାହି, ଦେଉଳିଆ, ମାଙ୍କଡ଼କେନ୍ଦା ଓ ପଳସା ପର୍ଯ୍ୟନ୍ତ ଲୋକଙ୍କ ଭିଡ଼ ଲାଗି ରହିଛି। ବଡ଼ସାହି ଛକରୁ ଟ୍ରାଫିକ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ବ୍ୟାରିକେଟରେ ଲକ୍ଷ ଲକ୍ଷ ଭକ୍ତ ଶାନ୍ତିଶୃଙ୍ଖଳାର ସହିତ ଲାଇନରେ ଯାଇ ହିଙ୍ଗୁଳାଙ୍କ ଇଷ୍ଟଦେବ ଜଗନ୍ନାଥ ମହାପ୍ରଭୁଙ୍କ ମନ୍ଦିର ଓ ଶ୍ରୀରାମ, ମାଆ ସୀତା, ଲକ୍ଷ୍ମଣ ଓ ହନୁମାନଙ୍କ ମନ୍ଦିର ଓ ମା’ଙ୍କ ଭୈରବ ଶ୍ରୀଭୀମେଶ୍ୱର ମହାଦେବଙ୍କୁ ଦର୍ଶନ କରି ମା’ ହିଙ୍ଗୁଳାଙ୍କୁ ଦର୍ଶନ କରିବାର ସୁଯୋଗ ପାଇଛନ୍ତି। କମିଟି ଓ ପ୍ରଶାସନ ପକ୍ଷରୁ ମଧ୍ୟ ଏଥିପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି।

ମା’ଙ୍କ ବାର୍ଷିକ ବଡ଼ପୂଜା ପାଇଁ ୩୧ ତାରିଖ ଅଧିବାସ, ଅଙ୍କୁରାରୋପଣ ହୋଇ ରବିବାର ଓ ସୋମବାର ଦୁଇଦିନ ମା’ଙ୍କ ଅଭିଷେକ, ଷୋଡ଼ଶ ଉପଚାର ପୂଜା, ଚଣ୍ଡିପାଠ ସହିତ ଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହୋଇଛି। ମଙ୍ଗଳବାର ବଡପୂଜା ଦିନ ପ୍ରତ୍ୟୁଷ ୪ଟା ୪୫ ମିନିଟରେ ମଙ୍ଗଳ ଆଳତୀ, ୫ଟା ୧୫ରେ ମହାସ୍ନାନ ଓ ୬ଟାରେ ବେଶ ଓ ସୂର୍ଯ୍ୟପୂଜା ଅନୁଷ୍ଠିତ ହେବା ପରେ ୭ ଘଟିକା ପାଖରୁ ଯଜ୍ଞ ଆରମ୍ଭ ସର୍ବସାଧାରଣ ଦର୍ଶନ, ଷୋଡ଼ଶ ଉପଚାର ପୂଜା, ଚଣ୍ଡିପାଠ ଆରମ୍ଭ ହୋଇ ଦିନ ତମାମ ଚାଲିଥିଲା। ଅପରାହ୍ନ ୪ଟା ୧୫ ମିନିଟରେ ମା’ଙ୍କ ଚଳନ୍ତି ବିଗ୍ରହ ପାର୍ଶ୍ୱ ଦେବାଦେବୀଙ୍କ ସହିତ ଯଜ୍ଞକୁଣ୍ଡକୁ ବିଜେ କରିବା ପରେ ଯଜ୍ଞକୁଣ୍ଡରେ ଅଗ୍ନି ସଂଯୋଗ କରାଯାଇ ପୂର୍ଣ୍ଣାହୁତି କରାଯାଇଛି। ସେହି ସମୟରେ ଜୟ ମା’ ହିଙ୍ଗୁଳା ଧ୍ୱନିରେ ମେଳା ପଡ଼ିଆ ପ୍ରକମ୍ପିତ ହୋଇ ଉଠିଛି। ରବିବାର ଅଗ୍ନି ଉତ୍ସବ ପରେ ସୋମବାର ମଧ ବହୁ ଭକ୍ତ ମା’ଙ୍କୁ ଦର୍ଶନ କରିଛନ୍ତି। ଚାରିଦିନ ଧରି ଏହି ମେଳା ପାଳିତ ହୋଇଛି। ବଡ଼ସାହି ବ୍ଲକଠାରୁ ୫ କିମି ଦୂର ସୁହାଗପୁର, କଉଡଖଣି ଶାଳୁଆ ଜଙ୍ଗଲରେ ଅବସ୍ଥିତ ମା’ ହିଙ୍ଗୁଳାଙ୍କ ପୀଠ ଚଳଚଞ୍ଚଳ ହୋଇଉଠିଛି। ୩୦ ଜଣ ବ୍ରାହ୍ମଣଙ୍କ ଦ୍ୱାରା ସମସ୍ତ ବିଧିବିଧାନ ଅନୁଷ୍ଠିତ ହୋଇଥିବା ଜଣାଯାଇଛି। ପୂଜାର ବିଧିବିଧାନ ଅନୁସାରେ ସମସ୍ତ ବିଭାଗର କାର୍ଯ୍ୟ ବ୍ରାହ୍ମଣ ମଣ୍ଡଳୀଙ୍କ ମଧ୍ୟରେ ସୁଚାରୁ ରୂପେ ବଣ୍ଟାଯାଇଥିବାରୁ ତାହା ବେଶ ଉପଯୋଗୀ ହୋଇଛି। ମୟୂରଭଞ୍ଜ ସମେତ ବାଲେଶ୍ୱର, ଭଦ୍ରକ, କେନ୍ଦୁଝର ଜିଲ୍ଲା, ପଡ଼ୋଶୀ ଝାଡଖଣ୍ଡ, ପଶ୍ଚିମବଙ୍ଗ, ବିହାରରୁ ଆସିଥିବା ଭକ୍ତଙ୍କ ସମାଗମ ମଧ ଦେଖିବାକୁ ମିଳିଛି। ହଜାର ହଜାର ଉଠା ଦୋକାନୀ ନିଜ ନିଜର ପସରା ମେଲାଇ ବସିଥିବାବେଳେ ଦୋକାନରେ କାରବାର ମଧ ବହୁତ ଭଲ ହୋଇଥିବା ବାଲେଶ୍ୱରରୁ ଆସିଥିବା ଜଣେ ଚାଟ୍ ଓ ପାମ୍ପଡ଼ି ଦୋକାନୀ ପ୍ରକାଶ କରିଛନ୍ତି।

ଗତ ୩୧, ୧ ଓ ୨ ତାରିଖ ସନ୍ଧ୍ୟାରେ ଭଜନ, ନୃତ୍ୟ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ପୁଲିସ ପକ୍ଷରୁ ଜଣେ ଡିଏସପିଙ୍କ ନେତୃତ୍ୱରେ ୩ ପ୍ଲାଟୁନ ଫୋର୍ସ, ୩ ଜଣ ଇନ୍ସପେକ୍ଟର, ୨୦ ଜଣ ଅଫିସର, ୪୦ ହୋମଗାର୍ଡ ସହିତ ଅଫିସରମାନେ ଶାନ୍ତିଶୃଙ୍ଖଳା ପାଇଁ ଦାୟିତ୍ୱରେ ଥିବାବେଳେ ତହସିଲଦାର ଓ ବିଡିଓ ସତର୍କ ଦୃଷ୍ଟି ରଖିଛନ୍ତି। ମେଳାକୁ ସଂଯୋଗ କରୁଥିବ ସମସ୍ତ ରାସ୍ତାରେ ଟ୍ରାଫିକ୍ ସହିତ ଯାନବାହାନ ସୁନିୟନ୍ତ୍ରିତ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ଆମ୍ବୁଲାନ୍ସ, ଦମକଳ ଗାଡି, ପୁଲିସ, ବନବିଭାଗ ଓ ଭିଭିଆଇପି ଗାଡି ବ୍ୟତୀତ ମେଳା ଭିତରକୁ ଅନ୍ୟ ଯାନବାହାନ ଚଳାଚଳକୁ ନିଷିଦ୍ଧ କରାଯାଇଛି। ଟ୍ରଷ୍ଟ ପକ୍ଷରୁ ସଦସ୍ୟ, ସ୍ୱେଚ୍ଛାସେବୀ, ଏନସିସି ଓ ସ୍କାଉଟ୍ସଗାଇଡ ପିଲାଙ୍କ ସହିତ ସମସ୍ତ ବିଭାଗର ପ୍ରଶାସନ ତଥା ଜନସାଧାରଣଙ୍କୁ ମୁଖ୍ୟ ଟ୍ରଷ୍ଟି ସୁନୀଲ ଦାଶ ଧନ୍ୟବାଦ ଦେଇଛନ୍ତି। ୫ଟି ସୁନା ଚେନ୍ ଛିନତାଇ ହୋଇଥିବା ଜଣାପଡ଼ିଛି।

## ପଳାଶବଣି ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ



ଝାରପୋଖରିଆ/ସାରସକଣା, ୩।୨(ସମିସ): ସାରସକଣା ବ୍ଲକ ଅନ୍ତର୍ଗତ ପଳାଶବଣି ସରକାରୀ ଅନୁସୂଚିତ ଜାତି ଓ ଜନଜାତି ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମଙ୍ଗଳ ଅଧିକାରୀ ଗୁରୁଚରଣ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁମନ ରାଜା ମହାନ୍ତି ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ବାରିପଦା ମୁଖ୍ୟାଳୟ ଅତିରିକ୍ତ ମଙ୍ଗଳ ଅଧିକାରୀ ଅଜୟ ଜେନା, ସ୍ୱତନ୍ତ୍ର ଅତିଥି ଭାବେ ବାରିପଦା ସଦର ଅତିରିକ୍ତ ମଙ୍ଗଳ ଅଧିକାରୀ ପ୍ରଫୁଲ୍ଲ ସେଠୀ, ସମ୍ମାନିତ ଅତିଥି ଭାବେ ସହକାରୀ ବ୍ଲକ ଶିକ୍ଷାଧିକାରୀ ସୁମନ୍ତ ନାଏକ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିଭା ସାହୁ, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ମନୋରଞ୍ଜନ ନାଏକ, ଶିଳଫୋଡି ସରପଞ୍ଚ ଶିବଶଙ୍କର ନାଏକ, ପଞ୍ଚାୟତ ସମିତି ସଭ୍ୟ ସନ୍ୟାସୀ ନାଏକ, ମୁରୁଣିଆ ପଞ୍ଚାୟତ ହାଇସ୍କୁଲର ପ୍ରଧାନଶିକ୍ଷକ ସୁଶାନ୍ତ ଗିରି, ଦାନାଦର ହାଇସ୍କୁଲର ପ୍ରଧାନଶିକ୍ଷକ ସଞ୍ଜୟ ପ୍ରତିହାରୀ, ଶିକ୍ଷୟିତ୍ରୀ ସସ୍ମିତା ପ୍ରତିହାରୀ, ସାମ୍ବାଦିକ କ୍ଷୀରୋଦ ଦାସ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଭାବେ ଯୋଗ ଦେବାକୁ ଥିବା ସ୍ଥାନୀୟ ବିଧାୟକ ଭାଦବ ହାଁସଦା ବିଶେଷ କାର୍ଯ୍ୟ ପାଇଁ ଉପସ୍ଥିତ ହୋଇପାରି ନ ଥିଲେ। ଶିକ୍ଷୟିତ୍ରୀ ନବନିତା ପ୍ରତିହାରୀ ଓ କୃଷ୍ଣମୋହନ ପଶା ସ୍ୱାଗତ ଭାଷଣ ଓ ମଞ୍ଚ ପରିଚାଳନା କରିଥିବାବେଳେ ପ୍ରଧାନ ଶିକ୍ଷୟିତ୍ରୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ ରାକେଶ ଜେନା, କାର୍ତ୍ତିକେଶ୍ୱର ବେହେରା, ମଧୁମିତା ସେଠୀ, ପ୍ରିୟଦର୍ଶିନୀ ତ୍ରିପାଠୀ, ବାସନ୍ତୀ ବେହେରା, ସୁମତୀ ସିଂ ଓ ଲକ୍ଷ୍ମୀପ୍ରିୟା ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏ ଅବସରରେ କ୍ରୀଡା, ଶିକ୍ଷା, କଳା ଆଦି ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ବଡ଼ବିଶୋଳ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



କପ୍ତିପଦା, ୩।୨(ସମିସ): ବଡ଼ବିଶୋଳ ପଞ୍ଚାୟତ ଅନ୍ତର୍ଗତ ବଡ଼ବିଶୋଳ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ‘ଫଲଗୁନୀ’ ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷୟିତ୍ରୀ ସୁମତୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଉଦଳା ନିର୍ବାଚନମଣ୍ଡଳୀ ବିଧାୟକ ଭାସ୍କର ମଢେଇ ଯୋଗଦେଇ ଛାତ୍ରଛାତ୍ରୀ ଆଗାମୀ କାଲିର ସଂସ୍କୃତିର ବାର୍ତ୍ତାବହ। ସେମାନେ ସଂସ୍କାରୀ ହେଲେ ଆଗାମୀ ସମାଜ ସଂସ୍କୃତି ସମ୍ପନ୍ନ ହୋଇପାରିବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଭଦ୍ରକ ଜିଲ୍ଲା ସୂଚନା ଲୋକସମ୍ପର୍କ ଅଧିକାରୀ ରମେଶ ନାୟକ ଉପସ୍ଥିତ ରହି ଛାତ୍ରଛାତ୍ରୀ ବିଦ୍ୟାଳୟରୁ ଶିକ୍ଷା ସହ ସଂସ୍କାର ଶିକ୍ଷାଲାଭ କରିବା ଉଚିତ୍। ପୁସ୍ତକଗତ ଶିକ୍ଷା ଗ୍ରହଣ କରିବା ସହ ଶୃଙ୍ଖଳା ମଧ ଶିକ୍ଷା କରିବା ଆବଶ୍ୟକ ବୋଲି ପ୍ରକାଶ କରିଥିଲେ। ବିଶିଷ୍ଟ ବକ୍ତା ଭାବେ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଘନଶ୍ୟାମ ସିଂ ଉପସ୍ଥିତ ରହି ଶିକ୍ଷା, ଶୃଙ୍ଖଳା ଓ ସଂସ୍କାରର ସମନ୍ୱିତ ଶିକ୍ଷାର ଆଧାର ହିଁ ବିଦ୍ୟାଳୟ। ତେଣୁ ପ୍ରତିଦିନ ପିଲାମାନେ ବିଦ୍ୟାଳୟକୁ ଆସିବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଅନ୍ୟତମ ବକ୍ତା ଭାବେ ବଡ଼ବିଶୋଳ ସରପଞ୍ଚ ଭଗୀରଥ ଦେହୁରୀ, ରାଜ୍ୟ ପୁରସ୍କାରପ୍ରାପ୍ତ ଶିକ୍ଷକ ସନ୍ତୋଷ ସାହୁ, ଶିକ୍ଷବିତ୍ ପ୍ରଫୁଲ୍ଲ ମହାଲିକ, ସିଆରସିସି ଅଶୋକ କର ସେଠୀ, ପ୍ରାକ୍ତନ ଶିକ୍ଷକ ଶ୍ରୀନାଥ ପରିଡ଼ା, ୱାର୍ଡ ମେମ୍ବର ଦେବରାଜ ସାହୁ, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ବୀରେନ୍ଦ୍ର ସାହୁ ଯୋଗଦେଇ ପିଲାଙ୍କୁ ଆଗକୁ ବଢ଼ିବାର ରାସ୍ତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷକ ଲକ୍ଷ୍ମୀଧର ପାଢ଼ୀ ସ୍ୱାଗତ ଭାଷଣ, ଅତିଥି ପରିଚୟ ଓ ବେଦ ପାଠ କରିଥିଲେ। ବିଦ୍ୟାଧର ବେହେରା ବିବରଣୀ ପାଠ କରିଥିବାବେଳେ ପ୍ରଶାନ୍ତ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ସୁକାନ୍ତୀ ରାଉତ ଓ ସସ୍ମିତା ପରମାଣିକ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷକ ସନ୍ତୋଷ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଧୀରଜଲାଲ କଲେଜ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ରାଇରଙ୍ଗପୁର, ୩।୨ (ସମିସ): ଧୀରଜଲାଲ କଲେଜରେ +୩ ପ୍ରଥମ ବର୍ଷ ଛାତ୍ରୀଙ୍କ ଆତ୍ମରକ୍ଷା କୌଶଳ ତାଲିମ ଶିବିର ଉଦଯାପିତ ହୋଇଛି। ୨୦ ତାରିଖରେ ଆରମ୍ଭ ହୋଇଥିବା ଏହି ଶିବିରରେ ପ୍ରଶିକ୍ଷିକା ରାକ୍ଷୀ ସୋରେନ ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ଶିକ୍ଷା ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅଧ୍ୟକ୍ଷ ପ୍ରାଧ୍ୟାପକ ମୋତିଲାଲ ମହାନ୍ତ ଅଧ୍ୟକ୍ଷତା କରିଥିଲେ। ଅର୍ଥନୀତି ବିଭାଗ ମୁଖ୍ୟ ଅଧ୍ୟାପକ ତଥା ପୂର୍ବତନ ସଂଯୋଜିକା ସ୍ନିଗ୍ଧାରାଣୀ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଶିକ୍ଷଣ ନେଇଥିବା ସମସ୍ତ ଛାତ୍ରୀଙ୍କୁ ସାର୍ଟିଫିକେଟ ପ୍ରଦାନ କରିଥିଲେ। ପ୍ରଶିକ୍ଷଣ ସଂଯୋଜିକା ଦର୍ଶନଶାସ୍ତ୍ର ଅଧ୍ୟାପିକା ବନୀତା ଧରୁଆ, ରାଜନୀତି ବିଭାଗ ଅଧ୍ୟାପକ ଘାସିରାମ ଟୁଡୁ, କ୍ରୀଡ଼ା ଶିକ୍ଷକ ଦୁଷ୍ମନ୍ତ ଗିରି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବାଲି ଚୋରାଚାଲାଣ ଉପରେ ରୋକ୍ ଲଗାଇପାରୁନି ପ୍ରଶାସନ



କପ୍ତିପଦା, ୩।୨(ସମିସ): କପ୍ତିପଦା ବ୍ଲକ ଅଞ୍ଚଳରେ ବାଲି ଚୋରାଚାଲାଣରେ ରୋକ ଲଗାଇପାରୁନି ପ୍ରଶାସନ। ବିଭିନ୍ନ ସମୟରେ ନୂଆ ତରିକା ଆପଣେଇ ଲୁଟ ହେଉଛି ବାଲି। କେତେବେଳେ ଖଣି ବିଭାଗକୁ ତ ଆଉ କେତେବେଳେ ତହସିଲ ପ୍ରଶାସନକୁ ମାଡ଼ ମାରି ମାଫିଆ ବାଲି ଚୋରାଚାଲାଣ କରୁଥିବା ଦେଖିବାକୁ ମିଳିଛି। କପ୍ତିପଦା ବ୍ଲକର ବଡ଼ବିଶୋଳ ନଦୀଘାଟ ପାଖ ରଥିପୁର ଖେଳପଡ଼ିଆ ପଛପଟେ ନୂଆ ତରିକାରେ ହେଉଛି ବାଲି ଚାଲାଣ। ଗତ ବନ୍ୟାରେ ନଦପଠାରେ ପଟୁ ମାଟି ମାଡ଼ି ଯାଇଥିବାବେଳେ ତଳ ସ୍ତରରେ ରହି ଯାଇଛି ଶହ ଶହ ଟ୍ରିପ ବାଲି। ଯାହାକୁ ଜେସିବି ମେସିନ ସାହାଯ୍ୟରେ ମାଟିକୁ ଖୋଳି ବାଲି ଉଦ୍ଧାର କରାଯାଉଛି। ସମୟ ଦେଖି ଚାଲାଣ ହେଉଛି। ଅଭିଯୋଗ ପରେ ତଦନ୍ତ ବେଳକୁ ନଦୀ ଘାଟରେ ବାଲି ନ ଥିବା ଦେଖିବାକୁ ମିଳୁଛି। ରାତିରେ ଚାଲାଣ ହେଉଛି ଶହ ଶହ ଟ୍ରିପ୍ ବାଲି। ଏ ସମ୍ପର୍କରେ କପ୍ତିପଦା ତହସିଲଦାର ଆଶିଷ କୁମାର ମହାପାତ୍ରଙ୍କୁ ଯୋଗାଯୋଗ କରିଥିଲେ ବି ସେ ଫୋନ୍ ରିସିଭ କରି ନ ଥିଲେ।

## ମଡର୍ଣ୍ଣ ଡ୍ୟାନ୍ସ ଏକାଡେମୀର ବାର୍ଷିକ ଉତ୍ସବ



ଉଦଳା, ୩।୨(ସମିସ): ମୟୂରଭଞ୍ଜ ଜିଲ୍ଲା ଉଦଳା ମଡର୍ଣ୍ଣ ଡ୍ୟାନ୍ସ ଏକାଡେମୀ ସ୍କୁଲର ଦ୍ୱିତୀୟ ବାର୍ଷିକ ଉତ୍ସବ ସ୍ଥାନୀୟ ଅତୁଲ ନାୟକ ପଡ଼ିଆରେ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଏନଏସି ଅଧ୍ୟକ୍ଷା ପ୍ରମିଳା ପଣ୍ଡା ଯୋଗଦେଇ ନୃତ୍ୟ ମାଧ୍ୟମରେ ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶ ହେବା ସହ କଳାର ମଧ ବିକାଶ ହୋଇଥାଏ ବୋଲି ପ୍ରକାଶ କରିଥିଲେ। ପ୍ରଥମେ ଉଦଳା ଓଡ଼ିଶୀ ନୃତ୍ୟ ଶିକ୍ଷାକେନ୍ଦ୍ର ଛାତ୍ରୀ ଓ ପରେ ମର୍ଡନ ଡ୍ୟାନ୍ସ ଏକାଡେମୀ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ନୃତ୍ୟ ପରିବେଷଣ ହୋଇଥିଲା। ଶେଷରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏକାଡେମୀର ପ୍ରତିଷ୍ଠାତା ରାଜକୁମାର୍ ମାଝୀ, ନୃତ୍ୟ ଶିକ୍ଷକ ବସନ୍ତ କୁମାର ପାତ୍ରଙ୍କ ସମେତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ସହଯୋଗ କରିଥିଲେ।

## ତ୍ରିଦିବସୀୟ ପ୍ରଗତି ପ୍ରଶିକ୍ଷଣ କର୍ମଶାଳା ଉଦ୍‌ଘାଟିତ



ଖୁଣ୍ଟ, ୩।୨(ସମିସ): ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପକ୍ଷରୁ ଶୁକ୍ରୁଲି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅନ୍ତର୍ଗତ ଖୁଣ୍ଟର ମା’ କିଚକେଶ୍ୱରୀ ଉଚ୍ଚବିଦ୍ୟାଳୟରେ ସମସ୍ତ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ବୃତ୍ତିଗତ ବିକାଶ ନିମନ୍ତେ ସାମଗ୍ରିକ ବିଦ୍ୟାଳୟ ବିକାଶ ଯୋଜନା ଆଧାରିତ ତ୍ରିଦିବସୀୟ କର୍ମଶାଳା ‘ପ୍ରଗତି’ ଉଦଘାଟିତ ହୋଇଛି। ଉଦ୍‌ଘାଟନୀ ସଭାରେ ଶୁକ୍ରୁଲି ଗୋଷ୍ଠୀ ଶିକ୍ଷାଧିକାରୀ ସୁଶାନ୍ତ କୁମାର ସିଂ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ତଥା ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ନୟନତାରା ମହାନ୍ତ, ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ଶିକ୍ଷକ ପ୍ରଶିକ୍ଷକ ଆଶିଷ କୁମାର ଦାସମହାପାତ୍ର ପ୍ରମୁଖ ଯୋଗଦେଇ କର୍ମଶାଳାର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ବିଷୟରେ ଆଲୋଚନା କରିଥିଲେ। ଏହି ପ୍ରଶିକ୍ଷଣ କର୍ମଶାଳାରେ ୫୭ ଜଣ ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ ତାଲିମ ନେଉଛନ୍ତି। ସାଧନ କର୍ମୀ ଭାବେ ଶିକ୍ଷକ ଆଶିଷ କୁମାର ଦାସମହାପାତ୍ର, ଶିକ୍ଷକ ନିରସ୍ତ୍ର ଚନ୍ଦ୍ର ସିଂହ, ବନବିହାରୀ ପରମାଣିକ ଓ ବିବେକେଶ ମହାପାତ୍ର କର୍ମଶାଳାକୁ ପରିଚାଳନା କରୁଛନ୍ତି।

## ହିନ୍ଦୁ ସମ୍ମିଳନୀ ଓ ବିଶ୍ୱଶାନ୍ତି ମହାଯଜ୍ଞ

ଶୁକ୍ରୁଲି, ୩।୨(ସମିସ): ଧରାପୃଷ୍ଠରେ ଶାନ୍ତି, ମୈତ୍ରୀ, ମୁକ୍ତି ଓ ପ୍ରଗତି ନିମନ୍ତେ ଯୁଗ ଯୁଗରୁ ଯଜ୍ଞ ଆୟୋଜନ ହୋଇଆସୁଛି। ବ୍ୟସ୍ତବହୁଳ ଜୀବନକୁ ଏକାଗ୍ର ଚିତ୍ତରେ ବାନ୍ଧି ରଖିବା ଓ ମନୁଷ୍ୟକୁ ସତ୍‌ମାର୍ଗ ପ୍ରଦର୍ଶନ ନିମନ୍ତେ ସମଗ୍ର ହିନ୍ଦୁ ସମାଜ ଶୁକ୍ରୁଲି ପକ୍ଷରୁ ଶୁକ୍ରୁଲି ବ୍ଲକ ଅନ୍ତର୍ଗତ ପାଣ୍ଡରଶୀଳ ଗ୍ରାମର ଲକ୍ଷ୍ମୀନାରାୟଣ ମନ୍ଦିର ପ୍ରାଙ୍ଗଣରେ ଚଳିତ ମାସ ୫ ତାରିଖ ଗୁରୁବାର ଦିନ ହିନ୍ଦୁ ସମ୍ମିଳନୀ ଓ ବିଶ୍ୱଶାନ୍ତି ଯଜ୍ଞ ଅନୁଷ୍ଠିତ ହେବାକୁ ସ୍ଥିର ହୋଇଛି। ଏ ଅବସରରେ ସମ୍ବର୍ଦ୍ଧନା ଓ ପ୍ରବଚନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

## ନୂତନ ପାଠ୍ୟ ପୁସ୍ତକ ସମ୍ବନ୍ଧୀୟ ପ୍ରଶିକ୍ଷଣ ଶିବିର



ବାରିପଦା, ୩।୨(ସମିସ): ସ୍ଥାନୀୟ ବାରିପଦା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ୫ ଦିନିଆ ନୂତନ ପାଠ୍ୟ ପୁସ୍ତକ ସମ୍ବନ୍ଧୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଅଧ୍ୟକ୍ଷ ରାଜେଶ ଷଡ଼ଙ୍ଗୀ ଓ ବିଆରସିସି ତପସ୍ୱିନୀ ଦାଶ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ। ଓଡ଼ିଶା ରୂପରେଖ-୨୦୨୫ ଉପରେ ଆଧାରିତ ଏହି ଶିବିରରେ ବାରିପଦା ମ୍ୟୁନିସିପାଲିଟି ଓ ବ୍ଲକସ୍ଥ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟରୁ ୧୦୦ ଜଣ ଶିକ୍ଷକ/ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ସାଧନ କର୍ମୀ ଭାବେ ସୌମ୍ୟ ଦାଶ, ସୁବୋଧ ଦାସ, ହରପ୍ରିୟା ପଣ୍ଡା ଓ ରତ୍ନା ବାନାର୍ଜୀ ପ୍ରଶିକ୍ଷଣ ଦେଇଥିଲେ।

ଆଗାମୀ ୨୦୨୬-୨୭ ଶିକ୍ଷାବର୍ଷରେ ପ୍ରଥମରୁ ୮ମ ଶ୍ରେଣୀର ୫୫ଟି ପୁସ୍ତକ ପରିବର୍ତ୍ତନ ହେବାକୁ ଯାଉଛି। ପୂର୍ବରୁ ୬ଟି ବିଷୟ ଉପରେ ପାଠପଢ଼ା ଯାଉଥିବାବେଳେ ଏବେ ୯ ପ୍ରକାର ବିଷୟ ଉପରେ ପଢ଼ାଯିବ ବୋଲି ଜଣାପଡ଼ିଛି। ଏହି ପାଞ୍ଚଦିନ ମଧ୍ୟରେ ଶିକ୍ଷାର୍ଥୀଙ୍କୁ ପଞ୍ଚପଦି ଅଧିତି, ବୋଧ, ଅଭ୍ୟାସ, ପ୍ରୟୋଗ ଓ ପ୍ରସାର ଏବଂ ପଞ୍ଚକୋଷ ଅନ୍ନ, ପ୍ରାଣ, ମନ, ବିଜ୍ଞାନ ଓ ଆନନ୍ଦ ଉପରେ ଶିକ୍ଷାଦାନର କୌଶଳ ତାଲିମ ଦିଆଯାଇଛି ବୋଲି ଡାଏଟର ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ଯୋଗେଶ୍ୱର ଘୋଷ ମହାପାତ୍ର ଜଣାଇଛନ୍ତି। ଏଥିସହିତ ଜାତୀୟ ଶିକ୍ଷାନୀତି-୨୦୨୦, ଭାରତୀୟ ଜ୍ଞାନ ପରମ୍ପରା, ବିଷୟ ଭିତ୍ତିକ ଭାଷାର ପାଠ ପଢ଼ାଇବା ଶୈଳୀ, ବୃତ୍ତିଗତ, ଶାରୀରିକ ଶିକ୍ଷା ଓ ସ୍ୱଚ୍ଛତା ଉପରେ ମଧ ଶିକ୍ଷାଦାନ କରାଯାଇଥିଲା। ତାଲିମ ମଧ୍ୟରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଡଃ ଅଭିମନ୍ୟୁ ସେଠୀ ଶିବିର ପରିଦର୍ଶନ କରିବା ସହ ବିଦ୍ୟାଳୟରେ ଶିଶୁ କୈନ୍ଦ୍ରିକ ଶିକ୍ଷାଦାନ ପଦ୍ଧତିର ସୁବିନିଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଏହି ନୂତନ ଶିକ୍ଷାନୀତି ୨୦୨୫ ଶିକ୍ଷାକ୍ଷେତ୍ରରେ ବୈପ୍ଲବିକ ପରିବର୍ତ୍ତନ ଆଣିବା ସହ ଆଗାମୀ ଯୁବପିଢ଼ିକୁ ସ୍ୱାବଲମ୍ବୀ କରିବାରେ ସହାୟକ ହେବ ବୋଲି ଶିକ୍ଷାବିତ ଆଶା ପୋଷଣ କରିଛନ୍ତି।

## ଟିମ୍ କିଡ୍‌ସରେ ବାଲ୍ ମହୋତ୍ସବ



ବାରିପଦା, ୩।୨(ସମିସ): ସ୍ଥାନୀୟ କୁନି ପିଲାଙ୍କ ଦୁଇ ସ୍କୁଲ ଟିମ୍ କିଡ୍‌ସ (ବାଘଡାରୋଡ଼ ଓ ମୁର୍ଗାବାଡି) ପକ୍ଷରୁ ସହିଦ ସ୍ମୃତି ଭବନରେ ବାର୍ଷିକ ଉତ୍ସବ ବାଲ୍ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱ ବିଦ୍ୟାଳୟର ଆସିଷ୍ଟାଣ୍ଟ ପ୍ରଫେସର ଡକ୍ଟର ପ୍ରିୟରଞ୍ଜନ ଦେବତା ମୁଖ୍ୟଅତିଥି, ଓଡ଼ିଶା ଜଙ୍ଗଲ ଉନ୍ନୟନ କର୍ପୋରେସନର ସ୍ୱାଧୀନ ନିର୍ଦ୍ଦେଶକ ତଥା ପରିବେଶବିତ ଭାନୁମିତ୍ର ଆଚାର୍ଯ୍ୟ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଶିଳ୍ପପତି ତଥା ସମାଜସେବୀ ଆଲୋକ କୁମାର ମହାନ୍ତି ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ। ଟିମ୍ କିଡ୍‌ସର ଉପଦେଷ୍ଟା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ (ଅବସରପ୍ରାପ୍ତ) ଯତୀନ୍ଦ୍ର ମୋହନ ଶତପଥୀ, ନାଟ୍ୟକାର ଆଶିଷ କୁମାର ବସା, ଅବସରପ୍ରାପ୍ତ ଇଂରାଜୀ ରିଡର୍ ଆଶିଷ କୁମାର ଦେ, ଗୀତିକବି ପ୍ରଜ୍ଞା ପରମିତା ପଣ୍ଡା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବଳରାମ ନାଥ କାର୍ଯ୍ୟକ୍ରମର ବିଭିନ୍ନ ସ୍ତରରେ ତାଙ୍କର ଅଭିଜ୍ଞତା ପ୍ରଦର୍ଶନ କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଅସିତ ମହାନ୍ତିଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଟିମ୍ କିଡ୍‌ସର ଶିକ୍ଷା ଉପଦେଷ୍ଟା ଉର୍ବଶୀ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ଅଭିରଥ ମହାନ୍ତି ମଞ୍ଚ ପରିଚାଳନା ଓ ଆର୍‌ୟନ ଦାସ ଅତିଥି ପରିଚୟ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସାଗରିକା ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ ହୋଇଥିବା ଦୁଇ ସ୍କୁଲର ଦୁଇ ବିଜେତା ସମ୍ରିତୀ ଜେନା ଓ ମନିତ ପଟ୍ଟନାୟକଙ୍କୁ ପୁରସ୍କୃତ କରାଯାଇଥିଲା।

## ବନ କର୍ମଚାରୀଙ୍କୁ ପ୍ରଶିକ୍ଷଣ

କପ୍ତିପଦା, ୩।୨(ସମିସ) ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ପାଇଁ ବନ କର୍ମଚାରଙ୍କ ଏକ ତାଲିମ କାର୍ଯ୍ୟକ୍ରମ କପ୍ତିପଦା ବନାଞ୍ଚଳ ଆନୁକୂଲ୍ୟରେ ବନାଞ୍ଚଳ ଅଧିକାରୀ ଅଚ୍ୟୁତାନନ୍ଦ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜାତୀୟ ସବୁଜ ବାହିନୀ (ଇକୋ କ୍ଲବର)ର ମାଷ୍ଟର ଟ୍ରେନର ଡକ୍ଟର ରମାକାନ୍ତ ମହାନ୍ତ ଓ ମୁଖ୍ୟବକ୍ତା ଭାବେ କପ୍ତିପଦାର ଫାୟାର ଅଫିସର ନରେନ୍ଦ୍ର ରାଉତ ଯୋଗଦାନ କରି ଜଙ୍ଗଲକୁ ବିଶେଷକରି ଶିମିଳିପାଳକୁ ନିଆଁ ଦାଉରୁ କିପରି ସୁରକ୍ଷା ଦିଆଯାଇପାରିବ, ସେ ନେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ବିଶିଷ୍ଟ ବକ୍ତା ଭାବେ ପରିବେଶବିତ ଶିକ୍ଷକ ସନ୍ତୋଷ କୁମାର ସାହୁ ଯୋଗଦାନ କରି ନିଜ ଅନୁଭୂତି ଆଧାରରେ ଜଙ୍ଗଲ ନିଆଁକୁ ଆୟତ୍ତ କରିବାର କୌଶଳ ବିଷୟରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫାୟାର ଅଫିସର ଜଗଦୀଶ ଚନ୍ଦ୍ର ସାହୁ, ଫାୟାରମ୍ୟାନ ନବୀନ ଚନ୍ଦ୍ର ପାତ୍ର ନିଜର ଅନୁଭୂତିକୁ ଆଧାର ଜଙ୍ଗଲ ନିଆଁକୁ ଆୟତ୍ତ କରିବାର ବିଭିନ୍ନ ପ୍ରକାର କୌଶଳ ବିଷୟରେ ଆଲୋଚନା କରିଥିଲେ। ଏଥିରେ କପ୍ତିପଦା ରେଞ୍ଜର ସମସ୍ତ ଫରେଷ୍ଟର ଗାର୍ଡ, ଫାୟାର ସ୍କ୍ୱାର୍ଡ ଓ କର୍ମଚାରୀ ଅଂଶଗ୍ରହଣ କରିଥିଲେ।

## ୧୯ରୁ ମାଟ୍ରିକ୍ ପରୀକ୍ଷା

# ବେତନଟୀ ବ୍ଲକରୁ ୧୮୫୩ ଜଣ ଦେବେ ପରୀକ୍ଷା

ବେତନଟୀ, ୩।୨(ସମିସ): ଚଳିତ ବର୍ଷର ମ୍ୟାଟ୍ରିକ୍ ପରୀକ୍ଷା ଚଳିତ ମାସ ୧୯ରୁ ଆରମ୍ଭ ହୋଇ ମାର୍ଚ୍ଚ ମାସ ୨ ତାରିଖରେ ସମାପ୍ତ ହେବ। ବେତନଟୀ ବ୍ଲକରୁ ୧୮୫୩ ଜଣ ପରୀକ୍ଷା ଦେବେ ବୋଲି ଜଣାପଡ଼ିଛି। ଗଣିତକୁ ଛାଡି ଅନ୍ୟ ସମସ୍ତ ବିଷୟ ଦିବା ୯ଟାରୁ ଆରମ୍ଭ ହୋଇ ୧୧ ଘ. ୩୦ ମି.ରେ ସରୁଥିବାବେଳେ ଗଣିତ ଦିବା ୯ଟାରୁ ଆରମ୍ଭ ହୋଇ ଦିବା ୧୧ ଘ. ୪୫ ମିରେ ସରିବ ବୋଲି ଜଣାପଡ଼ିଛି। ଚଳିତ ବର୍ଷ ପ୍ରଶ୍ନପତ୍ର ଯୋଗାଣ ସହ ପରୀକ୍ଷା ଖାତା ସଂଗ୍ରହ ପାଇଁ ବେତନଟୀ ପିଏମଶ୍ରୀ ହାଇସ୍କୁଲକୁ ନୋଡାଲ ସେଣ୍ଟର ଚିହ୍ନଟ କରାଯାଇଛି। ଏହି ସେଣ୍ଟରରେ ସମସ୍ତ ପରୀକ୍ଷା କେନ୍ଦ୍ର ପାଇଁ କଡ଼ା ପହରା ମଧ୍ୟରେ ପ୍ରଶ୍ନପତ୍ର ଗଚ୍ଛିତ ରହିବା ସହ ପରୀକ୍ଷା ଦିନ ପ୍ରଶ୍ନପତ୍ର ଯୋଗାଇ ଦିଆଯିବ।

ବେତନଟୀ ବ୍ଲକର ୧୧ଟି ପରୀକ୍ଷା କେନ୍ଦ୍ର ସହ ବଡ଼ସାହି ବ୍ଲକର କୋଚିଲାଖୁଣ୍ଟା ଓ ମୋରଡା ବ୍ଲକର ଦାନ୍ତିଆମୁହାଁ ପରୀକ୍ଷା କେନ୍ଦ୍ରକୁ ଏଠାରୁ ପ୍ରଶ୍ନପତ୍ର ଯୋଗାଇ ଦିଆଯିବ। ବେତନଟୀ ବ୍ଲକର ୧୧ଟି ପରୀକ୍ଷା କେନ୍ଦ୍ର ମଧ୍ୟରୁ ଏମପିସି ହାଇସ୍କୁଲରେ ୧୮୫ ଜଣ, ସରକାରୀ ବାଳିକା ହାଇସ୍କୁଲ ବେତନଟୀରେ ୧୮୭ ଜଣ, ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ଶାଳବଣୀରେ ୧୯୮ ଜଣ, ଜନତା ହାଇସ୍କୁଲ ସନ୍ତରାରେ ୧୫୬ ଜଣ, ସରକାରୀ ହାଇସ୍କୁଲ ବ୍ରହ୍ମପୁରାରେ ୧୬୧ ଜଣ, ସିଦ୍ଧେଶ୍ୱର ହାଇସ୍କୁଲ ଛଚିନାପଦାରେ ୧୫୧ ଜଣ, ସତ୍ୟସାଇ ହାଇସ୍କୁଲ ଖୁଣ୍ଟାପୁରରେ ୧୨୨ ଜଣ, ସରକାରୀ ହାଇସ୍କୁଲ ଅଁଳାରେ ୧୨୩ ଜଣ, ସରକାରୀ ହାଇସ୍କୁଲ ପାଟକିପୁରାରେ ୧୫୮ ଜଣ, ମୁନିଲାଲ ସରକାରୀ ହାଇସ୍କୁଲ ବୈଶିଙ୍ଗାରେ ୧୮୨ ଜଣ ଓ ସରକାରୀ ହାଇସ୍କୁଲ ଗଡ଼ଦେଉଳିଆରେ ୨୩୦ ଜଣ ମୋଟ ୧୮୫୩ ଜଣ ପରୀକ୍ଷାର୍ଥୀ ମ୍ୟାଟ୍ରିକ ପରୀକ୍ଷା ଦେବେ ବୋଲି ଜଣାପଡ଼ିଛି। ଓଷ୍ଟାର ଜିଲ୍ଲା ସମ୍ପାଦକ କିଶୋର କୁମାର ଆଚାର୍ଯ୍ୟ, ବ୍ଲକ ସଭାପତି ଶିଶିର କୁମାର ନାୟକ, ସମ୍ପାଦକ ସୂର୍ଯ୍ୟାନନ୍ଦ ନାୟକ ଚଳିତ ବର୍ଷ ବୋର୍ଡ ପରୀକ୍ଷାର ସମସ୍ତ ପରୀକ୍ଷାର୍ଥୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ପରୀକ୍ଷା ସୁପରିଚାଳନା ପାଇଁ ବ୍ଲକର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ, ଅଭିଭାବକ, ଛାତ୍ରଛାତ୍ରୀ ଓ ସର୍ବୋପରି ସମସ୍ତ ଜନସାଧାରଣଙ୍କ ସହଯୋଗ କାମନା କରିଛନ୍ତି।

# ଗୋ-ମାଂସ ଚାଲାଣବେଳେ ଯୁବକ ଅଟକ

ରାସଗୋବିନ୍ଦପୁର,୩।୨(ସମିସ): ସାରୁମୂଳା ପଞ୍ଚାୟତ ଜୁଡପଡ଼ା ଛକ ଦେଇ ଏକ ବାଇକ ଯୋଗେ ବେଲାଯୁଡ଼ି ଅଞ୍ଚଳର ଜଣେ ଯୁବକ ରଘୁନାଥ ମାହାଲି ବୁରାରେ ଘୋଡାଇ ସନ୍ଦେହଜନକ ଭାବେ କ'ଣ ନେଉଥିବା ଦେଖି ଗ୍ରାମର କାର୍ତ୍ତିକ ଚନ୍ଦ୍ର ମହାନ୍ତି ଯୁବକ ଜଣଙ୍କୁ ଅଟକ ରଖିଥିଲେ। ପରେ ଗ୍ରାମବାସୀ ଯୁବକଙ୍କୁ ପଚରାଉଚରା କରିବା ପରେ ଗୋ ମାଂସ ବସ୍ତା ବେଲାଜୁଡ ଅଞ୍ଚଳକୁ ନେଉଥିବା ମାନିଥିଲେ। ପରେ ଗ୍ରାମର ଯୁବକ ଦେବାଶିଷ ମହାନ୍ତି, ଅଶୋକ ମହାନ୍ତ, ଅଶୋକ ମହାନ୍ତି, ସଚିନ୍ଦ୍ର ଗିରି ପ୍ରମୁଖ ଯୁବକକୁ ପୁଲିସ ହାତରେ ଜିମା ଦେଇଥିଲେ। ପୁଲିସ ଘଟଣା ସମ୍ପର୍କରେ ତଦନ୍ତ ଆରମ୍ଭ କରିଛି।

# ରାଇସେନ ମୁର୍ମୁ ବିଜେଡି ଜିଲ୍ଲା କାର୍ଯ୍ୟକାରୀ ସଭାପତି



ରାଇରଙ୍ଗପୁର,୩।୨(ସମିସ): ବିଜୁ ଜନତା ଦଳର ମୟୁରଭଞ୍ଜ-୨ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଭାବେ ରାଇସେନ ମୁର୍ମୁ ନିଯୁକ୍ତ ହୋଇଛନ୍ତି। ଏ ନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ରାଇରଙ୍ଗପୁର ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ରାଇସେନ ମୁର୍ମୁ ଜଣେ ଦକ୍ଷ ସଙ୍ଗଠକ ଅଟନ୍ତି। ଜିଲ୍ଲା ସଂଗଠନକୁ ତୃଣମୂଳ ସ୍ତରରୁ ଆହୁରି ସଶକ୍ତ ଓ କ୍ରିୟାଶୀଳ କରିବା ପାଇଁ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଭାବେ ତାଙ୍କୁ ମନୋନୀତ କରାଯାଇଛି। ଏ ନେଇ ରାଇସେନ ମୁର୍ମୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ବାଳିକା ଉଚ୍ଚବିଦ୍ୟାଳୟକୁ ସୁନାରାମ ସୋରେନଙ୍କ ନାମରେ ନାମିତ ଦାବି

ରାଇରଙ୍ଗପୁର, ୩।୨(ସମିସ): ରାଇରଙ୍ଗପୁରସ୍ଥ ଏସଏସଡି ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ଓଡ଼ିଶାର ପ୍ରଥମ ଆଦିବାସୀ ମନ୍ତ୍ରୀ ସ୍ୱର୍ଗତ ସୁନାରାମ ସୋରେନଙ୍କ ନାମରେ ନାମକରଣ କରିବାକୁ ଦାବି ହୋଇଛି। ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁ ହେରିଟେଜ୍ ଟ୍ରଷ୍ଟ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଗସ୍ତ ଅବସରରେ ବିଦ୍ୟାଳୟ ପରିସରରେ ସ୍ୱର୍ଗତ ସୁନାରାମ ସୋରେନଙ୍କ ଏକ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯିବାର କାର୍ଯ୍ୟକ୍ରମ ରହିଛି। ଜନସାଧାରଣଙ୍କ ସୁବିଧା ନିମନ୍ତେ ଓ ସ୍ୱର୍ଗତ ସୁନାରାମ ସୋରେନଙ୍କୁ ସମ୍ମାନିତ କରିବା ପାଇଁ ପ୍ରତିମୂର୍ତ୍ତିକୁ ରାଇରଙ୍ଗପୁର-ଟାଟା ମୁଖ୍ୟ ରାସ୍ତା ସଂଲଗ୍ନ ସ୍କୁଲ ପ୍ରବେଶ ଦ୍ୱାରରେ ସ୍ଥାପନ କରିବାକୁ ନିବେଦନ କରିଛନ୍ତି। ଏଥିସହିତ ସ୍ୱର୍ଗତ ସୁନାରାମ ସୋରେନଙ୍କ ନାମରେ ବିଦ୍ୟାଳୟର ନାମକରଣ କରିବାକୁ ନିବେଦନ କରିଛନ୍ତି।

## ଜିଲ୍ଲାସ୍ତରୀୟ ସ୍କାଉଟ୍ ଓ ଗାଇଡ୍ସ କ୍ୟାମ୍ପୋରୀ ଉଦ୍‌ଯାପିତ

# ମନମୋହିଲା ଟୁସୁ ମେଳା, ଛଉ ନୃତ୍ୟ ଓ ରଥ ଯାତ୍ରା






ବିଶୋଇ,୩।୨ (ସମିସ):

ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ବିଶୋଇ ସରକାରୀ ଉନ୍ନୀତ ଉଚ୍ଚବିଦ୍ୟାଳୟ ପରିସରରେ ୩ ଦିନ ଧରି ଚାଲିଥିବା ମୟୂରଭଞ୍ଜ ଜିଲ୍ଲାସ୍ତରୀୟ ସ୍କାଉଟ ଓ ଗାଇଡ୍ସ କ୍ୟାମ୍ପୋରୀ ଆଜି ଉଦଯାପିତ ହୋଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ତଥା ମୟୂରଭଞ୍ଜ

## ମଞ୍ଚସ୍ଥ ହେଲା ଆଦିବାସୀ ସମ୍ପ୍ରଦାୟର ବିବାହ

ଜିଲ୍ଲା ସ୍କାଉଟ୍ ଓ ଗାଇଡ୍ସର ଜିଲ୍ଲା ମୁଖ୍ୟ କମିଶନର ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ସଭାପତିତ୍ୱରେ ୩ ଦିନ ଧରି ଜିଲ୍ଲାର ବିଭିନ୍ନ ବ୍ଲକର ବିଦ୍ୟାଳୟଙ୍କୁ ଅଂଶଗ୍ରହଣ କରିଥିବା ୨୫୫ ସ୍କାଉଟ ଓ ୨୮୪ ଗାଇଡ୍ ଛାତ୍ରଛାତ୍ରୀଙ୍କ ମଧ୍ୟରେ ୧୧ଟି ଇଭେଣ୍ଟରେ ପ୍ରତିଯୋଗିତା, ଦକ୍ଷତା ପ୍ରଦର୍ଶନୀ କାର୍ଯ୍ୟକଳାପ ହେବାସହିତ ପ୍ରତ୍ୟେକ ଦିନ ସାଂସ୍କୃତିକ ସମାରହ ଅନୁଷ୍ଠିତ ହୋଇଥିଲା। ଆଜି କ୍ୟାମ୍ପୋରୀର ଶେଷ ଦିବସରେ ଦିବସରେ ସ୍କାଉଟ ଏବଂ ଗାଇଡ଼ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସାହସିକ କାର୍ଯ୍ୟକଳାପ,ଲୋକ କଳା ପ୍ରଦର୍ଶନୀ ସହିତ ଅପରାହ୍ନ ସମୟରେ ବିଶୋଇ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ତଥା କ୍ୟାମ୍ପୋରୀର ସାଂଗଠନିକ ସମ୍ପାଦିକା ସନ୍ତୋଷନି ମୋଦିଙ୍କ ସଂଯୋଜନାରେ ଶିବିରର ଉଦଯାପନୀ ସମାରହ ଅନୁଷ୍ଠିତ ହୋଇଯାଇଛି।ଏଥିରେ ମୁଖ୍ୟଅତିଥି ଭାବରେ ଭାରତ ସ୍କାଉଟ ଏବଂ ଗାଇଡର ଜାତୀୟ ବରିଷ୍ଠ ଉପସଭାପତି ତଥା ଓଡିଶା ରାଜ୍ୟ ମୁଖ୍ୟ କମିଶନର ଡ଼. କାଳିପ୍ରସାଦ ମିଶ୍ର ଯୋଗଦେଇ ସ୍କାଉଟ ଓ ଗାଇଡ଼ର ସ୍ୱତନ୍ତ୍ର ନୀତି ଆଦର୍ଶ, ଲକ୍ଷ୍ୟ ସମ୍ପର୍କରେ ସ୍କାଉଟ ଓ ଗାଇଡ଼ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ମୁଖ୍ୟବକ୍ତା ଭାବେ ସିଡିପିଓ ବିଟୁ ଟୁଡୁ ସ୍କାଉଟ ଓ ଗାଇଡ୍ ଛାତ୍ରଛାତ୍ରୀଙ୍କ ଉଦ୍ଦିଷ୍ଟ ସମସ୍ତ ଇଭେଣ୍ଟକୁ ଭୂୟସୀ ପ୍ରଶଂସା କରିବା ସହିତ ସମାଜରେ ବାଲ୍ୟ ବିବାହ ପ୍ରଥାକୁ ରୋକ ଲଗାଇବା ପାଇଁ ସଚେତନତା ସୃଷ୍ଟି କରିବା ସହିତ ବାଲ୍ୟ ବିବାହ ପ୍ରଥା ବିରୋଧ କରିବା ପାଇଁ ସମସ୍ତଙ୍କୁ ଶପଥ ପାଠ ଗ୍ରହଣ କରାଇଥିଲେ।

ସମ୍ମାନିତ ଅତିଥି ଭାବେ ବିଶୋଇ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ତଥା ଜିଲ୍ଲା ସ୍କାଉଟ ଓ ଗାଇଡ୍ସର ସମ୍ପାଦକ ଭାଗୀରଥି ମଲ୍ଲିକ କ୍ୟାମ୍ପୋରୀର ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିବା ସହିତ କ୍ୟାମ୍ପୋରୀ ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବରେ ଉପସ୍ଥିତ ବିଶୋଇ ଗୋଷ୍ଠୀ ଶିକ୍ଷା ଅଧିକାରୀ କପିଳେନ୍ଦ୍ର ଦାସ, ଗାଇଡ୍ ଡିଅସି ସୁଲଚନା ମଙ୍ଗରାଜ, ପ୍ରାକ୍ତନ ସ୍କାଉଟ ଡିଅସି ସରୋଜ ଚନ୍ଦ୍ର ମହାନ୍ତ, ଗାଇଡ଼ ପ୍ରତିନିଧି ବାସନ୍ତୀ ମହାନ୍ତ ଓ ଅହଲ୍ୟା ସାହୁ, ସ୍କାଉଟ ପ୍ରତିନିଧି ଚିତ୍ତରଞ୍ଜନ ପରିଡା ପ୍ରମୁଖ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ନିଜର ଦକ୍ଷତା ବିକାଶ ବୃଦ୍ଧି ପାଇଁ ବିଭିନ୍ନ ପରାମର୍ଶ ଦେଇଥିଲେ।

ଉଦଯାପନୀ ସମାରୋହରେ ବିଭିନ୍ନ ଥିମ ଉପରେ ଜିଲ୍ଲାର ବିଭିନ୍ନ ସମ୍ପ୍ରଦାୟର ପାରମ୍ପରିକ ଲୋକ କଳା ପ୍ରଦର୍ଶନ ହୋଇଥିଲା। ବାଲ୍ୟ ବିବାହ ପ୍ରଥା ସଚେତନତା, ମୟୂରଭଞ୍ଜ ପ୍ରସିଦ୍ଧ ଟୁସୁ ମେଳା ଗୀତ, ଛଉ ନୃତ୍ୟ, କରଞ୍ଜିଆ ଦଳ ପୂର୍ଣ୍ଣିମା, ଆଦିବାସୀ ସମ୍ପ୍ରଦାୟର ବିବାହ, ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପ୍ରମୁଖ ମଞ୍ଚସ୍ଥ ହେବା ସହିତ ଏହା ଆକର୍ଷଣର କେନ୍ଦ୍ର ସାଜିଥିଲା। ସ୍କାଉଟର ଡିଓସି ବିଜୟ କୁମାର ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିବାବେଳେ ୧୩୦ ସ୍କାଉଟ ପ୍ରଶିକ୍ଷକ, ୧୨୦ ଗାଇଡ଼ ସଂଯୋଜକ, ୧୮ କାଉନସିଲର ସଦସ୍ୟ, ୨୦ କେନ୍ଦ୍ରୀୟ ଅଧିକାରୀ ଓ ୯୦ ଜଣ ପରିଚାଳନା ଅଧିକାରୀ ଶିବିର ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସଫଳ ମଣ୍ଡିତ ହୋଇଥିଲା। ବରିଷ୍ଠ ଶିକ୍ଷକ ମନୋରଞ୍ଜନ ଗିରି, ରଞ୍ଜନ ଗିରି, ସୂର୍ଯ୍ୟ ନାଏକ, ଜିତେନ୍ଦ୍ର ମାଝୀ, ଜୟରାମ ବେହେରା, ନାରାୟଣ ବସା, ତୁଷାର ନନ୍ଦ, ଭୂପତି ଭୂଷଣ ଧଳ, ବିଶ୍ୱରଞ୍ଜନ ଜେନା, ଖୋଇର ଧଳ, ମନ୍ମଥ ନାୟକ, ଗଜେନ୍ଦ୍ର ଗିରି, ମନୋଜ ବେହେରା, ଅଶୋକ ଗିରି, ସୁଭସ୍ମିତା ବାରଦା, ମାର୍ଥା ବାରଦା, କୃଷ୍ଣାରାଣୀ ଜେନା, ଶରତ ସେଠୀ, ରାଧେଶ୍ୟାମ ପରିଡାଙ୍କ ସମେତ ବ୍ଲକର ସମସ୍ତ ସିଆରସିସି, ସହକାରୀ ଶିକ୍ଷକ ଓ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପୃଥକ ଦୁର୍ଘଟଣାରେ ୨ ମୃତ

ରାଇରଙ୍ଗପୁର,୩।୨(ସମିସ): ଆଜି ପୃଥକ ଦୁର୍ଘଟଣାରେ ୨ ଜଣଙ୍କର ମୃତ୍ୟୁ ଘଟିଛି। ଦେଓନଦୀ ପୋଲ ନିକଟରେ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକ ମୃତ୍ୟୁବରଣ କରିଛନ୍ତି। ମୃତ ଯୁବକ ଜଣକ କରଞ୍ଜିଆ ଥାନା ଅନ୍ତର୍ଗତ କପଣ୍ଡ ଗ୍ରାମର ମଣ୍ଟୁ ନାଏକ ବୋଲି ଜଣାପଡ଼ିଛି। ସେ ବାଇକ୍ ଯୋଗେ ଯାଉଥିବାବେଳେ କରଞ୍ଜିଆରୁ ଠାକୁରମୁଣ୍ଡା ରାସ୍ତାର ଦେଓ ନଦୀ ପୋଲ ନିକଟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ସେହିପରି ଠାକୁରପାଟଣା ଗ୍ରାମର କାଇରା ପିଙ୍ଗୁଆ ବାଇକ୍ ଧକ୍କାରେ ମୃତ୍ୟୁବରଣ କରିଛନ୍ତି। ସେ ରାସ୍ତା କଡରେ ଚାଲି ଚାଲି ଯାଉଥିବାବେଳେ ସିଙ୍ଗଡା ଛକ ନିକଟରେ ଏକ ଦ୍ରୁତଗାମୀ ବାଇକ ତାଙ୍କୁ ପଛରୁ ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା।

# ଟ୍ରାନ୍ସଫର୍ମରରୁ ଯନ୍ତ୍ରାଂଶ ଚୋରି

ରାଇରଙ୍ଗପୁର,୩।୨(ସମିସ): କରଞ୍ଜିଆ ଥାନା ଅନ୍ତର୍ଗତ ଦୋରି ଲକିସାହି ଅଞ୍ଚଳରୁ ଟ୍ରାନ୍ସଫର୍ମର କୋର ଓ କଏଲ ଚୋରି ହୋଇଛି। ଏ ନେଇ ଟାଟା ପାୱାର କରଞ୍ଜିଆ-୨ ବିଦ୍ୟୁତ ସେକ୍ସନ ପରିଚାଳକ ଅଜିତ କୁମାର ସାମଲ କରଞ୍ଜିଆ ଥାନାରେ ଅଭିଯୋଗ କରିଛନ୍ତି। ଉକ୍ତ ଗ୍ରାମ ଅଞ୍ଚଳରେ ବିଦ୍ୟୁତ ସମସ୍ୟା ହେବାରୁ ଲାଇନମ୍ୟାନ ଯାଞ୍ଚ କରିଥିଲେ। ତେବେ ଟ୍ରାନ୍ସଫର୍ମର ମଧ୍ୟରୁ କୋର ଓ କଏଲ ଚୋରି ହୋଇଥିବା ସୂଚନା ପାଇଥିଲେ। ଚୋରି ଯନ୍ତ୍ରାଂଶର ଆନୁମାନିକ ମୂଲ୍ୟ ୫୦,୦୦୦ ଟଙ୍କା ହେବ।

# ଖେଳ ପଡ଼ିଆରୁ ବାଇକ୍ ଚୋରି

ରାଇରଙ୍ଗପୁର,୩।୨(ସମିସ): ବଡ଼ଚମ୍ପାଉଦା ଖେଳ ପଡ଼ିଆ ପରିସରରୁ ବାଇକ୍ ଚୋରି ହୋଇଛି। ଏ ନେଇ ପଦ୍ମପୁର ଗ୍ରାମର ଦୁବାଇ ମାହାଳି ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ ହୋଇଛି। ପଡ଼ିଆରେ ବାଇକ ପାର୍କିଂ କରି ଖେଳ ଦେଖିବାକୁ ଯାଇଥିଲେ। ସେଠାରୁ ଫେରି ଦେଖିଲା ବେଳକୁ ଉକ୍ତ ସ୍ଥାନରେ ବାଇକ ନ ଥିଲା। ବହୁ ଖୋଜାଖୋଜି ପରେ ପାଇ ନ ଥିଲେ। ଫଳରେ ଥାନାରେ ଅଭିଯୋଗ କରିଥିଲେ।

# ଇଗ୍ନୁ ବିଇଡି କର୍ମଶାଳା ଉଦ୍‌ଯାପିତ



ବାରିପଦା,୩।୨(ସମିସ): ସ୍ଥାନୀୟ ଉତ୍କଳମଣି ଗୋପବନ୍ଧୁ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟରେ ୧୨ ଦିନ ଧରି ଚାଲିଥିବା ଇଗ୍ନୁ ବିଇଡି ଦ୍ୱିତୀୟ ବର୍ଷ କର୍ମଶାଳା ଆଜି ଉଦଯାପିତ ହୋଇଯାଇଛି। ଏଥିରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ୫୬ ଜଣ ପ୍ରଶିକ୍ଷାର୍ଥୀ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର କ୍ଷୀରୋଦ ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଡକ୍ଟର ସଞ୍ଜୟ କୁମାର ଦେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡକ୍ଟର ସରୋଜ ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଇଡି ଛାତ୍ରଛାତ୍ରୀଙ୍କୁ ପରିବର୍ତ୍ତିତ ପରିସ୍ଥିତିରେ ନୂତନ ଜ୍ଞାନକୌଶଳ, ଶିକ୍ଷଣ ପଦ୍ଧତିର ଆହରଣ ଓ ପ୍ରୟୋଗ କରି ବିକଶିତ ଭାରତ ନିର୍ମାଣରେ ଯୋଗଦାନ ଦେବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସହକାରୀ ପ୍ରଫେସର ଡକ୍ଟର ଚିତ୍ରସେନ ସେଠୀ, ଡକ୍ଟର କେ ଲକ୍ଷ୍ମୀ ସେନାପତି, ଉମେଶ ଚନ୍ଦ୍ର ମାଝୀ, ସରୋଜ ଦାସ, ରାଜକିଶୋର ରାଉଳ ଯୋଗଦେଇ ନିଜ ମତ ରଖିଥିଲେ। ପ୍ରଶିକ୍ଷାର୍ଥୀ ଅନୁପ ଗୁପ୍ତାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଦ୍ୱୈତ ବେହେରା, ଡକ୍ଟର ରୁବି ଟୁଡୁ, ଦେବଶ୍ରୀ ଦ୍ୱିବେଦୀ, ଅନନ୍ୟା ପରିଡା ପ୍ରମୁଖ ସହଯୋଗ କରିଥିଲେ।

# ଖମଡ଼ିହା ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ମହୁଲଡିହା,୩।୨(ସମିସ): ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ଖମଡିହା ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ୬୭ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।



ପ୍ରଧାନ ଶିକ୍ଷୟିତ୍ରୀ ଜସ୍ମି ବାସ୍କେଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କରଞ୍ଜିଆ ଏବିଇଓ ସନ୍ତୋଷ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ପିତାମାତା ଯେପରି ଆଚରଣ କରିବେ ପିଲା ତାହାକୁ ଗ୍ରହଣ କରିବେ। ତେଣୁ ଭଲ ଓ ସେବା ମନୋବୃତ୍ତି ନେ କାମ କଲେ ତାକୁ ପିଲା ଗ୍ରହଣ କରି ଭଲ ମଣିଷଟିଏ ହୋଇପାରିବେ। ଠାକୁରମୁଣ୍ଡା ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ବଳରାମ ସ୍ୱାଇଁ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ଏବିଇଓ ଦିଲ୍ଲୀପ ଧଳ, ଏବିଇଓ ସଂଯୁକ୍ତା ନାୟକ, ସିଆରସିସି ଅଲେଖ ପଲେଇ, ପରିଚାଳନା କମିଟି ସମ୍ପାଦକ ସନ୍ତୋଷ ମହାନ୍ତ ପ୍ରମୁଖ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଶିକ୍ଷୟିତ୍ରୀ କାହକସାଁ ପରବିନ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ ଚକ୍ରଧର ସାହୁ ଅତିଥି ପରିଚୟ ଓ ସିଆରସିସି ତପନ କୁମାର ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ଏ ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ଅବନ୍ତୀ ଲୋହାର, ସାବିତ୍ରୀ ହେମ୍ବ୍ରମ, ନିରୂପମା ଦାସ ପ୍ରମୁଖ ସହଯୋଗ କରିଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଅଦାପାଳ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ

# 'ଶିକ୍ଷା ହିଁ ଏକ ବଳିଷ୍ଠ ଦେଶ ଓ ନାଗରିକ ସୃଷ୍ଟି କରିଥାଏ'



ଉଦଳା, ୩।୨(ସମିସ): ଉଦଳା ବ୍ଲକର ଅଦାପାଳ ସରକାରୀ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଭାତ ସେଠୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଉଦଳା ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଦୀପକ କୁମାର ମିଶ୍ର, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଭାଗବତ ବେହେରା, ସମ୍ମାନିତ ଅତିଥି ଭାବେ ବଡ଼ସିଙ୍ଗାରିଆ ସରପଞ୍ଚ ସୁନାରାମ ଟୁଡୁ, ଅଦାପାଳ କ୍ଲଷ୍ଟର ସିଆରସିସି ମହେଶ୍ୱର ରାଉତ, ଏସଏମସି ମେମ୍ବର ମାତୁ ଟୁଡୁ ଓ ସମାଜସେବୀ ରବୀନ୍ଦ୍ର ସୋରେନ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଶିକ୍ଷାର ଆବଶ୍ୟକତା ହିଁ ଏକ ବଳିଷ୍ଠ ଦେଶ ଓ ନାଗରିକ ତିଆରି କରିଥାଏ। କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସ୍ଥାନୀୟ ଅଞ୍ଚଳର ବିଶିଷ୍ଟ ଉପସ୍ଥାପକ କାଶୀନାଥ ଦାସ ଓ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ସହଯୋଗ କରିଥିଲେ।

# କୁଆମରା ହାଇସ୍କୁଲ ପୁରାତନ ଛାତ୍ରଛାତ୍ରୀଙ୍କ ସମ୍ମିଳନୀ



କପ୍ତିପଦା, ୩।୨(ସମିସ): ଶାଳଚୁଆର ସୁନେଇଡ୍ୟାମ୍‌ସ୍ଥ କୁଆମରା ହାଇସ୍କୁଲର ୧୯୮୫ ମ୍ୟାଟ୍ରିକ ବ୍ୟାଚ୍ ଛାତ୍ର ଓ ସେମାନଙ୍କ ପରିବାରକୁ ନେଇ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ପୁରାତନ ଛାତ୍ରଛାତ୍ରୀ ପରସ୍ପର ସହ ଭାବର ଆଦାନପ୍ରଦାନ କରିବା ସହ ପରଲୋକଗତ ବନ୍ଧୁଙ୍କ ନିମନ୍ତେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରିଥିଲେ। ସରୋଜ ନାୟକ ଓ ସଞ୍ଜୟ ସାମଲ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଉତ୍ତରପାଳ ଆଶ୍ରମ ସ୍କୁଲର ବାର୍ଷିକ ଉତ୍ସବ



ମାଣତ୍ରୀ, ୩।୨(ସମିସ): ବଡ଼ସାହି ବ୍ଲକ ଅଧୀନ ଉତ୍ତରପାଳ ଆଶ୍ରମ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଶ୍ୱନାଥ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବାରିପଦା ଉପଖଣ୍ଡର ଅତିରିକ୍ତ ମଙ୍ଗଳ ଅଧିକାରୀ ପ୍ରଫୁଲ୍ଲ ସେଠୀ, ସ୍ୱତନ୍ତ୍ର ଅତିଥି ବାରିପଦା ଆଇଟିଡିଏର ଅତିରିକ୍ତ ମଙ୍ଗଳ ଅଧିକାରିଣୀ ଶୃତିଲିପି ସାହୁ, ମୁଖ୍ୟବକ୍ତା ଭାବେ ଜିଲ୍ଲା ମୁଖ୍ୟାଳୟର ଅତିରିକ୍ତ ମଙ୍ଗଳ ଅଧିକାରୀ ଅଜୟ ଜେନା ଯୋଗଦେଇ ବାର୍ଷିକ ଉତ୍ସବ ଶିକ୍ଷାନୁଷ୍ଠାନ, ଶିକ୍ଷକ/ଶିକ୍ଷୟିତ୍ରୀ, ଅଭିଭାବକ ଓ ବିଦ୍ୟାର୍ଥୀଙ୍କ ଅଗ୍ରଗତି, ଖସଡା ଓ ଭୁଲତ୍ରୁଟି ସୁଧାରିବାର ଦିବସ ବୋଲି କହିଥିଲେ। ସମସ୍ତେ ଏକ ବିନ୍ଦୁରେ ଯୋଡି ହେଲେ ସଫଳତା ପାଦ ଛୁଇଁବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରିଣୀ ସୁଶ୍ରୀ ବାସନ୍ତୀ ସିଂ, ସିଆରସିସି କାହ୍ନୁଚରଣ ବାରିକ ଓ ଶିକ୍ଷାବିତ୍ ଦେବେନ୍ଦ୍ର ପଣ୍ଡା ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ପଣ୍ଡା ବାର୍ଷିକ ବିବରଣୀ ପାଠ, ସହକାରୀ ଶିକ୍ଷୟିତ୍ରୀ ମମତା ଦାସ ମଞ୍ଚ ପରିଚାଳନା, ସହକାରୀ ଶିକ୍ଷୟିତ୍ରୀ ଅମିତା ସାମଲ ଜଗନ୍ନାଥ ସ୍ତୁତି ପାଠ ଓ ଧନ୍ୟବାଦ ଅର୍ପଣ କରିଥିବାବେଳେ ଅତିଥି ଶିକ୍ଷକ ବିଶ୍ୱଭୂଷଣ ବିଶ୍ୱାଳ ଓ ଶିକ୍ଷୟିତ୍ରୀ ବୈଜୟନ୍ତୀ ସାହୁ, ମଟ୍ରୋନ ମଞ୍ଜୁଲତା ରାଉତ ଓ ସମସ୍ତ କର୍ମଚାରୀ, ପରିଚାଳନା କମିଟି ସଦସ୍ୟ/ସଦସ୍ୟା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଗଜା ହେଉନି ବାଦାମ ବିହନ; ଚାଷୀ ହତାଶ

କଳାବାଡିଆ,୩।୨(ସମିସ):

ବାଙ୍ଗିରିପୋଷି ବ୍ଲକ୍‌ର କଳାବାଡିଆ, ବଣକାଟୀ, ଶ୍ୟାମସୁନ୍ଦରପୁର ପଞ୍ଚାୟତର ପାଣିଶାଳ, ଜଗନ୍ନାଥପୁର, ବଣକାଟୀର ବଣକାଟୀ, କଣ୍ଟାପାଳ, ଶ୍ୟାମସୁନ୍ଦରପୁରର ଚାଷୀ ବାରିପଦା ଆଇଟିଡିଏ ପକ୍ଷରୁ ଦିଆଯାଇଥିବା ବିନା ମୂଲ୍ୟରେ ବାଦମ ବିହନ ନେଇ ଫସିଯାଇଥିବା ଅଭିଯୋଗ ହୋଇଛି। ବାଦାମ ବିହନ ବୁଣିବାର ୧୫ ଦିନ ବିତିଯାଇଥିଲେ ମଧ୍ୟ ଠାଏଁ ଠାଏଁ ଗୋଟିଏ ଦୁଇଟି ଗଛ ଛାଡିଦେଲେ ଗଛ ଉଠୁନି। ଫଳରେ ୫୦ ଏକରରୁ ଊର୍ଦ୍ଧ୍ୱ ବାଦାମ ଚାଷ କରିଥିବା ଚାଷୀ ଏବେ ଚିନ୍ତାରେ ପଡ଼ିଛନ୍ତି।



କିଛି ଚାଷୀ ଅପେକ୍ଷା ନ କରି ବେଙ୍ଗଲ ବାଦାମ ବିହନ ପୁଣି ଉକ୍ତ ବିଲରେ ପକାଇଲେଣି। ଉତ୍ତମ ମାନର ବିହନ ଦିଆଯାଇନାହିଁ ବୋଲି ଚାଷୀ ଅଭିଯୋଗ କରିଛନ୍ତି। ଘଣ୍ଟାକୁ ୧୨୦୦ ଟଙ୍କା ହଳ, ସାର, ବିହନ ବୁଣିବା ବାବଦକୁ ଶ୍ରମିକ ଖର୍ଚ୍ଚ, ପାଣି ମଡାଇବା ବାବଦରେ ଖର୍ଚ୍ଚ କରି ସାରିଥିବା ଚାଷୀ ଏବେ ଚିନ୍ତାରେ ପଡ଼ିଛନ୍ତି। ଭଲ ରୋଜଗାର ଆଶାରେ ବିନାମୂଲ୍ୟରେ ଆଇଟିଡିଏ ତରଫରୁ ସରକାରୀ ବିହନ ନେଇଥିଲେ। ହେଲେ ଫସିଗଲେ ବୋଲି ଚାଷୀ ସନିଆ ନାଏକ କହିଛନ୍ତି। ବହୁ ଚାଷୀ ବ୍ଲକ କୃଷି ଅଧିକାରୀ ଚାରୁଲତା ସିଂଙ୍କୁ ଦେଖାକରି ଆଇଟିଡିଏ ବିହନ ଆମକୁ ଠକିଦେଲା ବୋଲି ଅଭିଯୋଗ କରିଛନ୍ତି। କୃଷି ବିଭାଗ ତରଫରୁ ବିରି ବୁଣିବା ପାଇଁ ପରାମର୍ଶ ଦିଆଯାଇଛି। କୃଷି ବିଭାଗ ସହଯୋଗ କରିବ ବୋଲି ଅଧିକାରୀ ଚାରୁଲତା ସିଂ କହିଛନ୍ତି। ଅପରପକ୍ଷେ ବିହନ ଯୋଗାଇ ଥିବା ଆଇଟିଡିଏ କର୍ମଚାରୀ ନନ୍ଦଲାଲ ସୋରେନ ନିଜ ଦୋଷ ମାନିବା ପାଇଁ ନାରାଜ। ବେଳେବେଳେ ପାଗ ପାଇଁ ବିହନ ମାସେ ଲାଗିପାରେ ବୋଲି କହିଛନ୍ତି। ଶ୍ୟାମସୁନ୍ଦରପୁରରେ ୨୮ ଦିନ ଲାଗିଛି। ମୁଁ ଭୁବନେଶ୍ୱର ଆସିଛି, ଗଲେ ଚାଷୀଙ୍କ କଥା ବୁଝିବି ବୋଲି ଶ୍ରୀ ସୋରେନ କହିଛନ୍ତି। ବିଲ ଶୁଖି ଟାଣ ହେଲାଣି। ଏପରି ସ୍ଥିତିରେ କିପରି ବିହନ ବାହାରିବ ବୋଲି ଚାଷୀ ଅନ୍ତର୍ଯ୍ୟାମୀ ନାଏକ, ଦାମୋଦର ନାଏକ, ଇଶ୍ୱର ନାଏକ, ଗୌରାଙ୍ଗ ନାଏକ, ଶ୍ରୀହରି ନାଏକ, ସୁଭାକର ନାଏକ, ପ୍ରଫୁଲ୍ଲ ନାଏକ, ଅନାଦି ନାଏକ, ସନିଆ ନାଏକ ପ୍ରଶ୍ନ କରିଛନ୍ତି।

## ଆଜିର ରାଶିଫଳ

**ମେଷ:** ସକରାତ୍ମକ ଦୃଷ୍ଟିରୁ ଦିନଟି ଭଲରେ କଟିବ। ପୂର୍ବର ଭୁଲ୍‌କୁ ଅନୁଧ୍ୟାନ କରି ଆଗକୁ ବଢ଼ିବାକୁ ଚେଷ୍ଟା କରିବେ। ବ୍ୟବସାୟରେ ସଫଳତା ପାଇବେ। ଆୟ ଓ ବ୍ୟୟ ସମାନ ରହିବ।

**ବୃଷ:** ଅଟକି ଥିବା କାର୍ଯ୍ୟରେ ସଫଳତା ମିଳିପାରେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ପିଠି ଯନ୍ତ୍ରଣା ଅନୁଭବ କରିପାରନ୍ତି। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ମାନ ସମ୍ମାନ ବୃଦ୍ଧିପାଇବ।

**ମିଥୁନ:** ଆର୍ଥିକ ସ୍ଥିତି ଠିକ୍ ରହିବ। ବିଦ୍ୟାର୍ଥୀମାନେ ଭଲ ପ୍ରଦର୍ଶନ କରିବେ। ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିବ। ଅଯଥା କଥାରେ ଯୁକ୍ତି କରନ୍ତୁନି। ଆଶା କରିଥିବା ଦିଗରୁ ନିରାଶ ହୋଇପାରନ୍ତି।

**କର୍କଟ:** ମାନସିକ ଶାନ୍ତି ମିଳିବ। ଅପେକ୍ଷାର ଫଳ ମିଳିପାରେ। କର୍ମକ୍ଷେତ୍ରରେ ସମସ୍ତଙ୍କ ସହ ଭଲ ଆଚରଣ ଦେଖାନ୍ତୁ। ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ। ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି।

**ସିଂହ:** ନିଜ ଲୋକ ଶତ୍ରୁ ସାଜିପାରନ୍ତି। ଅଯଥା ଖର୍ଚ୍ଚରୁ ଦୂରେଇ ରହନ୍ତୁ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। କଳାକାରଙ୍କ ପାଇଁ ଦିନଟି ଭଲ। ଜମି ବିବାଦର ସମାଧାନ ହେବ। ଅତିଥି ସତ୍କାର କରିପାରନ୍ତି।

**କନ୍ୟା:** ପରିବାର ସହିତ ସମୟ ବିତାନ୍ତୁ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଯାତାୟତ ସମୟରେ ସତର୍କତା ଅବଲମ୍ବନ କରନ୍ତୁ।

**ତୁଳା:** ଅଫିସ କାମକୁ ନେଇ ଚିନ୍ତାରେ ରହିପାରନ୍ତି। ଅନ୍ୟମାନଙ୍କ କଥାରେ ପରିଚାଳିତ ହୁଅନ୍ତୁ ନାହିଁ। ଆଧ୍ୟାତ୍ମିକ କାର୍ଯ୍ୟରେ ସମୟ ବିତାନ୍ତୁ। ମହିଳାମାନଙ୍କ ପାଇଁ ଦିନଟି ଭଲ।

**ବିଛା:** ଯୋଜନା ମୁତାବକ କାମ କରିବା ଭଲ। ସ୍ୱାସ୍ଥ୍ୟ ପ୍ରତି ଅଣଦେଖା କରନ୍ତୁନି। ରାଜନୀତିରେ ସକ୍ରିୟ ରହିପାରନ୍ତି। ମନ ମୁତାବକ କାମ କରନ୍ତୁ। ପଡୋଶୀଙ୍କ ସହ ସମ୍ପର୍କ ମଧୁର ହେବ।

**ଧନୁ:** ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ପିଲାମାନଙ୍କ ନକାରାତ୍ମକ ଗତିବିଧିକୁ ନେଇ ଚିନ୍ତାରେ ରହିବେ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ମହିଳାମାନେ ଘରକାର୍ଯ୍ୟରେ ବ୍ୟସ୍ତ ରହିବେ।

**ମକର:** ଯୁବପିଢ଼ିଙ୍କ ପାଇଁ ଦିନଟି ଭଲ। ଧାର୍ମିକ ଏବଂ ଆଧ୍ୟାତ୍ମିକ କାର୍ଯ୍ୟରେ ସମୟ ବିତିବ। ମହିଳାମାନେ ନିଜ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହୁଅନ୍ତୁ। ପେଟଜନିତ ସମସ୍ୟା ହେବାର ଆଶଙ୍କା ରହିଛି।

**କୁମ୍ଭ:** ତରବରିଆ ଭାବେ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ। ଆଶା କରିଥିବା ଦିଗରୁ ଅର୍ଥ ମିଳିବ। ଅତିଥି ସତ୍କାରରେ ଦିନ ବିତିବ। ବିଦ୍ୟାର୍ଥୀମାନେ ଶିକ୍ଷା କ୍ଷେତ୍ରରେ ଭଲ ପ୍ରଦର୍ଶନ କରିବେ।

**ମୀନ:** ପରିବାର ପାଇଁ ସମୟ କାଢ଼ନ୍ତୁ। ବିପଦରେ ପଡ଼ିଥିବା ଲୋକଙ୍କୁ ସାହାଯ୍ୟର ହାତ ବଢ଼ାନ୍ତୁ। କର୍ମକ୍ଷେତ୍ରରେ କାର୍ଯ୍ୟର ଚାପ ବଢ଼ିବ। ପାରିବାରିକ ଜୀବନରେ ଝଡ଼ ସୃଷ୍ଟି ହେବାର ଆଶଙ୍କା ରହିଛି।

## ଆଜିର ଇତିହାସ

- ୧୮୪୭- ପ୍ରଥମ ଆମେରିକୀୟ ଟେଲିଗ୍ରାମ୍ କମ୍ପାନି ମେରିଲ୍ୟାଣ୍ଡରେ ସ୍ଥାପିତ।
- ୧୯୨୦- ପ୍ରଥମ ଥର ଲଣ୍ଡନରୁ ଆମେରିକା ଉଡ଼ାଣ ଆରମ୍ଭ।
- ୧୯୪୮ - ଶ୍ରୀଲଙ୍କା ବ୍ରିଟେନ୍ ଠାରୁ ସ୍ୱାଧୀନ ହେଲା।
- ୨୦୦୪- ଫେସ୍‌ବୁକ୍ ଲଞ୍ଚ୍ ହୋଇଥିଲା।
- ୨୦୧୪- ସତ୍ୟ ନଡେଲା ମାଇକ୍ରୋସଫ୍ଟର ସିଇଓ ନିଯୁକ୍ତ ହେଲେ।

**ଆଜି ବାହୁଡ଼ିଥିଲେ**

# ଉତ୍କଳ ଗୌରବ ମଧୁସୂଦନ ଦାସ

ଆଜି ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପୁଣ୍ୟତିଥି। ଉତ୍କଳ ପ୍ରଦେଶ ଗଠନର ସେ ଥିଲେ ଅନ୍ୟତମ ପ୍ରମୁଖ ବିଦ୍ଧାଣି। ଓଡ଼ିଶାର ମାଟି, ମଣିଷ ଓ ଭାଷାକୁ ସେ ପ୍ରାଣ ଭରି ଭଲ ପାଉଥିଲେ। ଆଇନ, ବ୍ୟବସାୟ, ରାଜନୀତି ଓ ସାମ୍ବାଦିକତା ପ୍ରତ୍ୟେକ କ୍ଷେତ୍ରରେ ସେ ନିଜର ସ୍ୱତନ୍ତ୍ର ପରିଚୟ ଛାଡ଼ି ଯାଇଛନ୍ତି। ମଧୁସୂଦନଙ୍କ ସମଗ୍ର ଜୀବନ ଓଡ଼ିଶା ପାଇଁ ଉତ୍ସର୍ଗୀକୃତ। ଆଇନ କ୍ଷେତ୍ରରୁ ଆରମ୍ଭ କରି ସମବାୟ ଆନ୍ଦୋଳନ, କୁଟୀର ଶିଳ୍ପ, ତାରକସୀ କାର୍ଯ୍ୟ, ଶିକ୍ଷା, ପୌରସଂସ୍ଥାର ଉନ୍ନତି, ଛାତ୍ର ଜାଗରଣ, ନାରୀ ଜାଗରଣ, ଏହିପରି ସବୁକ୍ଷେତ୍ରରେ ସେ ଥିଲେ ପ୍ରତିଟି ଓଡ଼ିଆଙ୍କ ପଥ ପ୍ରଦର୍ଶକ। ସେ ୧୮୪୮ ମସିହା ଏପ୍ରିଲ୍ ମାସ ୨୮ ତାରିଖରେ କଟକ ଜିଲ୍ଲାର ସତ୍ୟଭାମାପୁରଠାରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ଚୌଧୁରୀ ରଘୁନାଥ ଦାସ ଏବଂ ମାତାଙ୍କ ନାମ ପାର୍ବତୀ ଦେବୀ। ସେ ଗାଁ ଚାଟଶାଳୀରୁ ପାଠପଢ଼ା ସାରି ହାଇସ୍କୁଲ ପାଠ ପଢ଼ିବା ପାଇଁ କଟକ ଆସିଥିଲେ। ୧୮୬୪ରେ ମଧୁସୂଦନ ଅନ୍ୟ ଚାରିଜଣଙ୍କ ସହ କଟକ ସ୍କୁଲରୁ ଦ୍ୱିତୀୟ ଶ୍ରେଣୀରେ ଏଣ୍ଟ୍ରାନ୍ସ ପାସ କରିଥିଲେ। ଏହାପରେ ସେ ବାଲେଶ୍ୱରରେ କିରାଣି ଚାକିରିଟିଏ କଲେ। ୧୮୭୦ରେ ସେ ବି.ଏ. ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ। ମଧୁବାବୁ ଇଂରାଜୀ ସାହିତ୍ୟରେ ଏମ୍.ଏ. ପାସ୍ କଲାପରେ କଲିକତାରେ କେତେକ ସ୍କୁଲରେ ଶିକ୍ଷକତା କରିଥିଲେ। କଲିକତା ବିଶ୍ୱବିଦ୍ୟାଳୟରୁ ବି.ଏଲ୍. ପାସ୍ କରିବା ପରେ ମଧୁବାବୁ ପ୍ରଥମେ ଚବିଶ ପ୍ରଗଣା ଅନ୍ତର୍ଗତ ଆଲିପୁର କୋର୍ଟରେ ଓକିଲାତି ଆରମ୍ଭ କରିଥିଲେ। କଲିକତାରୁ ଆସି କଟକରେ ଓକିଲାତି କରିବା ପରେ ଲୋକେ ତାଙ୍କୁ 'ମଧୁ ବାରିଷ୍ଟର' ବୋଲି ସମ୍ବୋଧନ କଲେ। ସେ ଉତ୍କଳ ଟାନେରୀ ଓ ଓଡ଼ିଶା ତାରକସୀ ନାମକ ଦୁଇଟି ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା କରିଥିଲେ। ମଧୁବାବୁ ଥିଲେ ଓଡ଼ିଆ ଭାଷା ଆନ୍ଦୋଳନର ମୁଖ୍ୟ ପୁରୋଧା। ସେ ଥିଲେ ଓଡ଼ିଶାର ପ୍ରଥମ ବାରିଷ୍ଟର। ପ୍ରଥମ ଓଡ଼ିଆ ଗ୍ରାଜୁଏଟ୍, ପ୍ରଥମ ଓଡ଼ିଆ ଏମ୍‌ଏ, ପ୍ରଥମ ଓଡ଼ିଆ ବିଲାତ ଯାତ୍ରୀ, ପ୍ରଥମ ମନ୍ତ୍ରୀ, ପ୍ରଥମ ଓଡ଼ିଶା-ବିହାର ବିଧାନସଭା ସଦସ୍ୟ।



ଓଡ଼ିଶାର ବିଚ୍ଛିନ୍ନାଞ୍ଚଳର ଏକତ୍ରୀକରଣ ପାଇଁ ସାରା ଜୀବନ ସେ ସଂଗ୍ରାମ କରିଥିଲେ। ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକତ୍ର କରି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ କରିବା ପାଇଁ ସେ ଆଜୀବନ ସଂଗ୍ରାମ କରିଥିଲେ। ତାଙ୍କର ପ୍ରତ୍ୟକ୍ଷ ପ୍ରେରଣା ଓ ନେତୃତ୍ୱରେ ଉତ୍କଳ ସମ୍ମିଳନୀ ଗଠନ ହୋଇଥିଲା। ସେହିପରି ଜଣେ ଲେଖକ ଓ କବି ଭାବରେ ମଧ୍ୟ ସେ ଅନେକ ଦେଶାତ୍ମବୋଧକ ଲେଖା ଲେଖିଛନ୍ତି। 'ଉତ୍କଳ ସନ୍ତାନ', 'ଜାତି ଇତିହାସ', 'ଜ୍ଞାନୀର ଉକ୍ତି', 'ଜାତୀୟ ଗୀତିକା' ଆଦି ଲେଖା ତାଙ୍କର ପ୍ରସିଦ୍ଧି ଲାଭ କରିଛି। ଏହି ବରପୁତ୍ରଙ୍କର ୧୯୩୪ ମସିହା ଆଜିର ଦିନରେ ପରଲୋକ ଘଟିଥିଲା। ତେବେ ଓଡ଼ିଶା ଓ ଓଡ଼ିଆ ଭାଷାର ସ୍ୱାଭିମାନକୁ ନେଇ ଯଦି କିଏ ସମଗ୍ର ଇତିହାସରେ ପ୍ରାଣପାତ କରି ଲଢ଼େଇ କରିଥିଲା ସେ ହେଉଛନ୍ତି କୁଳବୃଦ୍ଧ ମଧୁସୂଦନ ଦାସ। ସାହିତ୍ୟିକ ସୁରେନ୍ଦ୍ର ମହାନ୍ତିଙ୍କ ଭାଷାରେ ସେ ଶତାବ୍ଦୀର ସୂର୍ଯ୍ୟ।




ବଲିଉଡ୍ ଅଭିନେତା ରଣବୀର ସିଂହଙ୍କ ଫିଲ୍ମ 'ଧୁରନ୍ଧର' ବକ୍ସ ଅଫିସ୍‌ରେ ହିଟ୍ ସାବ୍ୟସ୍ତ ହେବା ପରେ ଦର୍ଶକେ ଏବେ ଏହାର ସିକ୍ୱେଲକୁ ଅପେକ୍ଷା କରିଛନ୍ତି। ଇତିମଧ୍ୟରେ ରଣବୀରଙ୍କ ହାତକୁ ତାଙ୍କ କ୍ୟାରିୟରର ସବୁଠୁ ବଡ଼ ବଜେଟ୍‌ର ଫିଲ୍ମ ଆସିଥିବା ଚର୍ଚ୍ଚା ହେଉଛି। ଏହି ଫିଲ୍ମକୁ ସାଉଥ୍ ଇଣ୍ଡଷ୍ଟ୍ରିର ଆଗଧାଡ଼ିର ନିର୍ଦ୍ଦେଶକ ଏସ୍. ଶଙ୍କର ନିର୍ମାଣ କରୁଛନ୍ତି। ଫିଲ୍ମର ଟାଇଟଲ୍ ରହିଛି 'ବେଲପାରି'। ଏହାପୂର୍ବରୁ ୨୦୦୧ରେ ଆସିଥିବା ଅନୀଲ କପୁରଙ୍କ 'ନାୟକ'ର ନିର୍ଦ୍ଦେଶନା ଶଙ୍କର ଦେଇଥିଲେ। ଏହା ତାଙ୍କ ନିର୍ଦ୍ଦେଶିତ ଏକମାତ୍ର ହିନ୍ଦୀ ଫିଲ୍ମ ଥିଲା। ଏବେ ଏହା ଶଙ୍କର ନିର୍ଦ୍ଦେଶିତ ଦ୍ୱିତୀୟ ହିନ୍ଦୀ ଫିଲ୍ମ ହେବ। ଏଥିରେ ରଣବୀରଙ୍କ ସହ ସାଉଥ୍ ଇଣ୍ଡଷ୍ଟ୍ରିର ଲୋକପ୍ରିୟ ଅଭିନେତା ବିକ୍ରମ ମଧ୍ୟ ଲିଡ୍ ରୋଲରେ ନଜର ଆସିପାରନ୍ତି। ତେବେ ଶଙ୍କର ଏହି ଫିଲ୍ମ ପାଇଁ ରଣବୀରଙ୍କ ସହ ଆଲୋଚନା କରିଛନ୍ତି। ଏଯାଏଁ ଏହି ଫିଲ୍ମକୁ ନେଇ ବିଧିବଦ୍ଧ ଭାବେ ରଣବୀର କି ଶଙ୍କର କୌଣସି ସୂଚନା ଦେଇ ନାହାନ୍ତି। ଫିଲ୍ମର କାହାଣୀ ତାମିଲ ଲୋକକଥା ଓ ଇତିହାସ ଉପରେ ଆଧାରିତ ହେବ।

# ବିଶ୍ୱ କର୍କଟ ଦିବସ



କ୍ୟାନସର୍ ବା କର୍କଟ, ଏକ ପ୍ରାଣଘାତୀ ରୋଗ। ପରିବର୍ତ୍ତିତ ଜୀବନଶୈଳୀ ଯୋଗୁଁ ଲକ୍ଷ ଲକ୍ଷ ଲୋକ ଏହି ଗମ୍ଭୀର ରୋଗର ଶିକାର ହେଉଛନ୍ତି। କର୍କଟ ରୋଗ ସମ୍ପର୍କରେ ଲୋକଙ୍କୁ ସଚେତନା କରାଇବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଫେବୃଆରୀ ୪ ତାରିଖକୁ ବିଶ୍ୱ କର୍କଟ ଦିବସ ରୂପେ ପାଳନ କରାଯାଏ। କର୍କଟ ରୋଗ ସମ୍ପର୍କରେ ଜନସଚେତନା ସୃଷ୍ଟି କରିବା, ଶୀଘ୍ର ଚିହ୍ନଟ, ନିରାକରଣ ଏବଂ ରୋଗରେ ପୀଡ଼ିତ ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇବା ଏହି ଦିବସ ପାଳନର ମୂଳ ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ବର୍ତ୍ତମାନ ସମୟରେ ଏହି ମାରାତ୍ମକ ରୋଗ ବିରୋଧରେ ସମସ୍ତେ ମିଶି ଲଢ଼େଇ କରିବାର ଆବଶ୍ୟକତା ରହିଛି। ଏହା ଏମିତି ଏକ ରୋଗ ଯାହାର ଚିକିତ୍ସା ଠିକ୍ ସମୟରେ କରା ନ ଗଲେ ରୋଗୀ ମୃତ୍ୟୁମୁଖରେ ପଡ଼େ। କାରଣ କର୍କଟର ପ୍ରାରମ୍ଭିକ ଲକ୍ଷଣ କେହି ସହଜରେ ଜାଣିପାରି ନ ଥାନ୍ତି। ତେବେ ଅନ୍ୟ ରୋଗ ତୁଳନାରେ ପୃଥିବୀରେ କର୍କଟଜନିତ ମୃତ୍ୟୁ ଖୁବ୍ ଅଧିକ। ମହିଳାମାନେ ସ୍ତନ କର୍କଟରେ ଅଧିକ ପୀଡ଼ିତ ହେଉଥିବା ବେଳେ ପୁରୁଷମାନେ ଫୁସ୍‌ଫୁସ୍ କର୍କଟରେ ଅଧିକ ଆକ୍ରାନ୍ତ ହେଉଛନ୍ତି। ତେବେ ଏହି ଦିବସକୁ ପ୍ରଥମଥର ପାଇଁ ୧୯୯୩ ସ୍ୱିଜରଲ୍ୟାଣ୍ଡର ଜେନେଭାରେ ୟୁନିୟନ୍ ଫର୍ ଇଣ୍ଟରନ୍ୟାସନାଲ କ୍ୟାନ୍‌ସର୍ କଣ୍ଟ୍ରୋଲ (ୟୁଆଇସିସି) ଦ୍ୱାରା ଫେବୃଆରୀ ୪ରେ ପାଳନ କରାଯାଇଥିଲା। ଏହାର ଉଦ୍ଦେଶ୍ୟ କର୍କଟ ରୋଗୀଙ୍କ ସଂଖ୍ୟା ତଥା ଏହାର ମୃତ୍ୟୁହାରକୁ କମ୍ କରିବା। ଏହାବାଦ୍ କ୍ୟାନ୍‌ସର୍ ଲକ୍ଷଣକୁ ଠିକ୍ ସମୟରେ ଚିହ୍ନଟ କରିବା ତଥା ଏହା ବିରୋଧରେ ଯେଉଁ ଗୁଜବ ବା ଭୁଲ୍ ଚିନ୍ତାଧାରା ରହିଛି ତାହାକୁ ଦୂର କରିବା। ଏକ ସୁସ୍ଥ ଜୀବନଶୈଳୀ ଆପଣାଇ କ୍ୟାନ୍‌ସର୍ ଭଳି ମାରତ୍ମକ ରୋଗର ଆଶଙ୍କାକୁ କମ୍ କରାଯାଇପାରେ। ଏଥିପାଇଁ ସୁନିଦ୍ରା ସହ ସନ୍ତୁଳିତ ଆହାର ଗ୍ରହଣ, ପ୍ରତିଦିନ ବ୍ୟାୟାମ କରିବା ଜରୁରି। ଏଭଳି କରିବା ଦ୍ୱାରା କେବଳ ଆମର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଏ ନାହିଁ ବରଂ ସୁସ୍ଥ ଜୀବନ ଜୀଇଁବାରେ ମଧ୍ୟ ସହାୟକ ହୋଇଥାଏ। ସେହିପରି ଯଦି କୌଣସି ବ୍ୟକ୍ତିଙ୍କଠାରେ କ୍ୟାନ୍‌ସର୍‌ର ଲକ୍ଷଣ ଦେଖାଯାଏ, ତାହେଲେ ଅବିଳମ୍ବେ ଡାକ୍ତରଙ୍କ ପରାମର୍ଶ ନେବା ଜରୁରି। ଠିକ୍ ସମୟରେ କ୍ୟାନ୍‌ସର୍ ଚିହ୍ନଟ ହୋଇପାରିଲେ, ଏହି ରୋଗକୁ ପରାସ୍ତ କରାଯାଇପାରିବ। ଏ ବାବଦରେ ଲୋକଙ୍କୁ ସଚେତନ କରିବା ପାଇଁ ଏହିଦିନ ସରକାରୀ ତଥା ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକ ପକ୍ଷରୁ ବହୁ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯାଏ। ପ୍ରତିବର୍ଷ ଏହାକୁ ଏକ ନିର୍ଦ୍ଦିଷ୍ଟ ଥିମ୍‌ରେ ପାଳନ କରାଯାଏ। ଚଳିତବର୍ଷର ଥିମ୍ ହେଉଛି 'ୟୁନାଇଟେଡ୍ ବାଏ ୟୁନିକ୍'।



# ଯୁବପିଢ଼ିଙ୍କଠାରେ ବଢୁଛି ଡିଜିଟାଲ ଆସକ୍ତି

**ଦିନ ତମାମ ଫୋନ, ଭିଡିଓ ତଥା ରିଲ୍ ଦେଖିବା ଏବେ ଅନେକଙ୍କ ଅଭ୍ୟାସ ପାଲଟିଛି। ବିଶେଷକରି ଯୁବପିଢ଼ିଙ୍କଠାରେ ଏହି ଅଭ୍ୟାସ ଟିକେ ବେଶି। ମୁଖ୍ୟତଃ ୧୫-୨୪ ବର୍ଷ ବୟସ୍କଙ୍କଠାରେ ଏହା ଅଧିକ ବୋଲି କୁହାଯାଉଛି। ଏଥିଯୋଗୁଁ ଯୁବପିଢ଼ିଙ୍କଠାରେ ଅନେକ ପ୍ରକାର ଶାରୀରିକ ଓ ମାନସିକ ସମସ୍ୟା ବଢ଼ିବାରେ ଲାଗିଛି। ତା'ସହ ଡିଜିଟାଲ ଆସକ୍ତି ଯୋଗୁଁ ସେମାନଙ୍କର ନିତିଦିନର କାମ ବି ପ୍ରଭାବିତ ହେଉଛି।**

ଆବଶ୍ୟକତାଠୁ ଅଧିକ ଡିଜିଟାଲ ଡିଭାଇସ୍ ବ୍ୟବହାର କରିବାକୁ ଡିଜିଟାଲ ଆସକ୍ତି ବୋଲି କୁହାଯାଏ। ମୁଖ୍ୟତଃ ସୋସିଆଲ ମିଡିଆ ବ୍ୟବହାର, ଗେମିଂ, ଅନଲାଇନ ନିଶା ଅବସାଦ, ଚିନ୍ତା, ମୋଟାପାର କାରଣ ପାଲଟିଛି। ଏପରିକି ସବୁବେଳେ ଚିନ୍ତାଗ୍ରସ୍ତ ରହିବା ଯୋଗୁଁ ସେମାନଙ୍କର ନିତିଦିନର କାମ ପ୍ରଭାବିତ ହେଉଛି। ଇକୋନମିକ ସର୍ଭେ ୨୦୨୫-୨୬ ରିପୋର୍ଟ ଅନୁସାରେ, ସୋସିଆଲ ମିଡିଆ ନିଶା କେବଳ ଯୁବପିଢ଼ିଙ୍କ ଜୀବନ ନଷ୍ଟ କରୁନାହିଁ, ବରଂ ଯେଉଁ ବୟସରେ ସେମାନଙ୍କୁ ପଢ଼ିବା ତଥା କ୍ୟାରିୟର ଗଢ଼ିବା ଦରକାର, ସେହି ବୟସରେ ସେମାନେ ଅବସାଦ, ମୋଟାପାର ଶିକାର ହେଉଛନ୍ତି। ଏହି ରିପୋର୍ଟ ଅନୁସାରେ, ଡିଜିଟାଲ ଆସକ୍ତି ଯୋଗୁଁ ଏହାର ସମ୍ବନ୍ଧ ବଢୁଥିବା ମାନସିକ ରୋଗ ସହିତ ଜଡ଼ିତ ବୋଲି କୁହାଯାଇଛି। କେବଳ ସେତିକି ନୁହେଁ, ଏହା ଯୋଗୁଁ ଯୁବପିଢ଼ି ସାଇବରବୁଲିଂର ବି ଶିକାର ହେଉଛନ୍ତି। ଅନ୍ୟପଟେ ସୋସିଆଲ ମିଡିଆ ନିଶା ବିଶେଷକରି ୧୫-୨୪ ବର୍ଷ ବୟସ୍କଙ୍କଠାରେ ଅଧିକ ବୋଲି କୁହାଯାଇଛି।

ସେହିପରି ସୋସିଆଲ ମିଡିଆରେ ବାରମ୍ବାର ସ୍କ୍ରଲ କରିବା ଏବଂ ସାମାଜିକ ତୁଳନା କରିବା ଚିନ୍ତା ଓ ଅବସାଦର ଲକ୍ଷଣ ସହିତ ଜଡ଼ିତ। ଏହାବାଦ୍ ଗେମ୍ ଖେଳିବା, ଲଗାତାର ଟିଭି ତଥା ଫୋନ୍ ଦେଖିବା ମାନସିକ ସ୍ୱାସ୍ଥ୍ୟ ପ୍ରତି ବିପଦ। ୨୦୨୪ର ଏକ ରିପୋର୍ଟ ଅନୁସାରେ, ଭାରତରେ ପ୍ରାୟ ଅଧା ଇଣ୍ଟରନେଟ୍ ବ୍ୟବହାରକାରୀ ଅନଲାଇନ ଭିଡିଓ ଦେଖିଥାନ୍ତି। ୪୩ ପ୍ରତିଶତ ସୋସିଆଲ ମିଡିଆ ବ୍ୟବହାର କରିଥାନ୍ତି, ୪୦ ପ୍ରତିଶତ ଇ-ମେଲ ତଥା ମ୍ୟୁଜିକ ଷ୍ଟ୍ରିମିଂ କରିଥାନ୍ତି। ୨୬ ପ୍ରତିଶତ ଡିଜିଟାଲ ପେମେଣ୍ଟ କରନ୍ତି। ତେଣୁ ପ୍ରାୟ ୪୦ କୋଟି ଲୋକ ଓଟିଟି ପ୍ଲାଟଫର୍ମ ଏବଂ ୩୫ କୋଟି ଲୋକ ସୋସିଆଲ ମିଡିଆ ସହିତ ଜଡ଼ିତ। ଅନ୍ୟପଟେ ସର୍ଭେରେ ସ୍ପଷ୍ଟ ଭାବେ କୁହାଯାଇଛି, ୧୫-୨୯ ବର୍ଷ ବୟସ୍କ ଯୁବପିଢ଼ିଙ୍କଠାରେ ଇଣ୍ଟରନେଟ୍ ଏବଂ ମୋବାଇଲର ପହଞ୍ଚ ପ୍ରତ୍ୟେକ ସ୍ଥାନରେ ଅଛି।

# ସମ୍ଭାବନା



## କ୍ୟାମ୍ପସ୍ ପାଇଁ ପ୍ରସ୍ତୁତି

**ପଢ଼ା ଶେଷ ହେବା ପରେ ଚାକିରି ପାଇଁ ସ୍ୱତନ୍ତ୍ର ପ୍ରସ୍ତୁତି ଆରମ୍ଭ ହୋଇଥାଏ। ବିଶେଷକରି କ୍ୟାମ୍ପସ୍ ଚୟନ ସମୟ ଆସିଲେ ଛାତ୍ରଛାତ୍ରୀମାନେ ଏନେଇ ବିଶେଷ ପ୍ରକାର ପ୍ରସ୍ତୁତିରେ ଲାଗି ପଡ଼ନ୍ତି। ତେବେ କ୍ୟାମ୍ପସ ଚୟନ ପ୍ରକ୍ରିୟାରେ ଭଲ ପ୍ରଦର୍ଶନ ପାଇଁ କିଭଳି ପ୍ରସ୍ତୁତି କରିବେ, ଜାଣିବା ସେ ସମ୍ପର୍କରେ...।**

କ୍ୟାମ୍ପସ ସିଲେକସନ ସମୟରେ ଭଲ ମାର୍କ ରଖିବା ଯେତେକି ଜରୁରି, ତା'ଠୁ ବେଶି ଜରୁରି କଥାବାର୍ତ୍ତା କରିବାର ଉନ୍ନତ ଶୈଳୀ। ଉତ୍ତମ କମ୍ୟୁନିକେସନ ନ ଥିଲେ ଭଲ କମ୍ପାନିର ଚାକିରି ହରାଇବାର ଆଶଙ୍କା ବେଶି ଥାଏ। ଅବଶ୍ୟ ଅନେକ କମ୍ପାନି ଭଲ ମାର୍କ ସହ ପିଲାଙ୍କ କଥାବାର୍ତ୍ତା ଶୈଳୀ ଉପରେ ଗୁରୁତ୍ୱ ଦେଉଛନ୍ତି। ଏହାବାଦ୍ ଏଥିପାଇଁ ଭଲ ବାୟୋଡାଟା ଗୁରୁତ୍ୱ ବହନ କରେ। ନିଜେ ନିଜ ବିଷୟରେ କିଛି କହିବା ପୂର୍ବରୁ ବାୟୋଡାଟା ସବୁ କିଛି କହିଥାଏ। ସେଥିପାଇଁ ଯେତେ ସମ୍ଭବ ନିଜ କାମ ଓ ନିଜ ବିଷୟରେ ଏଥିରେ ଉପସ୍ଥାପନ କରନ୍ତୁ।

ସେହିପରି ପୋଷାକ ମଧ୍ୟ ବ୍ୟକ୍ତିତ୍ୱକୁ ପରିପ୍ରକାଶ କରେ। ଏଣୁ ଭଲ ଡ୍ରେସ୍ ପିନ୍ଧିବା ଦରକାର। କେବଳ ଏତିକି ନୁହେଁ, ଏ ସବୁଠାରୁ ବେଶି ଜରୁରି ଆତ୍ମବିଶ୍ୱାସ। ବେଳେ ବେଳେ ଏମିତି ବି ହୁଏ, ସବୁ ଜାଣିଥିବେ, ଚାକିରି ଲାଗି ସମସ୍ତ ଗୁଣ ବି ଥିବ, ମାତ୍ର ଆତ୍ମବିଶ୍ୱାସ ଅଭାବରୁ ଚାକିରି ପାଇଁ ଯୋଗ୍ୟ ବିବେଚିତ ହୋଇ ନ ଥାନ୍ତି। ଏହି ସମୟରେ ଯାହା ବି ଯେତିକି କହିବେ, ଆତ୍ମବିଶ୍ୱାସର ସହ କହିବା ଜରୁରି।



## ଚାକିରି ଅନୁସାରେ ବାୟୋଡାଟା




**ଅନେକ ସମୟରେ ଲୋକେ ବାୟୋଡାଟାରେ ଅନେକ କିଛି ଲେଖି ଥାନ୍ତି। ଯାହାକି ଆଦୌ ଜରୁରି ନ ଥାଏ। ତେବେ ବାୟୋଡାଟା ତିଆରି କରିବା ବେଳେ ସବୁବେଳେ ଚାକିରିର କାର୍ଯ୍ୟ ଉପରେ ଦୃଷ୍ଟି ଦେବା ଉଚିତ।**

- ଚାକିରିକୁ ବୁଝି ବାୟୋଡାଟା ପ୍ରସ୍ତୁତ କରିବା ଦରକାର।
- ଚାକିରି ଡେସକ୍ରିପସନ ହିସାବରେ ନିଜ କୌଶଳ ଉପରେ ଗୁରୁତ୍ୱ ଦେବା ଉଚିତ।
- ଯେଭଳି ଜଣେ ସହଜରେ ବାୟୋଡାଟା ପଢ଼ିପାରିବେ, ତାହା ଉପରେ ଦୃଷ୍ଟି ଦେବା ଦରକାର। ତେଣୁ ବାୟୋଡାଟା ଅକ୍ଷର ଉପରେ ବି ଗୁରୁତ୍ୱ ଦେବାର ଆବଶ୍ୟକତା ଅଛି।
- ବାୟୋଡାଟାର ଭାଷା ବି ଖୁବ୍ ଗୁରୁତ୍ୱ ବହନ କରେ। ସରଳ ଭାଷା ବ୍ୟବହାର କରିବା ସହିତ ସ୍ପଷ୍ଟ ଭାବେ ଲେଖିବା ଦରକାର।
- ସେହିପରି ନିଜର କୌଶଳ, ଦକ୍ଷତା, ଅଭିଜ୍ଞତାକୁ ଅତି ସୁନ୍ଦର ଭାବେ ଉପସ୍ଥାପିତ କରିବା ଜରୁରି।
- ଅନ୍ୟପଟେ କରିଥିବା କାମର ଫଳାଫଳ ବା ପରିଣାମକୁ ହାଇଲାଇଟ୍ କରିବା ଆବଶ୍ୟକ।



# ଟ୍ରେଣ୍ଡରେ ଏଆଇ ଟକିଂ ଭେଜିଟେବୁଲ

**ଲୋକେ ଏବେ ସର୍ଟ ଭିଡିଓ ଦେଖିବାକୁ ବେଶି ପସନ୍ଦ କରୁଛନ୍ତି। ସେହିପରି ଇନଷ୍ଟାଗ୍ରାମ୍‌ରେ ଏବେ ଅଜବ ତଥା ଆକର୍ଷଣୀୟ ଟ୍ରେଣ୍ଡ ଖୁବ୍ ଚର୍ଚ୍ଚା ସାଉଁଟୁଛି। ଏହା ହେଉଛି ଏଆଇ ଟକିଂ ଭେଜିଟେବୁଲ। ଏଥିରେ ଥ୍ରୀଡି ଅବତାରରେ ବ୍ରୋକଲି ଏବଂ ବନ୍ଧାକୋବି ଭଳି ଚରିତ୍ର ସ୍ୱାସ୍ଥ୍ୟ ପରାମର୍ଶ ଦେଉଛନ୍ତି। ଏହାକୁ କେବଳ ଲୋକେ ପସନ୍ଦ କରୁ ନାହାନ୍ତି, ବରଂ କ୍ରିଏଟରଙ୍କ ପାଇଁ ଏହା ଆୟର ଏକ ନୂଆ ମାଧ୍ୟମ ପାଲଟିଛି।**

ଏଆଇ ଭେଜିଟେବୁଲ ରିଲ୍ ହେଉଛି ଏମିତି ଏକ ସର୍ଟ ଭିଡିଓ, ଯେଉଁଥିରେ ବ୍ରୋକଲି, ବନ୍ଧାକୋବି, ଟମାଟୋ ଭଳି ପରିବାକୁ ଥ୍ରୀଡି ଆନିମେଟେଡ୍ ଚରିତ୍ରରେ ପ୍ରଦର୍ଶନ କରାଯାଉଛି। ଏହି ପନିପରିବା ମଣିଷ ଭଳି କଥା କହେ, ସ୍ୱାସ୍ଥ୍ୟ, ଜୀବନଶୈଳୀ ଏବଂ ମୋଟିଭେସନ ସହିତ ଜଡ଼ିତ କଥାକୁ ମଜାଦାର ଶୈଳୀରେ ବୁଝାଏ। ତେବେ ବିଶେଷଜ୍ଞଙ୍କ ଅନୁସାରେ, ଏହି ରିଲ୍‌ର ସଫଳତା ପଛରେ ଡୋପାମିନ୍-ଫ୍ରେଣ୍ଡଲି ଫର୍ମାଟ ଅଛି। ଯେତେବେଳେ ମଣିଷ ମୁହଁ ଭଳି ପରିବା ମଜାଦାର ସ୍ୱରରେ ସ୍ୱାସ୍ଥ୍ୟ ଉପକାରିତା ବିଷୟରେ କହେ, ସେତେବେଳେ ଲୋକଙ୍କ ଦୃଷ୍ଟିଆକର୍ଷଣ କରିବାର ସମୟ ସୀମା ବଢ଼ିଯାଏ। ବିରକ୍ତିକର ବ୍ଲଗ୍ ତୁଳନାରେ, ଏହି କଣ୍ଟେଣ୍ଟ କ୍ଷୁଦ୍ର, ଭିଜୁଆଲି ଅଲଗା ଏବଂ ତୁରନ୍ତ ମନୋରଞ୍ଜନ ପ୍ରଦାନ କରିଥାଏ। ଏବେ ଲୋକଙ୍କ ଧ୍ୟାନ ଶୀଘ୍ର ବିଚ୍ୟୁତ ହେଉଥିବା ବେଳେ ଏଭଳି ରିଲ୍ ବ୍ୟବହାରକାରୀଙ୍କୁ ପସନ୍ଦ ଆସୁଛି।

ଅନ୍ୟପଟେ ଏହା ଏକ ବ୍ୟବସାୟିକ ଟ୍ରେଣ୍ଡ ବି ପାଲଟିଛି। ଅନେକ କ୍ରିଏଟର ଏହି ଏଆଇ ଯାତ୍ରା ମାଧ୍ୟମରେ ଅନୁଗାମୀଙ୍କ ସଂଖ୍ୟା ବୃଦ୍ଧି କରିବା ସହ ଭଲ ଆୟ କରୁଛନ୍ତି।

ଟି-୨୦ ବିଶ୍ୱକପ୍ ପୂର୍ବରୁ ଶେଷ ପରୀକ୍ଷା

# ଆଜି ୱାର୍ମଅପ୍‌ରେ ଦକ୍ଷିଣ ଆଫ୍ରିକାକୁ ଭେଟିବ ଭାରତ



ନଭି ମୁମ୍ବଇ, ୩।୨ (ଏଜେନ୍ସି):

ଆଇସିସି ଟି-୨୦ ବିଶ୍ୱକପ୍ ଚଳିତ ମାସ ୭ରୁ ଭାରତ ଓ ଶ୍ରୀଲଙ୍କାରେ ମିଳିତ ଭାବେ ଆୟୋଜିତ ହେବାକୁଯାଉଛି। ସମସ୍ତ ଦଳର ପୂର୍ବପ୍ରସ୍ତୁତି ଲାଗି ୱାର୍ମଅପ୍ ମ୍ୟାଚ୍ ଜାରି ରହିଛି। ଏହିକ୍ରମରେ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱାଧୀନ ଡିଫେଣ୍ଡିଂ ଚାମ୍ପିଅନ ଭାରତ ଏହାର ଏକମାତ୍ର ୱାର୍ମଅପ୍ ମ୍ୟାଚରେ ବୁଧବାର ଦକ୍ଷିଣ ଆଫ୍ରିକାକୁ ଭେଟିବ। ସ୍ଥାନୀୟ ଡିୱାଇ ପାଟିଲ ଷ୍ଟାଡିୟମରେ ଏହି ଅଭ୍ୟାସ ମ୍ୟାଚ୍ ଖେଳାଯିବ। ୨୦୨୪ରେ ଅନୁଷ୍ଠିତ ଗତ ଟି-୨୦ ବିଶ୍ୱକପ୍ ଫାଇନାଲରେ ରୋମାଞ୍ଚକ ଭାବେ ୭ ରନରେ ଦକ୍ଷିଣ ଆଫ୍ରିକାକୁ ହରାଇ ଭାରତ ଚାମ୍ପିଅନ ହୋଇଥିଲା। ଏଥର ସେହି ସମାନ ଦଳ ବିପକ୍ଷରେ ଅଭ୍ୟାସମୂଳକ ମ୍ୟାଚ୍ ଖେଳି ଆୟୋଜକ ଭାରତ ଅଭିଯାନ ଆରମ୍ଭ କରିବ। ବିଶ୍ୱକପ୍ ଆରମ୍ଭ ପୂର୍ବରୁ ଗତ ସଂସ୍କରଣର ଫାଇନାଲିଷ୍ଟ ଭାରତ ଓ ଦକ୍ଷିଣ ଆଫ୍ରିକା ଲାଗି ଏହା ଶେଷ ସୁଯୋଗ। ଏହି ମ୍ୟାଚ୍ ଜରିଆରେ ଦୁଇ ଦଳ ନିଜର ଖେଳାଳିଙ୍କୁ ପରୀକ୍ଷାନୀରିକ୍ଷା କରାଇବେ। ଆୟୋଜକ ଭାରତ ଟାଇଟଲ୍ ଫେଭରାଇଟ୍ ଭାବେ ବିଶ୍ୱକପ୍ ଖେଳିବ। ୨୦୨୪ ବିଶ୍ୱକପ୍ ପରଠାରୁ ଭାରତ ଖେଳିଥିବା ସମସ୍ତ ଦ୍ୱିପାକ୍ଷିକ ଟି-୨୦ ସିରିଜ ବିଜୟୀ ହୋଇଛି। ସେହିଭଳି ଗତବର୍ଷ ପାକିସ୍ତାନକୁ ହରାଇ ଏସିଆ କପ୍ ଚାମ୍ପିଅନ ହୋଇଥିଲା। ସେହିଭଳି ନିକଟରେ ଘରୋଇ ମାଟିରେ ନ୍ୟୁଜିଲାଣ୍ଡକୁ ୪-୧ରେ ହରାଇ ଭାରତ ଟି-୨୦ ସିରିଜ ଜିତିଥିଲା। ଯାହାକି ଖେଳାଳିଙ୍କ ମନୋବଳ ବୃଦ୍ଧି କରିଛି। ବ୍ୟାଟିଂ ଓ ସ୍ପିନ ଆଟାକ୍ ଭାରତର ପ୍ରମୁଖ ଅସ୍ତ୍ର ରହିଛି। ନ୍ୟୁଜିଲାଣ୍ଡ ବିପକ୍ଷରେ ଦମ୍‌ଦାର ପ୍ରଦର୍ଶନ କରି ଅଧିନାୟକ ସୂର୍ଯ୍ୟକୁମାର ସିରିଜର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଯାହାକି ଟିମ୍ ମ୍ୟାନେଜମେଣ୍ଟ ପାଇଁ ଆଶ୍ୱସ୍ତି ଆଣିଛି।

ଅପରପକ୍ଷରେ ଘରୋଇ ମାଟିରେ ଅନୁଷ୍ଠିତ ଟି-୨୦ ଲିଗ୍‌ର ଅଭିଜ୍ଞତା ସହ ଦକ୍ଷିଣ ଆଫ୍ରିକା ଖେଳାଳି ବିଶ୍ୱକପ୍ ଖେଳିବାକୁ ଆସିଛନ୍ତି। ଅଭିଜ୍ଞ ଓ ଯୁବ ଖେଳାଳିଙ୍କୁ ନେଇ ଆଇଡେନ ମାର୍କରମଙ୍କ ନେତୃତ୍ୱାଧୀନ ଦକ୍ଷିଣ ଆଫ୍ରିକା ଦଳ ବେଶ୍ ସନ୍ତୁଳିତ ରହିଛି। ଗତ ସଂସ୍କରଣରେ ଅଳ୍ପକେ ଟାଇଟଲ୍ ଜିତିବାରୁ ବଞ୍ଚିତ ହୋଇଥିବା ଆଫ୍ରିକା ଦଳ ଏଥର କିନ୍ତୁ ପ୍ରଥମ ବିଶ୍ୱକପ୍ ଟାଇଟଲ୍ ଆଶାରେ ରହିଛି।

## ବିପର୍ଯ୍ୟୟ: ଶ୍ରୀଲଙ୍କା-ଏ'କୁ ହରାଇଲା ଓମାନ

କଲମ୍ବୋ, ୩।୨ (ଏଜେନ୍ସି): ଆଇସିସି ଟି-୨୦ ବିଶ୍ୱକପ୍ ପୂର୍ବରୁ ଚାଲିଥିବା ୱାର୍ମଅପ୍ ମ୍ୟାଚରେ ମଙ୍ଗଳବାର ଏକ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। କଲମ୍ବୋରେ ଅନୁଷ୍ଠିତ ଏକ ମ୍ୟାଚରେ ଓମାନ ୫ ୱିକେଟରେ ଘରୋଇ ଶ୍ରୀଲଙ୍କା-ଏ ଦଳକୁ ହରାଇଦେଇଛି। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା-ଏ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୧୪୫ ରନ କରିଥିଲା। ଦଳ ପକ୍ଷରୁ ୱନୁଜ ସହାନ ୨୯, ଚାମିନ୍ଦୁ ବିକ୍ରମାସିଂଘେ ଅପରାଜିତ ୨୪, ଦୁନିଥ ସିଗେରା ୨୧ ରନ କରିଥିଲେ। ଓମାନର ଶାହା ଫୈଜଲ, ସକିଲ ଅହମ୍ମଦ ଓ ଜୟ ଓଡେଡ୍ରା ୨ଟି ଲେଖାଏ ୱିକେଟ୍ ନେଇଥିଲେ। ଜବାବରେ ଓମାନ ଓପନର୍ ଅମିର କଲିମ ୮୦ ରନର ଦ୍ରୁତ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ୪୭ ବଲର ଏହି ପାଳିରେ ସେ ୮ଟି ଚୌକା ଓ ୩ଟି ଛକା ମାରି ଦଳକୁ ଏହି ବଡ଼ ବିଜୟ ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଦିବସରେ



ଅନୁଷ୍ଠିତ ଅନ୍ୟ ୨ଟି ୱାର୍ମ ଅପ୍ ମ୍ୟାଚରେ ଜିମ୍ବାୱେ ୨୯ ରନରେ ନେଦରଲାଣ୍ଡସକୁ ଏବଂ ନେପାଳ ୭ ୱିକେଟ୍‌ରେ ୟୁଏଇକୁ ହରାଇ ଦେଇଥିଲା। ଜିମ୍ବାୱେର ର୍‌ୟାନ ବର୍ଲ ୩୧ ବଲରେ ୫୦ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ବୁଧବାର ୪ଟି ୱାର୍ମଅପ୍ ମ୍ୟାଚ୍ ଖେଳାଯିବ। ଯେଉଁଥିରେ ଭାରତ-ଦକ୍ଷିଣ ଆଫ୍ରିକା, ଆଫଗାନିସ୍ତାନ-ୱେଷ୍ଟଇଣ୍ଡିଜ, ପାକିସ୍ତାନ-ଆୟର୍ଲାଣ୍ଡ ଓ ନାମିବ୍ୟା-ସ୍କଟଲାଣ୍ଡ ପରସ୍ପରକୁ ଭେଟିବେ।



## ଅନୁରାଧାଙ୍କୁ ଡକ୍ଟରେଟ

ଭୁବନେଶ୍ୱର, ୩।୨ (ସମିସ): ଅଲିମ୍ପିଆନ ଅନୁରାଧା ବିଶ୍ୱାଳଙ୍କୁ ସମ୍ମାନଜନକ ଡକ୍ଟରେଟ ଉପାଧି ମିଳିଛି। ବାଲେଶ୍ୱର ଫକିର ମୋହନ ବିଶ୍ୱବିଦ୍ୟାଳୟ ତରଫରୁ ଅନୁରାଧାଙ୍କୁ ମଙ୍ଗଳବାର ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସମାବର୍ତ୍ତନ ଉତ୍ସବରେ ଅନୁରାଧାଙ୍କୁ ଏହି ଉପାଧି ପ୍ରଦାନ କରିଥିଲେ। ବାଲେଶ୍ୱର ଝିଅ ହୋଇଥିବାରୁ ନିଜ ମାଟିରେ ଏଭଳି ଶ୍ରେଷ୍ଠ ସମ୍ମାନ ପାଇଥିବାରୁ ନିଜକୁ ଧନ୍ୟମନେ କରୁଛି। ଏହି ସମ୍ମାନ ଲାଗି ଭାଇସ ଚାନ୍ସେଲର ସନ୍ତୋଷ ତ୍ରିପାଠୀ ସାରଙ୍କଙ୍କ ସମେତ ମୋର କର୍ମକ୍ଷେତ୍ର ନାଲକୋ ଓ ଓଡ଼ିଶାବାସୀଙ୍କୁ ଧନ୍ୟବାଦ ଦେବି ବୋଲି ଅନୁରାଧା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

## ଆହତ ଲାଗି ବିଶ୍ୱକପ୍‌ରୁ ବାଦ୍ ପଡ଼ିଛନ୍ତି ୫ ଖେଳାଳି

ନୂଆଦିଲ୍ଲୀ, ୩।୨ (ଏଜେନ୍ସି): ଆଗାମୀ ଟି-୨୦ ବିଶ୍ୱକପ୍ ଲାଗି ଶେଷ ଦଳ ଭାବେ ଗତକାଲି ଆୟୋଜକ ଶ୍ରୀଲଙ୍କା ଚୂଡ଼ାନ୍ତ ଦଳ ଘୋଷଣା କରିଛି। ଏଥର ବିଶ୍ୱ କ୍ରିକେଟ୍‌ର ବହୁ ତାରକା ଖେଳାଳି ଆହତ ସମସ୍ୟା ଲାଗି ଏହି ମେଗା ଇଭେଣ୍ଟ ଖେଳିବାରୁ ବଞ୍ଚିତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆର ପ୍ରମୁଖ ଦ୍ରୁତ ବୋଲର ପ୍ୟାଟ୍ କମିନ୍ସ ରହିଛନ୍ତି। ପିଠି ଯନ୍ତ୍ରଣା ଲାଗି କମିନ୍ସଙ୍କ ସ୍ଥାନରେ ଶେଷ ମୁହୂର୍ତ୍ତରେ ବାମହାତୀ ଦ୍ରୁତ ବୋଲର ବେନ୍ ଡ୍ୱାରଶୁଇସଙ୍କୁ ଅଷ୍ଟ୍ରେଲିଆ ଦଳରେ ସାମିଲ କରାଯାଇଛି। ସେହିଭଳି ନ୍ୟୁଜିଲାଣ୍ଡର ଦ୍ରୁତ ବୋଲର ଆଦାମ ମିଲନେ ମଧ୍ୟ ମାଂସପେଶୀଜନିତ ସମସ୍ୟା ଲାଗି ବିଶ୍ୱକପ୍ ଟିକଟ୍ ପାଇବାରୁ ବଞ୍ଚିତ ହୋଇଛନ୍ତି। ତାଙ୍କ ସ୍ଥାନରେ କାଏଲ ଜେମିସନଙ୍କୁ ସୁଯୋଗ ମିଳିଛି। ଅପରପକ୍ଷରେ ଗତ ସଂସ୍କରଣର ରନର୍ସଅପ୍ ଦକ୍ଷିଣ ଆଫ୍ରିକାର ଦୁଇଜଣ ଖେଳାଳି ଟୋନି ଡି ଜୋର୍ଜି ଓ ଡୋନୋଭାନ ଫେରେରା ମଧ୍ୟ ଆହତ ସମସ୍ୟା ଲାଗି ବିଶ୍ୱକପ୍ ଦଳରୁ ବାଦ୍ ପଡ଼ିଛନ୍ତି। ଏହି ଦୁଇ ଖେଳାଳିଙ୍କ ସ୍ଥାନରେ ର୍‌ୟାନ ରିକ୍ଲେଟନ ଓ ଟ୍ରିଷ୍ଟାନ ଷ୍ଟବ୍ସଙ୍କୁ ଦଳରେ ନିଆଯାଇଛି। ଅନ୍ୟତମ ଖେଳାଳି ଭାବେ ଆଫଗାନିସ୍ତାନର ଦ୍ରୁତ ବୋଲର ନବୀନ-ଉଲ୍-ହକ ଡାହାଣହାତରେ ଆଘାତ ପାଇବାରୁ ଦଳରୁ ବାଦ୍ ପଡ଼ିଛନ୍ତି।

## ପ୍ରତିଶାଙ୍କୁ ଡବ୍ଲ୍ୟୁଆଇଏମ୍ ଟାଇଟଲ୍

ଭୁବନେଶ୍ୱର, ୩।୨ (ସମିସ): ଓଡ଼ିଶାର ଯୁବ ଚେସ୍ ଖେଳାଳି ପ୍ରିତିଶା ଗୁପ୍ତା ମାତ୍ର ୧୪ ବର୍ଷ ବୟସରେ ସମସ୍ତ ଆବଶ୍ୟକ ନର୍ମ ପୂରଣ କରି ଇଣ୍ଟରନ୍ୟାସନାଲ୍ ମାଷ୍ଟର (ଡବ୍ଲ୍ୟୁଆଇଏମ୍) ଟାଇଟଲ୍ ହାସଲ କରିଛନ୍ତି। ଏଥିସହ ଡବ୍ଲ୍ୟୁଆଇଏମ୍ ଟାଇଟଲ୍ ପାଇବାରେ ସେ ଓଡ଼ିଶାର ଚତୁର୍ଥ ମହିଳା ଚେସ୍ ଖେଳାଳି ହୋଇଛନ୍ତି। ପ୍ରିତିଶା ତାଙ୍କର ପ୍ରଥମ ଡବ୍ଲ୍ୟୁଆଇଏମ ନର୍ମ ଜୁଲାଇ ୨୦୨୫ରେ ଅନୁଷ୍ଠିତ ଟ୍ରୋଫି ଡୋଲ୍ ପାସିନୋ ଗ୍ରାଣ୍ଡ ଓପନ୍ ପ୍ରତିଯୋଗିତାରେ ହାସଲ କରିଥିଲେ। ତାଙ୍କର ଦ୍ୱିତୀୟ ନର୍ମ ସର୍ବିଆରେ ଆୟୋଜିତ ଗ୍ରାଣ୍ଡମାଷ୍ଟର୍ସ ମିକ୍ସ ୨୨ ଫାଣ୍ଟାଷ୍ଟିକୋ ପ୍ରତିଯୋଗିତାରେ ଏବଂ



ଶେଷ ତଥା ତୃତୀୟ ନର୍ମ ସେହି ସ୍ଥାନରେ ଆୟୋଜିତ ଗ୍ରାଣ୍ଡମାଷ୍ଟର୍ସ ମିକ୍ସ ୧୩ ଫାଣ୍ଟାଷ୍ଟିକୋ ପ୍ରତିଯୋଗିତାରେ ହାସଲ କରିଥିଲେ। ପ୍ରିତିଶା ନିଜ ବୟସ ଶ୍ରେଣୀରେ ବିଶ୍ୱ ସ୍ତରରେ ସଦା ସର୍ବୋତ୍ତମ ପ୍ରଦର୍ଶନ କରିଆସୁଛନ୍ତି ଏବଂ ଜାନୁଆରୀ ମାସର ରେଟିଂ ଅନୁଯାୟୀ ସେ ନିଜ ବୟସ ଶ୍ରେଣୀରେ ବିଶ୍ୱ ର୍‌ୟାଙ୍କିଙ୍ଗରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏହାସହ ଗତ ନଭେମ୍ବରରେ ମାଲେସିଆର କୁଆଲାଲମ୍ପୁରରେ ଆୟୋଜିତ କମନ୍‌ୱେଲ୍ଥ ଚେସ୍ ଚାମ୍ପିଅନ୍‌ସିପ୍‌ର ୧୬ ବର୍ଷରୁ କମ୍ ବର୍ଗରେ ସେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହି ସଫଳତା ପାଇଁ ପ୍ରିତିଶାଙ୍କୁ ଅଲ୍ ଓଡ଼ିଶା ଚେସ୍ ଆସୋସିଏସନ୍ (ଏଓସିଏ)ର ସମ୍ପାଦକ ଦେବବ୍ରତ ଭଞ୍ଜ ଅଭିନନ୍ଦନ ଜଣାଇଛନ୍ତି।

## ସନ୍ତୋଷ ଟ୍ରଫି: ପଶ୍ଚିମବଙ୍ଗ ବିଦା

ଗୌହାଟୀ, ୩।୨ (ଏଜେନ୍ସି): ଦେଶର ସର୍ବଶ୍ରେଷ୍ଠ ଘରୋଇ ଫୁଟବଲ ଟୁର୍ଣ୍ଣାମେଣ୍ଟ ସନ୍ତୋଷ ଟ୍ରଫିର ୭୯ତମ ସଂସ୍କରଣର ସେମିଫାଇନାଲ ଲାଇନଅପ୍ ସ୍ପଷ୍ଟ ହୋଇଛି। ଗୁରୁବାର ଖେଳାଯିବାକୁ ଥିବା ପ୍ରଥମ ସେମିଫାଇନାଲରେ ସର୍ଭିସେସ ଓ ପଞ୍ଜାବ ସାମ୍ନାସାମ୍ନି ହେବେ। ସେହିଦିନ କେରଳ ଓ ରେଳବାଇ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳାଯିବ। ମଙ୍ଗଳବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ଡିଫେଣ୍ଡିଂ ତଥା ରେକର୍ଡ ୩୩ଥରର ବିଜେତା ପଶ୍ଚିମବଙ୍ଗ ପେନାଲ୍ଟି ସୁଟଆଉଟ୍‌ରେ ୨-୩ ଗୋଲରେ ସର୍ଭିସେସ ନିକଟରୁ ହାରିଯାଇଥିଲା। ସେହିଭଳି ଅନ୍ୟ ଏକ କ୍ୱାର୍ଟରରେ କେରଳ ୩-୦ ଗୋଲରେ ଘରୋଇ ଆସାମକୁ ହରାଇ ସେମିକୁ ଉଠିଥିଲା। ତୃତୀୟ କ୍ୱାର୍ଟରରେ ପଞ୍ଜାବ ପେନାଲ୍ଟି ସୁଟ୍‌ଆଉଟ୍‌ରେ ୪-୧ ଗୋରେ ତାମିଲନାଡୁକୁ ଏବଂ ରେଳବାଇ ୨-୦ ଗୋଲରେ ୩ଥରର ବିଜେତା ରାଜସ୍ଥାନକୁ ହରାଇ ଅଗ୍ରଗତି କରିଛି।

## ଏସିଆନ ଇଣ୍ଡୋର ଆଥ୍ଲେଟିକ୍ସରେ କିଟ୍‌ର ୯ କ୍ରୀଡ଼ାବିତ

ଭୁବନେଶ୍ୱର, ୩।୨ (ସମିସ): ଚଳିତ ମାସ ୬ରୁ ୮ ତାରିଖ ପର୍ଯ୍ୟନ୍ତ ଚାଇନାର ତିଆନଜିନରେ ୧୨ତମ ଏସିଆନ ଇଣ୍ଡୋର ଆଥ୍ଲେଟିକ୍ସ ଚାମ୍ପିଅନସିପ୍ ଅନୁଷ୍ଠିତ ହେବ। ଏଥିରେ ୧୭ଜଣିଆ ଭାରତୀୟ ଦୌଡ଼କୁଦ ଦଳରୁ ପ୍ରତିନିଧିତ୍ୱ କରିବାକୁ କିଟ୍ ବିଶ୍ୱବିଦ୍ୟାଳୟର ୯ଜଣ ଛାତ୍ରଛାତ୍ରୀ ମନୋନୀତ ହୋଇଛନ୍ତି। ସେମାନେ ହେଲେ ମଣିକାନ୍ତ ହୋବ୍ଲିଦାର (୬୦ ମିଟର ରେସ), ତେଜାସ ଶିର୍ଷେ (୬୦ ମିଟର ହର୍ଡଲ୍ସ), ପ୍ରବୀଣ ଚିତ୍ରାଭେଲ (ଲଙ୍ଗଜମ୍ପ), ସମରଦୀପ୍ ସିଂହ ଗିଲ୍ (ଶଟପୁଟ), ତାଜିନ୍ଦରପାଲ ସିଂହ ତୁର (ଶଟପୁଟ), ମୌମିତା ମଣ୍ଡଳ (ଲଙ୍ଗଜମ୍ପ ଓ ୬୦ ମିଟର ହର୍ଡଲ୍ସ), ପ୍ରଜ୍ଞାପ୍ରଶାନ୍ତି ସାହୁ (୬୦ ମିଟର ହର୍ଡଲ୍ସ) ସୋଜନା ଏଡାପିଲୀ (ଲଙ୍ଗଜମ୍ପ)। ଏହି ଅବସରରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ସମସ୍ତ କ୍ରୀଡ଼ାବିତ୍‌ଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଡବ୍ଲ୍ୟୁପିଏଲ୍ | ଗୁଜରାଟ୍‌ର ସମ୍ମାନ ରଖିଲେ ମୁନୀ

ଭଦୋଦରା, ୩।୨ (ଏଜେନ୍ସି): ଚଳିତ ମହିଳା ପ୍ରିମିଅର ଲିଗ୍ (ଡବ୍ଲ୍ୟୁପିଏଲ)ର ଏକମାତ୍ର ଏଲିମିନେଟର ମ୍ୟାଚ୍ ମଙ୍ଗଳବାର ଗୁଜରାଟ ଜାଏଣ୍ଟ୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଗୁଜରାଟ ଓପନର୍ ବେଥ୍ ମୁନୀଙ୍କ ଧୈର୍ଯ୍ୟପୂର୍ଣ୍ଣ ଅର୍ଦ୍ଧଶତକ ବଳରେ ୭ ୱିକେଟରେ ୧୬୮ ରନର ସମ୍ମାନଜନକ ସ୍କୋର କରିପାରିଛି। ୫୧ଟି ବଲ୍ ସାମ୍ନା କରିଥିବା ମୁନୀ ୬୨ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଏହି ଧୀମା ପାଳିରେ ସେ ୬ଟି ଚୌକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜର୍ଜିଆ ୱେରହାମ ୩୫, କାଶବୀ ଗୌତମ ୧୮, ଅନୁଷ୍କା ଶର୍ମା ୧୬ ରନର ପାଳି ଖେଳିଥିଲେ। ତେବେ ସୋଫି ଡିଭାଇନ (୬), ଅଧିନାୟିକା ଆସଲେ ଗାର୍ଡନର (୦) ଓ କନିକା ଆହୁଜା (୬)ଙ୍କ ବ୍ୟାଟିଂ ବିଫଳତା ଯୋଗୁ ଗୁଜରାଟ ବଡ଼ ସ୍କୋର କରିପାରି ନ ଥିଲା। ୯ ଓଭର ସୁଦ୍ଧା ଦଳ ୫୯ ରନରେ ୪ଟି ୱିକେଟ୍ ହରାଇ ସଙ୍କଟରେ ପଡ଼ିଥିଲା। ତେବେ ମୁନୀ ଓ ଜର୍ଜିଆଙ୍କ ଉପଯୋଗୀ ବ୍ୟାଟିଂ ଯୋଗୁ ଦଳ ଦେଢ଼ଶ ରନ ଅତିକ୍ରମ କରିପାରିଥିଲା। ଦିଲ୍ଲୀ ପକ୍ଷରୁ ଚିନଲୀ ହେନରୀ ୩ଟି ଓ ନନ୍ଦିନୀ ଶର୍ମା ୨ଟି ୱିକେଟ୍ ନେଇଥିଲେ। ଏହି ମ୍ୟାଚର ବିଜେତା ଗୁରୁବାର ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ସହ ଫାଇନାଲ ଖେଳିବ। ପୂର୍ବରୁ ଟେବଲ ଶୀର୍ଷରେ ରହି ବେଙ୍ଗାଲୁରୁ ସିଧାସଳଖ ଫାଇନାଲ ଟିକଟ୍ ହାସଲ କରିଥିଲା।

## ପାରା ତୀରନ୍ଦାଜୀରେ ପାୟଲଙ୍କୁ ଡବଲ୍ ପଦକ

ଭୁବନେଶ୍ୱର, ୩।୨ (ସମିସ): ପଞ୍ଜାବର ପଟିଆଲାରେ ଅନୁଷ୍ଠିତ ୭ମ ଏନଟିପିସି ପାରା ତୀରନ୍ଦାଜୀ ଚାମ୍ପିଅନସିପ୍‌ରେ ଓଡ଼ିଶାର ପାୟଲ ନାଗ ଦମ୍‌ଦାର ପ୍ରଦର୍ଶନ କରି ଡବଲ ପଦକ ବିଜୟୀ ହୋଇଛନ୍ତି। ଯେଉଁଥିରେ ସେ ଗୋଟିଏ ଲେଖାଏ ରୌପ୍ୟ ଓ କାଂସ୍ୟ ପଦକ ଜିତି ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି। ପାୟଲ ର୍‌ୟାଙ୍କିଙ୍ଗ ରାଉଣ୍ଡରେ ରୌପ୍ୟ ଏବଂ ବ୍ୟକ୍ତିଗତ ଅଲିମ୍ପିକ ରାଉଣ୍ଡରେ କାଂସ୍ୟ ପଦକ ହାସଲ କରିଥିଲେ। ଏହି ସଫଳତା ପାୟଲଙ୍କ ସାହସ, ଦୃଢ଼ ଇଚ୍ଛାଶକ୍ତିକୁ ପ୍ରତିଫଳିତ କରୁଛି। ପାୟଲଙ୍କ ଏହି ସଫଳତା ଯାତ୍ରା ବେଶ୍ ସଂଘର୍ଷମୟ ରହିଥିଲା। ବଲାଙ୍ଗିରର ମୁରିବାହାଲରେ ଜନ୍ମିତ ପାୟଲ ପିଲାବେଳେ ଏକ ବିଦ୍ୟୁତ ଆଘାତରେ ଗୁରୁତର ଆହତ ପାଇଥିଲେ। ଯେଉଁଥିରେ ସେ ତାଙ୍କର ଦୁଇ ହାତ ଓ ଗୋଡ଼ ହରାଇଥିଲେ। ସବୁଠାରୁ ବିରଳ ଏବଂ ଚ୍ୟାଲେଞ୍ଜିଂ ଶାରୀରିକ ସମସ୍ୟାର ସମ୍ମୁଖୀନ ହେବାସତ୍ତ୍ୱେ ପାୟଲ ହାର ମାନି ନ ଥିଲେ। କଠୋର ତାଲିମ ମାଧ୍ୟମରେ ଅସାଧାରଣ ସନ୍ତୁଳନ ଓ ମାନସିକ ଧ୍ୟାନ ରକ୍ଷା କରି ପାୟଲ ତୀରନ୍ଦାଜୀରେ ପାରାଅଲିମ୍ପିକ ପଦକ ବିଜୟିନୀ ଶୀତଲ ଦେବୀଙ୍କ ସମକକ୍ଷ ହୋଇପାରିଛନ୍ତି। ପାୟଲଙ୍କ ଏହି ସଫଳତା ପଛରେ ପ୍ରଶିକ୍ଷକ କୁଳଦୀପ ଭେଦୱାନଙ୍କ ଅବଦାନ ଯଥେଷ୍ଟ ରହିଛି। ଏଠାରେ ପ୍ରକାଶଯୋଗ୍ୟ, କ୍ରୀଡ଼ା ବିଭାଗ ପକ୍ଷରୁ ପାୟଲଙ୍କୁ ଧନୁତୀର ପାଇଁ ୩.୫ ଲକ୍ଷ ଟଙ୍କା ସହାୟତା ରାଶି ମଞ୍ଜୁର କରାଯାଇଛି।



## ରଣଜୀ ଟ୍ରଫି କ୍ୱାର୍ଟର ଫାଇନାଲ | କରୁଣ ଫେରିଲେ; ପଡ଼ିକଲ୍ ନେତୃତ୍ୱ ବଜାୟ ରଖିଲେ

ବେଙ୍ଗାଲୁରୁ, ୩।୨ (ଏଜେନ୍ସି): ଚଳିତ ରଣଜୀ ଟ୍ରଫିର କ୍ୱାର୍ଟର ଫାଇନାଲ ପର୍ଯ୍ୟାୟ ଫେବୃଆରୀ ୬ରୁ ଆରମ୍ଭ ହେବ। ଏଥିରେ ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସରେ ଘରୋଇ ମୁମ୍ବଇକୁ ଭେଟିବ କର୍ଣ୍ଣାଟକ। ଏହି ଗୁରୁତ୍ୱପୂର୍ଣ୍ଣ ମୁକାବିଲା ଲାଗି ମଙ୍ଗଳବାର ୧୫ ଜଣିଆ ଶକ୍ତିଶାଳୀ କର୍ଣ୍ଣାଟକ ଦଳ ଘୋଷଣା କରାଯାଇଛି। ଦେବଦତ୍ତ ପଡ଼ିକଲ ପୂର୍ବଭଳି ଦଳର ନେତୃତ୍ୱ ଭାର ସମ୍ଭାଳିବେ। ସେହିଭଳି ଅଭିଜ୍ଞ ବ୍ୟାଟର୍ କରୁଣ ନାୟାର ଘୋଷିତ ଦଳକୁ ଫେରିଛନ୍ତି। ଚଳିତ ସିଜନରେ ୬୧୪ ରନ ସଂଗ୍ରହ କରିସାରିଥିବା କରୁଣ ପଞ୍ଜାବ ବିପକ୍ଷ ଶେଷ ମ୍ୟାଚ୍ ଖେଳି ନ ଥିଲେ।

**କର୍ଣ୍ଣାଟକ ଦଳ**

ଦେବଦତ୍ତ ପଡ଼ିକଲ (ଅଧିନାୟକ), ମୟଙ୍କ ଅଗରୱାଲ, ଲୋକେଶ ରାହୁଲ, କରୁଣ ନାୟାର, କେଭି ଅନିଶ, ଆର୍ ସ୍ମରଣ, ଶ୍ରେୟସ ଗୋପାଳ, କୃଥିକା କ୍ରିଷ୍ଣା, ଏମ୍ ଭେଙ୍କଟେଶ, ବିଦ୍ୟାଧର ପାଟିଲ, ବିଦ୍ୱାଥ କାଭିରପ୍ପା, ପ୍ରସିଦ୍ଧ କ୍ରିଷ୍ଣା, ମୋହଶିନ ଖାନ, ଶିଖର ସେଟ୍ଟୀ, କେଏଲ୍ ଶ୍ରୀଜିତ୍।

## ଆଇସିସି ଟି-୨୦ ବିଶ୍ୱକପ୍ | ମୋନାକଙ୍କ ନେତୃତ୍ୱରେ ଖେଳିବ ଆମେରିକା

ନୂଆଦିଲ୍ଲୀ, ୩।୨ (ଏଜେନ୍ସି): ଆଉ ୩ ଦିନ ପରେ ଆଇସିସି ଟି-୨୦ ବିଶ୍ୱକପ୍‌ର ୧୦ମ ସଂସ୍କରଣ ଆରମ୍ଭ ହେବ। ପ୍ରଥମଥର ୨୦ଟି ଦଳକୁ ନେଇ ଏହି ମେଗା ଇଭେଣ୍ଟ ଭାରତ ଓ ଶ୍ରୀଲଙ୍କାରେ ମିଳିତ ଭାବେ ଖେଳାଯିବ। ଏଥିରେ ଆମେରିକା ଗ୍ରୁପ୍-ଏ'ରେ ଭାରତ, ପାକିସ୍ତାନ, ନାମିବ୍ୟା ଓ ନେଦରଲାଣ୍ଡସ ସହ ସ୍ଥାନ ପାଇଛି। ପୂର୍ବତନ ଭାରତୀୟ କ୍ରିକେଟର୍ ମୋନାକ ପଟେଲଙ୍କ ନେତୃତ୍ୱରେ ଆମେରିକା ଏହି ବିଶ୍ୱକପ୍ ଖେଳିବ। ଗୁଜରାଟ ଜନ୍ମିତ ୩୨ ବର୍ଷୀୟ ମୋନାକ ତାଙ୍କ କ୍ରିକେଟ୍ କ୍ୟାରିୟର ଭାରତରେ ଆରମ୍ଭ କରିଥିଲେ। ସେ ଗୁଜରାଟ ପାଇଁ ୧୬ ବର୍ଷରୁ କମ୍ ଓ ୧୮



ବର୍ଷରୁ କମ୍ ବୟସବର୍ଗରେ ପ୍ରତିନିଧିତ୍ୱ କରିଥିଲେ। ଏପରିକି ଯଶପ୍ରୀତ୍ ବୁମ୍ରା ଓ ଅକ୍ଷର ପଟେଲଙ୍କ ସହ ଏକାଠି ଖେଳିଛନ୍ତି। ତେବେ ୨୦୧୦ରେ ମୋନାକ ଗ୍ରୀନକାର୍ଡ ପାଇ ଆମେରିକା ଚାଲିଯାଇଥିଲେ। ସେଠାରେ କିଛି ମାସ ରହି ସ୍ୱଦେଶ ଫେରିବା ପରେ ସେ ରଣଜୀ ଟ୍ରଫି ଖେଳିବା ଲାଗି ପ୍ରୟାସ କରିଥିଲେ। କିନ୍ତୁ ଏଥିରେ ବିଫଳ ହେବା ପରେ ଶେଷରେ ୨୦୧୩ରେ ସବୁଦିନ ପାଇଁ ଆମେରିକାରେ ରହିବାକୁ ନିଷ୍ପତ୍ତି ନେଇଥିଲେ। ପରବର୍ତ୍ତୀ ସମୟରେ ସେ କଠିନ ପରିଶ୍ରମ କରି ଆମେରିକା ଜାତୀୟ ଦଳରେ ଖେଳିବାର ସୁଯୋଗ ପାଇଥିଲେ।

## ୧୯ ବର୍ଷରୁ କମ୍ ବିଶ୍ୱକପ୍ | ଆଜି ଭାରତ-ଆଫ୍‌ଗାନିସ୍ତାନ ସେମି ଲଢ଼େଇ

ହରାରେ, ୩।୨ (ଏଜେନ୍ସି)

ଜିମ୍ବାୱେରେ ଚାଲିଥିବା ୧୯ ବର୍ଷରୁ କମ୍ ଆଇସିସି ଦିନିକିଆ ବିଶ୍ୱକପ୍‌ର ଦ୍ୱିତୀୟ ସେମିଫାଇନାଲ ବୁଧବାର ଖେଳାଯିବ। ଏଥିରେ ପାଞ୍ଚଥରର ବିଜେତା ଭାରତ ସହ ଆଫଗାନିସ୍ତାନର ମୁକାବିଲା ହେବ। ହରାରେ ସ୍ପୋର୍ଟ୍ସ ଗ୍ରାଉଣ୍ଡରେ ଖେଳାଯିବାକୁ ଥିବା ଏହି ମ୍ୟାଚରେ ଅପରାଜେୟ ଭାରତ ଫେଭରାଇଟ୍ ରହିଛି। ଲିଗ୍ ପର୍ଯ୍ୟାୟରେ ୩ଟି ଏବଂ ସୁପର୍-୬ରେ ଦୁଇଟିଯାକ ମ୍ୟାଚ୍ ଜିତି ଭାରତ ଅପରାଜେୟ ସହ ସେମିଫାଇନାଲରେ ପ୍ରବେଶ କରିଛି। ଆୟୁଷ ମହାତ୍ରେଙ୍କ ନେତୃତ୍ୱାଧୀନ ଭାରତ ଏହାର ଶେଷ ମ୍ୟାଚରେ ପାକିସ୍ତାନକୁ ମାତ୍ ଦେଇଥିଲା। ଉଭୟ ବ୍ୟାଟିଂ ଓ ବୋଲିଂରେ ବେଶ୍ ସନ୍ତୁଳିତ ଥିବା ଭାରତର ପଲା ଏହି ମ୍ୟାଚରେ ଭାରି ରହିଛି। ୱିକେଟ୍‌କିପର ଅଭିଜ୍ଞାନ କୁଣ୍ଡୁ ୫ଟି ମ୍ୟାଚରୁ ୧୯୯ ରନ ସଂଗ୍ରହ କରି ଭଲ ଫର୍ମରେ ରହିଛନ୍ତି। ସେହିଭଳି ଅଲ୍‌ରାଉଣ୍ଡର ବିହାନ ମାଲହୋତ୍ରା ମଧ୍ୟ ୧୭୨ ରନ କରି ଲୟରେ ରହିଛନ୍ତି। ଯଦି ଆଫଗାନିସ୍ତାନ ବିପକ୍ଷ ମ୍ୟାଚରେ ଅଧିନାୟକ ମହାତ୍ରେଙ୍କ ସମେତ ବିସ୍ଫୋରକ ଓପନର୍ ବୈଭ ସୂର୍ଯ୍ୟବଂଶୀ ଓ ଆରୋନ ଜର୍ଜଙ୍କ ବ୍ୟାଟରୁ ଭଲ ସ୍କୋର ବାହାରେ ତାହାଲେ ଭାରତ ସହଜରେ ବିଜୟୀ ହେବ ବୋଲି କୁହାଯାଉଛି। ବ୍ୟାଟିଂରେ ପ୍ରଭାବୀ ହୋଇପାରି ନ ଥିବା ମହାତ୍ରେ କିନ୍ତୁ ବୋଲିଂରେ ୫ଟି ୱିକେଟ୍ ଦଳ ପାଇଁ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ଦ୍ରୁତ ବୋଲର ହେନିଲ ପଟେଲ ଓ ଆର୍‌ଏସ୍ ଆମ୍ବ୍ରିଶ ଓ ବାମହାତୀ ସ୍ପିନର ଖିଲାନ ପଟେଲ ଆଫଗାନ ବ୍ୟାଟରଙ୍କୁ ଅଡୁଆରେ ପକାଇବେ ବୋଲି ଆଶା କରାଯାଇଛି। ଅପରପକ୍ଷରେ ଆଫଗାନିସ୍ତାନ ସୁପର୍-୬'କୁ ମିଶାଇ ୫ ମ୍ୟାଚରୁ ୪ଟି ବିଜୟୀ ହୋଇଛି। ଏକମାତ୍ର ପରାଜୟ ଦଳ ଶ୍ରୀଲଙ୍କା ନିକଟରୁ ବରଣ କରିଥିଲା। ତେବେ ଦୁଇ ପୂର୍ବତନ ବିଜେତା ଦକ୍ଷିଣ ଆଫ୍ରିକା ଓ ୱେଷ୍ଟଇଣ୍ଡିଜକୁ ହରାଇ ଆଫଗାନିସ୍ତାନ ଲିଗ୍ ପର୍ଯ୍ୟାୟରେ ବିପର୍ଯ୍ୟୟ ସୃଷ୍ଟି କରିଥିଲା। ତେଣୁ ମେହବୁବ ଖାନଙ୍କ ନେତୃତ୍ୱାଧୀନ ଆଫଗାନିସ୍ତାନ ଆଉ ଏକ ବିପର୍ଯ୍ୟୟ ଲକ୍ଷ୍ୟରେ ରହିଛି। ଭାରତ ବିଜୟୀ ହେଲେ ୧୦ମଥର ଲାଗି ଫାଇନାଲ ଖେଳିବ।

ମ୍ୟାଚ୍ ଆରମ୍ଭ: ଅପରାହ୍ଣ ୧ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟୱର୍କ

## ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ ବିଦା; ଫାଇନାଲରେ ଇଂଲଣ୍ଡ

ବୁଲାୱାୟୋ, ୩।୨ (ଏଜେନ୍ସି): ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆକୁ ୨୭ ରନରେ ପରାସ୍ତ କରି ଇଂଲଣ୍ଡ ଏଠାରେ ଚାଲିଥିବା ୧୯ ବର୍ଷରୁ କମ୍ ଆଇସିସି ଦିନିକିଆ ବିଶ୍ୱକପ୍‌ର ଫାଇନାଲରେ ପ୍ରବେଶ କରିଛି। ଇଂଲଣ୍ଡ ଅଧିନାୟକ ଥୋମାସ ରିଓ ୧୧୦ ରନର ଶତକୀୟ ପାଳି ଖେଳି ଏହି ମ୍ୟାଚରେ ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଟସ୍ ଜିତି ବ୍ୟାଟିଂ କରିଥିବା ଇଂଲଣ୍ଡ ଯୁବ ଦଳ ୫୦ ଓଭରରେ ୭ ୱିକେଟ୍ ହରାଇ ୨୭୭ ରନ କରିଥିଲା। ଥୋମାସ ୧୦୭ ବଲର ଶତକୀୟ ପାଳିରେ ୧୪ଟି ଚୌକା ଓ ଗୋଟିଏ ଛକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ



କାଲେବ ଫାଲକନର ୪୦ ଓ ଜୋସେଫ ମୋରସ ୨୫ ରନ କରିଥିଲେ। ଅଷ୍ଟ୍ରେଲିଆର ହେଡେନ ଶ୍ଚିଲର ଓ ନାଦେନ କୋରେ ୨ଟି ଲେଖାଏ ୱିକେଟ୍ ନେଇଥିଲେ। ଜବାବରେ ଅଧିନାୟକ ଓଲିଭର ପିକ୍ (୧୦୦ ରନ, ୮୮ ବଲ)ଙ୍କ ଦ୍ରୁତ ଶତକ ସତ୍ତ୍ୱେ ଅଷ୍ଟ୍ରେଲିଆ ଯୁବ ଦଳ ୪୭.୩ ଓଭରରେ ୨୫୦ ରନ କରି ଅଲଆଉଟ୍ ହୋଇଯାଇଥିଲା। ଓପନର୍ ନୀତେଶ ସାମୁଏଲ ୪୭ ଓ ଆର୍ଯ୍ୟାନ ଶର୍ମା ୩୪ ରନ କରିଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ। ଇଂଲଣ୍ଡର ଜେମ୍ସ ମିଣ୍ଟୋ, ସେବାଷ୍ଟିଆନ ମୋର୍ଗାନ, ରାଲଫି ଆଲବର୍ଟ ୨ଟି ଲେଖାଏ ୱିକେଟ ସଫଳତା ପାଇଥିଲେ। ବୁଧବାର ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳାଯିବ। ଏହାର ବିଜେତା ସହ ଇଂଲଣ୍ଡ ଫେବୃଆରୀ ୬ ତାରିଖରେ ଫାଇନାଲ ଖେଳିବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS